# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଜୁନ୍ ୮/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, June 8 / 2019 (Career & Appointment) ★★

୧୫ଶ ଭାଗ ୧୭୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-







## ସଚିବାଳୟରେ ନିଯୁକ୍ତି ପାଇବେ ୫୦୦ ଏଏସ୍ଓ

ଭୁବନେଶ୍ୱର, ୭।୬(ବ୍ୟୁରୋ) ସଚିବାଳୟ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟରେ ଖାଲି ପଡିଥିବା ପଦବୀରେ ଆହୁରି ୫୦୦ ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସଓ) ନିଯୁକ୍ତି ପାଇବେ। ଶୁକ୍ରବାର ଓଡିଶା ଲୋକ ସେବା ଆୟୋଗ (ଓପିଏସସି) ନିଯୁକ୍ତି ପାଇବାକୁ ଥିବା ପ୍ରାର୍ଥୀମାନଙ୍କର ଚୂଡାନ୍ତ ତାଲିକା ପ୍ରକାଶ କରିଛି। ପୂର୍ବରୁ ଓପିଏସସି ଦ୍ୱାରା ୮୧୦ ଏଏସଓ ନିଯୁକ୍ତ କରାଯାଇଥିଲା। ସେଥିରୁ ୮୦୦ ସଚିବାଳୟରେ ଓ ୧୦ ଜଣଙ୍କୁ ରାଜଭବନରେ ନିଯୁକ୍ତି ମିଳିଥିଲା। ସଚିବାଳୟ ଓ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟର ଖାଲି ପଦବୀଗୁଡିକ ପୂରଣ କରିବା ଦିଗରେ ପଦକ୍ଷେପ ନିଆଯାଉଥିବାରୁ ରାଜ୍ୟ ସଚିବାଳୟ ସେବା ସଂଘର ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।




# ଆନ୍ଧ୍ରରେ ୫ ଉପମୁଖ୍ୟମନ୍ତ୍ରୀ

ଅମରାବତୀ, ୭।୬(ପି.ଟି./ଆଇଏଏନ୍ଏସ୍)

- ଜଗନ୍ମୋହନ କ୍ୟାବିନେଟର ସମ୍ପ୍ରସାରଣ ଆଜି
- ଶପଥ ନେବେ ୨୫ ମନ୍ତ୍ରୀ ଅଢ଼େଇବର୍ଷ ପରେ ଅଦଳବଦଳ
- ୫ ସମ୍ପ୍ରଦାୟରୁ ଜଣେ ଲେଖାଏ ଉପମୁଖ୍ୟମନ୍ତ୍ରୀ ହେବେ
- ଦେଶରେ ପ୍ରଥମ



ଆନ୍ଧ୍ରପ୍ରଦେଶରେ ଚନ୍ଦ୍ରାବାବୁ ସରକାରଙ୍କ ପତନ ଘଟାଇ ସଦ୍ୟ କ୍ଷମତାସୀନ ହୋଇଥିବା ଜଗନ୍ମୋହନ ସରକାରଙ୍କ କ୍ୟାବିନେଟରେ ୫ ଉପମୁଖ୍ୟମନ୍ତ୍ରୀ ରହିବେ। ତଫସିଲଭୁକ୍ତ ଜାତି (ଏସ୍ସି), ତଫସିଲଭୁକ୍ତ ଉପଜାତି (ଏସ୍ଟି), ପଛୁଆ ବର୍ଗ (ବିସି), ସଂଖ୍ୟାଲଘୁ ଓ କାପୁ ସମ୍ପ୍ରଦାୟର ଜଣେ ଲେଖାଏ ୱାଇଏସ୍ଆର୍ସିପି ବିଧାୟକଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯିବ। ୱାଇଏସ୍ଆର୍ କଂଗ୍ରେସ ଅଧ୍ୟକ୍ଷ ତଥା ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନ୍ମୋହନ ରେଡ୍ଡୀ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। କୌଣସି ରାଜ୍ୟରେ ଏକକାଳୀନ ୫ ଉପମୁଖ୍ୟମନ୍ତ୍ରୀ ନିଯୁକ୍ତ ହେବାରେ ଦେଶରେ ଏହା ପ୍ରଥମ।

ଆନ୍ଧ୍ର ବିଧାନସଭା ନିର୍ବାଚନରେ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)କୁ ହରାଇବା ପରେ ଜଗନ୍ମୋହନ ଗତ ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଶନିବାର ପୂର୍ବାହ୍ନ ୧୧ଟା ୪୯ରେ ତାଙ୍କ କ୍ୟାବିନେଟ ସମ୍ପ୍ରସାରଣ କରାଯିବ। ଏଥିରେ ୨୫ ସଦସ୍ୟଙ୍କୁ ସାମିଲ କରାଯିବ, ଯାହାଙ୍କ ମଧ୍ୟରୁ ଅଧା ମନ୍ତ୍ରୀ ଏସ୍ସି, ଏସ୍ଟି, ବିସି ଏବଂ ସଂଖ୍ୟାଲଘୁ ସମୁଦାୟରୁ ରହିବେ। ସଚିବାଳୟ ଭେଲାଗାପୁଡ଼ି ନିକଟରେ ରାଜ୍ୟପାଳ ଇଏସ୍ଏଲ୍ ନରସିଂହନ୍ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ। ଅଢ଼େଇବର୍ଷ ପରେ ସରକାରଙ୍କ ପ୍ରଦର୍ଶନର ସମୀକ୍ଷା ପରେ ପୁଣି ମନ୍ତ୍ରିମଣ୍ଡଳ ଅଦଳବଦଳ କରାଯାଇ ନୂଆ ମନ୍ତ୍ରୀମାନଙ୍କୁ ସୁଯୋଗ ଦିଆଯିବ। ସବୁ ବର୍ଗର ଲୋକଙ୍କୁ ପ୍ରତିନିଧିତ୍ୱ ପ୍ରଦାନ ଏବଂ ପ୍ରଶାସନିକ କ୍ଷେତ୍ରରେ ସଂସ୍କାର ଆଣି ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ଏଭଳି ପଦକ୍ଷେପ ନିଆଯାଉଛି ବୋଲି ଜଗନ୍ମୋହନ ପ୍ରକାଶ କରିଛନ୍ତି। ଅମରାବତୀସ୍ଥିତ ନିଜ ବାସଭବନରେ ଶୁକ୍ରବାର ପୂର୍ବାହ୍ନରେ ୱାଇଏସ୍ଆର୍ସିପିର ବିଧାୟକ ଦଳ ବୈଠକରେ ମୁଖ୍ୟମନ୍ତ୍ରୀ ଏହା ସ୍ପଷ୍ଟ କରିବା ପରେ ୫ ଉପମୁଖ୍ୟମନ୍ତ୍ରୀ ପଦକୁ ନେଇ ଜାତୀୟ ରାଜନୀତିରେ ଚର୍ଚ୍ଚା ଜୋର୍ ଧରିଛି। ପୂର୍ବରୁ ଏନ୍. ଚନ୍ଦ୍ରାବାବୁ ନାଇଡୁ ମୁଖ୍ୟମନ୍ତ୍ରୀ ଥିବାବେଳେ କାପୁ ଏବଂ ବିସି ବର୍ଗର ଜଣେ ଲେଖାଏ ଉପମୁଖ୍ୟମନ୍ତ୍ରୀ ଥିଲେ। ଦେଶର କୌଣସି ରାଜ୍ୟରେ ପୂର୍ବରୁ ୫ ଉପମୁଖ୍ୟମନ୍ତ୍ରୀ ନିଯୁକ୍ତ ହୋଇ ନ ଥିଲେ। ଜଗନ୍ମୋହନଙ୍କ ଏହି ବୈପ୍ଳବିକ ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଉଛି। ଅନ୍ୟପକ୍ଷରେ ସେ ଜାତୀୟ ରାଜନୀତିରେ ନିଜ ଭୂମିକା ବଢ଼ାଇବା ପାଇଁ ଏପରି କରୁଥିବା ମଧ୍ୟ କୁହାଯାଉଛି।



# ଧରିତ୍ରୀ
DHARITRI








**୨୮ରେ ରିଲିଜ୍ 'ଆର୍ଟିକିଲ୍ ୧୫'**

ବଲିଉଡ୍ ଅଭିନେତା ଆୟୁଷ୍ମାନ୍ ଖୁରାନାଙ୍କ ଅଭିନୀତ 'ଆର୍ଟିକିଲ୍ ୧୫' ଜୁନ୍ ୨୮ରେ ରିଲିଜ ହେବାକୁ ଯାଉଛି।


୦୫



୧୭


**ଫାଇନାଲରେ ନାଡାଲ**

ରୋଜର ଫେଡରରଙ୍କୁ ପରାସ୍ତ କରି ରାଫାଲ ନାଡାଲ ଫ୍ରେଞ୍ଚ୍ ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।



### ମାଲ୍ୟାର୍ପଣ

୦୯।୦୬।୨୦୧୯
(ରବିବାର), ସକାଳ ୮ଘଟିକା



**ନନ୍ଦିନୀ ଶତପଥୀଙ୍କ**
୮୮ତମ ଜୟନ୍ତୀ ଅବସରରେ ଭୁବନେଶ୍ୱରର ରାଜଭବନ ନିକଟସ୍ଥ ଏଲ୍ଆଇସି ଛକଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।



ଶୁକ୍ରବାର ରାତିରେ ସମ୍ବଲପୁରର ସୋମନାଥ ବାବା ଭକ୍ତଙ୍କ କାନ୍ଧରେ ବରାତିରେ ବାହାରିଛନ୍ତି ।

■ ବରଯାତ୍ରୀ ସହ କନ୍ୟା ଘରେ ପହଞ୍ଚିଲେ ମହାଦେବ

# ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ

**ସମ୍ବଲପୁର, ୭।୬ (ବ୍ୟୁରୋ)**

ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଦେବ ଦେବ ମହାଦେବ ବରାତିରେ ନଗର ପରିକ୍ରମା କରି କନ୍ୟାଘରେ ପହଞ୍ଚିଥିଲେ । ଏଥିସହ ଷଷ୍ଠୀ ତିଥିରେ ମାହେନ୍ଦ୍ର ମୁହୂର୍ତ୍ତରେ ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଛି । ଜଗତଜନନୀ ମାତା ପାର୍ବତୀ ଓ ଶିବଙ୍କ ବିବାହ ସମ୍ପୂର୍ଣ୍ଣ ଲୋକାଚାର, ପରମ୍ପରା ଓ ରୀତିନୀତିରେ ହୋଇଥିଲା । ପଣ୍ଡିତଙ୍କ ମହାମନ୍ତ୍ର ପାଠ ସହ ବେଲପତ୍ର, କୁଶରଜ୍ଜୁ ଓ ପଦ୍ମମାଳାରେ ହସ୍ତବନ୍ଧନ ହୋଇଥିଲା । ମାତା ପାର୍ବତୀଙ୍କୁ କନ୍ୟାରୂପେ ପାଇ ସୌଭାଗ୍ୟ ଅର୍ଜନ କରିଥିବା ମାତାପିତା ହସ୍ତବନ୍ଧନରେ ଜଳ ଢ଼ାଳି କନ୍ୟାଦାନ କରିଥିଲେ । ସର୍ବପୁରାତନ ଶୈବପୀଠ ବାଲିବନ୍ଧାସ୍ଥିତ ସୋମନାଥ ବାବା, ନନ୍ଦପଡା ଶ୍ରୀଶ୍ରୀ ବମ୍ ବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡା ଶ୍ରୀଶ୍ରୀ ଲୋକନାଥ ବାବା, ମୁଦିପଡା ଶ୍ରୀଶ୍ରୀ ଜାଗେଶ୍ୱର ବାବା ସ୍ୱମନ୍ଦିର ସମ୍ମୁଖରେ ସ୍ୱର୍ଣ୍ଣ, ରୌପ୍ୟ, ଅଳଙ୍କାରରେ ଆଭୂଷଣ ହୋଇ ବରବେଶରେ ସଜ୍ଜିତ ☞ପୃଷ୍ଠା-୨

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**




**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

# ୧୦ ହଜାର ପାଇଁ ଅଢ଼େଇ ବର୍ଷୀୟାଙ୍କୁ ହତ୍ୟା

**ଆଲିଗଡ଼/ନୂଆଦିଲ୍ଲୀ,୭।୬(ପି.ଟି.)**

ଉତ୍ତରପ୍ରଦେଶ(ୟୁପି)ର ଆଲିଗଡ଼ରେ ଜଣେ ଅଢ଼େଇ ବର୍ଷୀୟା କନ୍ୟାଙ୍କ କ୍ଷତବିକ୍ଷତ ମୃତଦେହ ମିଳିବା ପରେ ସାରା ଦେଶରେ ଆକ୍ରୋଶ ଓ ବିକ୍ଷୋଭ ବଢ଼ିବାରେ ଲାଗିଛି। ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏହି ବର୍ବରକାଣ୍ଡ ଭିଆଇଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କରିଥିବା ଜଣେ ଏସ୍ଏଚ୍ଓଙ୍କ ସମେତ ୫ ପୋଲିସ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ଗିରଫ ୨ ଅଭିଯୁକ୍ତଙ୍କ ବିରୋଧରେ ଜାତୀୟ ନିରାପତ୍ତା ଆଇନ (ଏନ୍ଏସ୍ଏ) ଲାଗୁ ହେବ ଓ ଫାଷ୍ଟଟ୍ରାକ୍ କୋର୍ଟରେ ମାମଲାର ବିଚାର କରାଯିବ ବୋଲି ଯୋଗୀ ଆଦିତ୍ୟନାଥ ସରକାର ସ୍ପଷ୍ଟ କରିଛନ୍ତି। ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଗଠନ କରାଯାଇଛି। ଶିଶୁ ଅଧିକାର ସୁରକ୍ଷା ଜାତୀୟ କମିଶନ (ଏନ୍ସିପିସିଆର୍) ଅଧ୍ୟକ୍ଷ ପ୍ରିୟଙ୍କ କାନୁନ୍‌ଗୋ ଏନେଇ ଶୁକ୍ରବାର ୟୁପି ପୋଲିସକୁ ରିପୋର୍ଟ ମାଗିଛନ୍ତି। ଘଟଣାକୁ ନେଇ ଦେଶବ୍ୟାପୀ ପ୍ରତିକ୍ରିୟା ☞ପୃଷ୍ଠା-୨






# ରାଜଧାନୀରୁ ୫୬୮ ଏକର ଜଙ୍ଗଲ ଜମି ଗାଏବ

**କଟକ ଅଫିସ, ୭।୬**

■ **ଏନ୍‌ଜିଟିରେ ମାମଲା**

■ **ସରଜମିନ ତଦନ୍ତ ପାଇଁ ନିର୍ଦ୍ଦେଶ**

ରାଜଧାନୀ ଭୁବନେଶ୍ୱରର ୫୬୮ ଏକର ଜଙ୍ଗଲ ଜମି ଗାଏବ ହୋଇଯାଇଛି। ଏହାକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ମାମଲା ରୁଜୁ ହୋଇଛି। ମାମଲାର ଶୁଣାଣି କରି ଏନ୍‌ଜିଟି ଖୋର୍ଦ୍ଧା ଜିଲାପାଳ ଓ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀଙ୍କୁ ଘଟଣାର ସରଜମିନ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ସୁବାସ ମହାପାତ୍ରଙ୍କ ପକ୍ଷରୁ ରୁଜୁ କରାଯାଇଥିବା ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ବିଭାଗ ସଚିବ, ରାଜସ୍ୱ ସଚିବ, ବିଡିଏ କର୍ତ୍ତୃପକ୍ଷ, ଖୋର୍ଦ୍ଧା ଜିଲାପାଳ, ଖୋର୍ଦ୍ଧା ଡିଏଫ୍ଓଙ୍କ ସହିତ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।

ଆବେଦନକାରୀ ପିଟିଶନରେ ଉଲ୍ଲେଖ କରିଛନ୍ତି, ଭୁବନେଶ୍ୱର ତହସିଲ ଅଧୀନ ଜୟଦେବ ବିହାର ମୌଜାର ଖାତା ନମ୍ବର ୧୪୨୭ରେ ଥିବା ୫୬୮ ଏକର ୩୯ ଡେସିମିଲ ଜଙ୍ଗଲ-୨ କିସମର ଜମିକୁ ଅଣଜଙ୍ଗଲ କାର୍ଯ୍ୟରେ ବ୍ୟବହାର କରାଯାଇଛି। ଏହି ଜମିରେ ହୋଟେଲ, ବ୍ୟବସାୟିକ ପ୍ରତିଷ୍ଠାନ ଓ କୋଠା ଆଦି ନିର୍ମାଣ କରାଯାଇଛି। ଜଙ୍ଗଲ ଜମିକୁ ଅଣଜଙ୍ଗଲ କାର୍ଯ୍ୟରେ ବ୍ୟବହାର କରିବା ନେଇ ଉଦ୍ଦିଷ୍ଟ ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦ ଅନୁଯାୟୀ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟଠାରୁ କୌଣସି ଅନୁମତି ଅଣାଯାଇନାହିଁ। ଏହାଦ୍ୱାରା କେବଳ ଜଙ୍ଗଲ ଆଇନର ଉଲ୍ଲଂଘନ ନୁହେଁ, ସୁପ୍ରିମକୋର୍ଟ ଆଦେଶର ଉଲ୍ଲଂଘନ ମଧ୍ୟ ହୋଇଥିବା ଆବେଦନକାରୀ ପିଟିଶନରେ ଉଲ୍ଲେଖ କରିଛନ୍ତି। ଆବେଦନକାରୀ ଦର୍ଶାଇଛନ୍ତି, ୧୯୯୬ ଡିସେମ୍ବର ୧୨ ତାରିଖରେ ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ କହିଥିଲେ, ଜଙ୍ଗଲ କିସମର ଜମି ଯେକୌଣସି ଖାତାରେ ଥାଉ ନା କାହିଁକି ତାହା କେବଳ ଜଙ୍ଗଲ ଜମି ଭାବେ ମାନ୍ୟତା ପାଇବ। କିନ୍ତୁ ଏଠାରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ୨୦୧୭ ମେ ୧୫ ତାରିଖରେ ଆବେଦନକାରୀ ନିଜେ ଜଙ୍ଗଲ ଓ ପରିବେଶ ବିଭାଗ ସଚିବଙ୍କୁ ଦରଖାସ୍ତ ଲେଖି ଜଙ୍ଗଲ ଜମିର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ବ୍ୟକ୍ତିଗତ ପ୍ରସଙ୍ଗ**








NATIONAL EGG CO-ORDINATION COMMITTEE
07.06.2019
Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 107 | 167 | 177 |
| CTC | 107 | 167 | 177 |
| DKL | 105 | 165 | 175 |
| BDK | 105 | 165 | 175 |
| BLS | 105 | 165 | 175 |
| ANG | 105 | 165 | 175 |

*Conditions Apply

Eggs Retail Price- 40/-Dozen
Issued in the Interest of Consumers


## ରଜନୀକାନ୍ତ ସିଂ ଉପବାଚସ୍ପତି



ରଜନୀକାନ୍ତ ସିଂ ପ୍ରଣବ ବଳବନ୍ତରାୟ

**ଭୁବନେଶ୍ୱର, ୭।୬(ବ୍ୟୁରୋ)**

ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ ହେବେ ବିଧାନସଭାର ଉପବାଚସ୍ପତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ବିଜୁ ଜନତା ଦଳ ପକ୍ଷରୁ ଏହି ପଦବୀ ପାଇଁ ମନୋନୀତ କରିଛନ୍ତି। ସେହିପରି ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ସରକାରୀ ଦଳର ଉପ ମୁଖ୍ୟ ସଚେତକ ଭାବେ ନିଯୁକ୍ତି କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଷୋଡଶ ବିଧାନସଭାର ବାଚସ୍ପତି ଭାବେ ବିଜେଡିର ଦିଗପହଣ୍ଡି ବିଧାୟକ ସୂର୍ଯ୍ୟ ନାରାୟଣ ପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ସରକାରୀ ଦଳ ମୁଖ୍ୟ ସଚେତକ ଭାବେ ମୁଖ୍ୟମନ୍ତ୍ରୀ ପୂର୍ବରୁ ନିଯୁକ୍ତି ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

" ରାଜ୍ୟ ଯୋଜନାକୁ ସହାୟତା କରିବା ଲାଗି ଆର୍ଥିକ କ୍ଷମତା ନ ଥିବା ନୀତି ଆୟୋଗ ଏକ ନିଷ୍ଫଳ ସଂସ୍ଥା।

-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................



ପ୍ରିୟଙ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୧ରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିବେ ନବୀନ

**ଭୁବନେଶ୍ୱର,୭।୬(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚଳିତ ମାସ ୧୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦିଲ୍ଲୀରେ ସାକ୍ଷାତ୍ କରିବାର କାର୍ଯ୍ୟକ୍ରମ ରହିଛି। ୨୦୧୯ ସାଧାରଣ ନିର୍ବାଚନ ବିଜୟୀ ହେବା ପରେ ପ୍ରଥମଥର ପାଇଁ ଦୁଇ ନେତାଙ୍କ ଭେଟ ହେଉଛି। ନବୀନଙ୍କ ସହ ବିଜେଡିର ୧୨ ଲୋକ ସଭା ଏମ୍‌ପି ମଧ୍ୟ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବେ ବୋଲି ଜଣାପଡିଛି। ରବିବାର ମଧ୍ୟାହ୍ନ ୧୨ଟା ୫୫ରେ ମୁଖ୍ୟମନ୍ତ୍ରୀ ବିମାନଯୋଗେ ଦିଲ୍ଲୀ ଯାତ୍ରା କରିବେ। ୧୧ ଅର୍ଥାତ ସୋମବାର ଯେକୌଣସି ସମୟରେ ମୋଦି-ନବୀନଙ୍କ ସାକ୍ଷାତକାର ହେବ ବୋଲି ଜଣାପଡିଛି। ସେହିଦିନ ନବୀନ ପ୍ରଧାନମନ୍ତ୍ରୀ ମୋଦିଙ୍କ ସମେତ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ମନ୍ତ୍ରଣାଳୟ ମୁଖ୍ୟମନ୍ତ୍ରୀ ଗସ୍ତ କରି ରାଜ୍ୟର ବାକି ଥିବା ପ୍ରକଳ୍ପ ବିଷୟରେ ଆଲୋଚନା କରିବେ ବୋଲି ଜଣାପଡିଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କର ୧୦ ଏବଂ ୧୨ରୁ ୧୪ ତାରିଖ ମଧ୍ୟରେ କୌଣସି ସରକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଏଯାବତ ନାହିଁ। ହେଲେ ୧୫ ଅପରାହ୍ନରେ ହେବାକୁ ଥିବା ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ ଯୋଗ ଦେବେ ବୋଲି ଜଣାପଡିଛି। ସେହିଦିନ ଅପରାହ୍ନରେ ମୁଖ୍ୟମନ୍ତ୍ରୀ ସନ୍ଧ୍ୟାରେ ଭୁବନେଶ୍ୱର ଫେରିବାର କାର୍ଯ୍ୟସୂଚୀ ରହିଛି।

■ ଘର ନିର୍ମାଣକୁ ନେଇ ଗଣ୍ଡଗୋଳ

# ବାପା, ସାନପୁଅ ଗୁରୁତର

**ମହାକାଳପଡା, ୭।୬ (ଡି.ଏନ.ଏ.)**

ମହାକାଳପଡ଼ା ବ୍ଲକ ଅଧୀନ ଦେଉଳପଡା ପଞ୍ଚାୟତର ରାମକଣୀ ଗ୍ରାମର ରାମଚନ୍ଦ୍ର ବେହେରାଙ୍କ ଦୁଇପୁଅ ବିଜୟ ଓ ଅଜୟଙ୍କ ମଧ୍ୟରେ ଘର ନିର୍ମାଣକୁ ନେଇ ଶୁକ୍ରବାର ଗଣ୍ଡଗୋଳ ହୋଇଥିଲା। ଏହାର ସମାଧାନ ପାଇଁ ରାମଚନ୍ଦ୍ର ଉଦ୍ୟମ କରିବାରୁ ଅଜୟ ତାଙ୍କୁ ମାରପିଟ୍ କରିଥିଲେ। ଏହାପରେ ବିଜୟ ଓ ତାଙ୍କ ପରିବାର ଲୋକେ ଅଜୟଙ୍କୁ ଏକ ଦଉଡ଼ିରେ ବାନ୍ଧି ପିଟିଥିଲେ। ଗୁରୁତର ଅବସ୍ଥାରେ ରାମଚନ୍ଦ୍ରଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଅଜୟଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ୬୩/୧୯ ନଂ. ଓ ୬୪/୧୯ ନଂ.ରେ ଦୁଇଟି ମାମଲା ରୁଜୁ କରିଛି। ଏଥିସହ ବିଜୟଙ୍କ ସ୍ତ୍ରୀ ଚୁନିରାଣୀ(୪୫), ଝିଅ ବୈଜୟନ୍ତୀ(୨୦) ଓ

## ବଡ଼ବୋହୂ, ନାତି, ନାତୁଣୀ ଗିରଫ

ପୁଅ ଜୟନ୍ତ(୨୩)ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଘଟଣା ମୁତାବକ, ବିଜୟ ନିଜ ଜମିରେ ଗୃହନିର୍ମାଣ କରୁଥିଲେ। ଅଜୟ ସେଠାରେ ପହଞ୍ଚି ଘର ନିର୍ମାଣ କରିବାକୁ ବାରଣ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ରାମଚନ୍ଦ୍ର ଘଟଣାସ୍ଥଳରେ ପହଞ୍ଚି ଅଜୟଙ୍କୁ ବୁଝାଇବାକୁ ଚେଷ୍ଟା କରିବାରୁ ସେ ତାଙ୍କୁ ମାରିଥିଲେ ବୋଲି ବିଜୟଙ୍କ ପରିବାର ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଅଜୟଙ୍କୁ ବିଜୟ ଓ ତାଙ୍କ ପରିବାର ଲୋକେ ଦଉଡ଼ିରେ ବାନ୍ଧି ନିସ୍ତୁକ ପିଟିଥିବା ଅଜୟଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଚଳାଇଛି ବୋଲି ମହାକାଳପଡ଼ା ଥାନା ଅଧିକାରୀ ମନୋରଞ୍ଜନ ଚୌଧୁରୀ କହିଛନ୍ତି।

## କିଛି ତଥ୍ୟ

୨୦୧୮-୧୯ରେ ଭାରତ-ମାଳଦ୍ୱୀପ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୨୨୨.୭ ନିୟୁତ ଡଲାରକୁ ବଢ଼ିଛି। ଏହା ୨୦୧୭-୧୮ରେ ୨୦୬.୭ ନିୟୁତ ଡଲାର ଥିଲା।

**-ବାଣିଜ୍ୟ ମନ୍ତ୍ରଣାଳୟ**

ପ୍ରଥମ ପୃଷ୍ଠାରୁ...

## ୧୦ ହଜାର ପାଇଁ ...

ପାଇବା ସହ ରାଜନୀତି ଜୋର୍ ଧରିଛି। ପୀଡ଼ିତାଙ୍କୁ ନ୍ୟାୟଦେବା ଦାବିରେ ବିଶେଷକରି ସୋସିଆଲ ମିଡିଆରେ ଅଭିଯାନ ଜୋର୍ ଧରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଆଲିଗଡ଼ରୁ ପ୍ରାୟ ୫୦ କି.ମି. ଦୂର ଟପ୍ପାଲ ସହରରୁ ଜଣେ ଅଢ଼େଇ ବର୍ଷୀୟା କନ୍ୟା ମେ ୩୦ରେ ନିଖୋଜ ହୋଇଯାଇଥିଲେ। ଅଭିଯୋଗ କ୍ରମେ ଏହାର ଦିନକ ପରେ ପୋଲିସ ମାମଲା ରୁଜୁ କରିଥିଲା। ଗତ ୨ ତାରିଖରେ ନାବାଳିକାଙ୍କ ଘର ପାଖରେ ଥିବା ଏକ ଅଳିଆ ଗଦାରୁ ତାଙ୍କ କ୍ଷତବିକ୍ଷତ ମୃତଦେହ ମିଳିଥିଲା। ନାବାଳିକାଙ୍କୁ ତଣ୍ଟିଚିପି ହତ୍ୟା କରାଯାଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ତେବେ ହତ୍ୟା ପୂର୍ବରୁ ତାଙ୍କୁ ବଳାତ୍କାର କରାଯାଇଥିବା ମଧ୍ୟ ସନ୍ଦେହ କରାଯାଉଛି। ପୋଲିସ ଏନେଇ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ନାବାଳିକାଙ୍କ ଜେଜେବାପାଙ୍କଠାରୁ ଜାହିଦ ୫୦ ହଜାର ଟଙ୍କା ଧାର ନେଇଥିଲେ। ସେଥିରୁ ୧୦ ହଜାର ଟଙ୍କା ଫେରାଇବାରେ ବିଫଳ ହେବା ପରେ ବିବାଦ ହୋଇଥିଲା। ଏହାର ପ୍ରତିଶୋଧ ପାଇଁ ଶିଶୁକନ୍ୟାଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ଜାହିଦ ଓ ଅସ୍‌ଲମ୍ ଜେରାବେଳେ ସ୍ୱୀକାର କରିଛନ୍ତି। ଅନ୍ୟପକ୍ଷରେ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ପରିବାର ଲୋକଙ୍କୁ ମଧ୍ୟ ଧରିବା ପାଇଁ ପୀଡ଼ିତାଙ୍କ ବାପା ଦାବି କରିଛନ୍ତି। ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଅନଶନରେ ବସିବେ ବୋଲି ସେ ଚେତାବନୀ ଦେଇଥିବାବେଳେ ପୋଲିସ ଅଧିକାରୀମାନେ ଏଥିରୁ କ୍ଷାନ୍ତ ରହିବାକୁ ତାଙ୍କୁ ବୁଝାଶୁଝା କରିଛନ୍ତି। ପୋଲିସ ପକ୍ଷରୁ ଏକ ୬ ଜଣିଆ ଏସ୍‌ଆଇଟି ଗଠନ କରାଯାଇଛି। ତଦନ୍ତକାରୀ ଟିମ୍‌ରେ ଜଣେ ମହିଳା ଇନ୍ସପେକ୍ଟରଙ୍କୁ ସାମିଲ କରାଯାଇଛି। ଲକ୍ଷ୍ନୌ ଏଡିଜି (ଆଇନଶୃଙ୍ଖଳା) ଆନନ୍ଦ କୁମାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଫାଷ୍ଟଟ୍ରାକ୍ କୋର୍ଟରେ ଏହି ମାମଲାର ବିଚାର ହେବ। ପୀଡ଼ିତାଙ୍କୁ ଯୌନ ଉତ୍ପୀଡ଼ନ କରାଯାଇଥିବାକୁ ଏଡ଼ାଯାଇ ପାରିବ ନାହିଁ। ତାଙ୍କ ସମ୍ବେଦନଶୀଳ ଅଙ୍ଗର ସ୍ୱାବ୍ ଫରେନ୍‌ସିକ୍ ଯାଞ୍ଚ ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ଏଫ୍‌ଆଇଆର୍‌ରେ ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ ଯୋଡ଼ାଯିବ। ସେପଟେ ଏହି ବର୍ବରକାଣ୍ଡକୁ ବିଭିନ୍ନ ମହଲରେ ଦୃଢ଼ନିନ୍ଦା କରାଯାଇଛି। ନ୍ୟାୟ ପାଇଁ ସାମାଜିକ ଗଣମାଧ୍ୟମରେ ଅଭିଯାନ ଆରମ୍ଭ ହୋଇଛି। ରାଜନେତାଙ୍କଠାରୁ ବଲିଉଡ୍ କଳାକାରଙ୍କ ଯାଏ ଏହି ଅଭିଯାନରେ ସାମିଲ ହୋଇ ହତ୍ୟାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

### ଆଲିଗଡ଼ରେ ଲଜ୍ଜା

- ■ ରବିବାର ମିଳିଥିଲା ନାବାଳିକାଙ୍କ କ୍ଷତବିକ୍ଷତ ମୃତଦେହ
- ■ ହତ୍ୟା ପୂର୍ବରୁ ବଳାତ୍କାର ସନ୍ଦେହ
- ■ କାର୍ଯ୍ୟରେ ଅବହେଳା ପାଇଁ ୫ ପୋଲିସ ନିଲମ୍ବିତ
- ■ ଏସ୍‌ଆଇଟିର ତନାଘନା
- ■ ଏନ୍‌ଏସ୍‌ଏ ବଳରେ ମାମଲା ଚାଲିବ
- ■ ଫାଷ୍ଟଟ୍ରାକ୍ କୋର୍ଟରେ ହେବ ଶୁଣାଣି
- ■ ପୋଲିସକୁ ରିପୋର୍ଟ ମାଗିଲେ ଏନ୍‌ସିପିସିଆର୍

## ଦେବ ଦମ୍ପତିଙ୍କ...

ହୋଇଥିଲେ । ପଣ୍ଡିତମାନେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ୧୦୮ ମହାଆଳତି କରିଥିଲେ । ହରିବୋଲ ହୁଳହୁଳି ଓ ଶଙ୍ଖନାଦରେ ଶୈବପୀଠ ଉଛୁଳି ପଡିଥିଲା। ବରାତିରେ ରଙ୍ଗିନ ଆତସବାଜିରେ ମୁକ୍ତାକାଶ ଚମକୁଥିଲା। ଦେବାଦେବୀଙ୍କ ବେଶରେ ସଜ୍ଜିତ ହୋଇ ଭକ୍ତମାନେ ବରାତିରେ ସାମିଲ ହୋଇଥିଲେ । ସେହିପରି ଐତିହାସିକ ଶୈବପୀଠ ବୁଢାରଜା ମହାଦେବ, ବଡବଜାର ଶ୍ରୀ ଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡା ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବା, ଦୁର୍ଗାପାଲି ଶ୍ରୀ ଶ୍ରୀ ଗୁଡେଶ୍ୱର ବାବା, ସାଲିହାବଗିଚା, ସାକ୍ଷୀପଡା, ଫାଟକ, ସହର ଉପକଣ୍ଠସ୍ଥ ମାନେଶ୍ୱର ମାନଧାତା ବାବା, ସିନ୍ଦୂରପଙ୍କ ତାରକେଶ୍ୱର ବାବା, ଶଙ୍କରମଠ ବାବାଙ୍କ ମାତା ପାର୍ବତୀଙ୍କ ସହ ବିବାହ ସଂପୂର୍ଣ୍ଣ ହୋଇଛି । ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ଜଗତ ଜନନୀ ମାତା ପାର୍ବତୀ ବଧୂ ବେଶରେ ସଜେଇ ହୋଇ ଶିବଙ୍କୁ ଚାହିଁ ବସିଥିଲେ। ସେହିପରି କନ୍ୟା ପରିବାର ଓ ବନ୍ଧୁ ପରିଜନ ମଧ୍ୟ ରାତ୍ରି ଶେଷ ଭାଗରେ ମହାଦେବଙ୍କୁ ବାଟବରଣ କରି ବିବାହ ମଣ୍ଡପକୁ ନେଇଥିଲେ। ହୁଳହୁଳି, ହରିବୋଲ, ଘଣ୍ଟ, ଶଙ୍ଖନାଦରେ ଗୁଞ୍ଜରିତ ହେଉଥିଲା ବିବାହ ମଣ୍ଡପ । ବରାତିରେ ଘଣ୍ଟ, ଶଙ୍ଖ, ଢ଼ାକି ବାଜା, ଦୁଲଦୁଲି, ସଂପ୍ରଦା, ଝାଞ୍ଜ ଓ ଘୁମୁରା ବାଦ୍ୟ ସାମିଲ ହୋଇଥିଲା । ରାଜ୍ୟ ଓ ରାଜ୍ୟ ବାହାର କଳାକାରମାନେ ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ । ପଶ୍ଚିମବଙ୍ଗ, ପଞ୍ଜାବ, ଆସାମ, ରାୟପୁର କଳାକାର ଆଧୁନିକ ଓ ପାରମ୍ପରିକ ନୃତ୍ୟ କରିଥିଲେ । ମହାଦେବଙ୍କ ବରବେଶ ଓ ବରାତିରେ ସାମିଲ ହେବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତଙ୍କ ସମାଗମ ହୋଇଥିଲା। ଶନିବାର ମଧ୍ୟାହ୍ନରେ ପ୍ରସାଦ ସେବନ ଓ ଗୋଧୂଳି ଲଗ୍ନରେ କନ୍ୟା ବିଦାୟ ରୀତି ରହିଛି ।

## ରାଜଧାନୀରୁ ୫୬୮...

ଅପବ୍ୟବହାର ଉପରେ କଡ଼ା ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ମାତ୍ର ତାହା ଫଳପ୍ରଦ ହୋଇ ନ ଥିଲା। ଏପରି କି ୨୦୧୨ ମାର୍ଚ୍ଚରେ ସିଏଜି ତାଙ୍କ ରିପୋର୍ଟରେ ଉକ୍ତ ମୌଜାରେ ୭ ଏକର ଜଙ୍ଗଲ ଜମିକୁ କେତେକ ଘରୋଇ ବ୍ୟକ୍ତିବିଶେଷଙ୍କୁ ଅଯାଚିତ ଭାବେ ଦିଆଯାଇଥିବା ନେଇ ପ୍ରଶ୍ନ ଉଠାଇଥିଲେ। ଏହି ଅନୁଯାୟୀ ଦେଖିଲେ ଭୁବନେଶ୍ୱରର ଦୁଇଟି ହୋଟେଲ ଓ ଅନ୍ୟ ଏକ ଘରୋଇ ସଂସ୍ଥାକୁ ୭ ଏକର ଜଙ୍ଗଲ ଜମି ଦିଆଯାଇଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ୨୦୧୭ ରାଜ୍ୟ ଜଙ୍ଗଲ ସର୍ଭେ ରିପୋର୍ଟ ଅନୁଯାୟୀ, ଖୋର୍ଦ୍ଧା ଜିଲାରେ ମାତ୍ର ୧୬.୨୫ ପ୍ରତିଶତ ଜଙ୍ଗଲ ଥିବା କୁହାଯାଇଥିଲା। ଜାତୀୟ ବନ ନୀତି ଅନୁଯାୟୀ ଅତିକମ୍‌ରେ ୩୩ ପ୍ରତିଶତ ଜଙ୍ଗଲ ରହିବା କଥା। ଅନ୍ୟପକ୍ଷରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଉକ୍ତ ଜମିର ପୂର୍ବପର ସ୍ଥିତି ଅନୁଧ୍ୟାନ ନ କରି ଜମି ଉପରେ ନିର୍ମାଣ ପାଇଁ ଅନୁମୋଦନ ଦେଇଥିବା ଆବେଦନକାରୀ ପିଟିଶନରେ ଉଲ୍ଲେଖ କରିଛନ୍ତି। ସରକାରୀ ଅଧିକାରୀମାନେ ଇଂଲିଶ ଭାଷାକୋଷ ପଢ଼ି ଜଙ୍ଗଲର ପ୍ରକୃତ ଅର୍ଥକୁ ବୁଝିବା ଦରକାର ବୋଲି ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି। ମୁଖ୍ୟତଃ ସରକାରୀ ଅଧିକାରୀମାନଙ୍କ ଦାୟିତ୍ୱହୀନତା ଓ ଅପରିଣାମଦର୍ଶିତା ପାଇଁ ଜଙ୍ଗଲ ସମ୍ପଦ ଧ୍ୱଂସ ହେଉଥିବା ଆବେଦନକାରୀଙ୍କ ଓକିଲ ଆଡଭୋକେଟ ଶଙ୍କର ପ୍ରସାଦ ପାଣି କହିଛନ୍ତି। ଆସନ୍ତା ଅଗଷ୍ଟ ୨୭ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି। ଉକ୍ତ ଦିନ ସରକାର ସରଜମିନ ତଦନ୍ତ ରିପୋର୍ଟ ଦାଖଲ କରିବା ପାଇଁ ଏନ୍‌ଜିଟି ଆଦେଶ ଦେଇଛନ୍ତି।

## ରଜନୀକାନ୍ତ ସିଂ ...

ଦେଇଛନ୍ତି। ରଜନୀକାନ୍ତ ସିଂ ଙ୍କର କୌଣସି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ସେ ଉପ ବାଚସ୍ପତି ନିର୍ବାଚିତ ହେବା ଏକ ପ୍ରକାର ନିଶ୍ଚିତ। ସେ ପୂର୍ବରୁ ନବୀନଙ୍କ ମନ୍ତ୍ରିମଣ୍ଡଳରେ ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି। ସେହିପରି ପ୍ରଣବ ବଳବନ୍ତ ରାୟ ଲଗାତର ଦୁଇଥର ବିଜୟୀ ହୋଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ସ୍ୱାସ୍ଥ୍ୟ ସମସ୍ୟା, ଜମିଜମା କଥା, ପୂର୍ବ କଳହ, ସମ୍ପର୍କୀୟଙ୍କ ସହ ଆଲୋଚନାରେ ସମୟ ଅତିବାହିତ କରିପାରନ୍ତି। ଅଭାବ ଦୂରୀକରଣ କ୍ଷେତ୍ରରେ ବନ୍ଧୁମାନଙ୍କ ସହଯୋଗରେ ଆର୍ଥିକ ସ୍ଥିତିରେ ସୁଧାର ଆସିପାରେ। ମନ ଭିତରେ ଦୁଃଖ ଭରି ରହିଥିଲେ ମଧ୍ୟ ପାରିବାରିକ ସ୍ତରରେ ମନଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳିନେବେ।

**ବୃଷ** ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାମ ସମ୍ପନ୍ନକରି ଏକ ପ୍ରକାର ଆଶ୍ୱସ୍ତି ଅନୁଭବକରିବେ। ପରିବାରରେ ସ୍ନେହ, ସଦିଚ୍ଛା ଓ ସମ୍ମାନର ଅଭାବ ସାମୟିକ ମନରେ ବହୁତ କ୍ଷୋଭ ଆଣିପାରେ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ, ଅନ୍ୟଥା ପରକ୍ଷଣରେ ବେଶି ଚିନ୍ତା କରିବାକୁ ପଡ଼ିବ।

**ମିଥୁନ** ପାରସ୍ପରିକ ଯୁକ୍ତିତର୍କ କାରଣରୁ ପାରିବାରିକ କ୍ଷେତ୍ରରେ ଟେନ୍‌ସନ କିଛି ମାତ୍ରାରେ ଲାଗିରହିବ। ଯେଉଁ କାମରେ ହାତ ଦେଲେ ମଧ୍ୟ ସବୁ କିଛି ବିଗିଡ଼ିଯାଉଥିବାରୁ ମାନସିକ ସ୍ଥିତି ବିଶେଷ ଭଲ ରହିବ ନାହିଁ। ପୁନର୍ବସୁ ନକ୍ଷତ୍ର ପାଇଁ ପରୋକ୍ଷ ଶତ୍ରୁତା ପ୍ରତ୍ୟେକ କ୍ଷେତ୍ରରେ ସଙ୍କଟଜନକ ସ୍ଥିତିକୁ ନେବାରେ ମୁଖ୍ୟ ଭୂମିକା ସାଜିପାରେ।

**କର୍କଟ** ପରିସ୍ଥିତି ବିଶେଷ ଅନୁକୂଳ ରହିବା କାରଣରୁ ମାନସିକ ସ୍ତରରେ ଉତ୍ସାହିତ ରହିବେ। କିନ୍ତୁ ଅଶ୍ଳେଷା ନକ୍ଷତ୍ର ସକାଶେ ବିଶ୍ରାମହୀନ କାର୍ଯ୍ୟ, ଅନିଦ୍ରା, କଠୋର ପରିଶ୍ରମ ଓ ଖାଦ୍ୟପେୟରେ ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଅଚାନକ ସମସ୍ୟା ସୃଷ୍ଟି ହୋଇପାରେ।

**ସିଂହ** କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ବୁଝାଇ ସୁଝାଇ କାମ ହାସଲ ପାଇଁ ଚେଷ୍ଟାକଲେ ହୁଏତ କେତେକାଂଶରେ ଉପକୃତ ହୋଇପାରିବେ। ବୁଝାମଣାର ଅଭାବ କିମ୍ବା ପକ୍ଷପାତିତା କାରଣରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ସାମାଜିକ ସ୍ତରରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ।

**କନ୍ୟା** ଭାଗ୍ୟସ୍ଥାନ ପ୍ରତି ଗୁରୁଦୃଷ୍ଟି କାରଣରୁ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୋଇ ଆଜିର କାମଗୁଡ଼ିକୁ ସମ୍ପନ୍ନ କରିପାରିବେ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କୁ ସରଳ ବିଶ୍ୱାସ କରି କାମ କଲେ ଅସୁବିଧାରେ ପଡ଼ିପାରନ୍ତି। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବା ସୂଚନା ରହିଛି।

**ତୁଳା** କୌଣସି ପ୍ରକାର ସାହାଯ୍ୟ, ସହଯୋଗ ନ ପାଇଲେ ମଧ୍ୟ ନିଜର ଆତ୍ମବଳ ଓ ଦକ୍ଷତା ମାଧ୍ୟମରେ ପ୍ରତ୍ୟେକ ପରିସ୍ଥିତିକୁ ସାମ୍ନା କରିପାରିବେ। ଦୀର୍ଘ କେତେଦିନ ହେଲା ଲାଗି ରହିଥିବା ପାରିବାରିକ ସମସ୍ୟାର ସରଳ ସମାଧାନ ମଧ୍ୟ ହୋଇଯିବ। ପଡ଼ୋଶୀମାନେ ନିଜର ସ୍ୱାର୍ଥ ହାସଲ ପରିପ୍ରେକ୍ଷୀରେ ଅଯଥା ମିଥ୍ୟାରୋପ କରି କଳହ କରିପାରନ୍ତି।

**ବିଛା** ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ, କିନ୍ତୁ ତରବରିଆ ନିଷ୍ପତ୍ତି ନେବା ଠିକ୍ ହେବ ନାହିଁ। ବନ୍ଧୁମାନଙ୍କ ଆଦର, ଗୌରବରେ ନିଜର ଅତୀତ ଦୁଃଖକୁ ସାମୟିକ ଭାବରେ ପାସୋରି ଦେଇପାରନ୍ତି। ସଭାସମିତି, ଆନୁଷ୍ଠାନିକ କିମ୍ବା ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କଲେ ପ୍ରଶଂସିତ ହେବେ। କୌଣସି ସହୃଦୟ ବ୍ୟକ୍ତିଙ୍କଠାରୁ ଯଥେଷ୍ଟ ସହାୟତା ପାଇବେ।

**ଧନୁ** ଧୀରେ ଧୀରେ ପୂର୍ବ ସମସ୍ୟା ବଦଳିଯାଇ ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା କାରଣରୁ ସାମୟିକ ଖୁସି ରହିବେ। ପ୍ରଶାସନିକ ସ୍ତରରେ କିମ୍ବା ଅଫିସ୍ କାମରେ ଟେନ୍‌ସନ ବଢ଼ିପାରେ। ଗୁରୁପାକ ଦ୍ରବ୍ୟ ଭୋଜନରୁ ଅଜୀର୍ଣ୍ଣ ଓ ଆମାଶୟର ଆଶଙ୍କା ରହିଛି। ଆକସ୍ମିକ ଦୂରଯାତ୍ରା,ବନ୍ଧୁମିଳନଜନିତ ଆନନ୍ଦ ଅନୁଭବ କରିବେ।

**ମକର** ବନ୍ଧୁମାନଙ୍କ ସହଯୋଗକ୍ରମେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ମଧ୍ୟ ହୋଇଯିବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ସହକର୍ମୀଙ୍କ ସାହାଯ୍ୟ ନେଇ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଉପରିସ୍ଥଙ୍କ ନିକଟରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଯାଇପାରନ୍ତି।

**କୁମ୍ଭ** ନିଜ ଲୋକମାନଙ୍କ ପରୋକ୍ଷ ଶତ୍ରୁତା ଓ ବିରୋଧ ମନୋଭାବ ଯୋଗୁ ମାନସିକ ସ୍ତରରେ ବିଚଳିତବୋଧ କରିବେ। ନିର୍ମାଣ କ୍ଷେତ୍ରରେ ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବାକୁ ପଡ଼ିପାରେ। କଚେରି ମାମଲା, ପ୍ରତିଦ୍ୱନ୍ଦ୍ୱିତା, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ।

**ମୀନ** ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟିହେବା ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ବ୍ୟୟ ଭାର କ୍ରମଶଃ କମି ଆସିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି। କର୍ମକ୍ଷେତ୍ରରେ ଶୀଘ୍ର ଶୀଘ୍ର କାମ ଶେଷ କରିବା ପାଇଁ ବ୍ୟସ୍ତ ହୋଇପଡ଼ିବେ।

ଆଜି ଜ୍ୟେଷ୍ଠ ଶୁକ୍ଳ ପକ୍ଷର ଶୀତଳଷଷ୍ଠୀ ଶନିବାର, ବଙ୍ଗୀୟ ମତେ ଜାମାଇ ଷଷ୍ଠୀ, ଶ୍ରୀମନ୍ଦିରରେ ଶିବ ବିବାହ, ଜୁନ୍ ୮ ତାରିଖ, ରାଶି ନକ୍ଷତ୍ର-ଅଶ୍ଳେଷା/କର୍କଟ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୧।୪୪ମି. ଗତେ ଘ୧।୨୫ମି. ମଧ୍ୟେ, ଘ୨।୫୮ମି. ଗତେ ଘ୪।୩୫ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୦ମି. ଗତେ ଘ୮।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୮।୨୮ମି. ଗତେ ଘ୧୦।୦୭ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

ଘରବାରି Plot, Pahal, Utkal heights ପଛପଟେ 30ft. Govt. roadକୁ ଲାଗି ପ୍ଲଟ ମିଳୁଅଛି। Immediate possession, registration: 6372708369. D-12860

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରୁ 3.5 କିଲୋମିଟର ମାର୍କେଟ କମ୍ପ୍ଲେକ୍ସ ପାଖରେ ୧୨୦୦ ସ୍କୋୟାରଫୁଟ ପ୍ଲଟ ୩୫୦୦୦୦ ରେ ମିଳୁଛି। ଯୋଗାଯୋଗ 8908492594. D-12707

**Gharabari plots at Balianta and Bhingarpur immediate possession, registration. Contact: 9437147826.** D-12748

ଭୁବନେଶ୍ୱର AIIMS medical ନିକଟରେ Govt. roadକୁ ଲାଗି BDA approval yellow zone gharabari plot 1499/-. 9777553622. D-66394

4600 sqft highly commercial building, canalroad. Ready for sale. Present rent: 1,10,000/- land-2700sqft. 6371449544. D-12783

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-12875

1200 sqft. land, 900 sqft. construction 25,00,000/- simplex 6km. from Nakhara, Brahmanjharilo LIC approved. 9861281504. D-66701

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 9348817649, 8144706560. D-66702

**Triplex & Duplex at Ranga Bazar. Near BJEM English Medium School-II. Price start@45lakhs. Call: 9040046767, 9040007267.** D-12764

ଭୁବନେଶ୍ୱର KEC, ଗୁଡିଆ-ପୋଖରୀଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-12852

Yellowzone Gharabari plots available new Railway station, Patia, booking simplex BJEM-(2) 12,80,000/- monthly installment 5,000/-. 7735738102. D-12869

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 8908292617.** D-12874

Litigation free gharabari plot Ranga bazar @ 650/-, Dhauli @ 1250/-. 9348012510. D-66704

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech: 9040008777.** D-12873




Bhubaneswar ଯେକୌଣସି ମାର୍କେଟ ଅଞ୍ଚଳରେ ମିଲ୍କ ପାର୍ଲର ଲାଗି 150-200 sqft ମଧ୍ୟରେ ଖାଲି ଦୋକାନ ଘର ଭଡ଼ାରେ ଆବଶ୍ୟକ। ଯୋଗାଯୋଗ: 9437581042, 9439839132. D-12799




Wanted a partner to open Ayurvedic clinic with food programme yoga etc. at Vyasanagar Municipality in Jajpur District. Contact: 9937877979. D-12857

E-Learning franchise start your own center Maths/Science on Android Tablet B'lore based Co. myxyo.com 8971120116. D-12872

**LOST**

ସେହେନାଜ ବାନୋ, ସ୍ୱାମୀ-ମୁକ୍ତାର ଆଲମ୍, ୱାର୍ଡ଼ ନଂ-୧୬, ବରଗଡ଼, ଥାନା- ବରଗଡ଼, ପଟ୍ଟା ନଂ-୩୧୩/୨୦୭ ଏବଂ ରେଜିଷ୍ଟର ସେଲ୍‌ଡିଡ୍ ନଂ-୨୦୧୪, ତା.୨୧।୧୦।୨୦୦୩, ୪ ଡେସିମିଲ, ମୌଜା-ବରମଚାରି, ଜିଲ୍ଲା- ବରଗଡ଼ ପଟ୍ଟା ଓ ସେଲ୍‌ଡିଡ୍ ହଜିଯାଇଛି। ଏହି ଜମି ପଟ୍ଟା କେହି ବ୍ୟକ୍ତି ପାଇଲେ ବରଗଡ଼ ଥାନା କିମ୍ବା ମୋ- ୯୮୫୩୩୪୭୪୨୩ରେ ଯୋଗାଯୋଗ କରନ୍ତୁ। ଧ-୧୨୮୪

**AFFIDAVIT**

By virtue of an affidavit before Executive Magistrate, Cuttack that I Papu Mallick aged 28 years, S/o Arjun Charan Mallick, Village- Mudhapada, Post- Solampur, Ps- Bhandaripokhari, Dist- Bhadrak, states I have changed my name Papu Mallick to Prateek Ranjan Mallick. Papu Mallick and Prateek Ranjan Mallick is one and same person as above address. Henceforth, I shall be known as Prateek Ranjan Mallick for all purposes. D-12883

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Vikash Higher Secondary School, Bargarh Vikash Higher Secondary School, Sambalpur

Congratulations

# Outstanding Result of Vikash in CHSE +2 (Science) 2019

## – Vikash, Bargarh Result Analysis –

NEET-2019 585 MARKS
AHSE +2 -2019 528 MARKS
KVPY Level - II (2018-19) AI 43 Cat. Rank AI 1511 Gen. Rank
Qualified JEE Main 2019
Chinmaya Kumar Shial

| Result Analysis | Above 500 Marks | Above 80% | Above 70% | Above 60% |
|---|---|---|---|---|
| Bargarh Campus | 06 | 16 | 56 | 119 |

522 MARKS Praspita Prajna Bhoi

518 MARKS Prabin Mahapatra
513 MARKS Preeti Sebak (Qualified JEE Main 2019)
508 MARKS Suraj Panigrahi
501 MARKS Srikanta Birtia
499 MARKS Sonali Sahu
494 MARKS Dayanidhi Sahu
492 MARKS Omprakash Pradhan
492 MARKS Prachee Prabha Majhi
491 MARKS Ipsita Hota
490 MARKS Satyajit Nayak
490 MARKS Tapasranjan Rath
489 MARKS Soumya Ranjan Behera
487 MARKS Unmesh Kumar Behera (Qualified JEE Main 2019)
484 MARKS Dushmanta Meher

## – Vikash, Sambalpur Result Analysis –

AHSE +2 -2019 521 MARKS 86.83%
81.5% in Class 10th
Qualified JEE Main 2019
Kunal Ranjan Patel

100% Pass

| Result Analysis | Above 500 Marks | Above 80% | Above 70% | Above 60% |
|---|---|---|---|---|
| Sambalpur Campus | 03 | 08 | 28 | 63 |

510 MARKS Sangya Rani Suna
507 MARKS Pragnya Parimita Pradhan

495 MARKS Monalisha Pradhan
489 MARKS Sumit Kumar Tripathy
487 MARKS Swati Patel
486 MARKS Tanmay Kumar Sahu
485 MARKS Ipsita Daliarsingh

Improvements of +2 result in comparison to their 10th result

| | 10th | +2 |
|---|---|---|
| 1. Kunal Ranjan Patel | 81.5% | 86.83% |
| 2. Piyush Mishra | 74.1% | 76.10% |
| 3. Baishnaba Behera | 65.3% | 75.33% |
| 4. Vikshit Anand Tirkey | 48.3% | 57.33% |
| 5. Dipti Ranjan Barik | 54.6% | 55.17% |

Subject wise Top Scores

| Subject | Top Score | Top Scorers | Subject | Top Score | Top Scorers |
|---|---|---|---|---|---|
| Physics | 98 | 07 | I.T. | 95 | 04 |
| Mathematics | 90 | 03 | Sanskrit | 94 | 04 |
| Chemistry | 99 | 03 | Hindi | 94 | 08 |
| Biology | 95 | 05 | Odia | 92 | 03 |

For e-Admissions Contact :

- Vikash Higher Secondary School, Bargarh. M.: 88958 66110 / 94393 53433 / 94387 71222
- Vikash Higher Secondary School, Sambalpur. M.: 70644 13460 / 94371 98638
- Saraswati Science Higher Secondary School, Bhawanipatna. M.: 94398 12131 / 94370 00408

**Bargarh:** Vikash Knowledge Hub, AH-46, Barahaguda Canal Chowk. Mob.: 93373 10441 / 70644 13441.
**Sambalpur:** Vikash New-Gen Park, Pabapali, Sason. Mob.: 70644 13460 / 99379 79999.
**Bhawanipatna:** Vikash Bhawanipatna Campus, Near Housing Board Colony, Railway Station Road. Mob.: 99377 31441 / 93486 96536.

www.odishavikash.com

Vikash Higher Secondary School
Bargarh | Sambalpur | Bhawanipatna

ASUS



ASUS VivoBook X507
Thin & Light Expert



8.1mm NanoEdge slim bezel
1.68kg Light-weight
Fastcharge Charges 60% in 49 mins
Fingerprint Fast and secure login

**Intel® Core™ i3 processor**
- Windows 10 Home
- Intel® Core™ i3 7020U processor
- RAM DDR4 4GB
- HDD 1 TB
- Gold & Grey

EMI Starting at ₹3110*

**Intel® Core™ i5 processor**
- Windows 10 Home
- Intel® Core™ i5 8250U processor
- RAM DDR4 8GB
- HDD 1 TB
- Gold & Grey

EMI Starting at ₹4555*

**Intel® Core™ i5 processor + Graphics**
- Windows 10 Home
- Intel® Core™ i5 8250U processor
- Nvidia® MX130 2GB DDR5
- RAM DDR4 8GB
- HDD 1 TB
- Gold & Grey

EMI Starting at ₹5444*

OFFERS (1st June -15th July 2019)
0% EASY EMI Interest Free EMI
2 YEARS WARRANTY Warranty Extention Offer
Microsoft office offer
Goodies Offer
* To Know more about Offer

Toll free No. 1800-2090-365 Website: www.asus.com/in
For Sales Inquiry: - Preetiranjan:- 9439264188, Satyanarayan - 9337447044
Asus Authorised Dealers: SAMBALPUR:- Mahamaya Computer - 9437093877, Welcomp Systems - 9437058959, Baba Computer - 9437051588 • BARGAD:- Sibani Technology - 9437057521, Sairam Computer - 933855868 • ROURKELA:- Micro Computer - 9338060644, PC Island - 9437096534, Pc World - 9937447786, Unitech Engineers - 9437045274
Also available at Flipkart, Amazon, Paytm , croma & Reliance Digital.
*Processing fee & Downpayment needs to be paid as per the financing scheme • *T & C Apply .

Windows 10
Windows Hello: You are the password.

# ବ୍ୟକ୍ତିଗତ ପ୍ରସଙ୍ଗ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

୨୦୧୪ରେ ମୋଦି ସରକାର ନିଷ୍ପତ୍ତି ନେଇଥିଲେ ଯେ ପ୍ରଶାସନିକ ବାବୁମାନେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (ପିଏସ୍) ଓ ସ୍ୱତନ୍ତ୍ର ଡ୍ୟୁଟି ଅଧିକାରୀ (ଓଏସ୍‌ଡି) ଭାବେ ଥରେ ଚାକିରି କରିବା ପରେ ଆଉ ସେମାନଙ୍କୁ ସେହି ଏକା ପଦବୀରେ ନିଯୁକ୍ତି ଦିଆଯିବ ନାହିଁ। ସେତେବେଳେ ଏହି ନିଷ୍ପତ୍ତିରୁ ଅର୍ଥ ବାହାର କରାଯାଇଥିଲା ଯେ, ମନ୍ତ୍ରୀମାନେ ଯେପରି ନିଜ ମନପସନ୍ଦର ବ୍ୟକ୍ତିଙ୍କୁ ପିଏସ୍ ବା ଓଏସ୍‌ଡି ଭାବେ ବାଛିପାରିବେ ନାହିଁ, ସେଥିଲାଗି ଏପରି ପଦକ୍ଷେପ ନିଆଯାଉଛି। ବର୍ତ୍ତମାନ ଏନ୍‌ଡିଏ ସରକାର ପୁଣି କ୍ଷମତାକୁ ଫେରିବା ପରେ ସେହି ପ୍ରଶ୍ନ ଆଉଥରେ ଉଠିଛି। ପ୍ରଶାସନିକ ଧାରାକୁ ଅବ୍ୟାହତ ରଖିବା ଓ ମନ୍ତ୍ରଣାଳୟଗୁଡ଼ିକର ଦକ୍ଷ ପରିଚାଳନାକୁ ସୁନିଶ୍ଚିତ କରିବା ନିମନ୍ତେ ଅନେକ ମନ୍ତ୍ରୀଙ୍କୁ ତାଙ୍କ ପୂର୍ବ ବିଭାଗ ଦିଆଯାଇଛି। ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ପୂର୍ବର ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ପାଇଛନ୍ତି। ନୀତିନ ଗଡ଼କରୀଙ୍କୁ ମଧ୍ୟ ତାଙ୍କର ସଡ଼କ ଓ ପରିବହନ ବିଭାଗ ମିଳିଛି। ସେହିପରି ପୀୟୂଷ ଗୋୟଲ (ରେଳପଥ ଓ କର୍ପୋରେଟ୍ ବ୍ୟାପାର) ଓ ରବିଶଙ୍କର ପ୍ରସାଦ (ଆଇନ ଓ ନ୍ୟାୟ) ତାଙ୍କର ପୂର୍ବ ବିଭାଗ ପାଇଛନ୍ତି। ପ୍ରଶ୍ନ ହେଉଛି ଏହି ମନ୍ତ୍ରୀମାନଙ୍କୁ ତାଙ୍କର ପୂର୍ବର ପିଏସ୍ ଓ ଓଏସ୍‌ଡିଙ୍କୁ ରଖିବା ପାଇଁ ଅନୁମତି ମିଳିବ ତ? ନା ସେମାନଙ୍କୁ ନୂଆ କର୍ମଚାରୀ ଦିଆଯିବ?

### ଆତ୍ମଜୀବନୀ ଲେଖିବାର ଦୋଷ

ଚାକିରି ସର୍ତ୍ତାବଳୀ ଉଲ୍ଲଂଘନ କରିବା ଅଭିଯୋଗରେ ନିଲମ୍ବିତ କେରଳର ପୋଲିସ ମହାନିର୍ଦ୍ଦେଶକ ଜାକବ ଟମାସ ଏବେ ଆପରାଧିକ ମାମଲା ଏବଂ ଚାକିରିରୁ ଛଟେଇର ସମ୍ମୁଖୀନ ହେବାକୁ ଯାଉଛନ୍ତି। ତାଙ୍କର ଦୋଷ ହେଲା ସେ ଏକ ଆତ୍ମଜୀବନୀ ଲେଖିଛନ୍ତି। ରାଜ୍ୟ କ୍ରାଇମ୍ ବ୍ରାଞ୍ଚ ମୁଖ୍ୟ ଶାସନ ସଚିବ ଟମ୍ ଜୋସ୍‌ଙ୍କ ନିର୍ଦ୍ଦେଶରେ ଟମାସଙ୍କ ବିରୋଧରେ ଏକ ଆପରାଧିକ ମାମଲା ରୁଜୁ କରିଛି। ପର୍ଯ୍ୟବେକ୍ଷକମାନଙ୍କ ମତରେ ଜୋସ୍‌ଙ୍କ ସମ୍ପର୍କରେ ନଗ୍ନ ସତ୍ୟ ଲେଖିଥିବାରୁ ଏବଂ କିଛି ଉଚ୍ଚ ପଦାଧିକାରୀଙ୍କ ବିରୋଧରେ ମଧ୍ୟ ନିଜ ଆତ୍ମଜୀବନୀରେ ଲେଖିଥିବାରୁ ସରକାର ଟମାସଙ୍କ ଉପରେ ଖପା ହୋଇଛନ୍ତି। ସେ ଉକ୍ତ ପୁସ୍ତକ ପ୍ରକାଶ କରିବା ପୂର୍ବରୁ ଉପରିସ୍ଥ ଅଧିକାରୀଙ୍କଠାରୁ ପ୍ରାକ୍-ଅନୁମତି ନେଇନାହାନ୍ତି। ଯାହା ଜଣାଯାଏ ୧୯୮୫-ବ୍ୟାଚ୍ ଆଇପିଏସ୍ ଅଫିସର ଜଣକ ଅନେକ ରାଜନେତାଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛାଇନାହାନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଉମେନ୍ ଚାଣ୍ଡି ଏବଂ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ, ଯେଉଁମାନଙ୍କ ବିରୋଧରେ କିଛି ବିବାଦୀୟ ଦୁର୍ନୀତି ଅଭିଯୋଗର ତଦନ୍ତ ଚାଲିଥିଲା। ଏତଲା ଅନୁସାରେ ଟମାସ ତାଙ୍କ ପୁସ୍ତକରେ ପୋଲିସ୍-ଫୋର୍ସେସ୍ (ରେଷ୍ଟ୍ରିକ୍ସନ ଅଫ୍ ରାଇଟ୍‌ସ) ଆକ୍ଟ, ୧୯୬୬ର ଉଲ୍ଲଂଘନ କରି କିଛି ଦାପ୍ତରିକ ଗୋପନ କଥା ପ୍ରକାଶ କରିଦେଇଛନ୍ତି। ଯଦି ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ଟମାସ୍‌ଙ୍କୁ ଜରିମାନା ସହ ଦୁଇବର୍ଷର ଜେଲଦଣ୍ଡ ମଧ୍ୟ ମିଳିପାରେ। ଏହିସବୁ ଅଭିଯୋଗ ଭିତ୍ତିରେ ରାଜ୍ୟ ସରକାରଙ୍କ ଦ୍ୱାରା ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଡିଜିପିଙ୍କୁ ଚାକିରିରୁ ବହିଷ୍କୃତ ହେବାକୁ ପଡ଼ିପାରେ।

### ଜମ୍ମୁ-କଶ୍ମୀରରେ ନିୟମ କୋହଳ ହେବ

ଯୋଗ୍ୟ ଅଫିସରଙ୍କ ଅଭାବରୁ ଜମ୍ମୁ-କଶ୍ମୀର ପ୍ରଶାସନ ବିଭିନ୍ନ ବିଭାଗର ପ୍ରଶାସନିକ ସଚିବ ପଦ ପୂରଣ କରିବା ଲାଗି ସମସ୍ୟାର ସମ୍ମୁଖୀନ ହେଉଛି। ଅସ୍ଥାୟୀ ସଚିବ ପ୍ରଥା କିଛି କାମ ଦେଉନାହିଁ। ବାସ୍ତବରେ ଆଗାମୀ ମାସଗୁଡ଼ିକରେ ଅନେକ ଆଇଏଏସ୍ ଅଫିସର ଅବସର ନେବାକୁ ଯାଉଥିବାରୁ ଏହି ସମସ୍ୟା ଆହୁରି ଉତ୍କଟ ହେବାର ସମ୍ଭାବନା ରହିଛି। ଏଣୁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଓ କେନ୍ଦ୍ର ସରକାରଙ୍କ ସହ ପରାମର୍ଶ କରି ନିଯୁକ୍ତି ନିୟମକୁ କୋହଳ କରି ଉଚ୍ଚସ୍ତରୀୟ ନିଯୁକ୍ତିରେ ଅସ୍ଥାୟୀ ବ୍ୟବସ୍ଥାର ଅନ୍ତ ଘଟାଇବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ଏହି ନିଷ୍ପତ୍ତି ଅନୁସାରେ ୧୩ ବର୍ଷରୁ କମ୍ ଚାକିରି କରିଥିବା ଅଫିସରଙ୍କୁ ଏବଂ ଜମ୍ମୁ-କଶ୍ମୀର ପ୍ରଶାସନିକ ସେବା (କେଏଏସ୍)ର ଯେଉଁ ଅଫିସର ସୁପର ଟାଇମ୍ ସ୍କେଲ୍ ପାଉଥିବେ ସେମାନଙ୍କୁ ସଚିବସ୍ତରୀୟ ନିଯୁକ୍ତି ଲାଗି ଚୟନ କରାଯିବ। ପ୍ରାପ୍ତ ସୂଚନା ଅନୁସାରେ, ରାଜ୍ୟ ମୁଖ୍ୟ ଶାସନ ସଚିବ ବି.ଭି.ଆର୍. ସୁବ୍ରମଣ୍ୟମ୍ ଏ ସମ୍ପର୍କରେ ରାଜ୍ୟପାଳ ସତ୍ୟପାଲ ମଲିକ ଏବଂ ସମସ୍ତ ଚାରିଜଣ ଉପଦେଷ୍ଟା କେ. ବିଜୟ କୁମାର, ଖୁର୍ଶିଦ ଅହମଦ ଗନାଇ, କେ. ସ୍କନ୍ଦନ୍ ଓ କେ.କେ. ଶର୍ମାଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଯଦିଚ ଅସ୍ଥାୟୀ ବ୍ୟବସ୍ଥାରେ ଅନେକ ବିଭାଗ ଚାଲୁଛି, ଯେଉଁ ଅଫିସରମାନଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି ସେମାନେ ଉଭୟ ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରିବାକୁ ସମର୍ଥ ହେଉନାହାନ୍ତି। ଗୁରୁତ୍ୱପୂର୍ଣ୍ଣ ଫାଇଲଗୁଡ଼ିକର କାମ ନ ହୋଇ ପଡ଼ିରହୁଛି। କେତେକ ବିଭାଗର ଗୁରୁତ୍ୱ ଦୃଷ୍ଟିରୁ ସେଗୁଡ଼ିକର ପ୍ରଶାସନିକ ସଚିବ ପଦବୀ ଦୀର୍ଘକାଳ ଖାଲି ରହିବା ଉଚିତ ନୁହେଁ ବୋଲି ସେ ରାଜ୍ୟପାଳ ଓ ଉପଦେଷ୍ଟାମାନଙ୍କୁ ଜଣାଇଛନ୍ତି। ଉକ୍ତ କୋହଳ ନୀତି କାର୍ଯ୍ୟକାରୀ ହେଲେ ପରିସ୍ଥିତିରେ ସ୍ୱାଭାବିକତା ଆସିବ ଓ ରାଜ୍ୟ ପ୍ରଶାସନ ଠିକ୍‌ଭାବେ ଚାଲିପାରିବ ବୋଲି କୁହାଯାଉଛି।

Email: dilipcherian@gmail.com

# ପ୍ରାକୃତିକ ବିପର୍ଯ୍ୟୟ ଓ ଆଧୁନିକ ପ୍ରଯୁକ୍ତି



ଇଂ. ମାୟାଧର ସ୍ୱାଇଁ

ଭାରତର ପୂର୍ବ ଉପକୂଳ ଏବଂ ବିଶେଷକରି ଆମ ରାଜ୍ୟ ଓଡ଼ିଶା ଅନେକଥର ବାତ୍ୟା ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଆମେ ଯଦି ନିକଟ ଅତୀତର ବାତ୍ୟାଗୁଡ଼ିକୁ ଦେଖିବା, ୧୯୯୯ର ମହାବାତ୍ୟା, ୨୦୧୩ର ଫାଇଲିନ୍, ୨୦୧୪ର ହୁଦ୍‌ହୁଦ୍, ୨୦୧୮ର ତିତ୍‌ଲି ଏବଂ ଏହି ବର୍ଷର ଫନୀ ଓଡ଼ିଶାର ଅନେକ କ୍ଷତି କରିଛି। ବାତ୍ୟା ହେଉଛି ଗୋଟିଏ ପ୍ରାକୃତିକ ଘଟଣା। ଅତ୍ୟାଧୁନିକ ଜ୍ଞାନକୌଶଳ ସତ୍ତ୍ୱେ ଏହାକୁ ଅଟକାଇବା ମନୁଷ୍ୟ ପକ୍ଷେ ସମ୍ଭବ ନୁହେଁ। କିନ୍ତୁ ଏହାର ଆଗମନର ଠିକ୍ ସୂଚନା ମିଳିଗଲେ, ସେଥିପାଇଁ ଉପଯୁକ୍ତ ପ୍ରତିକାର କରାଯାଇପାରିବ। ବାତ୍ୟାର ଦୁଇ ବିପର୍ଯ୍ୟୟକାରୀ ଘଟଣା ହେଉଛି ପ୍ରବଳ ବେଗରେ ପବନ ବହିବା ଓ ସମୁଦ୍ର ଜୁଆରର କୂଳଲଘଂନ। ପବନ ବଡ଼ବଡ଼ ଗଛ, ବିଦ୍ୟୁତ୍ ଓ ଟେଲିଫୋନ ଖୁଣ୍ଟ, କଚ୍ଚାଘର ଆଦିକୁ ଭାଙ୍ଗି ଦେଇଥାଏ ଏବଂ ସମୁଦ୍ର ଜୁଆର ଅଧିକ ଉଚ୍ଚରେ ଆସିଲେ ଉପକୂଳ ଅଞ୍ଚଳକୁ ଜଳମଗ୍ନ କରିବା ସହିତ ପ୍ରତ୍ୟାବର୍ତ୍ତନ ବେଳେ ଲୋକ, ଗୋରୁ ଓ ଜିନିଷପତ୍ର ଆଦିକୁ ସାଥିରେ ସମୁଦ୍ରକୁ ଟାଣିନିଏ। ବାତ୍ୟା ସମୟରେ ଜୋର୍ ବର୍ଷା ମଧ୍ୟ ହୋଇଥାଏ, ଯାହା ସମୁଦ୍ରକୂଳଠାରୁ ଦୂରରେ ଥିବା ଲୋକଙ୍କର ମଧ୍ୟ କ୍ଷତି ପହଞ୍ଚାଇଥାଏ। ଓଡ଼ିଶାରେ ଅଧିକାଂଶ ବାତ୍ୟା ଜୁଲାଇ ଓ ଅକ୍ଟୋବରରେ ହେଉଥିବାରୁ ବନ୍ୟାର ଆଶଙ୍କା ଥାଏ।

ବାତ୍ୟା ସମୁଦ୍ର ଆଡୁ ଆସି ଯେଉଁ ସ୍ଥାନରେ ସ୍ଥଳଭାଗକୁ ଛୁଇଁଥାଏ, ସେଠାରେ ପବନର ବେଗ ସର୍ବାଧିକ ହୋଇଥାଏ ଏବଂ ତା'ପରେ ସ୍ଥଳଭାଗରେ ଗତି କରିବା ଭିତରେ ପବନର ବେଗ ସାଙ୍ଗକୁ କ୍ଷୟକ୍ଷତିର ପରିମାଣ କ୍ରମଶଃ କମିଯାଏ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଦ୍ୱାରା ବର୍ତ୍ତମାନ ବାତ୍ୟାର ଆଗମନ ଅତିକମ୍‌ରେ ଦୁଇସପ୍ତାହ ପୂର୍ବରୁ ଜଣାପଡୁଛି। ବାତ୍ୟା କେଉଁ ସ୍ଥାନରେ ଓ କେଉଁ ସମୟରେ ସ୍ଥଳଭାଗ ଛୁଇଁବ, ପବନର ବେଗ କେତେ ହେବ ଏବଂ ଜୁଆର ଉଚ୍ଚତା କେତେ ହେବ, ସେସବୁର ଠିକ୍ ତଥ୍ୟ ବହୁ ପୂର୍ବରୁ ମିଳିଯାଉଥିବାରୁ ପ୍ରଶାସନ ସମ୍ଭାବ୍ୟ ବାତ୍ୟା-ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ବାତ୍ୟା ଆଶ୍ରୟସ୍ଥଳକୁ ନେଇପାରୁଛି, ଯାହାଫଳରେ ମୃତାହତଙ୍କ ସଂଖ୍ୟା କମିଯାଉଛି। ୧୯୯୯ର ମହାବାତ୍ୟା ସ୍ଥଳଭାଗ ଛୁଇଁବାର ସମ୍ଭାବ୍ୟ ସ୍ଥାନ ଓ ସମୟ ମାତ୍ର ଦିନକ ପୂର୍ବରୁ ଜଣାପଡିଲା। ଫଳରେ ଲୋକଙ୍କୁ ସ୍ଥାନାନ୍ତର ଓ ଏପରିକି ସତର୍କ କରାଯାଇ ନ ପାରିବାରୁ ୧୦ ହଜାରରୁ ଅଧିକ ଲୋକ ମୃତ୍ୟୁବରଣ କଲେ। କିନ୍ତୁ ତାହା ପରର ଫାଇଲିନ୍, ହୁଦ୍‌ହୁଦ୍ ଓ ତିତ୍‌ଲିରେ ପ୍ରାୟ କେହି ମୃତ୍ୟୁବରଣ କରି ନ ଥିଲେ। ଏହି ବର୍ଷର ଫନୀରେ ୫୦ରୁ ଅଧିକ ବ୍ୟକ୍ତି ମରିଥିବା ଜଣାପଡିଛି। ପ୍ରଶାସନ 'ଶୂନ ମୃତ୍ୟୁ' ଆଧାରରେ କାର୍ଯ୍ୟ କରିଥିଲେ ସୁଦ୍ଧା ବାତ୍ୟାର ଅତ୍ୟଧିକ ପ୍ରକୋପ ଓ କେତେକ ସ୍ଥଳରେ ଲୋକଙ୍କର ଖାମଖିଆଲି ମନୋବୃତ୍ତି ଯୋଗୁ ମୃତ୍ୟୁସଂଖ୍ୟା ବଢିଛି। ବାତ୍ୟାର ଆଗୁଆ ସୂଚନା ମିଳିବା ଦ୍ୱାରା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ସହ ରିଲିଫ ସାମଗ୍ରୀ ଯୋଗାଡ଼, ଉଦ୍ଧାରକାରୀ ଦଳର ପ୍ରସ୍ତୁତି ଆଦି ସମ୍ଭବ ହେଉଛି। ଫନୀ ଆସିବା ପୂର୍ବରୁ ଅଗ୍ନିଶମ ବିଭାଗ, ପୋଲିସ, ଓଡ୍ରାଫ, ଏନ୍‌ଡିଆରଏଫ୍ ଆଦି ଯନ୍ତ୍ରପାତି ନେଇ ପ୍ରସ୍ତୁତ ହୋଇ ରହିଥିଲେ।

ବାତ୍ୟାର ଯଥାର୍ଥ ଆଗୁଆ ସୂଚନା ଆଧୁନିକ ପ୍ରଯୁକ୍ତିବିଦ୍ୟାର ଦୁଇଟି ବିକାଶ ଯୋଗୁ ସମ୍ଭବ ହୋଇଛି। ବାସ୍ତବରେ ପାଣିପାଗର ପୂର୍ବାନୁମାନ ପାଇଁ ଦେଶ ମଧ୍ୟରେ ଓ ବିଦେଶରେ ଥିବା ଅନେକ ପାଣିପାଗ କେନ୍ଦ୍ରରୁ ଅଜସ୍ର ତଥ୍ୟ ନେଇ ସେଗୁଡିକୁ ଅବିଳମ୍ବେ ବିଶ୍ଳେଷଣ କରିବାକୁ ପଡିଥାଏ। ଏହି କାର୍ଯ୍ୟ କେବଳ ସୁପର କମ୍ପ୍ୟୁଟର କରି ପାରିଥାଏ, ଯାହା ବର୍ତ୍ତମାନ ପାଣିପାଗ ବିଭାଗ ପାଇଁ ଅପରିହାର୍ଯ୍ୟ ହୋଇପଡିଛି। ବାତ୍ୟା ପୂର୍ବାନୁମାନ ପାଇଁ ଅନ୍ୟ ଏକ ସାହାଯ୍ୟକାରୀ ପ୍ରଯୁକ୍ତିବିଦ୍ୟା ହେଉଛି କୃତ୍ରିମ ଉପଗ୍ରହରୁ ତଥ୍ୟ ଗ୍ରହଣ। କୃତ୍ରିମ ଉପଗ୍ରହର ଉନ୍ନତମାନର କ୍ୟାମେରା ସାହାଯ୍ୟରେ ବାତ୍ୟାର ସୃଷ୍ଟି ଓ ଅଗ୍ରଗତିକୁ ସ୍ପଷ୍ଟ ଭାବେ ଜାଣିହେଉଛି।

ବାତ୍ୟା ହେଉଛି ଗୋଟିଏ ଦିନର ଘଟଣା- ଏହା ଗୋଟିଏ ସ୍ଥାନରେ ତିନିଚାରି ଘଣ୍ଟାରୁ ଅଧିକ ସମୟ ରହି ନ ଥାଏ। କିନ୍ତୁ ଅତିକ୍ରମ କରିବାର ଅନେକ ଦିନ ପର୍ଯ୍ୟନ୍ତ ଏହାର ପ୍ରଭାବ ଅନୁଭୂତ ହୋଇଥାଏ। ଏହାଦ୍ୱାରା ବଡ଼ ବଡ଼ ଗଛ ଉପୁଡି ରାସ୍ତାରେ ପଡି ଗମନାଗମନରେ ଅସୁବିଧା କରିଥାଏ ଏବଂ ବିଦ୍ୟୁତ୍ ସରବରାହ ଓ ଟେଲିଫୋନ ସେବା ବନ୍ଦ ହୋଇଯାଏ। ଏପରି ହୁଏ ଯେ ବାତ୍ୟା ଦିନ ଅପେକ୍ଷା ତା'ପର ଦିନଗୁଡ଼ିକ ଅଧିକ ବେଦନାଦାୟକ ହୋଇଥାଏ।

ଦିନ ଥିଲା, 'ରୋଟି, କପଡା, ମକାନ୍' ମନୁଷ୍ୟର ମୌଳିକ ଆବଶ୍ୟକତା ଥିଲା। କିନ୍ତୁ ଆମେ ବର୍ତ୍ତମାନ ସେହି ସ୍ତର ପାର କରିଯାଇଛେ ଏବଂ ଆଧୁନିକ ଜୀବନର ମୌଳିକ ଆବଶ୍ୟକତା ହେଉଛି ବିଦ୍ୟୁତ୍ ଓ ମୋବାଇଲ ଫୋନ୍। ସହରାଞ୍ଚଳରେ ବିଦ୍ୟୁତ୍ ସେବା ବ୍ୟାହତ ହେବା ପରେ ଜଳଯୋଗାଣ ବନ୍ଦ ହୋଇଯାଏ। ଅଧିକାଂଶ କୋଠାରେ ନିଜ ନିଜର ବୋର୍‌ୱେଲ୍ ଅଛି ଯେଉଁଠି ବିଦ୍ୟୁତ୍ ବିନା ଜଳ ବାହାରିପାରିବ ନାହିଁ। ସହରାଞ୍ଚଳରେ ପୂର୍ବରୁ ଥିବା ଅଧିକାଂଶ ପୁଷ୍କରିଣୀ ପୋତି ଦିଆଗଲାଣି ଏବଂ ଯେଉଁ କେତେକ ରହିଯାଇଛି ତାହା ବ୍ୟବହାର ଉପଯୋଗୀ ହୋଇ ରହି ନାହିଁ। ଗତ ବାତ୍ୟାରେ ଲୋକଙ୍କୁ ଜଳକଷ୍ଟ ଅଧିକ ବାଧିଥିଲା। ବିଦ୍ୟୁତ୍ ନ ଥିଲେ ଏଟିଏମ୍, ବ୍ୟାଙ୍କ୍ ଏବଂ ଏପରିକି ଅନେକ ଅଫିସ୍ କାର୍ଯ୍ୟ କରିପାରେ ନାହିଁ। ଆଜିକାଲି ଅଧିକାଂଶ କାର୍ଯ୍ୟ ଇଣ୍ଟର୍‌ନେଟ ସାହାଯ୍ୟରେ ଅନ୍‌ଲାଇନ୍‌ରେ ହେଉଥିବାରୁ ଏହି ଅସୁବିଧା ହେଉଛି। ଫନୀ ଯୋଗୁ ଭୁବନେଶ୍ୱରରେ ୧୦ ଦିନ ପର୍ଯ୍ୟନ୍ତ ଜଳ ଓ ବିଦ୍ୟୁତ୍ ମିଳିଲା ନାହିଁ। ଦୁର୍ଯୋଗକୁ ଏହା ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ଘଟିଥିବାରୁ ଅସହ୍ୟ ଗରମରେ ଲୋକେ ଶୋଇପାରିଲେ ନାହିଁ। ବିଶେଷକରି ଶିଶୁ ଓ ବୃଦ୍ଧାବୃଦ୍ଧମାନେ ଅକଥ୍ୟ ଯନ୍ତ୍ରଣା ଭୋଗ କଲେ। ଡାକ୍ତରଖାନାରେ ମଧ୍ୟ ବିଦ୍ୟୁତ୍ ଅଭାବରୁ ରୋଗୀମାନଙ୍କର ପରୀକ୍ଷା ଓ ଚିକିତ୍ସା ସୁଚାରୁରୂପେ ହୋଇପାରିଲା ନାହିଁ।

ଏହିସବୁ ଅସୁବିଧାର ମୂଳରେ ରହିଛି ବିଦ୍ୟୁତ୍। ଏଣୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ହେବା ଉଚିତ। ବଡ଼ ବଡ଼ ସହରରେ ଭୂମିତଳ କେବୁଲ୍ ସାହାଯ୍ୟରେ ବିଦ୍ୟୁତ୍ ଯୋଗାଣ କରାଯାଉଛି। କିନ୍ତୁ ସ୍ମାର୍ଟ ସହର ଭୁବନେଶ୍ୱରରେ ଏହି ବ୍ୟବସ୍ଥା ନାହିଁ। ବାତ୍ୟା ବେଳେ କେବଳ ଏହା ମନେ ପଡୁଛି। ଏହା ବ୍ୟତୀତ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ଯେପରିଭାବେ ମାଟିରେ ପୋତାଯିବା କଥା ସେପରି କରାଯାଉନାହିଁ। ପୁନଶ୍ଚ ଦୁଇ ସପ୍ତାହ ପୂର୍ବରୁ ବାତ୍ୟାର ସୂଚନା ମିଳିଥିଲେ ସୁଦ୍ଧା ବିଦ୍ୟୁତ୍ ଯୋଗାଣ କର୍ତ୍ତୃପକ୍ଷ ଯଥାଯଥ ଆଗୁଆ ପ୍ରସ୍ତୁତି କରିଥିବା ମନେ ହେଉନାହିଁ। ସେମାନଙ୍କ ପାଖରେ ଯଥେଷ୍ଟ ପରିମାଣର ବିଦ୍ୟୁତ୍ ସରଞ୍ଜାମ ନାହିଁ। ସବୁଠାରୁ ଅଧିକ ଆବଶ୍ୟକତା ହେଉଛି କୁଶଳୀ ଶ୍ରମିକ ଓ ଇଲେକ୍ଟ୍ରିସିଆନ୍‌ଙ୍କର। ବାତ୍ୟା ପରେ ସେମାନଙ୍କୁ ବାହାର ରାଜ୍ୟରୁ ଆଣିବାର ବ୍ୟବସ୍ଥା ହେଉଛି। ପୂର୍ବରୁ କାହିଁକି ନୁହେଁ? ଅତ୍ୟାବଶ୍ୟକ ସେବା ପାଇଁ ସେମାନଙ୍କ ପାଖରେ ଯଥେଷ୍ଟ ସଂଖ୍ୟକ ଡିଜେଲ୍ ଜେନେରେଟର ରହିବା ଉଚିତ।

ବାତ୍ୟା ଅନ୍ୟ ଏକ ଅତ୍ୟାବଶ୍ୟକ ସେବା ଟେଲିଫୋନକୁ ବିପର୍ଯ୍ୟସ୍ତ କରିଦିଏ। ଟେଲିଫୋନ ଖୁଣ୍ଟଗୁଡିକ ଉପୁଡିଯାଏ। କିନ୍ତୁ ମୋବାଇଲ ଫୋନ୍ ଓ ଇଣ୍ଟରନେଟ୍ ମଧ୍ୟ କାର୍ଯ୍ୟ କରୁନାହିଁ। ଆଜିକାଲି ଯେକୌଣସି ଅନୁଷ୍ଠାନର ନାମ ଲେଖା କିମ୍ବା ଚାକିରି ପାଇଁ ପରୀକ୍ଷା ସବୁ ଅନ୍‌ଲାଇନ୍‌ରେ ହେଉଛି। ଓଡ଼ିଶାର କେତୋଟି ଜିଲାରେ ବାତ୍ୟା ଯୋଗୁ ଇଣ୍ଟର୍‌ନେଟ ସୁବିଧା ନ ମିଳିଲେ ମଧ୍ୟ ସର୍ବଭାରତୀୟ ଅନୁଷ୍ଠାନଗୁଡିକ ଏହି ପରୀକ୍ଷାଗୁଡିକୁ ବନ୍ଦ କରି ନ ଥାଆନ୍ତି। ଏଣୁ ବାତ୍ୟା ପରେ ପରେ ମୋବାଇଲ ଓ ଇଣ୍ଟର୍‌ନେଟ ସେବା ତୁରନ୍ତ ଯୋଗାଇବା ଆବଶ୍ୟକ। ଏହା ମଧ୍ୟ ବାତ୍ୟା-ପ୍ରଭାବିତ ଅଞ୍ଚଳରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ପାଇଁ ନିହାତି ଆବଶ୍ୟକ। ହାମ୍ ରେଡିଓ ହେଉଛି ଏଥିପାଇଁ ଗୋଟିଏ ଉତ୍ତମ ବିକଳ୍ପ ବ୍ୟବସ୍ଥା।

ଏହି ବର୍ଷର ବାତ୍ୟାରୁ ଶିକ୍ଷା ନେଇ ବିଭିନ୍ନ ସଂସ୍ଥା ଆଧୁନିକ ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ଭବିଷ୍ୟତରେ ବାତ୍ୟା ପ୍ରତି ସତର୍କ ଓ ପ୍ରସ୍ତୁତ ହେବା ଆବଶ୍ୟକ।

୭୦ ଲକ୍ଷ୍ମୀ ବିହାର, ଫେଜ୍-୧, ଭୁବନେଶ୍ୱର,
ମୋ-୯୪୩୮୬୯୩୭୨୪

# ଭଲ ମଣିଷ ସନ୍ଧାନରେ



ଲଲାଟ କେଶରୀ ନାୟକ

ଆଚାର୍ଯ୍ୟ ଚାଣକ୍ୟ ଏକାଧାରରେ ଜଣେ ନୈଷ୍ଠିକ ବ୍ରାହ୍ମଣ, ଶିକ୍ଷକ, ଦାର୍ଶନିକ, ଅର୍ଥନୀତିଜ୍ଞ ଏବଂ ଜଣେ ଭଲ ଉପଦେଷ୍ଟା ଥିଲେ। ଆର୍ଯ୍ୟ ସଭ୍ୟତା ଓ ସଂସ୍କୃତିର ପୁନରୁଦ୍ଧାର ଏବଂ ମାତୃଭୂମିର ସୁରକ୍ଷା ନିମିତ୍ତ ପ୍ରୟାସ ବା ତାଙ୍କର ଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ଭାରତୀୟ ଦର୍ଶନତତ୍ତ୍ୱ, ସଂସ୍କୃତି, ପରମ୍ପରା, ସାମାଜିକ ଚଳଣି, ରାଜନୀତି, ନୈତିକ ମୂଲ୍ୟବୋଧ ଏବଂ ସାମାଜିକ ସମ୍ପର୍କ ଉପରେ ଗବେଷଣାରତ ଜଣେ ଦାର୍ଶନିକ ବାହାରିଲେ ଭଲ ମଣିଷର ସନ୍ଧାନରେ।

ପ୍ରଥମେ ଏକ ମନ୍ଦିର ମଧ୍ୟକୁ ପ୍ରବେଶ କଲେ ଦାର୍ଶନିକ ମହାଶୟ। ଆଜି ମନ୍ଦିର ଭିତରେ ଭିଡ଼ କାହିଁକି। ଆଜି ବୋଧହୁଏ ସୋମବାର। ଏଠିକି ଆସିଥିବା ମଣିଷ ନିଶ୍ଚିତ ଭଲ ମଣିଷ ହୋଇଥିବେ। କାରଣ ଆଧ୍ୟାତ୍ମିକତା ହିଁ ମଣିଷର ମାନସିକତାକୁ ଶୃଙ୍ଖଳିତ ଓ ମାର୍ଜିତ କରେ। ଦୁଇ ଭଦ୍ର ମହିଳା କଥା ହେଉଥିବାର ଦେଖିଲେ, ତାଙ୍କ ବେଶ ପୋଷାକରୁ ଜଣାଯାଏ ଦୁଇଜଣ ସମ୍ଭ୍ରାନ୍ତ ଘରର ବୋହୂ। ଜଣେ ମହିଳା ଅନ୍ୟ ଜଣଙ୍କୁ କହୁଥାଏ ଦିଅଁଙ୍କ ପାଖରେ ଭୋଗ ସରିଗଲାଣି। ହେଲେ ଆଉ ଟିକେ ପରେ ଆମେ ଯିବା। ଏବେ ଫେରିଲେ ମୋ ଶ୍ୱଶୁର ବୁଢ଼ା ପାଇଁ ଟିଫିନ ବ୍ୟବସ୍ଥା କରିବାକୁ ପଡ଼ିବ। ସେ କେଉଁଠିକି ଯିବେ ବୋଲି ବାହାରିଥିଲେ। ୟାଙ୍କୁ (ସ୍ୱାମୀ) କହି ଦେଇଛି- ମୁଁ ମନ୍ଦିର ଯାଉଛି, ତୁମେ ଆଜି ବାହାରେ ଟିଫିନ କରିନେବ। ବୁଢ଼ାଟା ବାହାରିଗଲା ପରେ ମୁଁ ଫେରିବି। କଷ୍ଟରୁ ଟିକେ ତ୍ରାହି ମିଳିଯିବ। ଏହା ଶୁଣି ଦ୍ୱିତୀୟ ମହିଳା ଜଣକ କହିଲେ- ମୁଁ ବି ୟାଙ୍କୁ (ସ୍ୱାମୀ) କହିଦେଇଛି- ମୋର ମନ୍ଦିରରୁ ଫେରିଲା ବେଳକୁ ଡେରି ହେବ, ତୁମେ ଆଜି ଅଫିସ କ୍ୟାଣ୍ଟିନରେ ଖାଇଦେବ, ମୁଁ ରୋଷେଇ କରିପାରିବିନି। ଧର୍ମର ଦ୍ୱାହିଦେଇ ନିଜ କର୍ମକୁ ଅଣଦେଖା କରିବା ଏବଂ ଗୁରୁଜନମାନଙ୍କ ପ୍ରତି ଏଭଳି ବ୍ୟବହାର! ନା ନା ଏଠି ଭଲ ମଣିଷ ମିଳିବେ ନାହିଁ।

ଆହୁରି ଆଗକୁ ଚାଲିଲେ ଦାର୍ଶନିକ ଭଲ ମଣିଷ ସନ୍ଧାନ ପାଇଁ। ଦେଖିଲେ କିଛି ଲୋକ ଖବରକାଗଜଟିଏ ପଢ଼ିବା ପାଇଁ ପ୍ରତିଯୋଗିତା ଚଳାଇଛନ୍ତି। ସେଥିରେ ଜଣେ ବାବା ଗିରଫ ସମ୍ପର୍କରେ ତାଜା ଖବର ପ୍ରକାଶ ପାଇଛି। ଚମକିପଡ଼ିଲେ ଦାର୍ଶନିକ। ଦୁଇଦିନ ତଳେ ଏକ ବୈଦ୍ୟୁତିକ ଗଣମାଧ୍ୟମରେ ତାଙ୍କର ଏକ ସତ୍‌ସଙ୍ଗ ପ୍ରଚାରିତ ହେଉଥିଲା। ବାବା କହୁଥିଲେ, ଈଶ୍ୱରଙ୍କୁ ପାଇବା ପାଇଁ ହେଲେ ନିଷ୍ଠା, ଏକାଗ୍ରତା ଏବଂ ସମର୍ପଣଭାବ ଦରକାର। ଏବେ ଏକ ନାବାଳିକାକୁ ବଳାତ୍କାର ଅଭିଯୋଗରେ ବାବା ଗିରଫ ହୋଇଛନ୍ତି। ଛି ଛି ଆଧ୍ୟାତ୍ମିକତା ଭିତରେ ଏତେ ଭଣ୍ଡାମି ଭରି ରହିଛି!

ଆହୁରି ଆଗକୁ ଚାଲିଲେ ଦାର୍ଶନିକ। ଆଗରେ ଏକ ବିରାଟ ସଭାର ଆୟୋଜନ। ମଞ୍ଚାସୀନ ରାଜନେତା ଭାଷଣ ଦେଉଛନ୍ତି- ମୋ ନିର୍ବାଚନମଣ୍ଡଳୀରେ ଗରିବୀ ରହିବ ନାହିଁ। ମୁଁ ଆପଣମାନଙ୍କ ସେବା କରିବାକୁ ରାଜନୀତିରେ ଯୋଗ ଦେଇଛି। ଏମିତି ଅନେକ କଥା। ନେତା ମଞ୍ଚରୁ ଓହ୍ଲାଇଲେ। ହଠାତ୍ ଜଣେ ଛିନ୍ନବସ୍ତ୍ର ଗରିବ ଲୋକ ଯାଇ ନେତାଙ୍କ ପାଦକୁ ଜାବୁଡି ଧରି କହିଲେ, ଆଜ୍ଞା ଗତକାଲି ମୋ ଝିଅକୁ କେତେଜଣ ଦୁର୍ବୃତ୍ତ ଉଠେଇ ନେଇଛନ୍ତି। ହେଲେ ପୋଲିସ କିଛି କରୁନାହିଁ। ମନ୍ତ୍ରୀ ତତ୍‌କ୍ଷଣାତ୍ ପୋଲିସକୁ ଫୋନ୍ କରିବା ପାଇଁ ବାହାରିବା ବେଳେ ଜଣେ କୁଜିନେତା ମନ୍ତ୍ରୀଙ୍କ କାନରେ କ'ଣ କହିଦେଲେ। ତା'ପରେ ଗରିବ ଲୋକଟିକୁ ମନ୍ତ୍ରୀ କହିଲେ- ତୁମେ ଯାଅ, ମୁଁ ଭୁବନେଶ୍ୱରରେ ପହଞ୍ଚିଲେ ବିଚାର କରିବି। ବିଚରା ଗରିବ ଲୋକଟିକୁ ସେଠାରୁ ଡିଡ଼ି ଦିଆଗଲା। ପରେ ପରେ ମନ୍ତ୍ରୀ କୁଜିନେତାଙ୍କୁ କହିଲେ- ତାଙ୍କୁ ଜଣେଇଦିଅ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପୂର୍ବରୁ ସେ ଝିଅକୁ ଫେରେଇଦେବେ। ନଚେତ୍ ଆମ ଦଳର ବଦ୍‌ନାମ ହେବ। ହଠାତ୍ ଦାର୍ଶନିକ ସ୍ତବ୍ଧ ହୋଇଗଲେ।

ସେଠୁ ଯାଇ ପହଞ୍ଚିଲେ ଏକ ବିଦ୍ୟାଳୟରେ। ଶିକ୍ଷାନୁଷ୍ଠାନ ଏକ ମଣିଷ ତିଆରି କାରଖାନା। କିନ୍ତୁ ଦେଖିଲେ ବିଦ୍ୟାଳୟ ପରିସରରେ ଅଭିଭାବକମାନଙ୍କ ଭିଡ଼। କିଛି ବୁଝିବା ପୂର୍ବରୁ ଜଣେ ଅଭିଭାବକ କହିଲେ- ତୁମେ ଶିକ୍ଷକ ହୋଇ ମଦ ଖାଇ ସ୍କୁଲକୁ ଆସିବ ଏବଂ ପିଲାଙ୍କୁ ଅଶ୍ଳୀଳ ବ୍ୟବହାର କରିବ- ଆଜି ଆମେ ସ୍କୁଲରେ ତାଲା ପକାଇବୁ। ଦାର୍ଶନିକ ଆଉ ଭଲ ମଣିଷ ସନ୍ଧାନ ପାଇଁ ବେଶି ସମୟ ବିଦ୍ୟାଳୟ ପରିସରରେ ଅପେକ୍ଷା କଲେ ନାହିଁ।

ତା' ପରେ ଯାଇ ପହଞ୍ଚିଲେ ଏକ ଚିକିତ୍ସାଳୟ ପରିସରରେ। ଡାକ୍ତରବାବୁ ତାଙ୍କ ବ୍ୟକ୍ତିଗତ କ୍ୱାର୍ଟର୍ସରେ ରୋଗୀ ଦେଖୁଥାନ୍ତି। ଦାର୍ଶନିକ ଭାବିଲେ ଡାକ୍ତର ହେଉଛନ୍ତି ଦ୍ୱିତୀୟ ଭଗବାନ। ଚିକିତ୍ସାଳୟ ପରେ ଘରେ ବି ରୋଗୀସେବା କରୁଛନ୍ତି। ରୋଗୀମାନଙ୍କୁ ଜଣକ ପରେ ଜଣେ ଚିକିତ୍ସା କରୁଥାନ୍ତି। ଗୋଟିଏ ଗରିବ ଲୋକ ବହୁତ କାକୁତିମିନତି ହେଉଥାଏ- ଆଜ୍ଞା ମୁଁ ଗରିବ ଲୋକ, ମୋ ପାଖରେ ପଇସା ନାହିଁ। ଏବେ ତ ସରକାରୀ ଚିକିତ୍ସାଳୟ ବନ୍ଦ ଅଛି। ମୋ ପୁଅକୁ ଭୀଷଣ ଜର, ଟିକେ ଦେଖି ଦିଅନ୍ତୁ। ଡାକ୍ତରବାବୁ ରୋକ୍‌ଠୋକ୍ ମନା କରିଦେଲେ। କହିଲେ- କାଲି ସରକାରୀ ଡାକ୍ତରଙ୍କୁ ଦେଖେଇବ। ମାନବିକତା ଏବଂ ସମ୍ବେଦନଶୀଳତା ଯେମିତି ଡାକ୍ତରବାବୁଙ୍କ ପାଖରେ ହାର ମାନିଛି। ଫେରି ଆସିଲେ ଦାର୍ଶନିକ ସେ ସ୍ଥାନରୁ। ସତରେ ଭଲ ମଣିଷ କ'ଣ ଆଉ ମିଳିବେନି। ପୋଲିସ ହେଉଛନ୍ତି ସମାଜର ରକ୍ଷାକବଚ। ସମାଜ ସହିତ ବନ୍ଧୁତାପୂର୍ଣ୍ଣ ବାତାବରଣ ବଜାୟ ରଖି ଶୃଙ୍ଖଳିତ ସମାଜ ଗଠନ କରିବା ପୋଲିସବାବୁଙ୍କ ଧର୍ମ। ଏଠି ନିଶ୍ଚିତ ଭାବରେ ଭଲ ମଣିଷ ମିଳିପାରିବେ। କିନ୍ତୁ ଦେଖିଲେ ପୋଲିସ ବାବୁ ଏତଲା ରଖିବାକୁ ଲାଞ୍ଚ ନେଉଛନ୍ତି।

ଦାର୍ଶନିକ ଜଣକ ଫେରିଆସିଲେ ସେଠାରୁ। ମନ୍ଦିର ସମ୍ମୁଖରେ ଏକ ପୂଜା ଦୋକାନରେ ବସି ପଡ଼ିଲେ। ତତ୍‌କ୍ଷଣାତ୍ ତାଙ୍କ ପୁଅ ଆସି ପହଞ୍ଚିଲେ। ଦୋକାନୀ ତାକୁ କହିଲେ- ଦୀପରେ ଘିଅ ଦେବୁ ଏବଂ ଏ ବଟଲରେ ପୋଡ଼ା ମୋବିଲ ଅଛି ଘିଅରେ ଟିକେ ମିଶେଇ ଦୀପରେ ରଖିବୁ। ନ ହେଲେ ଆମର ଲାଭ କମିଯିବ।

ମୋ-୯୪୩୮୧୮୧୧୬୨

## ଏଇ ଭାରତରେ

ଆଜିକାଲି ମଣିଷର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଆବଶ୍ୟକ କରୁଥିବା ବ୍ୟକ୍ତିଠାରେ ପ୍ରତିରୋପଣ କରାଯାଇ ପାରୁଛି। ତେଣୁ ବର୍ତ୍ତମାନ ଚିକିତ୍ସା ବିଜ୍ଞାନରେ ମାନବ ଅଙ୍ଗର ଉପଯୋଗିତା ଖୁବ୍ ବେଶି କହିଲେ ଚଳେ। ତେଣୁ ଅଙ୍ଗଦାନ ଏକ ମହାନ୍ ଦାନ ଭାବେ ବିବେଚିତ ହେଉଛି। ଶରୀରର ବିଭିନ୍ନ ଅଙ୍ଗ ମଧ୍ୟରେ ବୃକକ, ହୃତ୍‌ପିଣ୍ଡ, ଯକୃତ, କର୍ନିଆ ଆଦି ଅନ୍ୟତମ। ତେବେ ୩ ବର୍ଷ ଝିଅର ଶରୀର ଦାନ କରିଛନ୍ତି ମାତାପିତା। ଏପରି ଏକ ଘଟଣା ଘଟିଛି ରାଜସ୍ଥାନର ଯୋଧପୁରରେ। ମାତାପିତା ୩ ବର୍ଷ ଝିଅର ଶରୀର ଦାନ କରି ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏତେ କମ୍ ବୟସରେ ଶରୀର ଦାନ ଦେଶର ପ୍ରଥମ ଘଟଣା ବୋଲି କୁହାଯାଉଛି। ସୂଚନା ଅନୁଯାୟୀ, ଯୋଧପୁର ରୋଡୱେଜରେ ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ କାମ କରୁଥିବା ଉମ୍ମେଦ ସିଂଙ୍କ ୩ ବର୍ଷର କୋମଳମତି କନ୍ୟା ଜ୍ୟୋତିଙ୍କର ଗୁରୁବାର ମୃତ୍ୟୁ ହୋଇଥିଲା। ଜ୍ୟୋତି ଜନ୍ମରୁ ହୃଦ୍‌ରୋଗରେ ପୀଡିତ ଥିଲେ। ଏହାପରେ ତାଙ୍କ ଶରୀର ଚିକିତ୍ସା ବିଜ୍ଞାନରେ ଗବେଷଣା ପାଇଁ ସହାୟକ ହୋଇପାରିବ ଭାବି ଉମ୍ମେଦ ଓ ତାଙ୍କ ପତ୍ନୀ ଜ୍ୟୋତିଙ୍କ ଶରୀର ଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୮ ଜୁନ୍ ୧୯୯୪

- କଲମ୍ବିଆର ଦକ୍ଷିଣ ପଶ୍ଚିମାଞ୍ଚଳରେ ଏକ ଭୟାବହ ଭୂମିକମ୍ପ ଘଟି ୫୦୦ ବ୍ୟକ୍ତିଙ୍କ ପ୍ରାଣହାନି।
- ସମଗ୍ର ଦେଶରେ ଥିବା ପ୍ରାୟ ୬୦ଟି ସହକାରୀ ପୋଲିସ ଡିଜି ପଦବୀକୁ କେନ୍ଦ୍ର ସରକାର ଉଚ୍ଛେଦ କରିଛନ୍ତି।



## ଜିଲା ଡାଏରୀ
### କଟକ

## ସରୁନି ସମୀକ୍ଷା

ନିର୍ବାଚନ ପୂର୍ବରୁ ଓ ନିର୍ବାଚନ ସମୟରେ ଯେତିକି ସମୀକ୍ଷା ହେଉଥିଲା ନିର୍ବାଚନ ପରେ ତାହା ବଢିଯାଇଛି। ହାରିବା ପଛରେ କିଏ, ଜିତିବା ପଛରେ କିଏ ଓ ଭୋଟ ହାର କମିବା ପଛରେ କେଉଁମାନେ ବିଭୀଷଣ, ସେ ନେଇ ନେତାମାନେ ଖାତାକଲମ ଧରି ହିସାବ କରୁଛନ୍ତି। ଜିଲାର ୯ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ୮ଟିରେ ଶଙ୍ଖ ଜିତିଥିବା ବେଳେ ଗୋଟିଏକୁ ହାତ କବ୍‌ଜା କରିନେଇଛି। ହେଲେ ରାଜ୍ୟରେ ମିଶନ ୧୨୦ର ସ୍ୱପ୍ନ ଦେଖୁଥିବା ଫୁଲ ଦଳ ଜିଲାରେ ଗୋଟିଏ ଆସନରେ ବି ପଦ୍ମ ଫୁଟାଇବାରେ ସକ୍ଷମ ହୋଇନାହିଁ। ଏପରିକି ବଡ଼ମ୍ବା ଓ ବାରବାଟୀ-କଟକରେ ଫୁଲ ଦଳ ୩ ନମ୍ବର ସ୍ଥାନରେ ରହିଛି। ହାୱା ଜୋରରେ ଥିଲା। ହାୱାକୁ ଭୋଟରେ ପରିଣତ କରିବା ପାଇଁ ଯାହା ଯେମିତି ଆବଶ୍ୟକ ସେମିତି ମଧ୍ୟ କରାଯାଇଥିଲା। ହେଲେ ଇଭିଏମ୍ ଭିତରେ ଏହି ହାୱା କେମିତି ପଶିପାରିଲାନି ସେ ଚିନ୍ତା ପଦ୍ମଦଳିଆଙ୍କୁ ଘାରିଥିବା ବେଳେ ଜିଲାର ଗୋଟିଏ ଆସନ କେମିତି ହାତକୁ ପଳାଇଲା ସେ ତର୍ଜମା ଶଙ୍ଖ ଶିବିରରେ ଜାରି ରହିଛି। ସବୁଠାରୁ ଅଧିକ ତର୍ଜମା ହାତ ଶିବିରରେ ଚାଲିଛି। କାରଣ ଜିଲାର ୯ଟି ଆସନ ମଧ୍ୟରୁ କେବଳ ବାଙ୍କୀ ଓ ବାରବାଟୀ-କଟକକୁ ଛାଡ଼ିଦେଲେ ବାକି ଆସନଗୁଡ଼ିକରେ ହାତ ଦଳ ସମ୍ମାନଜନକ ଭୋଟ ମଧ୍ୟ ପାଇନାହିଁ। ଅଧିକାଂଶ ସ୍ଥାନରେ ଦଳ ୩ ନମ୍ବରରେ ଥିବାବେଳେ କେତେକ ସ୍ଥାନରେ ୪ ନମ୍ବରକୁ ଖସିଯାଇଛି। ନେତାଙ୍କ ନିର୍ବାଚନ ପର ପୋଷ୍ଟମର୍ଟମକୁ ଦେଖି ଲୋକେ କହୁଛନ୍ତି ଯେମିତି ଚାଷ କରିଥିଲ ସେମିତି ଅମଳ କଲ। ଏବେ ବାଟରେ ହଜାଇ ହାଟରେ ଖୋଜିବାର ମୂଲ୍ୟ କିଛି ନାହିଁ।

– ନିର୍ମଳ ପଣ୍ଡା

## ଚିରନ୍ତନୀ

ଦୁନିଆ ବୁକୁରେ ଜାଳିଦେଇ ହୁତାଶନ
ସେହି ସେ ଆଘାତ ବାଜିଉଠେ ଘନ ଘନ
ସେହି ସେ ଆଘାତ ବାଜଇ ଜନନୀ ବୁକେ
ଚାହିଁ ଅନାହାର- ପୀଡିତ ତନୟ ମୁଖେ।

(ତୁମେଟି ଚାଲିବା ଜାଣ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | | E | | | | A | 1 |
| | | | | 2 | | | | 3 | | D | A | 5 | | |
| | | | | | 0 | | C | 6 | | 5 | 3 | | 2 | 4 |
| 5 | | | | D | | | 9 | | | | 1 | | | 3 |
| 4 | E | | | 9 | | 7 | | | | | | B | | |
| 2 | | | | | | | | C | 7 | | E | | | |
| | | | | | B | | D | | 2 | | | | | 5 |
| E | | | | | | 2 | | B | 4 | | | C | 3 | 9 |
| B | | 9 | D | | | A | 6 | 7 | | 8 | | | | |
| 0 | | 7 | | 4 | 2 | | | | | | 9 | | B | D |
| 6 | | D | | | | B | | | | A | 2 | | | E |
| | | | 4 | | | | | 1 | 9 | | 8 | | 6 | |
| 1 | | | 2 | A | 8 | | | 9 | | | | | 0 | B |
| | B | | 9 | 1 | | | 5 | 0 | | | | 8 | | 2 |
| C | | | | 3 | | | | A | | 6 | | 1 | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | A | D | 8 | 3 | 6 | 4 | 7 | 9 | 0 | 5 | C | E | 1 | 2 |
| E | 9 | 3 | D | B | 0 | 8 | 6 | 2 | 1 | A | 4 | C | 5 | 7 |
| 6 | 7 | 1 | A | C | 4 | B | 5 | D | E | 9 | 2 | 8 | 0 | 3 |
| 4 | 2 | C | 9 | 5 | 7 | 1 | E | 0 | D | 3 | 8 | A | 6 | B |
| 5 | 0 | 8 | E | 2 | 1 | 3 | C | A | 6 | 7 | B | 9 | 4 | D |
| 3 | C | A | 0 | 1 | B | E | 9 | 8 | 7 | D | 5 | 6 | 2 | 4 |
| 2 | 6 | 0 | 4 | D | 5 | C | B | 7 | A | E | 1 | 3 | 8 | 9 |
| 9 | 5 | 7 | 2 | E | 3 | 0 | D | 1 | 4 | 8 | 6 | B | A | C |
| D | 8 | 4 | 7 | A | 9 | 6 | 2 | 5 | B | C | 3 | 0 | E | 1 |
| 1 | E | B | 6 | 8 | C | A | 3 | 4 | 2 | 0 | 9 | D | 7 | 5 |
| A | B | 5 | 3 | 4 | D | 7 | 1 | C | 8 | 6 | E | 2 | 9 | 0 |
| 0 | D | 9 | B | 6 | A | 2 | 4 | E | 3 | 1 | 7 | 5 | C | 8 |
| 8 | 3 | E | 1 | 9 | 2 | 5 | 0 | B | C | 4 | A | 7 | D | 6 |
| 7 | 4 | 2 | C | 0 | 8 | 9 | A | 6 | 5 | B | D | 1 | 3 | E |
| C | 1 | 6 | 5 | 7 | E | D | 8 | 3 | 9 | 2 | 0 | 4 | B | A |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଉଜୁଡ଼ା ବୃକ୍ଷସମ୍ପଦ

ମହାଶୟ,

ଦିନକୁ ଦିନ ବନ୍ୟା ଓ ସାମୁଦ୍ରିକ ଝଡ଼ ପ୍ରଭାବରେ ବୃକ୍ଷଲତା ଉଜୁଡିବାରେ ଲାଗିଛି। ହୁଦ୍‌ହୁଦ୍, ଫାଇଲିନ, ତିତ୍‌ଲି ପରେ ଏବେ ଫନୀ ବାତ୍ୟାର ପ୍ରଭାବରେ ପୁରୀ, ଭୁବନେଶ୍ୱର, କଟକ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡା ପ୍ରଭୃତି ଉପାନ୍ତ ଅଞ୍ଚଳର ବୃକ୍ଷମାନେ ଧରାଶାୟୀ ହୋଇଛନ୍ତି। ବିଭିନ୍ନ କାରଣରୁ ପୃଥିବୀର ଜଳବାୟୁ ଦୂଷିତ ହେବାରେ ଲାଗିଛି। ଏଥିସହ ବୃକ୍ଷ ସମ୍ପଦର ସବୁଜିମା ବଳୟ ଧ୍ୱଂସ ହେତୁ ତାପମାତ୍ରା ଅଧିକ ବୃଦ୍ଧି ଘଟୁଛି। ଏଣୁ ନୂତନ ବୃକ୍ଷ ରୋପଣ କରିବା, ଫଳ ବୃକ୍ଷ ଚାଷ କରିବା ଓ ଲୋକମାନଙ୍କୁ ମାଗଣାରେ ଚାରା ବଣ୍ଟନ ଇତ୍ୟାଦି କରିବା ଦରକାର। ଉଜୁଡା ବୃକ୍ଷ ସମ୍ପଦକୁ ସଜାଡିବା ପାଇଁ ଦେଶର ନାଗରିକମାନେ କାନ୍ଧ ମିଳାଇବା ଆବଶ୍ୟକ। ପରେ ସେହି ବୃକ୍ଷଗୁଡିକର ରକ୍ଷଣାବେକ୍ଷଣ ବି କରାଯିବା ଉଚିତ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ବିଦାୟ ପାହାଡ଼ ରାଣୀ

ଧରିତ୍ରୀ (୩୧।୫)ରେ ପ୍ରକାଶିତ ଡ. ଆଲୋକ ମିଶ୍ରଙ୍କ 'ବିଦାୟ ପାହାଡ ରାଣୀ' ଖୁବ୍ ଦୁଃଖଦାୟକ। ସ୍ତମ୍ଭକାର ଯେଉଁ ଆଶାବ୍ୟକ୍ତ କରିଛନ୍ତି ତାହା ପୂର୍ଣ୍ଣ ହେଉ। ତା' ସହିତ ପରମପିତାଙ୍କୁ ପ୍ରାର୍ଥନା କରୁଛି ସେହି ଅମର ଆତ୍ମାକୁ ଚିର ଶାନ୍ତି ପ୍ରଦାନ କରନ୍ତୁ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ମିତ୍ରତା ହେଲା ଏକ ଓ ଅଭିନ୍ନ ଆତ୍ମା। କିନ୍ତୁ ଏହା ବାସକରେ ଦୁଇଟି ଶରୀର ମଧ୍ୟରେ।
- ଆରିଷ୍ଟଟଲ

# ଇସ୍ତଫା ଦେଲେ ଥେରେସା

ଲଣ୍ଡନ,୭।୬(ଏଏଫପି)

ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ଥେରେସା ମେ ଶୁକ୍ରବାର କଞ୍ଜରଭେଟିଭ୍ ପାର୍ଟି ନେତା ପଦରୁ ଇସ୍ତଫା ଦେଇଛନ୍ତି। ଫଳରେ ତାଙ୍କ ଉତ୍ତରାଧିକାରୀ ଚୟନ କାର୍ଯ୍ୟ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ନୂଆ ନେତା ବଛାଯିବା ପର୍ଯ୍ୟନ୍ତ ଥେରେସା ପ୍ରଧାନମନ୍ତ୍ରୀ ପଦରେ ରହିବେ। ବ୍ରେକ୍‌ଜିଟ ପ୍ରଦାନରେ ଥେରେସା ବିଫଳ ହୋଇଥିବାବେଳେ ତାଙ୍କ ଉତ୍ତରାଧିକାରୀଙ୍କ ପାଇଁ ଏହା ବଡ଼ ଚ୍ୟାଲେଞ୍ଜ ହେବ। ବ୍ରେକ୍‌ଜିଟ ସମୟସୀମା ଅକ୍ଟୋବର ୩୧ ପର୍ଯ୍ୟନ୍ତ ରହିଥିଲା। କିନ୍ତୁ ବିରୋଧୀମାନେ ଏଥିରେ ପ୍ରତିବନ୍ଧକ ସୃଷ୍ଟି କରିବାରୁ ଏହା ଆଗେଇ ପାରୁନାହିଁ। ୟୁରୋପୀୟ ୟୁନିୟନ (ଇୟୁ)ରୁ ବ୍ରିଟେନ ବାହାରିଯିବା ଲାଗି ୨୦୧୬ରେ ଗଣଭୋଟ



■କଞ୍ଜରଭେଟିଭ ପାର୍ଟି ନେତା ପଦ ଛାଡ଼ିଲେ
■ନୂଆ ପ୍ରଧାନମନ୍ତ୍ରୀ ବଛାଯିବା ପର୍ଯ୍ୟନ୍ତ କ୍ଷମତାରେ ରହିବେ

ପରେ ଥେରେସା ଦେଶର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ଦୀର୍ଘ ସାଢ଼େ ୩ ବର୍ଷ ଧରି ଉକ୍ତ ଯୋଜନା କାର୍ଯ୍ୟକାରୀ କରିବା ଲାଗି ଉଦ୍ୟମ ଜାରି ରଖିଥିଲେ ମଧ୍ୟ ବିଫଳ ହୋଇଥିଲେ। ଗତ ମାସରେ ସେ ପରାଜୟ ସ୍ୱୀକାର କରିବା ସହ ପ୍ରଧାନମନ୍ତ୍ରୀ ପଦରୁ ଓହରିଯିବେ ବୋଲି କୋହଭରା ଭାଷଣରେ କହିଥିଲେ। କଞ୍ଜରଭେଟିଭ ପାର୍ଟି ନେତା ଦୌଡରେ ଏବେ ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ବୋରିସ୍ ଜନସନଙ୍କ ସମେତ ୧୧ ଜଣ ଏମ୍‌ପି ରହିଛନ୍ତି। ନାମାଙ୍କନ ପତ୍ର ଦାଖଲ ଶେଷଦିନ ସୋମବାର ହୋଇଥିବାବେଳେ ଏହା ପୂର୍ବରୁ କେତେଜଣ ଦୌଡରୁ ଓହରିଯାଇପାରନ୍ତି ବୋଲି ବିଶ୍ୱାସ କରାଯାଉଛି। ଥେରେସାଙ୍କ ଯୋଜନାକୁ ବଞ୍ଚାଇ ରଖିବେ କିମ୍ବା ବ୍ରେକ୍‌ଜିଟକୁ ବିଳମ୍ବିତ କରାଇବେ ଅଥବା ବିନା ରାଜିନାମାରେ ବ୍ରିଟେନର ଘନିଷ୍ଠ ବାଣିଜ୍ୟିକ ସହଯୋଗୀଙ୍କଠାରୁ ସମ୍ପର୍କ ତୁଟାଇବେ, ସେ ନିଷ୍ପତ୍ତି ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ନେବେ।

# ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ: ଯୁବକ ଗିରଫ

ତିହିଡ଼ି, ୭।୬ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ ପାଳିଆବିନ୍ଧା ଅଞ୍ଚଳର ଜଣେ ୮ମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ପାଳିଆ ଜେନାସାହି ଗ୍ରାମର ନିରଞ୍ଜନ ଜେନାଙ୍କୁ ଶୁକ୍ରବାର ଗିରଫ କରିଛି। ଏ ନେଇ ତିହିଡ଼ି ଥାନାରେ ଏକ ମାମଲା(ନଂ.୨୫୨/୧୯) ରୁଜୁ ହୋଇଛି। ପୀଡ଼ିତା ଛାତ୍ରୀ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ପାଳିଆବିନ୍ଧା ଅଞ୍ଚଳର ସଂଖ୍ୟାଲଘୁ ସମ୍ପ୍ରଦାୟର ଏହି ଛାତ୍ରୀ ଗୁରୁବାର ରାତିରେ ନିକଟସ୍ଥ ଏକ ଦୋକାନକୁ ସାମଗ୍ରୀ କିଣିବାକୁ ଯାଇଥିଲେ। ଦୋକାନରୁ ଫେରୁଥିବା ବେଳେ ନିରଞ୍ଜନ ଛାତ୍ରୀଙ୍କ ମୁହଁରେ ହାତ ଚାପି ବଳପୂର୍ବକ ତାଙ୍କୁ ଟେକି ନେଇଥିଲେ। ସେ ଛାତ୍ରୀଙ୍କୁ ଏକ ମନ୍ଦିର ପଛପଟକୁ ନେଇ ତାଙ୍କ ହାତଗୋଡ଼ ବାନ୍ଧି ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଛାତ୍ରୀ ଜଣଙ୍କ ଲୋକଲଜ୍ଜାରେ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ରାତିରେ କହି ନ ଥିଲେ। ଶୁକ୍ରବାର ସକାଳେ ସେ ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ଛାତ୍ରୀଙ୍କ ମା' ଏନେଇ ଥାନାରେ ଅଭିଯୋଗ କରିଛନ୍ତି।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳୀ



ସ୍ୱର୍ଗତା କୃଷ୍ଣା କୁମାରୀ ରଥ
ସ୍ୱାମୀ– ଉମା ଗୁରଣ ରଥ
(Retd. Senior Supt. Jail)
Jyoti nagar 1st lane, Berhampur(GM)
ଆବିର୍ଭାବ: ୨୦।୦୨।୧୯୪୯
ତିରୋଧାନ: ୧୯।୦୬।୨୦୧୮

ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ତୁମର ସ୍ନେହ, କର୍ତ୍ତବ୍ୟ, ପ୍ରେରଣା ଆମ୍ଭମାନଙ୍କର ସବୁବେଳେ ସ୍ମରଣୀୟ ହୋଇ ରହିବ। ଆପଣଙ୍କର ଅମର ଆତ୍ମାକୁ ଶ୍ରୀଜଗନ୍ନାଥ ଶାନ୍ତି ଓ ସଦ୍‌ଗତି ପ୍ରଦାନ କରନ୍ତୁ।

ଶୋକସନ୍ତପ୍ତ:
ପୁଅ: ଶିଶିର, ସଞ୍ଜୀବ, ଝିଅ: କିରଣ, ରଶ୍ମି, ଶର୍ମିଳା, ଜ୍ୱାଇଁ: ଶରତ, ବିଷ୍ଣୁ, ଅଶେଷ, ବୋହୂ, ନାତି– ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।

ଧ–୪୯୨୯୮

### ଗଙ୍ଗା ଶ୍ରାଦ୍ଧ



ସ୍ୱର୍ଗତା ମିନତୀ ମହାପାତ୍ର
ଗ୍ରାମ– ତାଲମାଲ, ଜିଲ୍ଲା– ଝାରସୁଗୁଡ଼ା
ଆବିର୍ଭାବ: ୧୯୧୪
ତିରୋଧାନ: ୨୮।୦୫।୨୦୧୯

ଆପଣଙ୍କ ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା

ଶୋକସନ୍ତପ୍ତ
ପୁତ୍ର– ଲୋଚନ ମହାପାତ୍ର, ସମସ୍ତ ବନ୍ଧୁ ଓ ମହାପାତ୍ର ପରିବାରବର୍ଗ।

ଧ–୧୨୮୮୬

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ମାଗୁଣି ଜେନା
ଭିଏସ୍‌ଏସ୍ ନଗର, ୱାର୍ଡ଼ ନଂ.୯, ବରଗଡ଼
ଆବିର୍ଭାବ: ୨୭।୧୨।୧୯୪୨
ତିରୋଧାନ: ୩୦।୦୫।୨୦୧୯

ତୁମେ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ସ୍ୱର୍ଗାରୋହଣ କଲ। ଆଜି ତୁମର ଦଶାହ ଅବସରରେ ତୁମ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।

ଶୋକସନ୍ତପ୍ତ:
ପୁଅ–ସୁଧି ରଞ୍ଜନ, ସୋମ ଭୂଷଣ, ଶୁଭ୍ରକାନ୍ତ, ଶମ୍ଭୁ ନାରାୟଣ ଓ ପରିବାରବର୍ଗ।

ଧ–୧୨୮୮୫

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଆଁସୀ କନିଆକୁ ଅଣ୍ଟେଇସିଆ ବର**
**ଉଆଁସୀ କନିଆକୁ ଶାହାଡ଼ା ବର ।**

ଉଆଁସ ତିଥିରେ ଜନ୍ମଲାଭ କରିଥିବା କନ୍ୟା ବିବାହ କଲେ ବରର ଆୟୁଷ ଶୀଘ୍ର ପୂରିଯାଏ ବୋଲି ଲୋକଙ୍କ ଏକପ୍ରକାର ଅନ୍ଧବିଶ୍ୱାସ ଘର କରି ରହିଆସିଛି। ଏପରିସ୍ଥଳେ ଉକ୍ତ କନ୍ୟାଟିକୁ ଶାହାଡ଼ା ଗଛ ସହ ବିବାହ କରିଦେଲେ ତା'ର ଦୋଷାଦୋଷ କଟିଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଉଞ୍ଚା ହେଲେ ଝଡ଼ ଦେବ ଉଡ଼ାଇ**
**ନୀଚା ହେଲେ ଛେଳି ଦେବ ଚୋବାଇ ।**

ଝଡ଼ତୋଫାନ ହେଲେ ପ୍ରଥମେ ଡେଙ୍ଗା ଗଛ ଟଳିପଡ଼େ। ଗଛ ଛୋଟ ହୋଇଥିଲେ ଛେଳି ଭଳି ତୃଣଭୋଜୀ ପ୍ରାଣୀ ଖାଇଦେବାରେ ଅସୁବିଧା ରହି ନ ଥାଏ। ପରୋକ୍ଷରେ ବ୍ୟକ୍ତି ନିଜକୁ ଅତି ବଡ଼ ବୋଲି ଦେଖେଇ ହେଲେ ତା'ର ପତନ ସୁନିଶ୍ଚିତ ଘଟିଥାଏ। ତା'ର ସମସ୍ତ ଗର୍ବ ଅଚିରେ ଖର୍ବ ହୋଇଯାଇଥାଏ। ସେହିପରି ନ୍ୟୁନ ହେଲେ ନିଜତ୍ୱ ହରାଇ ବସିବାର ଆଶଙ୍କା ରହିଥାଏ। ଫଳସ୍ୱରୂପ ତା'ଉପରେ ଆଧିପତ୍ୟ ଦେଖାଇବାକୁ ସମୟ ଲାଗି ନ ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# କାଳିଆ ଯୋଜନା: ୩୨୩୪ କୋଟି ଟଙ୍କା ମଞ୍ଜୁର

ଭୁବନେଶ୍ୱର, ୭।୬(ବ୍ୟୁରୋ)

ରାଜ୍ୟ ସରକାର ୨୦୧୯–୨୦ ଆର୍ଥିକ ବର୍ଷ ପାଇଁ କୃଷକ ଆସିଷ୍ଟାନ୍ସ ଫର ଲାଇଭଲିହୁଡ୍ ଆଣ୍ଡ ଇନ୍‌କମ ଅଗ୍‌ମେଣ୍ଟେଶନ (କାଳିଆ) ଯୋଜନା ସକାଶେ ୩,୨୩୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଯୋଜନାରେ ଚଳିତ ବର୍ଷ ଯୋଗ୍ୟ ହିତାଧିକାରୀଙ୍କୁ ୫ ହଜାର ଟଙ୍କା ଲେଖାଏ ଉଭୟ ଖରିଫ ଓ ରବି ଫସଲରେ ଯୋଗାଇ ଦିଆଯିବ। ବର୍ଷକୁ ଜଣେ ଚାଷୀ ପରିବାର ୧୦ ହଜାର ଟଙ୍କାର ସହାୟତା ପାଇପାରିବେ। ଗତ ମେ ୨୯ ତାରିଖରେ ବିଜେଡି ଶାସନର ପଞ୍ଚମ ପାଳିର ପ୍ରଥମ କ୍ୟାବିନେଟ ବୈଠକରେ ୩୨.୩୪ ଲକ୍ଷ ଅତିରିକ୍ତ ଚାଷୀ ପରିବାରଙ୍କୁ କାଳିଆ ଯୋଜନାରେ ସାମିଲ କରାଯାଇଥିଲା। ଏଥିପାଇଁ ଅଧିକ ପାଣ୍ଠିର ଆବଶ୍ୟକତା ରହିଛି। ଏହି ଯୋଜନାରୁ କୌଣସି ଜଣେ ବି ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡିବେ ସେ ନେଇ ନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ଏହି ଯୋଜନାରେ ୪୩ ଲକ୍ଷ ଚାଷୀ ପରିବାରଙ୍କୁ ସାମିଲ କରାଯାଇଥିଲା। ଏ ପର୍ଯ୍ୟନ୍ତ ମୋଟ ୭୫ ଲକ୍ଷ ଚାଷୀ ପରିବାରଙ୍କୁ କାଳିଆ ଯୋଜନାରେ ସାମିଲ କରାଯାଇଛି। ସେଥିରେ ୫୦ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଥିବାବେଳେ ୨୫ ଲକ୍ଷ ଭୂମିହୀନ ଚାଷୀ ପରିବାରଙ୍କୁ ସାମିଲ କରାଯାଇଛି। ଅତିରିକ୍ତ ୩୨.୩୪ ଲକ୍ଷ ଚାଷୀ ପରିବାରଙ୍କ ପାଇଁ ୨୦୧୯–୨୦ ସକାଶେ ୩୨୩୪ କୋଟି ଟଙ୍କାର ଆବଶ୍ୟକତା ରହିଛି। ଏହି ଯୋଜନା ଘୋଷଣା ହେବା ପରେ ରାଜ୍ୟ ସରକାର ଏଥିପାଇଁ ୧୦ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରିଥିଲେ। ଏହି ଯୋଜନାରେ ଅଧିକ ଚାଷୀ ପରିବାରଙ୍କୁ ସାମିଲ କରାଯିବାରୁ ଯୋଜନାର ବ୍ୟୟ ଭାର ୧୩୨୩୪ କୋଟି ଟଙ୍କାରେ ପହଞ୍ଚିଛି।

■ପରିସଂଖ୍ୟାନ କ୍ଷେତ୍ର ସର୍ବେକ୍ଷକଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

# ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

କଟକ ଅଫିସ /ବାରିପଦା ଅଫିସ୍ / ବେତନଟୀ,୭।୬ (ଡି.ଏନ.ଏ)

ମୟୂରଭଞ୍ଜ ଜିଲା ଯୋଜନା ଓ ପର୍ଯ୍ୟାଲୋଚନା ୟୁନିଟ୍‌ର ପରିସଂଖ୍ୟାନ କ୍ଷେତ୍ର ସର୍ବେକ୍ଷକ ସୁମନ୍ତ ସାହୁଙ୍କ ଘରେ ଭିଜିଲାନ୍ସ ଯାଞ୍ଚ କରିଛି। ସାହୁଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ବାରିପଦା ସ୍ୱତନ୍ତ୍ର ଅଦାଲତଙ୍କ ପକ୍ଷରୁ ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ସାହୁଙ୍କ ଘର, ଅଫିସ ସମେତ ୫ଟି ସ୍ଥାନରେ ଏକକାଳୀନ ଯାଞ୍ଚ କରାଯାଇଥିଲା। ଯାଞ୍ଚ ହୋଇଥିବା ସ୍ଥାନଗୁଡ଼ିକ ମଧ୍ୟରେ ସାହୁଙ୍କ ମୟୂରଭଞ୍ଜ ଜିଲା ବେତନଟି ଥାନା ଅଧୀନ ସଠିଲୋ ଗ୍ରାମରେ ଥିବା ଦୁଇ ମହଲା ଓ ୩ ମହଲା କୋଠା, ବଡ଼ସାହି ଥାନା ଅଧୀନ ବରିହାପାଳ ଗ୍ରାମରେ ଥିବା ଘର, ମୋରଡ଼ା ବ୍ଲକଠାରେ ଥିବା କାର୍ଯ୍ୟାଳୟ, ବୈସିଙ୍ଗା ଥାନା ଅଧୀନ ସିଙ୍ଗଲାମୁଣ୍ଡଳି ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘରକୁ ଭିଜିଲାନ୍ସ ଯାଞ୍ଚ କରିଛି। ଉପରୋକ୍ତ ସ୍ଥାନଗୁଡ଼ିକରେ ଯାଞ୍ଚ କରାଯିବା ପରେ ମୋଟ୍ ୧ କୋଟି ୪୬ ଲକ୍ଷ ୬୩ହଜାର ୩୭୭ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଠାବ ହୋଇଥିବା ସମସ୍ତ ସମ୍ପତ୍ତି ସାହୁ ଓ ତାଙ୍କ ପରିବାରବର୍ଗଙ୍କ ଦଖଲରେ ଥିବା ଭିଜିଲାନ୍ସ ସୂଚନା ଦେଇଛି। ସମ୍ପତ୍ତିଗୁଡ଼ିକର ମୂଲ୍ୟ ଅନୁଯାୟୀ ସଠିଲୋଠାରେ ଥିବା ତିନି ମହଲା କୋଠାର ମୂଲ୍ୟ ୭୬ ଲକ୍ଷ ୧୬ହଜାର ୮୪୮ ଟଙ୍କା ଓ ୨ ମହଲା କୋଠାର ମୂଲ୍ୟକୁ ୨୭ ଲକ୍ଷ ୯ହଜାର ୯୯୫ ଟଙ୍କାରେ ହିସାବ କରାଯାଇଛି। ସେହିପରି ବେତନଟୀ ଅଞ୍ଚଳରେ ଥିବା ସାହୁଙ୍କର ମୋଟ୍ ୧୩ଟି ପ୍ଲଟ୍‌ର ମୂଲ୍ୟ ୨୫ ଲକ୍ଷ ୮୪ହଜାର ୧୦୦ ଟଙ୍କା ହେବ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ବିଭିନ୍ନ ବ୍ୟାଙ୍କରେ ସାହୁ ୧ ଲକ୍ଷ ୯୨ହଜାର ୭୪୫ ଟଙ୍କା ଜମା ରଖିଥିବାବେଳେ ଇନ୍‌ସ୍ୟୁରାନ୍ସ ପଲିସି ବାବଦରେ ୮ ଲକ୍ଷ ୩୯ହଜାର ୮୧୮ ଟଙ୍କା ଜମା ରଖିଥିବା ଭିଜିଲାନ୍ସ ଯାଞ୍ଚରୁ ଜଣାପଡ଼ିଛି। ସେହିପରି ତାଙ୍କର ୪୨ହଜାର ଟଙ୍କା ମୂଲ୍ୟର ଗୋଟିଏ ମୋଟରସାଇକେଲ ଥିବାବେଳେ ୨୨ହଜାର ୯୦୦ ଟଙ୍କା ମୂଲ୍ୟର ସୁନାରୂପା ଗହଣା ରହିଛି। ଭିଜିଲାନ୍ସ ଯାଞ୍ଚ ସମୟରେ ସାହୁଙ୍କ ଘରୁ ନଗଦ ୪ ଲକ୍ଷ ୧୫୫ ଟଙ୍କା ଓ ୨ ଲକ୍ଷ ୫୪ହଜାର ୮୧୬ ଟଙ୍କା ମୂଲ୍ୟର ଆସବାବପତ୍ର ଠାବ କରିଛି। ଭଦ୍ରକ ଜିଲା ଭିଜିଲାନ୍ସ ବିଭାଗର ଡିଏସପି ସଞ୍ଜୟ କୁମାର ଦାସମହାପାତ୍ରଙ୍କ ନେତୃତ୍ୱରେ ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ଡିଏସପି ଡିସି ମୁର୍ମୁ, ଇନସପେକ୍ଟର ଏସକେ ସାମନ୍ତରାୟ, ସୁଶୀଲ କୁମାର ଏକ୍କା, ପ୍ରଦୀପ କୁମାର ସାମଲ, ମାନସୀ ଜେନା, ସିବତା ବେହେରା, ଭାଗ୍ୟଲକ୍ଷ୍ମୀ ପୁହାଣ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BASUDHA FINANCE
BASUDHA FINANCE ଦ୍ୱରା ମାର୍କସିଟ୍, ପର୍ସନାଲ ବିଜନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815, 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ବ୍ୟବସାୟ
(ସରକାରୀ ଅନୁମୋଦିତ)
ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ଦ୍ୱାରା
ନିଜର ଖାଲି ଜମି ଛାତ, ପ୍ଲଟ୍, କ୍ଷେତରେ ୪ଜି ଡିଜିଟାଲ ଟାୱାର ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା
୨ ଜଣଙ୍କ ପାଇଁ ୨୫୦୦୦/-ର ସୁବିଧା
ବାଇକ୍ + ବୀମା + ମୋବାଇଲ
(ଇଣ୍ଟରନେଟ୍ ଫ୍ରି) + ହାଇସ୍ପିଡ୍ ନେଟ୍
ଇଣ୍ଡସ୍ ଟାୱାର
ହେଲ୍‌ପଲାଇନ୍ ନମ୍ବର
18001205460
H. No. # 412, Subhash Nagar, Jind, Haryana

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

LOAN
ମହିଳା ମିତ୍ର ସମୂହ ଋଣ
2500 - 5 ଲକ୍ଷ ପର୍ଯ୍ୟନ୍ତ ପାଆନ୍ତୁ ସହଜ ସାପ୍ତାହିକ/ମାସିକ କିସ୍ତିରେ
ରୋଶ୍‌ନୀ - 9119072218
ଶାଲିନୀ - 9084922848
ମୁସ୍କାନ - 9119093228
ଦିବ୍ୟା - 9084869022
ରିତୁ - 8868967322
M/S SARATHI ENTERPRISES
Ashok Nagar, East Delhi, Delhi - 110096

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

ASTROLOGY ASTROLOGY

TO LET TO LET

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

All INDIA FINANCIAL SERVICES
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-95 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09499108259
PETUMALI, JHARMUNDA, PETUPALI, BARGARH, ODISHA - 968034

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା ।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

AVAILABLE FOR RENT / LEASE
3 Storied Newly built commercial Building ( 6000 Sq.ft. Each ) ready for possession, Suitable for OFFICE, SHOWROOM, GODOWN, INSTITUTION Adjacent to NH - 16 at Manguli Square, Cuttack, Odisha Interested Party may Contact
Tel: 9937421865 / 8917293309
Mail: mohanty9437@hotmail.com

WISE INVESTMENT
Value Your Money Safely
A Bhubaneswar Based company is looking forward for good investors (MORE THAN ONE CRORE) to invest on land properties within the territory of Odisha.
SSP PVT. LTD.
A/88, Sahid Nagar, Bhubaneswar
6372858860
Email : landbank.19@gmail.com

DHARITRI Career appointment Every Wednesday and Saturday


## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।
- ଜେମ୍ସ କୁକ୍



■ ଅସହ୍ୟ ହେଲା ନିର୍ଯାତନା

# ମଦ୍ୟପ ବାପାଙ୍କୁ ହତ୍ୟା କଲା ପୁଅ

ବୌଦ୍ଧ,୭।୬(ସ୍ୱ.ପ୍ର)

ବୌଦ୍ଧ ଥାନା ଅନ୍ତର୍ଗତ ସରଣ୍ଡା ଗ୍ରାମରେ ଗୁରୁବାର ଏକ ହତ୍ୟା ଘଟଣା ଘଟିଛି। ମଦ୍ୟପ ବାପାଙ୍କ ନିର୍ଯାତନା ଅସହ୍ୟ ହେବାରୁ ପୁଅ ତାଙ୍କୁ ହତ୍ୟା କରିଛି । ମୃତକ ହେଲେ ସଦାଶିବ ପାତ୍ର(୪୩)। ପୋଲିସ ହତ୍ୟାକାରୀ ପୁଅ ଆଶିଷଙ୍କୁ ଗିରଫ କରିଛି । ହତ୍ୟାକାଣ୍ଡରେ ବ୍ୟବହୃତ ଲୁହାଛଡ ଓ ଛୁରିକୁ ପୋଲିସ ଜବତ କରିଛି। ଏ ନେଇ ବୌଦ୍ଧ ଥାନାରେ ଏକ ମାମଲା (ନଂ.୧୩୦/୧୯) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ପୋଲିସ ସୂଚନା ଅନୁସାରେ, ସରଣ୍ଡା ଗ୍ରାମର ସଦାଶିବ ସବୁଦିନ ମଦପିଇ ଘର ଲୋକଙ୍କ ସହିତ ଗଣ୍ଡଗୋଳ କରିବା ସହ ମାରପିଟ କରିଆସୁଥିଲେ। ଗତ ଗୁରୁବାର ସକାଳେ ସଦାଶିବ ମଦ ପିଇ ଘରେ ପହଞ୍ଚି ଥିଲେ । କୌଣସି କାରଣ ନ ଥାଇ ସେ ନିଜ ବୁଢୀ ମା (୮୦ ବର୍ଷ)ଙ୍କୁ ମାରପିଟ କରିଥିଲେ। ଆଶିଷ ଏହାକୁ ବିରୋଧ କରିବା ସହ ଅସନ୍ତୋଷ ପ୍ରକାଶ କରିଥିଲେ । ରାତି ପ୍ରାୟ ୧୦ଟାରେ ସଦାଶିବ ପୁଣି ଥରେ ନିଶାସକ୍ତ ଅବସ୍ଥାରେ ଘରକୁ ଫେରିଥିଲେ। ସେ ଏକ ଲୁହାଛଡ ଧରି ସ୍ତ୍ରୀ ଦଶବନ୍ତୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେବା ସହିତ ମାରପିଟ୍ କରିଥିଲେ । ମା'ଙ୍କୁ ବାପା ଆକ୍ରମଣ କରୁଥିବା ଦେଖି ପୁଅ ଆଶିଷ ଉତ୍ତ୍ୟକ୍ତ ହୋଇ ଉଠିଥିଲେ। ସେ ସଦାଶବଙ୍କ ହାତରୁ ଲୁହାଛଡ ଛଡାଇ ନେଇ ତାଙ୍କ ପେଟକୁ ଦୁଇଥର ଭୂଷି ଦେଇଥିଲେ । ସଦାଶିବ ତଳେ ପଡି ଛଟପଟ ହେଉଥିବାବେଳେ ଆଶିଷ ଘରୁ ଏକ ଛୁରି ଆଣି ତାଙ୍କ ଗଳାକୁ କାଟି ଦେଇଥିଲେ । ମା' ଦଶବନ୍ତୀ ପୁଅ ହାତରୁ ଛୁରି ଛଡାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ସେଥିରେ ବିଫଳ ହୋଇଥିଲେ । ଫଳରେ ଘଟଣାସ୍ଥଳରେ ସଦାଶିବଙ୍କ ମୃତ୍ୟୁ ଘଟିଥିଲେ । ଆଶିଷ ଏ ସମ୍ପର୍କରେ ଫୋନ ଯୋଗେ ବୌଦ୍ଧ ଥାନାକୁ ଜଣାଇଥିଲେ । ସୂଚନା ପାଇ ପୋଲିସ ତୁରନ୍ତ ସରଣ୍ଡା ଗ୍ରାମରେ ପହଞ୍ଚି ସଦାଶିବଙ୍କ ମୃତଦେହ ଘରେ ପଡିଥିବା ଦେଖିବାକୁ ପାଇଥିଲା । ପରେ ପୋଲିସ ଆଶିଷଙ୍କୁ ଥାନାକୁ ଆଣି ପଚରାଉଚୁରା କରିବାରେ ସେ ନିଜ ବାପାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିବା ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁର ପ୍ରକାଶ କରିଛନ୍ତି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

## ଆଜି କ'ଣ କେଉଁଠି

ରାଉରକେଲା

- ଅଖିଳ ଭାରତୀୟ କବି ସମ୍ମିଳନୀ, ସେକ୍ଟର-୫ ଭଞ୍ଜଭବନ ଅଡିଟୋରିୟମ, ସନ୍ଧ୍ୟା ୬ଟା।

ସମ୍ବଲପୁର

- ଶୀତଳଷଷ୍ଠୀ ଶୀର୍ଷକ ସାହିତ୍ୟ ଆସର, ସ୍ଥାନ- ପାନ୍ଥ ନିବାସ ସମ୍ମିଳନୀ କକ୍ଷ, ସମୟ- ସନ୍ଧ୍ୟା ସାଢ଼େ ୬ଟା।
- ବମ୍ ବରାଡ ବାଲୁଙ୍କେଶ୍ୱର ବାବାଙ୍କ ନଗରପରିକ୍ରମା, ସ୍ଥାନ- ନନ୍ଦପଡା, ସମୟ- ରାତି ୧୨ଟା।
- ଲୋକନାଥ ବାବାଙ୍କ ନଗର ପରିକ୍ରମା, ସ୍ଥାନ- ଝାଡୁଆପଡା, ସମୟ- ରାତି ୧୧ଟା।
- ଜାଗେଶ୍ୱର ବାବାଙ୍କ ନଗର ପରିକ୍ରମା, ସ୍ଥାନ- ମୁଦିପଡା, ସମୟ- ରାତି ସାଢ଼େ ୧୧ଟା।
- ଶୀତଳେଶ୍ୱର ବାବାଙ୍କ ନଗର ପରିକ୍ରମା, ସ୍ଥାନ- ସମଲେଇ ମନ୍ଦିର ଛକ, ସମୟ- ରାତି ସାଢ଼େ ୧୦ଟା।
- ଗୁପ୍ତେଶ୍ୱର ବାବାଙ୍କ ନଗର ପରିକ୍ରମା, ସ୍ଥାନ- ଅଇଁଠାପାଲି ଛକ, ସମୟ- ରାତି ସାଢ଼େ ୧୦ଟା।
- ତାରକେଶ୍ୱର ବାବାଙ୍କ ମନ୍ଦିର ପ୍ରବେଶ, ସ୍ଥାନ- ସିନ୍ଦୁରପଙ୍କ, ସମୟ- ସନ୍ଧ୍ୟା ୫ଟା।
- ମାନଧାତା ବାବାଙ୍କ ନଗରପରିକ୍ରମା ଓ ମନ୍ଦିର ପ୍ରବେଶ, ସ୍ଥାନ- ମାନେଶ୍ୱର ଛକ, ସମୟ- ଅପରାହ୍ନ ୪ଟା।
- ରେଢ଼ାଖୋଲ ବିଧାୟକଙ୍କୁ ସମ୍ବର୍ଦ୍ଧନା ଓ ବାଇକ ରାଲି, ସ୍ଥାନ- ଧନୁପାଲି ଛକଠାରୁ ସମଲେଇ ମନ୍ଦିର ପର୍ଯ୍ୟ, ସମୟ- ସନ୍ଧ୍ୟା ୬ଟା।

# ବିଜେପୁରରେ ଫାଙ୍କା ଗୁଳିଚାଳନା

ବିଜେପୁର,୭।୬(ଡି.ଏନ.ଏ)



■ ୩ ଯୁବକଙ୍କୁ ପୋଲିସ ଜିମା ଦେଲେ ଗ୍ରାମବାସୀ
■ ରାହାଜାନି ଉଦ୍ଦେଶ୍ୟରେ ଆସିଥିଲେ

ବରଗଡ଼ ଜିଲା ବିଜେପୁର ଥାନା ଅନ୍ତର୍ଗତ ଲାଉମୁଣ୍ଡା ଗ୍ରାମରେ ୩ ଜଣ ଯୁବକ ଫାଙ୍କା ଗୁଳିଚାଳନା କରିଛନ୍ତି । ଗ୍ରାମବାସୀ ସମ୍ପୃକ୍ତ ଯୁବକଙ୍କୁ କାବୁ କରି ପୋଲିସ ଜିମା ଦେବା ପରେ ପୋଲିସ ସମସ୍ତ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବରପାଲି ଥାନା ଅଧୀନ ଓଡିଆପଡାର ରାଧେଶ୍ୟାମ ରଣା(୨୦), କଦଳୀପାଲି ଗ୍ରାମର ଅନୀଲ ଦୀପ(୧୯) ଏବଂ ଭଟଲି ଥାନା ଅଧୀନ ବସ୍‌ଷ୍ଟାଣ୍ଡ ପଡାର ରାହୁଲ ଜାନୀ(୧୮) । ସେମାନଙ୍କ ନିକଟରୁ ଗୋଟିଏ ମାଉଜର ଏବଂ ଏକ ବ୍ୟବହୃତ ସ୍କୁଟି (ନଂ.ଓଡ଼ି୧୭ଜି/୨୨୧୮) ଜବତ ହୋଇଛି । ଏ ନେଇ ବିଜେପୁର ଥାନାରେ ଏକ ମାମଲା (ନଂ.୧୦୫/୧୯) ରୁଜୁ ହୋଇଛି । ସର୍ବସମ୍ମୁଖରେ ଅଭିଯୁକ୍ତମାନଙ୍କୁ ଜେରା କରାଇବାକୁ ଦାବି କରି ଲାଉମୁଣ୍ଡା ପେଟ୍ରୋଲ ପମ୍ପ ନିକଟରେ ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଉତ୍ତେଜନାକୁ ଦୃଷ୍ଟିରେ ରଖି ପୋଲିସ ଅଭିଯୁକ୍ତମାନଙ୍କୁ ନିଜ ଭ୍ୟାନରେ ବସାଇ ବିଜେପୁର ଥାନାକୁ ନେଇ ଯାଇଥିଲା। ଏହାପରେ ପଦ୍ମପୁର ଏସ୍‌ଡ଼ିପିଓ ପ୍ରଦୀପ କୁମାର ସାହୁଙ୍କୁ ଉତ୍ତ୍ୟକ୍ତ ଲୋକେ ଘେରାଉ କରିଥିଲେ । ସୂଚନା ଅନୁସାରେ, ବିଜେପୁର ଥାନା ଟାଙ୍ଗରୁପଦର ଗ୍ରାମର ନିରଞ୍ଜନ ଡନସନା(୨୧) ବାଇକ୍ (ନଂ.ଓଡ଼ି୩୧/୨୪୨୬) ଯୋଗେ ଲାଉମୁଣ୍ଡାରୁ ଏକ ଘରୋଇ ବସ୍‌ର ପିଛା କରୁଥିଲେ । ଏହି ସମୟରେ ସାତବନ୍ଧ ନିକଟସ୍ଥ ନିଛାଟିଆ ରାସ୍ତାରେ ଅଭିଯୁକ୍ତମାନେ ନିରଞ୍ଜନଙ୍କୁ ଓଭରଟେକ୍ କରିଥିଲେ । ଏହାକୁ ନେଇ ନିରଞ୍ଜନଙ୍କ ସହିତ ସେମାନଙ୍କ ଯୁକ୍ତିତର୍କ ହୋଇଥିଲା ଏବଂ ଅଭିଯୁକ୍ତମାନେ ନିରଞ୍ଜନଙ୍କଠାରୁ ୫୦୦ ଟଙ୍କା ଲୁଟି ନେଇଥିଲେ ଏବଂ ଲାଉମୁଣ୍ଡା ଗ୍ରାମକୁ ଚାଲି ଯାଇଥିଲେ । ଅଭିଯୁକ୍ତମାନେ ଲାଉମୁଣ୍ଡାରେ ପହଞ୍ଚିବା ପରେ ଗ୍ରାମର ମାଳିପଡ଼ାସ୍ଥିତ ହନୁମାନ ମନ୍ଦିର ପାର୍ଶ୍ୱରେ ଗୋଟିଏ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିଥିଲେ ଏବଂ ସ୍ଥାନୀୟ ପେଟ୍ରୋଲ ପମ୍ପ ନିକଟକୁ ଆସିଥିଲେ। ସେଠାରେ ସେମାନେ ଆଣିଥିବା ବାଇକରେ ତେଲ ପକାଇ ପେଟ୍ରୋଲ ପମ୍ପ ନିକଟ ପାନ ଦୋକାନରେ ଛିଡ଼ା ହୋଇଥିଲେ । ଲାଉମୁଣ୍ଡାର କେତେଜଣ ଯୁବକ ସେଠାକୁ ଯାଇ ସେମାନଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚୁରା କରିଛି । ଜେରାବେଳେ ଅଭିଯୁକ୍ତମାନେ ରାହାଜାନି ଉଦ୍ଦେଶ୍ୟରେ ଉକ୍ତ ଗ୍ରାମକୁ ଆସିଥିବା କହିଛନ୍ତି ।

# ୨୪ ଘଣ୍ଟା ମଧ୍ୟରେ କେରଳ ଛୁଇଁବ ମୌସୁମୀ

ଭୁବନେଶ୍ୱର, ୭।୬(ବ୍ୟୁରୋ)

**ଉପକୂଳରେ ପ୍ରବଳ ବର୍ଷା ସମ୍ଭାବନା**

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗମନ ଅନିଶ୍ଚିତତା ଦେଇ ଗତି କରୁଛି। ସ୍ୱାଭାବିକ ଭାବେ ମୌସୁମୀ ଓଡିଶାକୁ ଜୁନ୍ ୧୦ ତାରିଖ ସୁଦ୍ଧା ପ୍ରବେଶ କରିଥାଏ। ତେବେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ମୌସୁମୀ କେବେ ସୁଦ୍ଧା ପ୍ରବେଶ କରିବ ସେ ନେଇ ଏବେ ବି ଚିତ୍ର ଅସ୍ପଷ୍ଟ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୌସୁମୀ କେରଳ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆରବ ସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ମୌସୁମୀ ପାଇଁ ପାଗ ଅନୁକୂଳ ରହିଛି। ଜୁନ୍ ୮ କିମ୍ବା ୯ ତାରିଖରେ ଏହା କେରଳ ଛୁଇଁବ। ଆସନ୍ତା ୧୭ କିମ୍ବା ୧୮ ତାରିଖରେ ମୌସୁମୀ ଦକ୍ଷିଣ ପଟୁ ଓଡିଶାକୁ ପ୍ରବେଶ କରିବ ବୋଲି ପୂର୍ବାନୁମାନ କରାଯାଇଛି। ରାଜ୍ୟରେ ପାଗ ଶୁଖିଲା ରହିଛି। ଆକାଶ ମେଘାଚ୍ଛନ୍ନ ରହିଛି। ବାୟୁମଣ୍ଡଳର ଉପରି ଭାଗରେ ଏକ ଆଣ୍ଟି ସାଇକ୍ଲୋନିକ ସର୍କୁଲେଶନ ରହିଛି। ଏଥିଯୋଗୁ ମେଘଖଣ୍ଡ ଆକାଶରେ ରହିଥିଲେ ମଧ ବର୍ଷା ହେଉନାହିଁ। ଆସନ୍ତା ତିନିଦିନ ଯାଏ ରାଜ୍ୟରେ ପାଗ ଏଭଳି ରହିବ। ୧୦ ତାରିଖରୁ ପୁଣି ତାତି ବଢ଼ିବ। ୧୪ ତାରିଖ ଯାଏ ତାତିର ପ୍ରକୋପ ରହିବ। ଶୁକ୍ରବାର ସୋନପୁର ବ୍ୟତୀତ ରାଜ୍ୟର ସମସ୍ତ ଭାଗରେ ପାରଦ ୪୦ ଡିଗ୍ରୀ ସେଲସିୟସ ତଳେ ରହିଛି। ସୋନପୁରରେ ପାରଦ ୪୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଜିଲା ସମେତ ମାଲକାନଗିରି, ମୟୂରଭଞ୍ଜ, କୋରାପୁଟ, ରାୟଗଡା, କନ୍ଧମାଳ, କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, କଳାହାଣ୍ଡି, ଅନୁଗୋଳ, ନବରଙ୍ଗପୁର, ବଲାଙ୍ଗୀର ଏବଂ ବୌଦ୍ଧ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ସହ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଉପକୂଳ ଜିଲାର କେତେକ ସ୍ଥାନରେ ଏବଂ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଚେତାବନୀ ଦିଆଯାଇଛି। ଶନିବାର ଠାରୁ ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଜୋରଦାର ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

# ଜନ୍ମଦିନ ହେଲା ମୃତ୍ୟୁ ଦିନ

ରାଉରକେଲା ଅଫିସ,୭।୬

■ ଦେହରେ ନିଆଁ ଲଗାଇ ନାବାଳିକାଙ୍କ ଆତ୍ମହତ୍ୟା
■ ପ୍ରେମ ପ୍ରତାରଣାରୁ ଆତ୍ମହତ୍ୟା ଅଭିଯୋଗ
■ ଥାନା ଘେରାଉ

ନିଜ ଜନ୍ମ ଦିନରେ ବନ୍ଧମୁଣ୍ଡା ବୋଗଦା ବସ୍ତିରେ ରହୁଥିବା ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ଗୁରୁବାର ସକାଳେ ନାବାଳିକା ଜଣକ ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୯/୨୦୧୯) ରୁଜୁ କରି ତଦନ୍ତ କରୁଛି। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏହି ନାବାଳିକାଙ୍କ ସହ ସମ୍ପୃକ୍ତ ଅଞ୍ଚଳର ଜଣେ ବିବାହିତ ଯୁବକଙ୍କ ପ୍ରେମସମ୍ପର୍କ ଥିଲା। ନାବାଳିକାଙ୍କୁ ଯୁବକ ଜଣକ ଅବିବାହିତ ବୋଲି କହି ପ୍ରେମ ଜାଲରେ ଫସାଇଥିଲେ। ପରେ ତାଙ୍କୁ ଅଣଦେଖା କରିବା ସହ ବିଭିନ୍ନ ଉପାୟରେ ବ୍ଲାକମେଲ୍ କରୁଥିଲେ। ନାବାଳିକାଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଓ ସମ୍ପର୍କୀୟ ବସ୍ତିବାସିନ୍ଦାଙ୍କୁ ନେଇ ଥାନା ଘେରାଉ କରିଥିଲେ। ସମ୍ପୃକ୍ତ ଯୁବକଙ୍କ ବିରୋଧରେ ସେମାନେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଥାନା ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ମହାନଦୀ କୂଳରୁ ହାତୀ ଶାବକ ମୃତଦେହ ଉଦ୍ଧାର

ଲଖନପୁର,୭।୬(ଡି.ଏନ୍.ଏ.)



ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବାଦିମାଲ ପଞ୍ଚାୟତ କୁଶମେଲ୍ ଗ୍ରାମ ନିକଟ ମହାନଦୀ କୂଳରୁ ଶୁକ୍ରବାର ବନ ବିଭାଗ ଏକ ହାତୀ ଶାବକର ମୃତଦେହ ଉଦ୍ଧାର କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ସେଠାରେ ପୋତି ଦିଆଯାଇଛି। ନଦୀକୂଳରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ଡିଏଫ୍‌ଓ ସୁଶାନ୍ତ କୁମାର, ଏସିଏଫ୍ ପି.କେ. ଧଳ, ରେଞ୍ଜର ସୁବାସ ମହାପାତ୍ର, ଫରେଷ୍ଟର କନ୍ଦର୍ପ ସାହୁ, ଭାଗୀରଥି ପ୍ରଧାନ, ଏସ୍.କେ. ଖମାରୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ପ୍ରାଣୀ ଚିକିତ୍ସକ ଡା. ଅଜୟ ପ୍ରଧାନ ମୃତଦେହ ବ୍ୟବଚ୍ଛେଦ କରିଥିଲେ। ମୃତଦେହଟି ମାସକର ଅଣ୍ଡିରା ହାତୀ ଶାବକର ବୋଲି ଜଣାପଡ଼ିଛି। ଜଙ୍ଗଲ ବିଭାଗ ଅଧିକାରୀଙ୍କ କହିବା ଅନୁଯାୟୀ ୩ ଦିନ ହେଲା ଏକ ହାତୀପଲ ବରଗଡ଼ ଜିଲା ବାରପାହାଡ଼ ଅଞ୍ଚଳରୁ ମହାନଦୀ ପାର୍ ହୋଇ ଲଖନପୁର ଅଞ୍ଚଳକୁ ଚାଲିଆସିଛନ୍ତି। ହାତୀପଲ ନଦୀ ପାର୍ ହେବାବେଳେ କୌଣସି କାରଣରୁ ଶାବକର ମୃତ୍ୟୁ ହୋଇଥାଇପାରେ କିମ୍ବା ମହାନଦୀର ଉପର ମୁଣ୍ଡରୁ ଭାସି ଆସିଥାଇପାରେ ବୋଲି ଜଙ୍ଗଲ ବିଭାଗ ଅନୁମାନ କରୁଛି। ମୃତଦେହ ପୋତିବାରେ ଲଖନପୁର ବ୍ଲକ ଯୁବସଂଗଠନର ସଦସ୍ୟ କୁନ୍ଦନ ସିଂଦେଓ, ଦୁର୍ବାଦଳ ଭୋଇ, ଜଗନ୍ନାଥ ପ୍ରଧାନ, ଦୁର୍ଗେଶ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ପର୍ଯ୍ୟଟନ ବାହାନାରେ ବେପାରୀଙ୍କୁ ଜମି ଦିଆଯାଉଛି

ଭୁବନେଶ୍ୱର,୭।୬(ବ୍ୟୁରୋ)

■ ଅଫିସରଙ୍କୁ ଶ୍ରୀକାନ୍ତଙ୍କ ଟାର୍ଗେଟ
■ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଲେ ଚିଠି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ବେପାରୀମାନଙ୍କ ପାଇଁ ତତ୍ପରତା ପ୍ରକାଶ କରିଛନ୍ତି । ପର୍ଯ୍ୟଟନ ଶିଳ୍ପ ବାହାନାରେ କେତେଜଣ ବଡ ହୋଟେଲ ମାଲିକ ଏବଂ ସୁନା ବେପାରୀଙ୍କୁ ବହୁମୂଲ୍ୟ ସରକାରୀ ଜମି ଟେକି ଦିଆଯାଇଥିବା ଅଭିଯୋଗ କରିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା। ସାମୁଦ୍ରିକ ଝଡ ଫନୀ ଦ୍ୱାରା ବହୁଳ ପ୍ରଭାବିତ ହୋଇଥିବା ପୁରୀ, ବ୍ରହ୍ମଗିରି ଅଞ୍ଚଳର ଭିତ୍ତିଭୂମି ସଜାଡିବା କିମ୍ବା ସ୍ଥାନୀୟ ଜନସାଧାରଣଙ୍କ ଆର୍ଥିକ ବିକାଶକୁ ଅଣଦେଖା କରି ରାଜ୍ୟ ସରକାର ବେପାରୀ ପ୍ରେମ ପ୍ରଦର୍ଶନ କରୁଛନ୍ତି। ରାଜ୍ୟର ୫ରୁ ୬ ଜଣ ଆଇଏଏସ୍ ଅଧିକାରୀ ଦାୟିତ୍ୱହୀନ ଭାବେ ଏପରି ନୀତିଗତ ନିଷ୍ପତ୍ତି ନେଉଥିବା ଶ୍ରୀକାନ୍ତ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ୪୨ ଏକର ସରକାରୀ ଜମି ହସ୍ତାନ୍ତର ପ୍ରକ୍ରିୟାକୁ ବାତିଲ କରିବା ପାଇଁ ଅନୁରୋଧ କରିଛନ୍ତି। ଚିଠି ମାଧ୍ୟମରେ ଶ୍ରୀକାନ୍ତ କହିଛନ୍ତି, ସରକାର ଯେଉଁଠି ଗଲ୍ଫ କୋର୍ଟ କରିବା କଥା ଚିନ୍ତା କରୁଛନ୍ତି, ସେଠାରେ ବହୁମୁଖୀ ତାଲିମ କେନ୍ଦ୍ର ପ୍ରତିଷ୍ଠା କରିବା ଉଚିତ। ବିଶେଷ କରି ସାତପଡା ଏବଂ ତ୍ରିଶୁଳିଆ ଅଞ୍ଚଳରେ ଏହା ହେଲେ ଭଲ। ଜନସାଧାରଣଙ୍କୁ ବିଦ୍ୟୁତ ସଂଯୋଗ ଦେବା ପାଇଁ ଆନ୍ଧ୍ର ପ୍ରଦେଶ ଓ ତାମିଲନାଡୁ କାରିଗରଙ୍କ ଉପରେ ନିର୍ଭର କରା ନ ଯାଉ। ରାଜ୍ୟ ସରକାର ନିଜସ୍ୱ କୁଶଳୀ ଶ୍ରମଶକ୍ତି ସୃଷ୍ଟି କରନ୍ତୁ। ଫନୀ କ୍ଷତିଗ୍ରସ୍ତଙ୍କ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ବଦଳରେ ଅଫିସରମାନେ ବ୍ୟବସାୟୀଙ୍କୁ ଜମି ଟେକି ଦେବା ପାଇଁ ବ୍ୟଗ୍ର। ଲୋକଙ୍କ ନୀରବତାକୁ ତାଙ୍କର ଦୁର୍ବଳତା ବୋଲି ଭାବିବା ଠିକ୍ ନୁହେଁ ବୋଲି ଶ୍ରୀକାନ୍ତ କହିଛନ୍ତି। ପର୍ଯ୍ୟଟନ ପୁରୀର ଆତ୍ମା, ତାହାର ଭିତ୍ତିଭୂମି ଉଦ୍ଧାର କରିବା ପାଇଁ କାହାର ଚିନ୍ତା ନାହିଁ। ପର୍ଯ୍ୟଟନ ଏବଂ ମନ୍ଦିର ସଂସ୍କୃତିକୁ ଭିତ୍ତିକରି ହଜାର ହଜାର ଜନସାଧାରଣ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଫନୀରେ ସେମାନଙ୍କର କ୍ଷୟକ୍ଷତି ଭରଣା କରିବା କଥା ରାଜ୍ୟ ସରକାର ଚିନ୍ତା କରନ୍ତୁ ବୋଲି ସେ କହିଛନ୍ତି। ଅଧିକାଂଶ ମନ୍ତ୍ରୀ ଏ ପ୍ରକାର ଜମି ହସ୍ତାନ୍ତର ନେଇ ହୋଇଥିବା ନୀତିଗତ ନିଷ୍ପତ୍ତି ସମ୍ପର୍କରେ ଅନଭିଜ୍ଞ ଥିବା ମନେ ହୁଏ। ତେଣୁ ସରକାର ଲୋକଙ୍କ ମୌଳିକ ସୁବିଧା ପ୍ରତି ଦୃଷ୍ଟି ଦିଅନ୍ତୁ, ବ୍ୟବସାୟୀଙ୍କ ସ୍ୱାର୍ଥ ପ୍ରତି ନୁହେଁ ବୋଲି ଶ୍ରୀକାନ୍ତ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର


ନିରାକାର


ମନୋଜ


ଖଗେଶ୍ୱର


ସଙ୍କଳ୍ପ


ଲମ୍ବୋଦର


ତପନ

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ**
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)



 କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ୍ୟ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।
- ଜେମ୍ସ କୁକ୍

## ସଂକ୍ଷେପରେ

### ନିଟ୍ ପରୀକ୍ଷାରେ ବାମରାର ଜୟପ୍ରକାଶ ନାଏକ ଉତ୍ତୀର୍ଣ୍ଣ



**ବାମରା, ୭।୬ (ସ୍ୱ.ପ୍ର.):** ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା (ନିଟ୍)-୨୦୧୯ରେ ସମ୍ବଲପୁର ଜିଲା ବାମରାର ଜୟପ୍ରକାଶ ନାଏକ ୪୩୦୬ ର୍ୟାଙ୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଖବର ଜାଣିବା ପରେ ବାମରା ଅଞ୍ଚଳ ତଥା ତାଙ୍କ ପରିବାର ବର୍ଗଙ୍କ ମଧ୍ୟରେ ଖୁସିର ବାତାବରଣ ଦେଖିବାକୁ ମିଳିଛି । ବାମରା ବ୍ଲକ ଛକ ରୋଡ ନିବାସୀ ପରେଶ ଚନ୍ଦ୍ର ନାଏକ ଓ ଯଶୋଦା ନାଏକଙ୍କ ବଡ ପୁଅ ଜୟପ୍ରକାଶ ବାମରା ସନରାଇଜ ସ୍ୱୋସାଲ ଏକାଡେମୀରୁ ମ୍ୟାଟ୍ରିକ ପରେ ରାଉରକେଲା ଦୀପିକା ବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନ ପଢ଼ିଥିଲେ। ବାମରା ହସ୍ପିଟାଲ ଛକଠାରେ ତାଙ୍କ ବାପାଙ୍କ ଏକ ରକ୍ତ ପରୀକ୍ଷା କେନ୍ଦ୍ର ରହିଛି। ସେହି ବାଟ ଦେଇ ଯାଆସ କରୁଥିବା ଡାକ୍ତରମାନଙ୍କୁ ଦେଖି ପରେଶ ଡାକ୍ତର ହେବାକୁ ନିଶ୍ଚିତ କରିଥିଲେ। ଏହାପରେ ରାୟପୁରର ଆକାଶ ଇନଷ୍ଟିଚ୍ୟୁଟରେ ସେ କୋଚିଂ ନେବା ଆରମ୍ଭ କରିଥିଲେ । ଦିନକୁ ୧୦ରୁ ୧୨ ଘଣ୍ଟା ଧରି କଠିନ ପରିଶ୍ରମ କରୁଥିଲେ। ପରେଶଙ୍କ ମା' ଯଶୋଦା ଜଣେ ଗୃହିଣୀ। ଏଥିସହ ଯଶୋଦା ଘରେ ଏକ କସମେଟିକ ଦୋକାନ କରିଛନ୍ତି।

### ମଦ କାରବାରରେ ଜଣେ ଗିରଫ

**ସମ୍ବଲପୁର,୭।୬(ବ୍ୟୁରୋ):** ସମ୍ବଲପୁର କ୍ଷେତରାଜପୁର ଥାନା ପୋଲିସ ବିଦେଶୀ ମଦ ଜବତ କରିଛି । ଏହି ମାମଲାରେ ଅଭିଯୁକ୍ତ ଚମନ ମେହେରଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୪୩/୧୯) ରୁଜୁ ହୋଇଛି। ଚମନଙ୍କଠାରୁ ୧୬୪ ବୋତଲ ମଦ ସହ ୭୩୦ ଟଙ୍କା ଜବତ ହୋଇଛି।

### ବଡ଼ରମା ବନବିଭାଗ ପକ୍ଷରୁ 'ସାତୋୟାମା' କାର୍ଯ୍ୟକ୍ରମ

**ଜମନକିରା,୭।୬(ଡି.ଏନ୍.ଏ.):** ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ବାମରା ବନ୍ୟପ୍ରାଣୀ ବନାଞ୍ଚଳ ବନଖଣ୍ଡ ଅଧୀନ ବଡ଼ରମା ବନାଞ୍ଚଳର ନୁନଭେଟ ଗାଁରେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଓଡ଼ିଶା ବନ୍ୟ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ ଯୋଜନାର ସାତୋୟାମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଏକ ସଚେତନା ସଭା କରାଯାଇଥିଲା। ରେଞ୍ଜର ନୀଳାଦ୍ରୀନାଥ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ସରୋଜ ପଟ୍ଟନାୟକ, ଶିବନାରାୟଣ ମହାପାତ୍ର, ଛାୟାକାନ୍ତ ମିଶ୍ର, ବାମରା ବନ୍ୟପ୍ରାଣୀ ବନାଞ୍ଚଳ ଏସିସିଏଫ୍ ରାଜେନ୍ଦ୍ର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଜଙ୍ଗଲ ସମ୍ପଦ ଉପରେ ନିର୍ଭରଶୀଳ ନ ହୋଇ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ଲୋକଙ୍କୁ ବୁଝା ଯାଇଥିଲା। ଉଜ୍ଜ୍ୱଳା ନାମକ ଏକ ଧାନକୁ ବିନା ରସାୟନ ସାରରେ କିପରି ଅଧିକ ଅମଳକ୍ଷମ କରାଯାଇ ପାରିବ ସେ ନେଇ ଲୋକଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରାଯାଇଥିଲା। ଏଥିସହ ଗ୍ରାମାଞ୍ଚଳର ମହିଳାମାନଙ୍କ ପାଇଁ କମ୍ ଜାଳେଣୀରେ ରୋଷେଇ ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ୭୭ଟି ଚୁଲ୍ଲା ପ୍ରଦାନ କରାଯାଇଥିଲା।

## ମହାଦେବଙ୍କ ବରାତି ଶୋଭାଯାତ୍ରାରେ ନୃତ୍ୟ ଗୀତର ଝଲକ







■ ନିଖୋଜର ୫ ଦିନ ପରେ ବି ମିଳିନି ଏଏନ୍-୩୨ର ପତ୍ତା

# ବିମାନରେ ଥିଲେ ଓଡ଼ିଆ ପାଇଲଟ୍ ସୁନୀତ୍

**ବ୍ରହ୍ମପୁର ଅଫିସ୍,୭।୬**



ସୁନୀତ୍ ମହାନ୍ତି

ଭାରତୀୟ ବାୟୁସେନା (ଆଇଏଏଫ୍) ବିମାନ ନିଖୋଜ ହେବାର ୫ ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହାର ପତ୍ତା ମିଳିନାହିଁ। ଉକ୍ତ ବିମାନରେ ଅନ୍ୟମାନଙ୍କ ମଧ୍ୟରେ ଓଡିଆ ପାଇଲଟ ସୁନୀତ୍ ମହାନ୍ତି ଥିଲେ। ଆଇଏଏଫ୍‌ର ଏଏନ୍-୩୨ ବିମାନ ସୋମବାର ଆସାମ ଜୋରହାଟରୁ ବାହାରି ଅରୁଣାଚଳ ପ୍ରଦେଶ ମେଚୁକା ଯାଉଥିବାବେଳେ ଅପରାହ୍ନ ୧୨ଟା ୩୦ରେ କଣ୍ଟ୍ରୋଲ ରୁମ୍ ସହ ଯୋଗାଯୋଗ ବିଚ୍ଛିନ୍ନ ହେବା ପରେ ଏହା ନିଖୋଜ ହୋଇଯାଇଥିଲା। ବିମାନରେ ୮ କ୍ରିଉ ମେମ୍ବରଙ୍କ ସମେତ ମୋଟ ୧୩ଜଣ ଥିଲେ । ବିମାନ ଚାଳକ ଦଳରେ ସାମିଲ ଥିଲେ ଓଡ଼ିଆ ପାଇଲଟ୍ ସୁନୀତ ମହାନ୍ତି। ତାଙ୍କ ଘର ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବ୍ଲକ ବଳିଆପଲ୍ଲୀ ଗ୍ରାମରେ। ଫ୍ଲାଇଟ୍ ଲ୍ୟୁଟ୍‌ନାଣ୍ଟ ସୁନୀତ୍ ୨୦୧୨ରେ ବାୟୁସେନାରେ ଯୋଗଦେଇଥିଲେ। ବିମାନରେ ସେ କୋ-ପାଇଲଟ୍ ଥିଲେ। ବାୟୁସେନାର ପୂର୍ବତନ କର୍ମଚାରୀ ସୁରେନ୍ଦ୍ର ନାଥ ମହାନ୍ତିଙ୍କ ପୁଅ ହେଉଛନ୍ତି ସୁନୀତ । ନିଖୋଜ ସମ୍ପର୍କରେ ସୂଚନା ପାଇବା ପରେ ତାଙ୍କ ପରିବାର ବର୍ଗ ଆସାମ ଯାଇଛନ୍ତି । ଇଷ୍ଟର୍ନ ଏୟାର କମାଣ୍ଡ ଏୟାର ମାର୍ଶାଲ ଆର୍.ଡି. ମାଥୁରଙ୍କ ସମେତ କେତେଜଣ ଅଧିକାରୀ ନିଖୋଜ ପାଇଲଟଙ୍କ ପରିବାର ବର୍ଗଙ୍କୁ ଭେଟିଛନ୍ତି। ନିଖୋଜ ବିମାନକୁ ଠାବ କରିବା ପାଇଁ ସ୍ଥଳସେନା, ନୌସେନା ଓ ବାୟୁସେନା ପକ୍ଷରୁ ମିଳିତ ଅଭିଯାନ ଜାରି ରହିଛି। ତେବେ ପ୍ରତିକୂଳ ପାଗ ଏଥିରେ ପ୍ରତିବନ୍ଧକ ସାଜିଥିବା ଜଣାପଡିଛି।

# ମଦଭାଟି ନିର୍ମାଣକୁ ସ୍ୱୟଂ ସହାୟିକା ଗୋଷ୍ଠୀର ବିରୋଧ

**ରିଆମାଳ, ୭।୬ (ଡି.ଏନ.ଏ.)**

ରିଆମାଳ ବ୍ଲକ ଅନ୍ତର୍ଗତ ପଲସମା ଗ୍ରାମ, ହାଡ଼ସଂହାର ଗ୍ରାମର ବାବାଜିମଠ ସାହି ଓ ବାଘବର ସୀମାନ୍ତ ଅଞ୍ଚଳରେ ଜଣେ ବ୍ୟକ୍ତି ଦେଶୀ ମଦଭାଟି ନିର୍ମାଣ କରୁଥିବା ସମୟରେ ୩୫ଟି ସ୍ୱୟଂ ସହାୟିକା ଗୋଷ୍ଠୀର ୫୦୦ରୁ ଉର୍ଦ୍ଧ୍ୱ ମହିଳା ବିରୋଧ କରିଛନ୍ତି। ବାଘବର ଗ୍ରାମର କଳ୍ପତରୁ ସାହୁଙ୍କ ନେତୃତ୍ୱରେ ବାଘବର ଗ୍ରାମର ୨୦ଟି ସ୍ୱୟଂ ସହାୟିକା ଗୋଷ୍ଠୀ, ହାଡ଼ସଂହାର ଗ୍ରାମର ୮ଟି ସ୍ୱୟଂ ସହାୟିକା ଗୋଷ୍ଠୀ, କଲୋନୀ ସାହିର ଚାରିଟି ସ୍ୱୟଂ ସହାୟିକା ଗୋଷ୍ଠୀ, ବାବାଜୀ ମଠ ସାହିର ତିନିଟି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଏକତ୍ରିତ ହୋଇ ମଦ ଭାଟିକୁ ଭାଙ୍ଗି ଯାଉଥିଲେ। ମଦଭାଟି ତିଆରି କରୁଥିବା ବ୍ୟକ୍ତିଙ୍କ ସପକ୍ଷରେ ପଲସମା ଗ୍ରାମର ୧୫୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଘଟଣାସ୍ଥଳରେ ଉପସ୍ଥିତ ରହି ମଦଭାଟିକୁ ଭାଙ୍ଗିବାକୁ ଦେଇ ନ ଥିଲେ। ଫଳରେ ଦୁଇ ପକ୍ଷ ମଧ୍ୟରେ ବିବାଦ ଲାଗିରହିବା ସଙ୍ଗେ ସଙ୍ଗେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏଠାରେ ମଦଭାଟି ନିର୍ମାଣ ହେଲେ ବହୁତ ଘର ଭାଙ୍ଗିବ ବୋଲି ଗଣମାଧ୍ୟମ ଆଗରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ପ୍ରକାଶ କରିଥିବାବେଳେ କେଉଁ ଅଧିକାରରେ ଜଙ୍ଗଲ ମଧ୍ୟରେ ଭାଟି ନିର୍ମାଣ କରାଯାଉଛି ବୋଲି ମହିଳାମାନେ ଜିଲା ପ୍ରଶାସନକୁ ଗଣମାଧ୍ୟମ ଆଗରେ ପ୍ରଶ୍ନ କରିଥିଲେ। ଅପରପକ୍ଷରେ ସେଠାରେ ଭାଟି ନିର୍ମାଣ କରାଯାଇ ଦେଶୀ ମଦ ବିକ୍ରୟ କରାଯିବ ବୋଲି ସପକ୍ଷବାଦୀ ପୁରୁଷ ଓ ମହିଳାମାନେ ନାରା ଦେଉଥିଲେ। ଯଦି ଆଗାମୀ ଦିନରେ ଭାଟି ନିର୍ମାଣ ବନ୍ଦ କରା ନ ଯିବ, ତାହାହେଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ସମାଜ ସେବୀ କଳ୍ପତରୁ ସାହୁ ପ୍ରକାଶ କରିଥିଲେ।



ପଲସମା ଗ୍ରାମରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି।

■ ଅବସରପ୍ରାପ୍ତ ଅଧିକାରୀଙ୍କୁ କେନ୍ଦୁପତ୍ର ଡିଭିଜନରେ ପୁନଃ ନିଯୁକ୍ତିକୁ ବିରୋଧ

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଲା କଂଗ୍ରେସ

**ଦେବଗଡ଼, ୭।୬(ସ୍ୱ.ପ୍ର)**

ଦେବଗଡ କେନ୍ଦୁପତ୍ର ଡିଭିଜନରେ ଦୁଇଜଣ ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀଙ୍କୁ ବେଆଇନ ଭାବେ ପୁନଃନିଯୁକ୍ତି ପାଇଁ ବିଭାଗୀୟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ବିରୋଧକରି ଶୁକ୍ରବାର ଦେବଗଡ ଜିଲା କଂଗ୍ରେସ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେବଗଡ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବନଖଣ୍ଡ ଅଧିକାରୀ ଫାଲଗୁନୀ ସାରଥି ମଲ୍ଲିକଙ୍କ ଅନୁପସ୍ଥିତରେ କାର୍ଯ୍ୟାଳୟର ମୁଖ୍ୟକିରାଣୀ ନାରାୟଣ ପାତ୍ରଙ୍କୁ ଉକ୍ତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଦେବଗଡ କେନ୍ଦୁପତ୍ର ଡିଭିଜନରେ ରେଞ୍ଜର ପଦବୀଠାରୁ ଆରମ୍ଭକରି ଏସିଏଫ୍ ଏବଂ ଡିଏଫ୍‌ଓ ପଦବୀଯାଏଁ ପଦନ୍ନୋତି ପାଇଥିଲେ ହେଁ ଅନ୍ୟତ୍ର ବଦଳି ହୋଇ ନ ଥିବା ବିଚିତ୍ରାନନ୍ଦ ମହାନ୍ତି ଗତ ମାର୍ଚ୍ଚରେ ଚାକିରୀରୁ ଅବସର ନେଇଛନ୍ତି। ଗୋଟିଏ ଡିଭିଜନରେ ୧୮ବର୍ଷର ଉର୍ଦ୍ଧ୍ୱ ସମୟ ଅତିବାହିତ କରିଥିବାବେଳେ ପୁଣି ଥରେ ସେ ଦେବଗଡ କେନ୍ଦୁପତ୍ର ଡିଭିଜନରେ ପୁନଃଅବସ୍ଥାପିତ ହେବା ପାଇଁ ଜୋରସୋର ଉଦ୍ୟମ ଚଳାଇଥିବା ଅଭିଯୋଗ କରାଯାଇଛି। ସେହିପରି ରିଆମାଳ କେନ୍ଦୁପତ୍ର ବିଭାଗର ରେଞ୍ଜ ଅଫିସର ସନ୍ତୋଷ କୁମାର ସାହୁ ଗତ ଏପ୍ରିଲରେ ଚାକିରୀରୁ ଅବସର ନେଇ ପୁଣିଥରେ ପୁନଃ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବା ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଜିଲାରେ ଶିକ୍ଷିତ ବେକାର ଯୁବକ ଯୁବତୀମାନେ ନିଯୁକ୍ତି ନ ପାଇ ନିରାଶ ହେଉଥିବା ବେଳେ ସଦ୍ୟ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦେଲେ ଶିକ୍ଷିତ ବେକାରଙ୍କ ପାଇଁ ଉପହାସ ସଦୃଶ ବୋଲି ଉଲ୍ଲେଖ କରାଯାଇଛି। ଅଧିକାରୀ ଦ୍ୱୟଙ୍କର ପୁନଃ ନିଯୁକ୍ତିକୁ ରୋକିବା ସହ ଦେବଗଡ କେନ୍ଦୁପତ୍ର ଡିଭିଜନର ବନଖଣ୍ଡ ଅଧିକାରୀ ମଲ୍ଲିକଙ୍କୁ ଏହି ଡିଭିଜନରୁ ଅନ୍ୟତ୍ର ବଦଳି ପାଇଁ ଦାବି କରାଯାଇଛି। ଏଥିସହ ଯଦି ଏହି ଦାବିକୁ ପୂରଣ କରା ନ ଯାଏ ତେବେ ଆଗାମୀ ଦିନରେ ଜିଲାର ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ସାଙ୍ଗରେ ନେଇ ଜିଲା କଂଗ୍ରେସ କମିଟି ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ଦେବା ସମୟରେ ଦେବଗଡ ଜିଲା କଂଗ୍ରେସ କମିଟି ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ଜିଲା କଂଗ୍ରେସ ଉପସଭାପତି ପ୍ରକାଶ କୁମାର ଦେବତା, ନଗର କଂଗ୍ରେସ ସଭାପତି ଅନୁଜ କୁମାର ପ୍ରଧାନ, ଅଞ୍ଜନ କୁମାର ପ୍ରଧାନ, କ୍ଷେତ୍ରକୁମାର ପାତ୍ର, ବିକାଶ ଖଡିରତ୍ନ ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟକିରାଣୀ ନାରାୟଣ ପାତ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

■ ହାତୀପଲର ଉପଦ୍ରବ

# ଆମ୍ବ, କଦଳୀ ଗଛ ନଷ୍ଟ: ଚାଷୀ ହନ୍ତସନ୍ତ

**ରିଆମାଳ, ୭।୬ (ଡି.ଏନ.ଏ.)**

ରିଆମାଳ ବନ ବିଭାଗ ଅନ୍ତର୍ଗତ ତିମୁର, ମେଦିନପୁର ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ୭ଟି ହାତୀ ଆମ୍ବଗଛ ଭାଙ୍ଗି ଖାଇବା ସହ କଦଳିଗଛ ଭାଙ୍ଗି କଦଳି ଖାଇବାରୁ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ଆଜକୁ ୪ଦିନ ହେବ ଆଡ଼ସ, କୋଡ଼ାପଡ଼ା ଅଞ୍ଚଳରେ ହାତୀମାନେ ଆସି ଆମ୍ବଗଛକୁ ଭାଙ୍ଗିଥିବାବେଳେ ଖବର ପାଇ ବନ ବିଭାଗ ହାତୀମାନଙ୍କୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ବୁଧବାର ରାତି ୧୨ଟାରେ ପ୍ରଥମେ ତିମୁର ଗ୍ରାମରେ ପଶି ଦେବେନ୍ଦ୍ର ପାତ୍ର, ଦୟା ପାତ୍ର, ଟୁନା ପ୍ରଧାନ, ମୁରଲୀ ପ୍ରଧାନ, ଲକ୍ଷ୍ମଣ ଝାଙ୍କର ଓ ଟଙ୍କଧର ପ୍ରଧାନଙ୍କ ଆମ୍ବଗଛ ଓ କଦଳୀ ଗଛ ଭାଙ୍ଗି ନଷ୍ଟ କରିଥିବାବେଳେ ମେଦିନପୁର ଗ୍ରାମର ପ୍ରଶ୍ନ ସ୍ୱାଇଁ, ଶ୍ରୀପତି ସାହୁ, ପ୍ରଶାନ୍ତ ସାହୁଙ୍କ ଆମ୍ବଗଛ ନଷ୍ଟ କରିଥିଲେ। ଗୁରୁବାର ସକାଳୁ ବନ ବିଭାଗ ତିମୁର ଓ ମେଦିନପୁର ଗ୍ରାମରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିବା ସହିତ ହାତୀ ଘଉଡ଼ାଇବାକୁ ଚେଷ୍ଟା କରୁଛି। ଅନ୍ୟପକ୍ଷରେ କ୍ଷୟକ୍ଷତି ହୋଇଥିବା ଚାଷୀମାନଙ୍କୁ ବନ ବିଭାଗ କ୍ଷତି ପୂରଣ ଦେବା ପାଇଁ ଚାଷୀ ସଙ୍ଗଠନ ପକ୍ଷରୁ ଦାବି ହୋଇଛି।



ହାତୀପଲର ଉପଦ୍ରବ ଯୋଗୁ କଦଳୀ ଫସଲ ନଷ୍ଟ ହୋଇଛି।

■ ଛତାବର ପ୍ରିମିୟର ଲିଗ୍ ଉଦ୍‌ଯାପିତ

# ଗେମ ଚେଞ୍ଜର ଚାମ୍ପିୟନ

**ରିଆମାଳ, ୭।୬(ଡି.ଏନ.ଏ)**

ରିଆମାଳ ବ୍ଲକ ଅନ୍ତର୍ଗତ ନାଉଲିଗନ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଜଟିଆବାବା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଛତାବର ପ୍ରିମିୟର ଲିଗ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚଟି ଗେମ ଚେଞ୍ଜର ଓ ହଣ୍ଟିଙ୍ଗ ଟାଇଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗେମ ଚେଞ୍ଜର ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ବିନିମୟରେ ୧୧୧ ରନ କରିଥିଲା। ହଣ୍ଟିଙ୍ଗ ଟାଇଗର ବିପକ୍ଷ ଦଳର ରନକୁ ପିଛା କରି ଆଓ ଓଭରରେ ସମସ୍ତ ଉଇକେଟ ହରାଇ ୩୫ ରନ କରି ପରାଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଯୁବନେତା ସୁଧିର କୁମାର ବ୍ରହ୍ମା, ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ନାଉଲିପଡ଼ା ସରପଞ୍ଚ ଅମର ବଲ୍ଲଭ ପ୍ରଧାନ, ଛତାବର ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଝସକେତନ ପ୍ରଧାନ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଚାମ୍ପିୟନ ଓ ରନର୍ସ ଅଫ ଦଳକୁ ପୁରସ୍କୃତ କରିଥିଲେ। ମେନ ଅଫ ଦି ସିରିଜ ବିମ୍ବାଧର ମେହେର ଓମେନ ଅଫ ଦି ମ୍ୟାଚ ନିରଜ ସାହୁଙ୍କୁ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା। ଏହି ଟୁର୍ନାମେଣ୍ଟରେ ଦିଗାମ୍ବର ସାହୁ, କେଦାର ନାୟକ, ମାମୁନ ପ୍ରଧାନ, ତ୍ରିଲୋଚନ ଭଇଁସା, ସୁକୁମାର ପ୍ରଧାନ ପ୍ରମୁଖ ୫ଟି ଦଳର ଫ୍ରାଞ୍ଚାଇଜ ଥିଲେ। କ୍ଲବ ସଭାପତି ଲିଟୁରାଜ ପ୍ରଧାନ ଓ ସମ୍ପାଦକ ଚିକୁନ ସାହୁଙ୍କ ତତ୍ତ୍ୱାବଧାନରେ ବାପି ସାହୁ, ବିକାଶ ବସନ୍ତରା, ଶୁଭମ ପ୍ରଧାନ ଅଭିଷେକ ପ୍ରଧାନ, ଆକାଶ ପ୍ରଧାନ, କାହ୍ନା ମହାପାତ୍ର, ମନୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

■ ଦେବଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମୀକ୍ଷା ବୈଠକ

# ପ୍ରତି ବ୍ଲକ ମହକୁମାରେ କଲ୍ୟାଣମଣ୍ଡପ

**ଦେବଗଡ଼, ୭।୬(ଡି.ଏନ.ଏ)**

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମୀକ୍ଷା ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୁଧାଂଶୁ ମୋହନ ସାମଲ ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ଜିଲାପାଳ ସାମଲ ପ୍ରକଳ୍ପଗୁଡିକର ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଗ୍ରାମୀଣ ଆବାସ ଯୋଜନାରେ ଅଗ୍ରଗତି ସମ୍ପର୍କରେ ମଧ୍ୟ ଜିଲାପାଳ ସମୀକ୍ଷା କରିଥିଲେ। ଏହା ବ୍ୟତୀତ ନିର୍ମାଣାଧିନ ଅଙ୍ଗନୱାଡି କେନ୍ଦ୍ରଗୁଡିକର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ୨୦୧୮-୧୯ ଆର୍ଥିକ ବର୍ଷରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଅନୁମୋଦନ କରାଯାଇଥିବା ପ୍ରକଳ୍ପ ଗୁଡିକର କାର୍ଯ୍ୟ ଶୀଘ୍ର ସମାପ୍ତ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ପ୍ରତ୍ୟେକ ବ୍ଲକ ମହକୁମାରେ କଲ୍ୟାଣ ମଣ୍ଡପ, ୩୦୦ଜଣ ବସିବା ଭଳିଆ ପ୍ରେକ୍ଷାଳୟ ଏବଂ ମାର୍କେଟ୍ କମ୍ପ୍ଲେସ ନିର୍ମାଣ, ରାସ୍ତାକଡରେ ଥିବା ସରକାରୀ କାର୍ଯ୍ୟାଳୟ ନିକଟରେ ପାନୀୟଜଳର ସୁବିଧା ଉପରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା. ଡିଏଫଓ କ୍ଷମା ଷଡଙ୍ଗୀ, ଡିଆରଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ପଟେଲଙ୍କ ସମେତ ସମସ୍ତ ବିଡିଓ, ପ୍ରକଳ୍ପ ନିର୍ଦ୍ଦେଶକ, ଜଳ ବିଭାଜିକା, ଡିଏସ୍‌ଡବ୍ଲ୍ୟୁଓ, ଜିଲା ମତ୍ସ୍ୟ ଅଧିକାରୀ, ସହକାରୀ ନିର୍ଦ୍ଦେଶକ ଉଦ୍ୟାନବିତ୍, ସହକାରୀ ନିର୍ଦ୍ଦେଶକ ସେରିକଲଚର, ଜିଲା ପଞ୍ଚାୟତ ଅଧିକାରୀ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମସ୍ତ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

■ ୩୦୦ଜଣ ବସିବା ଭଳିଆ ପ୍ରେକ୍ଷାଳୟ ଏବଂ ମାର୍କେଟ୍ କମ୍ପ୍ଲେସ ନିର୍ମାଣ

■ ନିର୍ମାଣାଧିନ ଅଙ୍ଗନୱାଡି କେନ୍ଦ୍ରର କାର୍ଯ୍ୟ ସମ୍ପୂର୍ଣ୍ଣ ଉପରେ ଗୁରୁତ୍ୱାରୋପ


ନନ୍ଦପଡାର ବାଲୁଙ୍କେଶ୍ୱର ବାବା ସୁନାରୁପା ଆଭୂଷଣରେ ସଜ୍ଜିତ ହୋଇଛନ୍ତି ।


ଝାଡୁଆପଡାର ଲୋକନାଥ ବାବା ବର ବେଶରେ ସଜ୍ଜିତ ହୋଇଛନ୍ତି ।


ମୁଦିପଡାର ଜାଗେଶ୍ୱର ବାବା ବର ବେଶରେ ।


ଶୀତଳେଶ୍ୱର ବାବାଙ୍କୁ ଶୋଭାଯାତ୍ରାରେ ନିଆଯାଉଛି ।




ସମ୍ବଲପୁର ହିଲ୍‌ଭ୍ୟୁ କଲୋନୀସ୍ଥିତ କନ୍ୟା ପିତାଙ୍କ ଘରେ ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀ (ବାମ) । ଶକ୍ତିନଗର କନ୍ୟା ପିତାଙ୍କ ଘରେ ମା' ପାର୍ବତୀ ବଧୂବେଶରେ ସଜେଇ ହୋଇ ଶିବଙ୍କ ଅପେକ୍ଷାରେ (ମଝି) । ହିଲ୍‌ଭ୍ୟୁ କଲୋନୀସ୍ଥିତ କନ୍ୟା ପିତାଙ୍କ ଘରେ ଗଣ୍ଠଲା ଫିଟା ରୀତି ।


ଠାକୁରପଡାର ଗୁପ୍ତେଶ୍ୱର ମନ୍ଦିରରୁ ମାତାପିତା କନ୍ୟା ମା ପାର୍ବତୀଙ୍କୁ ଦାନୀପାଲିସ୍ଥିତ ବାସଭବନକୁ ନେଉଛନ୍ତି ।


ବୁଢ଼ାରଜା ଦୈନିକ ବଜାର ଅଞ୍ଚଳର ଭକ୍ତମାନେ ମା' ପାର୍ବତୀଙ୍କୁ ଘରକୁ ନେଉଛନ୍ତି ।



ବରାତିରେ ରାୟଗଡାର ଲୋକବାଦ୍ୟରେ ଶିଶୁ କଳାକାର ।


ମହାଦେବଙ୍କ ବରାତିରେ ଝାଞ୍ଜ ନୃତ୍ୟ ।


ବରାତିରେ ଆଦିବାସୀ ନୃତ୍ୟ ।

## ଶୀତଳଷଷ୍ଠୀ ଯାତ୍ରାରେ ସୁରକ୍ଷା ବ୍ୟବସ୍ଥା କଡାକଡି

ସମ୍ବଲପୁର,୭।୬(ବ୍ୟୁରୋ)

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ପୋଲିସ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ସହରରେ ମୋଟ ୩୨ ପ୍ଲାଟୁନ ପୋର୍ସ ମୁତୟନ ହୋଇଛନ୍ତି । ସହରକୁ ପ୍ରବେଶ କରୁଥିବା ୬ଟି ସ୍ଥାନରେ ପୋଲିସ ରାତିସାରା ଯାଞ୍ଚ କରୁଛି। ବିଭିନ୍ନ ସ୍ଥାନରେ ୨୯ଟି ଚେକ୍ ପୋଷ୍ଟ କରାଯାଇଛି । ଶୋଭାଯାତ୍ରା ମେଢରେ ସିସି ଟିଭି ଲଗାଇବାକୁ ଯାତ୍ରା କମିଟିକୁ ନିର୍ଦ୍ଦେଶ ଦିଆଯାଇଛି। ସହରର ୧୮ଟି ସ୍ଥାନରେ ୬୨ଟି ସିସି ଟିଭି କ୍ୟାମେରା ଲାଗିଛି। ୪ ଜଣ ଅତିରିକ୍ତ ଏସ୍‌ପି, ୧୪ ଜଣ ଡିଏସ୍‌ପି, ୪୦ ଜଣ ଇନ୍ସପେକ୍ଟର, ୧୬୫ ସବ ଇନ୍ସପେକ୍ଟର, ୩୨ ପ୍ଲାଟୁନ ପୋଲିସ ପୋର୍ସ, ଓଏସଏପି/ଏପିଆର ଫୋର୍ସ ୨୮ ଜଣ ହାବିଲଦାର, ୧୮୫ ଜଣ କନଷ୍ଟେବଳ, ୩୫୦ ଜଣ ହୋମଗାର୍ଡ ଶାନ୍ତି ଶୃଙ୍ଖଳା ପାଇଁ ନିୟୋଜିତ ରହିଛନ୍ତି । ୭ ତାରିଖ ସନ୍ଧ୍ୟାଠାରୁ ୯ ତାରିଖ ପର୍ଯ୍ୟନ୍ତ ଟ୍ରାଫିକ ଉପରେ କଟକଣା କରାଯାଇଛି।

## 'ଶୀତଳଷଷ୍ଠୀର ପାରମ୍ପରିକ ନୀତି ମନକୁ ଛୁଇଁଥାଏ'

ସମ୍ବଲପୁର,୭।୬(ବ୍ୟୁରୋ)

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ଆଧ୍ୟାତ୍ମିକତା ଓ ପାରମ୍ପରିକ ନୀତି ମନକୁ ଛୁଇଁଥାଏ । କଳାକାରମାନେ ପରିବେଷଣ କରୁଥିବା ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମକୁ ଜନସାଧାରଣ ଦେଖି ବେଶ୍ ଖୁସି ହୋଇଥାନ୍ତି ବୋଲି ରାଜ୍ୟ ବାହାରୁ ଆସିଥିବା କଳାକାରମାନେ କହିଛନ୍ତି। ଦର୍ଶକଙ୍କ ଚାହିଦା ଅନୁସାରେ ଆଧୁନିକ ନୃତ୍ୟ ମଧ୍ୟ ପରିବେଷଣ କରି ମନ ଜିଣିବା ଲକ୍ଷ୍ୟ ରହିଥାଏ। ଏଥିରେ ସାମିଲ ହୋଇଥିବା କଳାକାରମାନେ ହିନ୍ଦୀ ସିନେମା, ଭୋଜପୁରୀ ତଥା ସମ୍ବଲପୁରୀ ଗୀତ ଉପରେ ନୃତ୍ୟ ପରିବେଷଣ କରିଥାନ୍ତି । ସମ୍ବଲପୁରୀ ଭାଷା ବୁଝି ପାରୁ ନ ଥିଲେ ମଧ୍ୟ ସମ୍ବଲପୁରୀ ସଙ୍ଗୀତର ଧୁନ୍‌ରେ ବାହାରୁ ଆସିଥିବା କଳାକାରମାନେ ନାଚିଥାନ୍ତି। ରାଜ୍ୟ ବାହାରର କଳାକାର ସମ୍ବଲପୁରୀ ଧୁନ୍‌ରେ ନୃତ୍ୟ ପରିବେଷଣ କରିବା ଯାତ୍ରାର ମୁଖ୍ୟ ଆକର୍ଷଣ ହୋଇଥାଏ। ମହାଦେବଙ୍କ ବରାତି, ପରଦିନ ଶୋଭାଯାତ୍ରା ଏବଂ ମନ୍ଦିର ପ୍ରବେଶ ଶୋଭାଯାତ୍ରାରେ ନୃତ୍ୟ ଦଳ ସାମିଲ ହୋଇଥାନ୍ତି । ଚଳିତ ବର୍ଷ ଆସାମର ବିହୁ, ମଣିପୁରୀ, ଭାଙ୍ଗଡା, ଦେବଦାସୀ ନୃତ୍ୟ, ପାଶ୍ଚାତ୍ୟ ଓ ଆଧୁନିକ ନୃତ୍ୟ, ସମ୍ବଲପୁରୀ, ଛତିଶଗଡି, ପୁରୁଲିଆ ଛଉ, ଗଞ୍ଜାମ ଓ ପୁରୀର ମେଢ଼ ନୃତ୍ୟ ପ୍ରଭୃତି ଶୀତଳଷଷ୍ଠୀ ଯାତ୍ରାରେ ସାମିଲ ହୋଇଛି। ଏ ସଂକ୍ରାନ୍ତରେ ବିଭିନ୍ନ ରାଜ୍ୟରୁ ଆସିଥିବା କଳାକାରମାନଙ୍କ ମତାମତକୁ ନେଇ ଶୁଭାଶିଷ ପାଢୀଙ୍କ ଏକ ସ୍ୱତନ୍ତ୍ର ଉପସ୍ଥାପନା.... ।


" ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାରେ ୩ ବର୍ଷ ହେଲା ନୃତ୍ୟ ପରିବେଷଣ କରିବା ପାଇଁ ଆସୁଛି। ପଞ୍ଜାବୀ, ଭାଙ୍ଗଡା, ଗିଦା, ଜିନ୍ଦୁଆ ସହ ହିନ୍ଦୀ ସିନେମା ଗୀତରେ ନାଚିବି । ଆମ ଦଳର ୭ ଜଣ କଳାକାର ନେଇ ଏକ ଟିମ୍ ଆସିଛୁ । ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଦର୍ଶକ ରହିଥାନ୍ତି। ସେମାନେ ଆମକୁ ଉତ୍ସାହିତ କରନ୍ତି।

**–ମନଦୀପ ସିଂ, ପଞ୍ଜାବ ।**


" ଶୀତଳଷଷ୍ଠୀରେ ନାଚ କରିବାକୁ ପ୍ରାୟ ୧ସପ୍ତାହ ହେବ ଅଭ୍ୟାସ କରି ଆସୁଛି । ଆଧୁନିକ ଗୀତ, ହିନ୍ଦୀ ସିନେମା, ବଙ୍ଗଳା ଗୀତରେ ଅଭ୍ୟାସ କରିଛି। ହେଲେ ଆଞ୍ଚଳିକ ଗୀତ ଉପରେ ମଧ୍ୟ ନୃତ୍ୟ କରିପାରିବି । ଯାତ୍ରା କମିଟି ଓ ସମ୍ବଲପୁର ସହର ଭଲ ଲାଗୁଛି । ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି।

**–ଅର୍ପିତା ପାଠକ, ପଶ୍ଚିମବଙ୍ଗ ।**


" କ୍ଲାସିକାଲ୍ ନୃତ୍ୟରେ ମୁଁ ନିଖୁଣ । ସ୍ଥାନୀୟ ଦର୍ଶକଙ୍କ ଅନୁସାରେ ଓଡିଆ ଗୀତ ଓ ସମ୍ବଲପୁରୀ ଗୀତର ତାଳେ ତାଳେ ନୃତ୍ୟ କରିବି । ପୂର୍ବରୁ ସେଥିପାଇଁ ଅଭ୍ୟାସ କରିବାକୁ ପଡେ । ସମ୍ବଲପୁରରେ ନୃତ୍ୟ ପରିବେଷଣ କରି ନୂଆ ଅନୁଭୂତି ସାଉଁଟିବି।

**–ତୋମାରିକା କଡର, ପଶ୍ଚିମବଙ୍ଗ ।**


" ଅଧିକାଂଶ ପଞ୍ଜାବୀ ଗୀତରେ ନୃତ୍ୟ ପରିବେଷଣ କରିବୁ । ପଞ୍ଜାବି ନୃତ୍ୟକୁ ମଧ୍ୟ ଏଠାକାର ଲୋକେ ବେଶ୍ ଭଲପାଆନ୍ତି । ଗ୍ରୁପ ହୋଇ ଷ୍ଟେଜ୍‌ରେ ନୃତ୍ୟ ପରିବେଷଣ କରୁଛି । ହେଲେ ସମ୍ବଲପୁରରେ ଶୀତଳଷଷ୍ଠୀ ଯାତ୍ରା ନୃତ୍ୟ ପରିବେଷଣ ଅଲଗା ରହିବ । ରିମିକ୍ସଗୀତରେ ନୃତ୍ୟ କରିବି । ଦର୍ଶକଙ୍କ ଇଚ୍ଛା ଅନୁସାରେ ସବୁ ଗୀତରେ ନାଚିବାକୁ ଆମେ ପ୍ରସ୍ତୁତ ଅଛୁ।

**–ପବନ ପ୍ରୀତ କର, ପଞ୍ଜାବ ।**


" ସମ୍ବଲପୁରକୁ ନିୟମିତ ଭାବେ ୩ ବର୍ଷ ହେଲା ଆସୁଛି । ଆମ ଉପାସନା ଗ୍ରୁପ ସହିତ ମୁଁ ଏଥର ଆସିଛି । ଶୀତଳଷଷ୍ଠୀ ଯାତ୍ରା ସମ୍ପର୍କରେ ପୂର୍ବରୁ ଶୁଣିଥିଲି। ହେଲେ ୨ ବର୍ଷ ହେଲା ସାମିଲ ହେବା ପରେ ମୋତେ ବହୁତ ଭଲ ଲାଗୁଛି । ଆମ ଦଳ ପକ୍ଷରୁ ଦର୍ଶକମାନଙ୍କୁ ଯେପରି ଆକୃଷ୍ଟ କରିପାରିବୁ ସେଭଳି ନୃତ୍ୟ ପରିବେଷଣ କରିବୁ ।

**– ଶ୍ରେୟଶ୍ରୀ ଚୌଧୁରୀ, ପଶ୍ଚିମବଙ୍ଗ ।**


" ପୂର୍ବରୁ ଷ୍ଟେଜ୍ ଓ ବିଭିନ୍ନ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରିଛି । ହେଲେ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରୀରେ ଭଗବାନ ଶିବଙ୍କ ବରାତି ଓ ଶୋଭାଯାତ୍ରାରେ ନୃତ୍ୟ ପରିବେଷଣ କରିବି। ତେଣୁ ଏହି ଯାତ୍ରାରେ ନିଜକୁ ସାମିଲ କରିପାରିଥିବାରୁ ମୁଁ ନିଜକୁ ଧନ୍ୟ ମଣୁଛି । କିନ୍ତୁ ସମ୍ବଲପୁରକୁ ପ୍ରଥମ ଥର ପାଇଁ ଆସିଛି । ଆୟୋଜକ କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ।

**–କମଳଜିତ କର, ପଞ୍ଜାବ ।**

## ସଂକ୍ଷେପରେ

### ଆଜି ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

**ଭୁବନେଶ୍ୱର, ୭।୬(ବ୍ୟୁରୋ):** ଧର୍ମେନ୍ଦ୍ର ପ୍ରଧାନ ଏବଂ ପ୍ରତାପ ଷଡ଼ଙ୍ଗୀ କେନ୍ଦ୍ରମନ୍ତ୍ରୀଭାବେ ଶପଥ ନେବାପରେ ପ୍ରଥମ ଥର ପାଇଁ ଶନିବାର ଓଡିଶା ଆସୁଛନ୍ତି। ସେମାନଙ୍କ ସହ ରାଜ୍ୟ ପ୍ରଭାରୀ ଅରୁଣ ସିଂ ମଧ ରାଜ୍ୟ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ସେମାନେ ଭୁବନେଶ୍ୱର ବିମାନବନ୍ଦରରେ ସକାଳ ୮ଟା ୩୦ରେ ପହଞ୍ଚିବା ପରେ ସେମାନଙ୍କୁ ଦଳ ତରଫରୁ ଭବ୍ୟ ସ୍ୱାଗତ ଦିଆଯିବ। ଏହାପରେ ସେମାନେ ଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଗସ୍ତ କରିବେ। ଅପରାହ୍ନ ୩ଟାରେ ସ୍ଥାନୀୟ ପ୍ରଦର୍ଶନୀ ପଡିଆରେ ଦଳ ପକ୍ଷରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେବ। ଏହି ସଭାରେ ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଭାଜପାର ସମସ୍ତ ନବ ନିର୍ବାଚିତ ଏମ୍‌ପି ଏବଂ ବିଧାୟକମାନଙ୍କୁ ମଧ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ ବୋଲି ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି ସୂଚନା ଦେଇଛନ୍ତି।

# ବିଭାଗୀୟ ତ୍ରୁଟି ବଢ଼ାଉଛି ସଡ଼କ ଦୁର୍ଘଟଣା

■ ଗତବର୍ଷ ତୁଳନାରେ ବଢ଼ିଛି ମୃତ୍ୟୁସଂଖ୍ୟା
■ ଏଣିକି ନିଶାସକ୍ତ ଚାଳକଙ୍କୁ ସିଧା କୋର୍ଟଚାଲାଣ
■ ଗୃହ ବିଭାଗ, ଡିଜିପି ଅଫିସ ମଧରେ ରହୁନି ତାଳମେଳ, ରାଜପଥରେ ପଇଁତରା ବ୍ୟବସ୍ଥା ବାଧାପ୍ରାପ୍ତ

ଭୁବନେଶ୍ୱର, ୭।୬(ବ୍ୟୁରୋ)

ସଡ଼କ ଦୁର୍ଘଟଣା ରୋକିବା ପାଇଁ ଓଡ଼ିଶା ସରକାରଙ୍କୁ ସୁପ୍ରିମକୋର୍ଟ ବାରମ୍ବାର ଭର୍ତ୍ସନା କରିବା ସତ୍ତ୍ୱେ କୌଣସି ଲାଭ ମିଳୁନାହିଁ। ରାସ୍ତା ଦୁର୍ଘଟଣା କ୍ଷେତ୍ରରେ ଦେଶର ଅନ୍ୟ ରାଜ୍ୟଗୁଡ଼ିକ ମଧରେ ଓଡ଼ିଶା ବହୁ ଆଗରେ ରହିଛି। ସରକାରଙ୍କ କାର୍ଯ୍ୟରେ ତ୍ରୁଟି କାରଣରୁ ଏଭଳି ଅଭାବନୀୟ ଘଟଣା ବଢ଼ି ଚାଲିଥିବା ଜଣାପଡ଼ିଛି। ୨୦୧୮ ଜାନୁୟାରୀ-ମାର୍ଚ୍ଚ ମଧରେ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ୧୩୯୨ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୧୯ ଜାନୁୟାରୀ-ମାର୍ଚ୍ଚ ମଧରେ ଏହି ସଂଖ୍ୟା ବୃଦ୍ଧି ପାଇ ୧୫୮୦ରେ ପହଞ୍ଚିଛି। ଯେଉଁସବୁ ବିଭାଗକୁ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ହ୍ରାସ କରିବାକୁ ଦାୟିତ୍ୱ ଦିଆଯାଇଛି, ସେମାନେ ଠିକଣା ଢଙ୍ଗରେ କାର୍ଯ୍ୟ କରୁ ନ ଥିବା ଯୋଗୁ ଏଥିରେ ରୋକ ଲଗାଯାଇପାରୁ ନାହିଁ ବୋଲି ଏକ ବିଶେଷ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପଟେ ରାଜ୍ୟ ସରକାର ପକ୍ଷରୁ ସଡ଼କ ଦୁର୍ଘଟଣାକୁ ରୋକିବା ଲାଗି କ'ଣ କରାଯାଉଛି ସେନେଇ ପ୍ରତ୍ୟେକ ମାସରେ ରିପୋର୍ଟ ଦେବାକୁ ସୁପ୍ରିମକୋର୍ଟ ଏକ କମିଟି ଗଠନ କରିଛନ୍ତି। ଏତେସବୁ ବ୍ୟବସ୍ଥା ପରେ ମଧ କୌଣସି ପ୍ରକାର ସୁଧାର ଆସୁନାହିଁ। ଏବେ ସୁପ୍ରିମକୋର୍ଟ କମିଟି ରାଜ୍ୟ ସରକାରଙ୍କ ପାଇଁ କଣ୍ଟା ବୋଲି କେତେଜଣ ଅଧିକାରୀ ମତ ରଖିଛନ୍ତି।

ଦୁର୍ଘଟଣାଜନିତ ମୃତ୍ୟୁ ପଛରେ ମଦ ପିଇ ଗାଡ଼ି ଚଳାଇବା ମୁଖ୍ୟ କାରଣ ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି। ଏହାସହ ଅଧିକାଂଶ ଦୁର୍ଘଟଣା ଦୁଇଚକିଆ ଯାନ ଚଳାଉଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଘଟୁଛି। ତେଣୁ ଏ ଦିଗରେ ଲୋକଙ୍କୁ ସଚେତନ କରାଇବାରେ ଗୃହବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି। କେବଳ ହେଲ୍‌ମେଟ୍ ଚେକିଂ ଏବଂ ଜରିମାନା ଆଦାୟ କରି ପୋଲିସ ରହିଯାଉଛି। ଦୁର୍ଘଟଣା ରୋକିବାକୁ ଯାହା କରାଯିବା କଥା ସେଦିଗରେ ପୋଲିସ ଠିକ୍ ଢଙ୍ଗରେ କାର୍ଯ୍ୟ କରୁନାହିଁ। ଆଗରୁ ନିଶାସକ୍ତ ଚାଳକଙ୍କଠାରୁ ଜରିମାନା ଆଦାୟ କରି ଛାଡ଼ି ଦିଆଯାଉଥିଲା। ହେଲେ ଏବେ ସେମାନଙ୍କୁ ସିଧା କୋର୍ଟଚାଲାଣ କରାଯିବା ବ୍ୟବସ୍ଥା ରହିଛି। କୌଣସି ଚାଳକ ମଦ ପିଇ ଗାଡି ଚଳାଉଥିବା ପୋଲିସ ଯଦି ସନ୍ଦେହ କରେ ତେବେ ତାଙ୍କୁ ପ୍ରଥମେ ଅଟକାଇ ବ୍ରେଥ୍ ଆନାଲାଇଜର୍ ଜରିଆରେ ଟେଷ୍ଟ କରିବ। ହେଲେ ପୋଲିସ ଏହା କରିବା ପରିବର୍ତ୍ତେ ଜରିମାନା ନେଇ ସେମାନଙ୍କୁ ଛାଡ଼ି ଦେବା ଯୋଗୁ ଲୋକେ ସଚେତନ ହୋଇପାରୁନାହାନ୍ତି। ଏଣିକି ନିଶାସକ୍ତ ଚାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମଦ ପିଇ ଗାଡ଼ି ଚଳାଇଲେ ଚାଳକଙ୍କୁ ସିଧା କୋର୍ଟଚାଲାଣ କରାଯିବ। ଏ ଦିଗରେ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କରିବା ପାଇଁ ସଡ଼କ ପରିବହନ ବିଭାଗ ଥାନାଗୁଡ଼ିକୁ ଅବଗତ କରାଇବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏନେଇ ସଡ଼କ ପରିବହନ ବିଭାଗକୁ ନିର୍ଦ୍ଦେଶ ଦେବାପରେ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ପୋଲିସକୁ ଆବଶ୍ୟକ ଅନୁଯାୟୀ ବ୍ରେଥ୍ ଆନାଲାଇଜର୍ ସଡ଼କ ପରିବହନ ବିଭାଗ ଯୋଗାଇଦେବ ବୋଲି ଜଣାପଡ଼ିଛି।

ଅପରପକ୍ଷରେ ରାଜପଥରେ ଅଧିକ ଦୁର୍ଘଟଣା ଘଟୁଛି। ପୋଲିସ ରାଜପଥରେ ପାଟ୍ରୋଲିଂ କରି ସତର୍କତା ସୃଷ୍ଟି କରିବା ଦିଗକୁ ସମ୍ପୂର୍ଣ୍ଣ ଅଣଦେଖା କରୁଛି। ଯେଉଁଥିପାଇଁ ରାଜପଥ ଦୁର୍ଘଟଣାରେ ବେଶି ଜୀବନ ଚାଲିଯାଉଛି। ଏହାପଛରେ ଏକ ଗୁରୁତର ସମସ୍ୟା ଥିବା ଜଣାପଡ଼ିଛି। ଗୃହ ବିଭାଗର ଜଣେ ଉଚ୍ଚପଦସ୍ଥ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଗୃହ ବିଭାଗ ଏବଂ ଡିଜିପି ଅଫିସ୍ ମଧରେ ସମନ୍ୱୟ ରହୁ ନ ଥିବାରୁ ରାଜପଥ ପାଟ୍ରୋଲିଂ ହୋଇପାରୁନାହିଁ। କାରଣ ପାଟ୍ରୋଲିଂ ପାଇଁ ପୁରୁଣା କର୍ମଚାରୀଙ୍କୁ କାର୍ଯ୍ୟରେ ଲଗାଇବା ପାଇଁ ଗୃହ ବିଭାଗ କହୁଛି। ହେଲେ ଡିଜିପିଙ୍କ ଅଫିସ୍ ପକ୍ଷରୁ ପାଟ୍ରୋଲିଂ ପାଇଁ ନୂଆ କର୍ମଚାରୀ ନିଯୁକ୍ତି କରିବାକୁ କୁହାଯାଉଛି। ଅପରପକ୍ଷରେ ପାଟ୍ରୋଲିଂ ପାଇଁ ସଡ଼କ ପରିବହନ ବିଭାଗ ପକ୍ଷରୁ ଗୃହ ବିଭାଗକୁ ୧୦ କୋଟିରୁ ଅଧିକ ଟଙ୍କା ଦିଆଯାଇଛି, ଯାହା ବିଭାଗ ଓ ଡିଜିପି କାର୍ଯ୍ୟାଳୟରେ ଚାଲିଥିବା ମତଭେଦ ଯୋଗୁ ପଡ଼ିରହିଛି।

# ପହଞ୍ଚିଲା ରଥ ଦଉଡ଼ି



ପୁରୀରେ ପହଞ୍ଚିଲା ରଥ ଦଉଡ଼ି।

ପୁରୀ ଅଫିସ, ୭।୬

ଆସନ୍ତା ଜୁଲାଇ ୪ ତାରିଖରେ ରଥଯାତ୍ରା। ଏଥିପାଇଁ ଆରମ୍ଭ ହୋଇଗଲାଣି ପ୍ରଶାସନିକ ପ୍ରସ୍ତୁତି। ରଥଖଳାରେ ତିନିରଥ ନିର୍ମାଣ କାମ ଆଗେଇ ଚାଲିଥିବାବେଳେ ଦୁଇଟି ରଥଯାତ୍ରା ସମନ୍ୱୟ କମିଟି ବୈଠକ ସରିଲାଣି। ଆସନ୍ତା ୧୩ ତାରିଖରେ ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ତୃତୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହେବ। ତେବେ ଶ୍ରୀମନ୍ଦିର ପ୍ରଶାସନ ରଥଯାତ୍ରା ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଡ଼ କରିବାରେ ଲାଗିଛି। ଇତିମଧରେ ଶୁକ୍ରବାର ଘୋଷଯାତ୍ରା ପାଇଁ ଦରକାର ହେଉଥିବା ରଥ ଦଉଡ଼ି ପୁରୀରେ ପହଞ୍ଚିଛି। ତିନିରଥ ପାଇଁ ଆବଶ୍ୟକ ୧୨ଟି ଟଣା ଦଉଡ଼ି ସହିତ ୩ଟି କର୍ତ୍ତନ (ଘେର) ଦଉଡ଼ି ମଧ ଆସିଛି। ଚନ୍ଦନପୁର ନିକଟସ୍ଥ ବୀରପ୍ରତାପପୁରଠାରେ ଥିବା ଓଡ଼ିଶା କତା ନିଗମର କାର୍ଯ୍ୟାଳୟରୁ ଏହି ଦଉଡ଼ି ଏକ ଗାଡିରେ ଆସି ଅପରାହ୍ନରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଶ୍ରୀମନ୍ଦିରର ତତ୍ତ୍ୱାବଧାରକ ସୁଦର୍ଶନ ମେକାପଙ୍କ ଦାୟିତ୍ୱରେ ଏହି ଦଉଡ଼ି କାର୍ଯ୍ୟାଳୟରେ ରଖାଯାଇଛି।

ତତ୍ତ୍ୱାବଧାରକ ମେକାପ କହିଛନ୍ତି ଯେ, ଚଳିତବର୍ଷ ରଥଯାତ୍ରା ଲାଗି ଓଡ଼ିଶା କତା ନିଗମକୁ ୧୨ଟି ଟଣା ଦଉଡ଼ି ଏବଂ ୩ଟି ଘେର ଦଉଡ଼ି ଯୋଗାଇଦେବା ଲାଗି ଅର୍ଡର ଦିଆଯାଇଥିଲା। ସେମାନେ ଦଉଡି ଯୋଗାଇ ଦେଇଛନ୍ତି। ଗୋଟିଏ ଟଣା ଦଉଡ଼ିର ଲମ୍ବ ୨୨୦ ଫୁଟ ଏବଂ ମୋଟେଇ ୮ ଇଞ୍ଚ ରହିଥିବା ବେଳେ ଘେର ଦଉଡ଼ି ଗୋଟିଏର ଲମ୍ବ ୪୫୦ ଫୁଟ ଏବଂ ମୋଟେଇ ୩ ଇଞ୍ଚ ରହିଛି। ତେବେ ଚଳିତବର୍ଷ ରଥଯାତ୍ରା ପାଇଁ ଟଣା ଦଉଡ଼ି ଏବଂ ଘେର ଦଉଡ଼ି ଷ୍ଟକ୍ ରହିଛି ବୋଲି ମେକାପ କହିଛନ୍ତି।

### ମାଉଜର ଦେଖାଇ ୯.୬ ଲକ୍ଷ ଲୁଟ୍

**କୋରାପୁଟ,୭।୬(ସ୍ୱ.ପ୍ର.):** କୋରାପୁଟ ଜିଲା ମସ୍ତିପୁଟରେ ଶୁକ୍ରବାର ଜଣେ ବ୍ୟବସାୟୀଙ୍କୁ ମାଉଜର ଦେଖାଇ ଦୁର୍ବୃତ୍ତମାନେ ୯ ଲକ୍ଷ ୬୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ କୋରାପୁଟ ସଦର ଥାନାରେ ଏତଲା ଦେଇଛନ୍ତି ବ୍ୟବସାୟୀ।ସୂଚନା ଅନୁଯାୟୀ, ଜୟପୁର ଅଞ୍ଚଳର ଜଣେ କାଜୁ ବ୍ୟବସାୟୀ ଭାସ୍କର ରାଓ ଶୁକ୍ରବାର ସନ୍ଧ୍ୟାରେ ଟଙ୍କା ନେଇ ବୋଲେରୋରେ କାଶୀପୁର ଯାଉଥିଲେ। ସନ୍ଧ୍ୟା ପ୍ରାୟ ୮ଟା ୩୦ ସମୟରେ କୋରାପୁଟଠାରୁ ୫ କିମି ଦୂର ମସ୍ତିପୁଟ ଛକରେ ହଠାତ୍ ୩ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ବୋଲେରୋକୁ ଅଟକାଇଥିଲେ। ଗାଡ଼ି ଅଟକିବା କ୍ଷଣି ସେମାନେ ଭାସ୍କରଙ୍କୁ ମାଉଜର ଦେଖାଇ ୯.୬ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ପରେ ଭାସ୍କର କୋରାପୁଟ ସଦର ଥାନାରେ ଏତଲା ଦେବା ପରେ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସମର୍ପିତା ସ୍ୱାଇଁ କହିଛନ୍ତି।

# ନବୀନ ଚାହିଁଲେ ବାପା ବିଜେଡି ଫେରିବେ : ସମ୍ବିତ

ଭୁବନେଶ୍ୱର,୭।୬(ବ୍ୟୁରୋ)

ବରିଷ୍ଠ ଭାଜପା ନେତା ଦାମୋଦର ରାଉତ ବିଜେଡି ଫେରିବା ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ତାଙ୍କ ପୁତ୍ର ତଥା ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଏଥିପାଇଁ ପରୋକ୍ଷରେ ଚେଷ୍ଟା କରୁଥିବା ଜଣାପଡିଛି। ସମ୍ବିତ ସଚିବାଳୟରେ ଶୁକ୍ରବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ମତ ଦେଇ କହିଥିଲେ ଯେ, ରାଜନୀତିରେ ସବୁ ସମ୍ଭବ। ବାପା(ଦାମ ରାଉତ) ଭାଜପାରେ ଖୁସି ନ ଥିବା ପରି ମନେ ହେଉଛି। ଦୀର୍ଘଦିନ ଧରି ଜନତା ଦଳ ଏବଂ ବିଜେଡିରେ ସେ ରହି ଆସିଥିଲେ। ତେଣୁ ଭାଜପାରୁ ପ୍ରାର୍ଥୀ ହେବାରୁ ଭୋଟର ତାଙ୍କୁ ଗ୍ରହଣ କରି ନ ଥିଲେ। ରାଜନୈତିକ ଘଟଣାକ୍ରମରେ ସେ ବିଜେଡିରୁ ବାହାରି ଯାଇଥିଲେ। ତେଣୁ ଆଗକୁ ସେ ବିଜେଡି ଫେରିବା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ନିର୍ଭର କରେ ବୋଲି ସମ୍ବିତ କହିଛନ୍ତି।



ଅପରପକ୍ଷରେ ପୁଅ ସମ୍ବିତଙ୍କ କଥାକୁ ଦାମୋଦର ଅସ୍ୱୀକାର କରିଛନ୍ତି। ଦାମ କହିଛନ୍ତି ଯେ, ସେ ଭାଜପାରେ ଅଛନ୍ତି। ତାଙ୍କ ପୁଅ ବିଜେଡିରୁ ବିଧାୟକ ରହିଛନ୍ତି। ତେଣୁ ସେ ମନଦୁଃଖରେ ଥିବା କଥା ସମ୍ବିତ କିପରି ଜାଣିପାରିଲେ। ବିଜେଡିରୁ ତାଙ୍କୁ ବାହାର କରି ଦିଆଯାଇଥିଲା। ହେଲେ ଭାଜପାରେ ତାଙ୍କୁ ସମ୍ମାନଜନକ ଭାବେ ଗ୍ରହଣ କରାଯାଇଥିବା ଦାମ କହିଛନ୍ତି।

# ଅଖ ହଣା ସରିଲା, ଦଣ୍ଡା କାମ ଆରମ୍ଭ

ପୁରୀ ଅଫିସ, ୭।୬

ଆସୁଛି ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଶ୍ରୀନଅର ସମ୍ମୁଖ ରଥଖଳାରେ ତିନିରଥ ମୁଖ୍ୟ ବିଶ୍ୱକର୍ମାଙ୍କ ନେତୃତ୍ୱରେ ଚାଲିଛି ରଥ କାମ। ଅକ୍ଷୟତୃତୀୟା ଠାରୁ ଆରମ୍ଭ ହୋଇଥିବା ରଥକାମ ଜୋରସୋରରେ ଚାଲିଛି। ମହାରଣା ମାନେ ରଥର ବିଭିନ୍ନ ଅଂଶ ନିର୍ମାଣରେ ବ୍ୟସ୍ତ ରହୁଛନ୍ତି। ପ୍ରଥମେ ତୁମ୍ବ କାମ ସରିବାରେ ସେଥିରେ ପଇ ସଂଯୋଗ କରାଯାଇ ଚକ ତିଆରି ଚାଲିଛି। ଭଉଁରୀରେ ତିନି ରଥ ଦୁଇଟି ଲେଖାଏଁ ଚକ ଅଖ ଡେରା ନୀତି ସମ୍ପନ୍ନ ହେବା ପରେ ମହାରଣା ସେବକ ମାନେ ଚକ ତିଆରି ଉପରେ ଜୋର ଦେଇଛନ୍ତି। ଚକ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶୁକ୍ରବାର ଦଣ୍ଡା କାମ ଅନୁକୂଳ ହୋଇଛି। ନନ୍ଦିଘୋଷ ଓ ତାଳଧ୍ୱଜ ରଥର ୯ଟି ଲେଖାଏଁ ଏବଂ ଦର୍ପଦଳନର ୭ଟି ଦଣ୍ଡା କାମ କରାଯିବ। ତିନି ରଥର ଦୁଇଟି ଲେଖାଏଁ ପାଶ୍ୱ ମୁହାଁଟ ଓ ମୁହାଁଟ କାମ ଶେଷ ହୋଇଛି। ଶୁକ୍ରବାର ସୁଦ୍ଧା ତିନି ରଥର ୨୧ଟି ଅଖରୁ ୨୦ଟି ଅଖ ହଣା କାମ ଶେଷ ହୋଇଛି। ସେଥିରୁ ନନ୍ଦିଘୋଷର ମୋଟ ୮ଟି, ତାଳଧ୍ୱଜର ମୋଟ ୭ଟି ଓ ଦର୍ପଦଳନର୬ରୁ ୫ଟି ଶେଷ ହୋଇଛି। ଆଉ ଗୋଟିଏ କାମ ଚାଲିଛି। ଦୋଳବେଦୀ କୋଣ ପରିସରରେ କରତି ସେବକ ମାନେ ଗୟଳ ଚରିଟ କରୁଛନ୍ତି। ତିନିରଥ ଲାଗି ୪୦ଫୁଟିଆ ଗୟଳ(ଧଉରା କାଠ) ଭୋଇ ସେବକ ମାନେ ପକାଇଥିଲେ। କରତି ସେବକ ମାନେ ଏହାକୁ ଚଉପଠ କରିବା ପରେ ଚିରଟ କରୁଛନ୍ତି। ତାଳଧ୍ୱଜ ରଥର ଗୟଳ ଚିରଟ ପ୍ରଥମେ କରାଯାଇଛି। ପରେ ନନ୍ଦିଘୋଷ ଚିରଟ କରାଯାଇଥିଲା। ଏବେ ଦେବୀ ରଥର ଗୟଳ ଚିରଟ ଚାଲିଛି। ଅନ୍ୟପକ୍ଷରେ ମୁହାଁଟ ଓ ପାର୍ଶ୍ୱ ମୁହାଁଟ କାମ ସରିଥିବା ବେଳେ ନିରାଡି କାମ ଆରମ୍ଭ ହେବ। ମହାରଣା ମାନେ ପଇ ଓ ତୁମ୍ବରେ ଅଖ ବିନ୍ଧ କରୁଛନ୍ତି। ରୁପକାର ସେବକ କଣଗୁଜ କରୁଛନ୍ତି। ଅନ୍ୟପଟେ ତିନି ରଥର ୪ଟି ଲେଖାଏଁ ଚାରି ନାହାକା(୨୦ଫୁଟିଆ ଧଉରା) କାଠ ରଥଖଳାରେ ପଡିଛି।




ରଥଖଳାରେ ମହାରଣାମାନେ ଦଣ୍ଡାକାମ କରୁଛନ୍ତି।

### ବାହାରିଲା ଦଣ୍ଡା କଣ୍ଟା

ଦୋଳବେଦୀ ପରିସରରେ କମାର ଶାଳରେ କମାର ସେବକ ମାନେ ତିନି ରଥ ଲାଗି ଲୁହା କଣ୍ଟା ପ୍ରସ୍ତୁତ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ଅରକଣ୍ଟା, ବଳା, ପନ୍ଦାରୀ ଓ ପନ୍ଦାରୀ ଚାବି ତିଆରି କରାଯାଇଥିଲା। ଶୁକ୍ରବାର ଠାରୁ ଦଣ୍ଡା କଣ୍ଟା ଆରମ୍ଭ ହୋଇଛି। ତାଳଧ୍ୱଜ ରଥର କମାର ସେବକ ଅର୍ଜୁନ ମହାରଣା କୁହନ୍ତି, ତିନି ରଥ ଲାଗି୧୦୬ଟି ଦଣ୍ଡା କଣ୍ଟା ତିଆରି କରାଯିବ। ନନ୍ଦିଘୋଷ ରଥର ୪୨ଟି, ତାଳଧ୍ୱଜ ରଥର ୩୮ଟି ଏବଂ ଦର୍ପଦଳନ ରଥ ଲାଗି ୨୮ଟି କଣ୍ଟା ତିଆରି କରାଯିବ ବୋଲି ସେ କହିଛନ୍ତି।

# 'ଭାଜପା ଉପରେ ଲୋକେ ଅସନ୍ତୁଷ୍ଟ ଥିବା ଜାଣିପାରିଥିଲି'

ଭୁବନେଶ୍ୱର, ୭।୬(ବ୍ୟୁରୋ)

**ରାଜ୍ୟ ମନ୍ତ୍ରିମଣ୍ଡଳରେ କେଉଁମାନେ ସ୍ଥାନ ପାଇବେ ସେନେଇ ଗତ ୨୮ତାରିଖରେ ଚର୍ଚ୍ଚା ଲାଗି ରହିଥିଲା। ହେଲେ ରାତିରେ ସବୁ କଳ୍ପନାଜଳ୍ପନାର ଅବସାନ ଘଟିଲା। ଘୋଷଣା ହୋଇଥିଲା ନୂଆ ମନ୍ତ୍ରୀମାନଙ୍କ ତାଲିକା, ଯେଉଁଥିରୁ ଅଭିଜ୍ଞ ଓ ବରିଷ୍ଠ ନେତାଙ୍କ ନାମ ସହ କେତୋଟି ନୂଆ ଚେହେରା ସାମ୍ନାକୁ ଆସିଥିଲା। ସେଥିମଧରେ ଥିଲେ କାକଟପୁର ବିଧାନସଭା ଆସନରୁ ଜିତିଥିବା ତୁଷାରକାନ୍ତି ବେହେରା। ପ୍ରଥମ ଥର ବିଧାୟକ ଭାବେ ଶପଥ ନେବା ପୂର୍ବରୁ ତୁଷାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ରାଷ୍ଟ୍ରମନ୍ତ୍ରୀଭାବେ ପଦ ଓ ଗୋପନୀୟତାର ଶପଥ ନେଇଥିଲେ। ଶିକ୍ଷାଗତ ଯୋଗ୍ୟତା, ଯୁବ ସୁଲଭତା ବଳରେ ତାଙ୍କୁ ମିଳିଛି ଗୁରୁତ୍ୱପୂର୍ଣ୍ଣ ଯୁବ ଓ କ୍ରୀଡ଼ା ସହିତ ସୂଚନା ଓ ପ୍ରଯୁକ୍ତିବିଦ୍ୟା(ଆଇଟି) ବିଭାଗ ଦାୟିତ୍ୱ। ମନ୍ତ୍ରୀ ଭାବେ ଏହି ଗୁରୁଦାୟିତ୍ୱକୁ କେତେ ଚ୍ୟାଲେଞ୍ଜ ମନେକରୁଛନ୍ତି ଏବଂ ରାଜନୈତିକ କ୍ୟାରିୟର ସମ୍ପର୍କରେ ତୁଷାରକାନ୍ତିଙ୍କ ସହ ଧରିତ୍ରୀର ଆଳାପ।**

***ପ୍ରଥମ ଥର ବିଧାୟକ ଓ ମନ୍ତ୍ରୀ ହେବାର ସୌଭାଗ୍ୟ ପାଇବା ପରେ କେମିତି ଅନୁଭବ କରୁଛନ୍ତି?***

❍ ବହୁତ ଖୁସି ଅନୁଭବ କରୁଛି। ଦାୟିତ୍ୱ ବଢିଯାଇଛି। ଯେଉଁ ଗୁରୁ ଦାୟିତ୍ୱ ମିଳିଛି ତାକୁ ଠିକ୍‌ଭାବେ ନିର୍ବାହ କରିବାକୁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି। ମୋ ଉପରେ ବିଶ୍ୱାସ କରି ଗୁରୁଦାୟିତ୍ୱ ଦେଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଉଛି। ବିଶେଷଭାବେ କାକଟପୁରବାସୀ ନିର୍ବାଚିତ କରି ପଠାଇଥିବାରୁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛି।

***ପୂର୍ବରୁ ଭାଜପାରେ ଥିଲେ, ହଠାତ୍ ବିଜେଡି ଟିକେଟ ପାଇ ଦଳ ପରିବର୍ତ୍ତନ କରିବା ପଛରେ କାରଣ କ'ଣ?***

❍ ଭାଜପାରେ ଥିଲି। କାକଟପୁର ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା ମାର୍ଚ୍ଚ ୩୦/୩୧ ସୁଦ୍ଧା କରିଥିଲା। ମୁଁ ଏପ୍ରିଲ ୨ରେ ବିଜେଡିରେ ଯୋଗଦେଲି।

***ବିଜେଡି ଯିବା ଆଗରୁ ଆପଣଙ୍କ ସହ କିଏ ଯୋଗାଯୋଗରେ ଥିଲେ, ଆପଣ କାହା ସହ ଯୋଗାଯୋଗ କରୁଥିଲେ?***

❍ ନା ସେମିତି କିଛି ନାହିଁ। ମୋ ସହ କେହି ଯୋଗାଯୋଗରେ ନ ଥିଲେ। ଯେତେବେଳେ ଲୋକମାନଙ୍କ ପାଖରେ ପହଞ୍ଚି ବାସ୍ତବତା ଜାଣିଲି, ଲୋକେ ଭାଜପା ଉପରେ ଅସନ୍ତୁଷ୍ଟ ଅଛନ୍ତି। ୨୦୧୪ରେ ଭାଜପା ନିର୍ବାଚନୀ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ପାଳନ କରିନାହିଁ ବୋଲି ଲୋକେ ଅଧିକ ଅସନ୍ତୁଷ୍ଟ ଅଛନ୍ତି। ଲୋକମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଅଧିକ ଭଲ ପାଇବା ଓ ବିଶ୍ୱାସ ରଖିଛନ୍ତି। ଓଡ଼ିଶାର ବିକାଶ ଏବଂ ରାଜ୍ୟର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ସେ ଯେଭଳି ଦାୟିତ୍ୱ ନିର୍ବାହ କରିଛନ୍ତି ସେଥିରେ ପ୍ରେରିତ ହୋଇ ବିଜେଡିରେ ଯୋଗଦେଲି।

***ଭାଜପାରେ ମିଶିବା ସମୟରେ କ'ଣ ଭାବି ଯୋଗଦେଇଥିଲେ?***

❍ ୨୦୧୩ରେ ଭାଜପାରେ ଯୋଗ ଦେଇଥିଲେ। ସେତେବେଳେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ମିଶିଥିଲି। ସବୁଠାରୁ ବଡ଼ କଥା ଦେଶର ବିକାଶ ଏବଂ ନିର୍ମାଣ ପାଇଁ ଛୋଟବେଳୁ ମନରେ ଥିଲା, ତେଣୁ ଭାଜପା ଯାଇଥିଲି।



ତୁଷାରକାନ୍ତି ବେହେରା

***ଆପଣ ୨୦୧୪ରେ ଭାଜପା ଟିକେଟରେ ନିର୍ବାଚନ ଲଢିଲେ, ଏହା ମଧରେ ୫ ବର୍ଷ ବିତିଯିବା ପରେ ଲାଗିଲା ଭାଜପା ଠିକ୍ କାମ କରୁନାହିଁ ଏଠି ଭାଜପା ବିରୋଧରେ ଜନମତ ଅଛି ବୋଲି?***

❍ ମୁଁ ଯେତେବେଳ ଭାଜପାରେ ଥିଲି ସେତେବେଳେ ଦଳ ଉପରେ ପ୍ରାଧାନ୍ୟ ନ ଦେଇ ଲୋକଙ୍କ ସମସ୍ୟା ଉପରେ ବେଶି ପ୍ରାଧାନ୍ୟ ଦେଉଥିଲି। ଯେହେତୁ ମୁଁ କାକଟପୁର ବ୍ଲକ ଅସ୍ତରଙ୍ଗ ପିଲା, ତେଣୁ ସ୍ଥାନୀୟ ସମସ୍ୟା ଉପରେ ଗୁରୁତ୍ୱ ଦେଇ ଲୋକଙ୍କ ସହ କାମ କରୁଥିଲି। ଲୋକଙ୍କ ବିକାଶ ବିଜେଡିରେ ସମ୍ଭବ ବୋଲି ଜାଣିବା ପରେ ଦଳ ପରିବର୍ତ୍ତନ କଲି।

***ଆପଣ କହୁଛନ୍ତି ଭାଜପା ଉପରେ ଲୋକେ ଅସନ୍ତୁଷ୍ଟ ଅଛନ୍ତି, ସେମାନଙ୍କ ବିରୋଧରେ ଜନମତ ଯିବ ଭାବି ଦଳ ପରିବର୍ତ୍ତନ କଲେ। ହେଲେ ଦେଶରେ ଭାଜପା ଏକକ ସଂଖ୍ୟା ଗରିଷ୍ଠ ଦଳଭାବେ ସରକାର ଗଠନ କଲା। ଓଡ଼ିଶାରେ ମଧ ଭୋଟ ହାର ବଢିଲା, ଏଇଟା କେମିତି ସମ୍ଭବ ହେଲା?***

❍ ମୁଁ ରାଜ୍ୟ କଥା କହୁଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ୨୦୧୪ରେ ୧୧୭ ଆସନ ପାଇଥିଲୁ ଏଥର ୧୧୨ ଆସନ ପାଇଛୁ। ତେଣୁ କହିବା ଭୁଲ ହେବ ଏଠି ବିଜେଡିକୁ ଲୋକେ ପ୍ରତ୍ୟାଖ୍ୟାନ କରିଛନ୍ତି। ୨୦୧୪ରେ କଂଗ୍ରେସର ଯେଉଁ ଭୋଟ ଥିଲା ତାହା ଭାଜପାକୁ ଆସିଛି ବୋଲି କହିବି।

***ଆପଣଙ୍କ ପ୍ରିୟ ନେତା କିଏ?***

-ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

***କେଉଁସବୁ ସ୍ଥାନୀୟ ସମସ୍ୟାକୁ ଆପଣ ପ୍ରାଥମିକତା ଦେବେ?***

❍ ଅସ୍ତରଙ୍ଗ ବ୍ଲକର ୭ଟି ପଞ୍ଚାୟତ ଲୁଣା ନଦୀ କଡ଼ରେ ରହିଛି। ସେଠାରେ ଶୁଦ୍ଧ ପାନୀୟ ଜଳ ପହଞ୍ଚିପାରି ନାହିଁ। ବହୁ ସ୍ଥାନରେ ନଳକୂପରେ ଲୁଣି ପାଣି ପଡେ। ସେହି ସମସ୍ୟାକୁ ପ୍ରଥମେ ଗୁରୁତ୍ୱ ଦେବି। ଏହାଛଡା କାକଟପୁର, ଅସ୍ତରଙ୍ଗ ଏବଂ କୋଣାର୍କରେ ଥିବା ଡାକ୍ତରଖାନାଗୁଡିକର ଭିତ୍ତିଭୂମିକୁ ଅଧିକ ସଜାଡିବି। ଏହାସହ ସେହିସବୁ ଡାକ୍ତରଖାନାରେ ଅଧିକ ଡାକ୍ତର ନିଯୁକ୍ତି ଦିଗରେ ଗୁରୁତ୍ୱ ଦେବି।

***ବିଜୁ ଯୁବ ବାହିନୀ ନିଯୁକ୍ତି ଦଳୀୟ ଭିତ୍ତିରେ କରାଯାଇଥିବା ବିଭିନ୍ନ ମହଲରେ ଅଭିଯୋଗ କରାଯାଉଛି, ସେନେଇ କିଛି ତ୍ରୁଟି ବିଚ୍ୟୁତିକୁ ଆପଣ ସୁଧାରିବେ କି?***

❍ ସମାଜର ସେବା ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ଏଥିରେ ସାମିଲ କରାଯିବ। ଗତ ମେ ୩ରେ ସାମୁଦ୍ରିକ ଝଡ ଫନୀ ଦ୍ୱାରା କ୍ଷୟକ୍ଷତି ହୋଇଥିବା ଅଞ୍ଚଳରେ ବିଜୁ ଯୁବ ବାହିନୀ ସଦସ୍ୟମାନେ ଉଦ୍ଧାର କାର୍ଯ୍ୟ କରିଥିଲେ। ସେମାନେ କ'ଣ ଦଳ ଦେଖି ସେବା କରିଛନ୍ତି , ସେମିତି କିଛି ଲାଗୁନାହିଁ।

***ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ରାଜ୍ୟରେ ୨୧ଲକ୍ଷରୁ ଅଧିକ ବିଜୁ ଯୁବ ବାହିନୀ ସଦସ୍ୟ ଅଛନ୍ତି। ସେମାନଙ୍କ ମଧରୁ ବାତ୍ୟା ପ୍ରଭାବିତ ଅଞ୍ଚଳର ସଦସ୍ୟଙ୍କୁ ଛାଡ଼ିଦେଲେ ବାକି ୧୫ଲକ୍ଷ ସଦସ୍ୟ କ'ଣ ବାତ୍ୟା ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ ?***

❍ ୧୫ ଲକ୍ଷ କାମ କରି ନ ଥିଲେ ମଧ ଜିଲାସ୍ତରରେ ଥିବା ବିଜୁ ଯୁବ ବାହିନୀ ସଦସ୍ୟମାନେ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ଏହାର ନଜିର ମୋ ପାଖରେ ରହିଛି।

***ପୂର୍ବତନ ମନ୍ତ୍ରୀ ଥିବା ବହୁ ବରିଷ୍ଠ ନେତା ମନ୍ତ୍ରିମଣ୍ଡଳରେ ନାହାନ୍ତି। ଆପଣଙ୍କୁ ଲାଗୁଛି ସେମାନେ ଯେପରି କାର୍ଯ୍ୟ କରିବାର ଦକ୍ଷତା ରଖିଥିଲେ, ଆପଣଙ୍କ ଭଳି ନୂଆ ମନ୍ତ୍ରିମାନେ ସେମିତି କାର୍ଯ୍ୟ କରିପାରିବେ?***

❍ ତା'ଉପରେ କିଛି କହିବା ଠିକ୍ ହେବ ନାହିଁ। ଯେଉଁ ନେତାମାନେ ଆଗରୁ କାର୍ଯ୍ୟ କରିଛନ୍ତି, ସେମାନଙ୍କଠାରୁ ବହୁତ କିଛି ଶିଖିବାର ଅଛି। ସେମାନଙ୍କ ମାର୍ଗଦର୍ଶନରେ ଆଗକୁ କାମ କରିବି ବୋଲି ଭାବୁଛି।

***ମନ୍ତ୍ରୀଭାବେ ରାଜ୍ୟର କେଉଁ ୩ ସମସ୍ୟା ପ୍ରତି ଆପଣଙ୍କ ପ୍ରାଥମିକତା ରହିବ?***

❍ ବର୍ତ୍ତମାନ ମୋତେ ଦୁଇଟି ବିଭାଗର ଦାୟିତ୍ୱ ମିଳିଛି। ସୂଚନା ଓ ପ୍ରଯୁକ୍ତିବିଦ୍ୟା(ଆଇଟି) ଏବଂ କ୍ରୀଡା ଓ ଯୁବବ୍ୟାପାର ବିଭାଗ ଦିଆଯାଇଛି। ଆଇଟି କ୍ଷେତ୍ରରେ ଭିତ୍ତିଭୂମିର ଯେଉଁ ଅଭାବ ରହିଛି ତାର ସମାଧାନ ଉପରେ ଗୁରୁତ୍ୱଦେବି। ଇନ୍‌ଫୋସିସ୍, ଟେକ୍ ମହିନ୍ଦ୍ରା ଭଳି କମ୍ପାନୀ ଥିଲେ ମଧ ଆହୁରି ବହୁତ କମ୍ପାନୀ ରାଜ୍ୟକୁ ଆଣିବାକୁ ପ୍ରୟାସ କରିବି। ଯେପରି ଉକ୍ତ କମ୍ପାନୀଗୁଡିକ ବିଭିନ୍ନ ଜିଲାରେ ମଧ କାର୍ଯ୍ୟ କରିବେ। ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ଭଳି ସହରରେ ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ(ଏସ୍‌ଟିପିଆଇ) ରହିଛି। ତା' ମାଧମରେ କିଭଳି ଅଧିକ ଛୋଟ କମ୍ପାନୀ ଆସିବ ସେ ଦିଗରେ ମଧ ଅଧିକ ପ୍ରାୟସ କରିବି।

***ଓଡ଼ିଶାରେ ଆଇଟି ହବ୍ ହୋଇପାରୁନାହିଁ, ସେ ଦିଗରେ ଆପଣଙ୍କ ପ୍ରୟାସ କ'ଣ ରହିବ?***

❍ ଆଇଟି ହବ୍ ହେବା ପାଇଁ ଇକୋ ସିଷ୍ଟମ୍‌ର ଆବଶ୍ୟକତା ରହିଛି। ଅନ୍ୟ ରାଜ୍ୟରୁ ଯେଉଁ ପିଲାମାନେ ଆସିବେ ସେମାନେ କିଭଳି ଏଠାରେ ସୁରୁଖୁରୁରେ ଚଳିବେ, ସେମାନଙ୍କ ସୁରକ୍ଷା, ରହିବା ପାଇଁ ଘର, ଟ୍ରାଫିକ୍ ପରିଚାଳନା ଆଦି ବ୍ୟବସ୍ଥା ଉପରେ ଧାନ ଦେବାକୁ ପଡ଼ିବ। ଏହି ବ୍ୟବସ୍ଥା ଧୀରେ ଧୀରେ ହେଲାଣି। ଭୁବନେଶ୍ୱର ଆଇଟି ହବ୍ ପାଇଁ ଯେଉଁ ବ୍ୟବସ୍ଥା କରାଯିବା କଥା ତାହା ବିଳମ୍ବରେ ହେଲା। ବେଙ୍ଗାଲୁରୁ ହେଉ କି, ହାଇଦ୍ରାବାଦ, ପୁଣେ ଆଦି ସହର ଆଇଟି ହବ୍ ହେବା ପଛରେ ସୁଦୃଢ଼ ବ୍ୟବସ୍ଥା ରହିଆସିଛି। ତା'ର ଗୋଟିଏ କାରଣ କ୍ଲାଇମେଟ୍ ମଧ କହିବି। କିନ୍ତୁ ହାଇଦ୍ରାବାଦ୍‌ର କ୍ଲାଇମେଟ୍ ସହ ଭୁବନେଶ୍ୱରର ସାମଞ୍ଜସ୍ୟ ରହିଛି। ତେଣୁ ଆଗାମୀ ଦିନରେ କ୍ଲାଇମେଟ୍ ଯୋଗୁ ସେମିତି କିଛି ବିଶେଷ ଅସୁବିଧା ହେବନାହିଁ। ଇକୋ ସିଷ୍ଟମ୍‌ରେ ଡେଭଲପମେଣ୍ଟ ଏବଂ କମ୍ପାନୀଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯିବ।

***ମୁଖ୍ୟମନ୍ତ୍ରୀଙ୍କ ୩ ଫର୍ମୁଲାକୁ ଆପଣ କେମିତି ଦେଖନ୍ତି?***

❍ ମୁଖ୍ୟମନ୍ତ୍ରୀଙ୍କ ୩ ଫର୍ମୁଲା ଏବେ ତାହା ୫ଟିରେ ପରିଣତ ହୋଇସାରିଛି। ମୁଖ୍ୟମନ୍ତ୍ରୀ ସମୟକୁ ବେଶି ଗୁରୁତ୍ୱ ଦେଇଛନ୍ତି। ତେଣୁ ସମୟ ମଧରେ କାର୍ଯ୍ୟଗୁଡିକର ସମୀକ୍ଷା କରି ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ଦେବୁ। ରାଜ୍ୟରେ ବହୁ କାର୍ଯ୍ୟ ଏବେ ଅନ୍‌ଲାଇନରେ ଚାଲିଛି। ଅନ୍ୟ ରାଜ୍ୟକୁ ଦେଖିଲେ ଓଡ଼ିଶାରେ ଇଲେକ୍ଟ୍ରି ବିଲ୍ ଦେୟ ପ୍ରଦାନ ଭଳି ବିଭିନ୍ନ କ୍ଷେତ୍ରରେ ଅନ୍‌ଲାଇନ କାର୍ଯ୍ୟ ଆଗରେ ରହିଛି।

*-ସାକ୍ଷାତ୍‌: ସୁନୀତ୍ ମିଶ୍ର*



କର୍ନାଟକରେ କଂଗ୍ରେସ-ଜେଡିଏସ୍ ମେଣ୍ଟ ସରକାର ଶାସନ କରି ନ ପାରିଲେ କ୍ଷମତା ଛାଡ଼ିଦିଅନ୍ତୁ।

-ବି.ଏସ୍. ୟେଦ୍ୟୁରପ୍ପା, ବରିଷ୍ଠ ଭାଜପା ନେତା



## ■ ନ୍ୟାୟ ପାଇଁ ସୋସିଆଲ ମିଡିଆରେ ଅଭିଯାନ

# ଦେଶବ୍ୟାପୀ ଆକ୍ରୋଶ, ବିକ୍ଷୋଭ

ଆଲିଗଡ଼/ନୂଆଦିଲ୍ଲୀ,୭।୬(ପି.ଟି.)




ଆଲିଗଡ଼ ଲଜ୍ଜା



ଆଖି ଦୁଇଟିକୁ ନଷ୍ଟ କରିଦିଆଯାଇଛି, ମସ୍ତିଷ୍କକୁ ଗଳିତ କରାଯାଇଛି ଓ ହାତଗୋଡ଼ ଭାଙ୍ଗି ଦିଆଯାଇଛି। ବଳାତ୍କାରକୁ ଅସ୍ୱୀକାର କରାଯାଇ ପାରୁନାହିଁ। ନାବାଳିକଙ୍କ ମୃତଦେହର ବ୍ୟବଚ୍ଛେଦ ରିପୋର୍ଟରୁ ଏହି ବିଷୟ ସାମ୍ନାକୁ ଆସିବା ପରେ ଠଉରାଇ ହୋଇଯାଉଛି ବର୍ବରତା ଓ ନିର୍ମମତାର କେତେ ସୀମା ଲଂଘିଛନ୍ତି ହତ୍ୟାକାରୀ ଜାହିଦ ଓ ଅସ୍‌ଲମ୍। ସଭ୍ୟ ସମାଜର ମୁଣ୍ଡ ତଳକୁ କରିଦେବା ଭଳି ଏକ ଲଜ୍ଜାଜନକ ଘଟଣା ଉତ୍ତରପ୍ରଦେଶ(ୟୁପି)ର ଆଲିଗଡ଼ରେ ଘଟିଛି। ମାତ୍ର ୧୦ ହଜାର ଟଙ୍କା ପାଇଁ ଜଣେ ଅଢ଼େଇ ବର୍ଷର ଶିଶୁକନ୍ୟାକୁ ହତ୍ୟା କରାଯାଇଛି। ହତ୍ୟା ପୂର୍ବରୁ ତାଙ୍କୁ ବଳାତ୍କାର ମଧ୍ୟ କରାଯାଇଥିବା ସନ୍ଦେହ କରାଯାଉଛି। ନିଖୋଜ ନାବାଳିକାଙ୍କ ମୃତଦେହ ମିଳିବା ପରେ କେବଳ ଆଲିଗଡ଼ ନୁହେଁ, ବରଂ ଦେଶବ୍ୟାପୀ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱର ଉଠିଛି। ସୋସିଆଲ ମିଡିଆରେ ନାବାଳିକାଙ୍କ ନ୍ୟାୟ ଦାବିରେ ଅଭିଯାନ ଜୋର୍ ଧରିବା ସହ ଜାତୀୟ ରାଜନୀତି ମଧ୍ୟ ସରଗରମ ହୋଇଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏହି ଘଟଣାକୁ ନିନ୍ଦା କରିଛନ୍ତି। ଆଲିଗଡ଼ ଘଟଣାକୁ ନେଇ ସେ ସ୍ତବ୍ଧ ଓ ବିଚଳିତ। ଜଣେ ଶିଶୁକନ୍ୟାଙ୍କୁ ଜଣେ ମଣିଷ ଏତେ ନିର୍ମମ ବ୍ୟବହାର କିପରି କରିପାରେ ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ହତ୍ୟାକାରୀଙ୍କୁ କଠୋର ଦଣ୍ଡ ଦେବା ପାଇଁ ଟ୍ୱିଟରରେ ରାହୁଲ ଦାବି କରିଛନ୍ତି। ତାଙ୍କ ଭଉଣୀ ତଥା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ କହିଛନ୍ତି, ଆଲିଗଡ଼ର ନିର୍ମମ ହତ୍ୟା ଆଉ ଏକ ଅମାନବୀୟ କାଣ୍ଡ ଓ ନିରୀହ ଶିଶୁ ବିରୋଧରେ ଅକଥନୀୟ ଅପରାଧ। ତାଙ୍କ ମା'ବାପା ଏଥିରୁ କିପରି କଷ୍ଟ ପାଉଥିବେ ତାହା ଅନୁଭବ କରିହେଉଛି। ସେହିପରି ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀ ଏହାକୁ ଅତ୍ୟନ୍ତ ଲଜ୍ଜାଜନକ ଓ ଦୁଃଖଦ ଘଟଣା ଭାବେ ଅଭିହିତ କରି ଉତ୍ତରପ୍ରଦେଶ ସରକାର ଅଭିଯୁକ୍ତଙ୍କୁ ତୁରନ୍ତ ଦଣ୍ଡିତ କରନ୍ତୁ ବୋଲି ଦାବି କରିଛନ୍ତି। ସେଲିବ୍ରିଟିମାନେ ମଧ୍ୟ ଏହି କାଣ୍ଡକୁ ନିନ୍ଦା କରି ପୀଡ଼ିତାଙ୍କ ପାଇଁ ନ୍ୟାୟ ମାଗିଛନ୍ତି। ଅଭିନେତା ଅକ୍ଷୟ କୁମାର ଟ୍ୱିଟ୍ କରିଛନ୍ତି, ଆଲିଗଡ଼ ଘଟଣାକୁ ନେଇ ସେ ଆତଙ୍କିତ ଓ କ୍ରୋଧିତ। ଆମ ପିଲାଙ୍କ ପାଇଁ ଯେପରି ଦୁନିଆ ଚାହୁଁ, ନିଶ୍ଚିତ ଭାବେ ଏହା ତାହା ନୁହେଁ। ଅପରାଧୀଙ୍କୁ ଦଣ୍ଡ ମିଳୁ। ସୋସିଆଲ ମିଡିଆରେ ଅଭିଷେକ ବଚ୍ଚନ ଲେଖିଛନ୍ତି, ଏଭଳି ହୀନ କାର୍ଯ୍ୟ କରିବା ପାଇଁ ଜଣେ କିପରି ଚିନ୍ତା କରିପାରେ। ନିନ୍ଦା ପାଇଁ ଭାଷା ନାହିଁ। ସେହିପରି ଅଭିନେତ୍ରୀ ସୋନମ କପୁର ଆହୁଜା କହିଛନ୍ତି, ଆଲିଗଡ଼ ଝିଅ ଉପରେ ଯାହା ବିତିଛି ତାହା ହୃଦୟ ବିଦାରକ ଓ ଭୟଙ୍କର। ଶିଶୁ ପାଇଁ ପ୍ରାର୍ଥନା। ଏହାକୁ ସ୍ୱାର୍ଥପର ଏଜେଣ୍ଡା ଭାବେ ବ୍ୟବହାର କରା ନ ଯାଉ। ଶିଶୁକନ୍ୟା ନାମରେ ଟ୍ୱିଟରରେ ଏକ ହ୍ୟାସ୍‌ଟ୍ୟାଗ୍ ଟ୍ରେଣ୍ଡ କରିବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ଏହାକୁ ନେଇ ୫୦ ହଜାର ଟୁଇଟ୍ କରାଯାଇଥିବା ଜଣାପଡ଼ିଛି।



ଅକ୍ଷୟ କୁମାର | ସୋନମ୍ କପୁର | ଅଭିଷେକ ବଚ୍ଚନ

## କୁନିଝିଅଠୁ ନେଲେ ଅପମାନର ପ୍ରତିଶୋଧ

**ଆଲିଗଡ଼,୭।୬:** ଆଲିଗଡ଼ରୁ ପ୍ରାୟ ୫୦ କି.ମି. ଦୂର ତପ୍ପାଲ ସହର। ମେ ୩୦ ତାରିଖରେ ହଠାତ ନିଖୋଜ ହୋଇଯାଇଥିଲେ ଜଣେ ଅଢ଼େଇ ବର୍ଷୀୟା ଝିଅ। ପରିବାର ଲୋକ ଓ ସମ୍ପର୍କୀୟମାନେ ଖୋଜାଖୋଜି କରିବା ପରେ ବି ମିଳେନି ନାବାଳିକାଙ୍କ ପତ୍ତା। ପରଦିନ ପରିବାର ପକ୍ଷରୁ ଥାନାରେ ରିପୋର୍ଟ କରାଯାଏ । ଜୁନ୍ ୨ ତାରିଖରେ ତାଙ୍କ ଘର ନିକଟ ଏକ ଅଳିଆ ଗଦାରେ ଘଟେ ଏକ ଅସ୍ୱାଭାବିକ ଘଟଣା। ଅଳିଆ ଭିତରୁ ବୁଲା କୁକୁରମାନେ କିଛି ଗୋଟେ ଟାଣୁଥିବା ଜଣେ ମହିଳା ଦେଖିବାକୁ ପାଆନ୍ତି। ଅନୁଧ୍ୟାନରୁ ଜଣାପଡ଼େ କୁକୁର ଟାଣୁଥିବା କପଡ଼ା ଭିତର ଜିନିଷ ଏକ ଶିଶୁର ମୃତଦେହ ବୋଲି। ପୋଲିସ ଆସି ଶବ ବ୍ୟବଚ୍ଛେଦ ପାଇଁ ପଠାଏ। ତନାଘନା ପରେ ଗିରଫ ହୁଅନ୍ତି ୨ ଅଭିଯୁକ୍ତ ଜାହିଦ ଓ ଅସ୍‌ଲମ୍। ଜେରାବେଳେ ଦୁହେଁ ଅପରାଧ ସ୍ୱୀକାର କରନ୍ତି। ସାମ୍ନାକୁ ଆସେ ସବୁ କଥା। ଜାହିଦଙ୍କ କହିବାନୁସାରେ ସେ ଶିଶୁକନ୍ୟାଙ୍କ ଜେଜେବାପାଙ୍କଠାରୁ ୫୦ ହଜାର ଟଙ୍କା ଧାର ନେଇଥିଲେ। ୪୦ ହଜାର ଶୁଝିସାରିଥିବାବେଳେ ଆଉ ୧୦ ହଜାର ବାକି ଅଛି। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାକୁ ନେଇ ଅପମାନର ପ୍ରତିଶୋଧ ପାଇଁ ଜାହିଦ ପଣ କରିଥିଲେ। ଶେଷରେ ନିରୀହ ଶିଶୁକନ୍ୟାଙ୍କୁ ଅପହରଣ କରି ହତ୍ୟା କରିଥିଲେ। ଏହି ନାରକୀୟ କାଣ୍ଡରେ ତାଙ୍କୁ ସାହାଯ୍ୟ କରିଥିଲେ ଅସ୍‌ଲମ୍। ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ସତ। ହେଲେ ନିଖୋଜ ଖବର ପାଇବା ପରେ ତ୍ୱରିତ ତତ୍ପରତା ପ୍ରକାଶ କରି ଖୋଜାଖୋଜି କରିଥିଲେ ହୁଏତ ଶିଶୁକନ୍ୟାଙ୍କ ଜୀବନ ବଞ୍ଚାଯାଇ ପାରିଥାନ୍ତା।



ଗିରଫ ୨ ଅଭିଯୁକ୍ତ

## ୬ କ୍ୟାବିନେଟ କମିଟିରେ ରାଜନାଥ



### ବଦଳିଲା ବିଜ୍ଞପ୍ତି
### ଇସ୍ତଫା ପ୍ରସ୍ତାବକୁ ଖଣ୍ଡନ

ନୂଆଦିଲ୍ଲୀ,୭।୬

କେନ୍ଦ୍ର ସରକାର ପ୍ରକାଶ କରିଥିବା କ୍ୟାବିନେଟ କମିଟି ସମ୍ପର୍କିତ ବିଜ୍ଞପ୍ତିରେ ପରିବର୍ତ୍ତନ କରିଛନ୍ତି। ଗୁରୁବାର ପ୍ରକାଶିତ ବିଜ୍ଞପ୍ତିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ମାତ୍ର ୨ଟି କ୍ୟାବିନେଟ କମିଟିରେ ସଦସ୍ୟ ରଖାଯାଇଥିବାବେଳେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କୁ ସମସ୍ତ ୮ଟି କମିଟିରେ ନିଆଯାଇଥିଲା। ଏହାକୁ ନେଇ ରାଜନୈତିକ ମହଲରେ ଜୋରଦାର ଚର୍ଚ୍ଚା ହେବା ପରେ ସରକାର ଶୁକ୍ରବାର ବିଜ୍ଞପ୍ତିରେ ସଂଶୋଧନ କରି ରାଜନାଥଙ୍କୁ ରାଜନୈତିକ ବ୍ୟାପାର, ସଂସଦୀୟ ବ୍ୟାପାର ସମେତ ନୂଆ ଗଠନ ହୋଇଥିବା ପୁଞ୍ଜିନିବେଶ ଓ ନିଯୁକ୍ତି ବୃଦ୍ଧି ସମ୍ପର୍କିତ କ୍ୟାବିନେଟ କମିଟିରେ ସାମିଲ କରିଛନ୍ତି। ପୂର୍ବ ବିଜ୍ଞପ୍ତିରେ ରାଜନାଥ କେବଳ ସୁରକ୍ଷା ଏବଂ ଆର୍ଥିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟିରେ ସ୍ଥାନ ପାଇଥିଲେ। ଅନ୍ୟପକ୍ଷରେ ରାଜନାଥ ସିଂ ମନ୍ତ୍ରୀପଦ ଛାଡ଼ିବାକୁ ଧମକ ଦେବାରୁ ତାଙ୍କୁ ୬ଟି କ୍ୟାବିନେଟ କମିଟିରେ ନିଆଗଲା ବୋଲି ପ୍ରକାଶ ପାଇଥିବା ଖବରକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଖଣ୍ଡନ କରାଯାଇଛି।

ଭାଜପା ଅଧ୍ୟକ୍ଷ ଶାହ ୮ଟି କମିଟିରେ ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୬ଟି କମିଟିରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୭ଟିରେ ଏବଂ ବାଣିଜ୍ୟ ଓ ରେଳମନ୍ତ୍ରୀ ପୀୟୂଷ ଗୋୟଲ ୫ଟି କମିଟିରେ ସଦସ୍ୟ ଅଛନ୍ତି। ପୂର୍ବ ସରକାରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଥିବା ରାଜନାଥ ଦୁଇଥର ଭାଜପା ଅଧ୍ୟକ୍ଷ ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ମଧ୍ୟ ଥିଲେ। ନୂଆ ସରକାରରେ ତାଙ୍କୁ ରାଜନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟିରେ ନିଆଯାଇ ନ ଥିବା ଜଣାପଡିବା ପରେ ଏହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଥିଲା।

## ■ ଦୁବାଇରେ ବସ୍ ଦୁର୍ଘଟଣା

# ୧୨ ଭାରତୀୟଙ୍କ ସହ ୧୭ ମୃତ

ଦୁବାଇ, ୭।୬(ପି.ଟି.)



ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏକ ବସ୍ ଦୁବାଇରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବାବେଳେ ସେଥିରେ ଥିବା ମୋଟ ୩୧ ଯାତ୍ରୀଙ୍କ ମଧ୍ୟରୁ ୧୭ ଜଣଙ୍କ ପ୍ରାଣହାନି ଘଟିଛି। ଏମାନଙ୍କ ମଧ୍ୟରେ ୧୨ ଜଣ ଭାରତୀୟ ଥିବା ଜଣାପଡ଼ିଛି। ଏଥିରେ ୯ ଜଣ ଗୁରୁତର ହୋଇ ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ପ୍ରକାଶ। ବସ୍‌ଟି ରାସ୍ତାରେ ଥିବା ଏକ ସାଇନ୍‌ବୋର୍ଡ ସହ ଧକ୍କା ଖାଇ ଓଲଟି ପଡ଼ିଥିଲା। ଏହି ରାସ୍ତା ବସ୍ ଲାଗି ଉଦ୍ଦିଷ୍ଟ ନ ଥିବାବେଳେ ଡ୍ରାଇଭର ଜାଣିପାରି ନ ଥିଲେ ବୋଲି ଭାରତୀୟ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି। ମୃତ୍ୟୁସଂଖ୍ୟା ବୃଦ୍ଧି ପାଇପାରେ ବୋଲି ଆଶଙ୍କା କରାଯାଉଛି।

# ମାଳଦ୍ୱୀପ, ଶ୍ରୀଲଙ୍କା ଗସ୍ତରେ ମୋଦି

ନୂଆଦିଲ୍ଲୀ,୭।୬



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାରଠାରୁ ଦୁଇଦିନିଆ ମାଳଦ୍ୱୀପ ଓ ଶ୍ରୀଲଙ୍କା ଗସ୍ତରେ ଯାଇଛନ୍ତି। ପ୍ରଧାନମନ୍ତ୍ରୀ ଭାବେ ପୁନଃନିର୍ବାଚିତ ହେବା ପରେ ଏହା ତାଙ୍କର ପ୍ରଥମ ବିଦେଶ ଗସ୍ତ। ଦ୍ୱିରାଷ୍ଟ୍ର ଗସ୍ତର ପ୍ରଥମ ଚରଣରେ ମୋଦି ମାଲେରେ ପହଞ୍ଚି ମାଳଦ୍ୱୀପ ରାଷ୍ଟ୍ରପତି ଇବ୍ରାହିମ୍ ମହମ୍ମଦ ସୋଲିହଙ୍କ ସହ ମିଳିତ ଭାବେ ଉପକୂଳ ଗୋଇନ୍ଦା ରାଡାର ସିଷ୍ଟମ ଏବଂ ମାଳଦ୍ୱୀପ ଜାତୀୟ ପ୍ରତିରକ୍ଷା ବାହିନୀ ପାଇଁ ମିଳିତ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟନ କରିବେ। ୨୦୧୬ରେ ମିଳିତ ପ୍ରତିରକ୍ଷା ଚୁକ୍ତି ଅନୁଯାୟୀ ଉକ୍ତ ପ୍ରକଳ୍ପ ନିର୍ମାଣ ଲାଗି ଭାରତ ସହାୟତା ଯୋଗାଇ ଦେଇଥିଲା ବୋଲି ମାଲେରେ ଥିବା ଭାରତୀୟ ରାଷ୍ଟ୍ରଦୂତ ସଞ୍ଜୟ ସୁଧୀର କହିଛନ୍ତି। ଏହା ବ୍ୟତୀତ ମାଳଦ୍ୱୀପ ପାର୍ଲାମେଣ୍ଟରେ ପ୍ରଧାନମନ୍ତ୍ରୀ ମୋଦି ଉଦ୍‌ବୋଧନ ଦେବେ। କୌଣସି ବିଦେଶୀ ଅତିଥିଙ୍କ ପାଇଁ ମାଳଦ୍ୱୀପ ପକ୍ଷରୁ ଏହା ବିରଳ ସମ୍ମାନ। ଏଥିସହିତ ପ୍ରଧାନମନ୍ତ୍ରୀଙ୍କୁ ମାଳଦ୍ୱୀପର ସର୍ବୋଚ୍ଚ ସମ୍ମାନ ନିଶାନ ଇଜୁଦ୍ଦିନ୍‌ରେ ସମ୍ମାନିତ କରାଯିବ। ମୋଦିଙ୍କ ଗସ୍ତ ଅବସରରେ ବିଭିନ୍ନ ସେକ୍ଟର ସହ ପ୍ରତିନିଧି ସ୍ତରୀୟ ଆଲୋଚନା ହେବା ସହ କେତେଗୁଡ଼ିଏ ରାଜିନାମା ଓ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହେବ ବୋଲି ରାଷ୍ଟ୍ରଦୂତ ସୂଚନା ଦେଇଛନ୍ତି। ସେଠାରୁ ପ୍ରଧାନମନ୍ତ୍ରୀ ଶ୍ରୀଲଙ୍କା ଅଭିମୁଖେ ଗସ୍ତ କରିବେ। ପ୍ରଥମେ ପଡୋଶୀ ନୀତିକୁ ଭାରତ ଗୁରୁତ୍ୱ ଦେଇଆସୁଛି ଏବଂ ଏହି ଗସ୍ତ ତାହାର ସୂଚନା ଦେଉଛି। ଦୁଇ ପଡୋଶୀ ଦେଶ ସହ ସମ୍ପର୍କକୁ ଅଧିକ ମଜଭୁତ କରିବା ତାଙ୍କ ଗସ୍ତର ଲକ୍ଷ୍ୟ। ଆତଙ୍କବାଦ ବିରୋଧୀ ଲଢ଼େଇରେ ଭାରତ ଶ୍ରୀଲଙ୍କାକୁ ପୂର୍ଣ୍ଣ ସହାୟତା ଯୋଗାଇଦେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ■ ୟୁପିରେ କାଳବୈଶାଖୀ ତାଣ୍ଡବ

# ଧୂଳିଝଡ଼ ନେଲା ୨୬ ଜୀବନ

ଲକ୍ଷ୍ନୌ, ୭।୬(ପି.ଟି.)

ଉତ୍ତରପ୍ରଦେଶର ଅନେକ ସ୍ଥାନରେ ଶୁକ୍ରବାର କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଧୂଳିଝଡ଼ ସହ ବଜ୍ରପାତ ଯୋଗୁ ରାଜ୍ୟରେ ୨୬ ଜଣ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିବାବେଳେ ୫୨ ଆହତ ହୋଇଛନ୍ତି। ଜୋର୍‌ରେ ପବନ ବହିବାରୁ ବହୁ ଘର ଓ କାନ୍ଥ ଭାଙ୍ଗିଯିବା ସହ ଅନେକ ଗଛ ଉପୁଡ଼ି ପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ରିଲିଫ୍ ଅପରେଶନକୁ ଜୋର୍‌ଦାର କରାଯାଇଥିବା ପ୍ରକାଶ। କାଳବୈଶାଖୀରେ ମୈନ୍‌ପୁରୀ ଜିଲା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଏଠାରେ ଅନେକ ଘର ଓ କାନ୍ଥ ଭାଙ୍ଗିଯାଇ ଥିବାବେଳେ ୮ ଜଣ ଲୋକଙ୍କ ପ୍ରାଣହାନି ଘଟିଛି। ରାସ୍ତା ଉପରେ ଗଛ ପଡ଼ିରହିବାରୁ ଟ୍ରାଫିକ ସମସ୍ୟା ଦେଖାଦେଇଛି। ଜିଲାରୁ ପ୍ରାୟ ୪୧ ଜଣ ଏଥିରେ ଆହତ ହୋଇଥିବା ପ୍ରକାଶ।

ଗୁରୁବାର ରାତିରୁ ପବନ ଓ ବର୍ଷା ସହ ଘଡ଼ଘଡ଼ି କାଳ ସାଜିଥିଲା। ଲୋକେ ଶୋଇଥିବାବେଳେ ଘରର କାନ୍ଥ ଭାଙ୍ଗିବା, ଗଛ ଉପୁଡ଼ିବା ଓ ବଜ୍ରପାତ ହେବା ଭଳି ସମସ୍ୟା ଦେଖାଦେଇଥିଲା। ରାଜ୍ୟର ଏଟା ଓ କାସ୍‌ଗଞ୍ଜରେ ୩ ଜଣ ଲେଖାଏ ବ୍ୟକ୍ତି ପ୍ରାଣ ହରାଇଥିବାବେଳେ ମୋରାଦାବାଦ୍, ବଦାଉଁ, ପିଲିଭିତ୍, ମଥୁରା, କନୌଜ୍, ସମ୍ଭଲ ଓ ଗାଜିଆବାଦ୍‌ରେ ଜଣେ ଲେଖାଏ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିବା ରାଜ୍ୟ ରିଲିଫ କମିଶନରଙ୍କଠାରୁ ଜଣାପଡ଼ିଛି।

କାଳବୈଶାଖୀ ଯୋଗୁ ଅନେକ ସ୍ଥାନରେ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରପୀଡ଼ିତଙ୍କୁ ରିଲିଫ ସାମଗ୍ରୀ ତୁରନ୍ତ ଯୋଗାଇ ଦେବା ସହ ସେମାନଙ୍କ ଆବଶ୍ୟକତାକୁ ଧ୍ୟାନ ଦେବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ମନ୍ତ୍ରୀ ଓ ଜିଲାପାଳଙ୍କୁ ମଧ୍ୟ ତଦାରଖ ଦାୟିତ୍ୱ ଅର୍ପଣ କରାଯାଇଛି। ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ଘୋଷଣା କରିଛନ୍ତି।

### ନେପାଳରେ ୨ ମୃତ, ଶତାଧିକ ଆହତ

**କାଠମାଣ୍ଡୁ, ୭।୬(ପି.ଟି.):** ନେପାଳରେ ଭୟଙ୍କର ଝଡ଼ ଦେଖାଦେବାରୁ ଏହାର ପ୍ରଭାବରେ ୨ ଜଣ ବ୍ୟକ୍ତି ପ୍ରାଣ ହରାଇଥିବାବେଳେ ଶତାଧିକ ଆହତ ହୋଇଛନ୍ତି। ସୁଦୂରପଶ୍ଚିମ ପ୍ରଦେଶରେ ଏହାର ବିଶେଷ ପ୍ରଭାବ ଦେଖିବାକୁ ମିଳିଛି। କୈଲାଲି ଓ କାଞ୍ଚନପୁର ଜିଲାରେ ଶତାଧିକ ଘର ଭାଙ୍ଗିଯାଇଛି। ଝଡ଼ ମାତ୍ର ୪୦ ମିନିଟ୍‌ରେ ତାଣ୍ଡବ ରଚିଛି। ରିଲିଫ ଓ ଉଦ୍ଧାର କାର୍ଯ୍ୟ ଲାଗି ବିଭିନ୍ନ ସ୍ଥାନରେ ନେପାଳ ପୋଲିସ ଓ ସେନାକୁ ନିୟୋଜିତ କରାଯାଇଛି।

### [ଇତିହାସର ଆଇନାରେ]
## ଜୁନ୍ ୮ର ପ୍ରମୁଖ ଘଟଣା

୨୦୦୮ ଜୁନ୍ ୮ରେ ୟୁକ୍ରେନ୍‌ର ଏକ କୋଇଲା ଖଣିରେ ବିସ୍ଫୋରଣ ଯୋଗୁ ଅନ୍ୟୂନ ୩୭ ଖଣି ଶ୍ରମିକ ନିଖୋଜ ହୋଇଯାଇଥିଲେ। ୟୁକ୍ରେନ୍ ହେଉଛି ପୂର୍ବ ୟୁରୋପ୍‌ର ଏକ ଦେଶ। ୟୁକ୍ରେନ୍‌ର ଜନସଂଖ୍ୟା ୪କୋଟି ୨୫ଲକ୍ଷରୁ ଊର୍ଦ୍ଧ୍ୱ ଏବଂ ଏହା ବିଶ୍ୱର ୩୨ତମ ଜନବହୁଳ ଦେଶ। ଏହାର ରାଜଧାନୀ ଏବଂ ବୃହତ୍ତମ ନଗରୀ କେଭ୍ ଏବଂ ଏହାର ସରକାରୀ ଭାଷା ୟୁକ୍ରେନିୟାନ୍।

୨୦୦୯ ଜୁନ୍ ୮ରେ ଦୁଇଜଣ ଆମେରିକୀୟ ଖବରଦାତା ଉତ୍ତରକୋରିଆରେ ବେଆଇନ ଭାବେ ପ୍ରବେଶ କରିଥିବାରୁ ଦୁହିଁଙ୍କୁ ୧୨ବର୍ଷ ସଶ୍ରମ କାରାଦଣ୍ଡାଦେଶ ହୋଇଥିଲା। ଉତ୍ତର କୋରିଆର ସରକାରୀ ନାମ ଡେମୋକ୍ରାଟିକ୍ ପିପୁଲ୍ସ ରିପବ୍ଲିକ୍ ଅଫ୍ କୋରିଆ। ଏହା ପୂର୍ବ ଏସିଆର ଏକ ଦେଶ। ଏହାର ରାଜଧାନୀ ପ୍ୟୋଙ୍ଗୟାଙ୍ଗ୍। ଏହା ଦେଶର ବୃହତ୍ତମ ନଗରୀ। ଏହାର ଉତ୍ତର ଓ ଉତ୍ତର-ପଶ୍ଚିମରେ ଚାଇନା ଓ ରୁଷିଆ ରହିଛି।

## ଏନ୍‌କାଉଣ୍ଟରରେ ଟଳିଲେ ୪ ଆତଙ୍କବାଦୀ

ଶ୍ରୀନଗର, ୭।୬



■ନିହତଙ୍କ ମଧ୍ୟରେ ୨ ପୋଲିସ
■୨ ଦିନ ପୂର୍ବରୁ ନିଖୋଜ ଥିଲେ

ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ ଶୁକ୍ରବାର ସୁରକ୍ଷା କର୍ମୀଙ୍କ ଏନ୍‌କାଉଣ୍ଟରରେ ୪ ଜୈଶ୍-ଇ-ମହମ୍ମଦ(ଜେଇଏମ୍)ଆତଙ୍କବାଦୀ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ଜଣ ସ୍ୱତନ୍ତ୍ର ପୋଲିସ ଅଧିକାରୀ ଥିବା ଜଣାପଡ଼ିଛି। ଏମାନେ ଦୁଇଦିନ ନିଖୋଜ ହେବା ପରେ ଆତଙ୍କବାଦୀଙ୍କ ସହ ସାମିଲ ହୋଇ ଗୁପ୍ତଚରଗିରି କରୁଥିବା ଜଣାପଡ଼ିଛି। ସେନାପକ୍ଷରୁ ପଞ୍ଜ୍ରାନଠାରେ ଆତଙ୍କବାଦୀ ଲୁଚିଥିବା ଖବର ମିଳିବା ପରେ ସୁରକ୍ଷା କର୍ମୀ ଅଞ୍ଚଳକୁ ଘେରାବନ୍ଦୀ କର ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ଏହି ସମୟରେ ଆତଙ୍କବାଦୀମାନେ ଗୁଳିମାଡ଼ କରିବାରୁ ସୁରକ୍ଷା କର୍ମୀ ଏହାର ଜବାବ୍ ଦେଇଥିଲେ। ଗୁଳିମାଡ଼ରେ ୪ ଆତଙ୍କବାଦୀ ଟଳିପଡ଼ିଥିଲେ। ସେମାନଙ୍କଠାରୁ ୩ ବନ୍ଧୁକ ସହ କେତେକ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିବା ପୋଲିସ ମୁଖପାତ୍ର ପ୍ରକାଶ କରିଛନ୍ତି।

ନିହତ ଆତଙ୍କବାଦୀ ହେଲେ ପଞ୍ଜ୍ରାନ୍‌ର ଆଶିକ୍ ହୁସେନ୍ ଗନି ଓ ଅରିହଲ୍‌ର ଇମ୍ରାନ୍ ଅହମ୍ମଦ ଭଟ୍। ଦୁଇ ପୋଲିସ ଅଧିକାରୀ ହେଉଛନ୍ତି ଉଠ୍‌ମୁଲ୍ଲା ସୋପିଆନ୍‌ର ମହମ୍ମଦ ସଲ୍‌ମାନ୍ ଖାନ୍ ଓ ତୁଜାନ୍ ପୁଲ୍‌ୱାମାର ଶବିର ଅହମ୍ମଦ ଦର୍। ନିଖୋଜ ଦୁଇ ଏସ୍‌ପିଓ ଜିଲା ପୋଲିସ୍‌କୁ ଫେରି ରିପୋର୍ଟ ନ ଦେବାରୁ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିଲା। ଏମାନେ ଆତଙ୍କବାଦୀଙ୍କ ସହ ମିଶି କୁମନ୍ତ୍ରଣା ଆରମ୍ଭ କରିଥିଲେ। ପୋଲିସ ରେକର୍ଡରୁ ଜଣାପଡ଼ିଛି ଯେ, ଗନି ଓ ଭଟ ବିଭିନ୍ନ ଆତଙ୍କବାଦୀ ଘଟଣାରେ ସାମିଲ ଥିଲେ।

## ପାର୍ଲାମେଣ୍ଟ ଅଧିବେଶନ ସୋନିଆଙ୍କ ସହଯୋଗ ଲୋଡ଼ିଲେ ସରକାର

ନୂଆଦିଲ୍ଲୀ, ୭।୬(ପି.ଟି.):

ସଂସଦର ମୌସୁମୀ ଅଧିବେଶନ ଜୁନ୍ ୧୭ ତାରିଖରେ ଆରମ୍ଭ ହେଉଥିବାବେଳେ ଏହା ପୂର୍ବରୁ ସରକାର କଂଗ୍ରେସ ସଂସଦୀୟ ଦଳ ନେତା ସୋନିଆ ଗାନ୍ଧୀଙ୍କ ସହଯୋଗ କାମନା କରିଛନ୍ତି। ଶୁକ୍ରବାର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ସୋନିଆଙ୍କୁ ତାଙ୍କ ବାସଭବନରେ ଭେଟି ଗୃହ ପରିଚାଳନାରେ ଦଳ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ସୋନିଆ ମଧ୍ୟ ସମସ୍ତ ସହଯୋଗ ସରକାରଙ୍କୁ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଜୋଷୀଙ୍କ ସହ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଓ ଅର୍ଜୁନ ରାମ ମେଘୱାଲ୍ ସାମିଲ ଥିଲେ। ଜୋଷୀ ରାଜ୍ୟସଭାରେ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ ଓ ଲୋକସଭାରେ ଡିଏମ୍‌କେ ନେତା ଟି.ଆର୍. ବାଲୁଙ୍କ ସହ ମଧ୍ୟ ଏନେଇ ଆଲୋଚନା କରିଛନ୍ତି।

# ୧୦୦ ସ୍ପାଇସ୍ ବୋମା କିଣିବ ଭାରତ

ନୂଆଦିଲ୍ଲୀ,୭।୬



■ଇସ୍ରାଏଲ ସହ ୩୦୦ କୋଟିର ଚୁକ୍ତି ସ୍ୱାକ୍ଷର
■ବାଲାକୋଟ ଏୟାରଷ୍ଟ୍ରାଇକରେ ବ୍ୟବହାର ହୋଇଥିଲା ଏହି ବୋମା

ଇସ୍ରାଏଲ୍‌ରୁ ପାଖାପାଖି ୩୦୦ କୋଟି ଟଙ୍କା ବ୍ୟୟରେ ୧୦୦ରୁ ଅଧିକ ସ୍ପାଇସ୍ ୨୦୦୦ ବୋମା କିଣିବା ଲାଗି ଭାରତୀୟ ବାୟୁସେନା ଗୁରୁବାର ଚୁକ୍ତି ସ୍ୱାକ୍ଷର କରିଛି। ଫେବୃୟାରୀ ୨୬ରେ ପାକିସ୍ତାନର ବାଲାକୋଟରେ ଥିବା ଜୈଶ-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ଶିବିରକୁ ଧ୍ୱଂସ କରିବା ଲାଗି ବାୟୁସେନା ଏୟାରଷ୍ଟ୍ରାଇକ୍‌ରେ ଏହି ବୋମା ବ୍ୟବହାର କରିଥିଲା। ଚୁକ୍ତିନାମା ଅନୁଯାୟୀ ଜରୁରିକାଳୀନ ଭିତ୍ତିରେ ଇସ୍ରାଏଲ ଆଗାମୀ ୩ ମାସ ମଧ୍ୟରେ ଏହି ବୋମା ଯୋଗାଇଦେବ। ସ୍ପାଇସ୍ ବୋମାର ଗତିରୋଧ ସୀମା ୬୦ କିଲୋମିଟର ରହିଛି ଏବଂ ଦୃଶ୍ୟ ମେଳକ ଆଲ୍‌ଗୋରିଦମ୍ ଅନୁଯାୟୀ ଏହା ଲକ୍ଷ୍ୟସ୍ଥଳକୁ ଭେଦ କରିଥାଏ। ଇସ୍ରାଏଲ୍‌ର ରାଫାଲ ଆଡଭାନ୍ସଡ୍ ଡିଫେନ୍ସ ସିଷ୍ଟମ୍ସ ଏହି ବୋମାର ନିର୍ମାତା। କେନ୍ଦ୍ରରେ ନୂଆ ସରକାରଙ୍କର ଏହା ପ୍ରଥମ ପ୍ରତିରକ୍ଷା ଡିଲ୍। ଫେବୃୟାରୀ ୧୪ରେ ଜେଇଏମ୍ ଆତଙ୍କବାଦୀ ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ ଆକ୍ରମଣ କରିବା ପରେ ଏହାର ପ୍ରତିଶୋଧ ସ୍ୱରୂପ ଭାରତୀୟ ବାୟୁସେନା ବାଲାକୋଟରେ ଏୟାରଷ୍ଟ୍ରାଇକ୍ କରିଥିଲା। ମିରାଜ-୨୦୦୦ ଯୁଦ୍ଧବିମାନ ବାଲାକୋଟର ତିନୋଟି ସ୍ଥାନକୁ ଟାର୍ଗେଟ କରି ୫ଟି ସ୍ପାଇସ୍ ବୋମା ମାଡ଼ କରିଥିଲା। ୯୦୦ କିଲୋଗ୍ରାମ ଓଜନର ଇସ୍ପାତ ଆବରଣ ଭିତରେ ଥିବା ଏହି ବୋମାରେ ୮୦ କିଲୋଗ୍ରାମ ବିସ୍ଫୋରକ ରହିଥାଏ। ବାୟୁସେନାର ଏୟାରଷ୍ଟ୍ରାଇକରେ ଅଭୂତପୂର୍ବ କ୍ଷୟକ୍ଷତି ହୋଇଥିଲେ ମଧ୍ୟ ପାକିସ୍ତାନ ଏହାକୁ ସ୍ୱୀକାର କରି ନ ଥିଲା।

# ବିଦେଶରେ ପଢ଼ିବାକୁ ଚାହୁଁଥିଲେ...



ବିଦେଶରେ ଉଚ୍ଚଶିକ୍ଷା ଲାଭ କରିବାକୁ ପ୍ରାୟ ସବୁ ଯୁବବର୍ଗ ଚାହାନ୍ତି। କ୍ୟାରିୟର ଦୃଷ୍ଟିରୁ ଏହାକୁ ମହତ୍ତ୍ୱପୂର୍ଣ୍ଣ ମନେକରାଯାଏ। ବିଦେଶରେ ପାଠପଢ଼ିବା ଆପଣଙ୍କ ପ୍ରାଥମିକତା ଥିଲେ, ଏହା ଜାଣିରଖିବା ଉଚିତ ହେବ ଯେ, ଆପଣଙ୍କ ପରି ଏପରି ଆହୁରି ଅନେକ ଅଛନ୍ତି, ଯିଏ କି ବିଦେଶରେ ପାଠ ପଢ଼ିବାକୁ ଚାହୁଁଛନ୍ତି। କାରଣ ପ୍ରତିବର୍ଷ ପ୍ରାୟ ୩ ଲକ୍ଷରୁ ଅଧିକ ଭାରତୀୟ ଛାତ୍ରୀଛାତ୍ର ବିଦେଶରେ ଶିକ୍ଷାଲାଭ କରିବା ଲାଗି ଆବେଦନ କରିଥାନ୍ତି। ବିଗତ ୫ ବର୍ଷ ଭିତରେ ଏହି ସଂଖ୍ୟା ୫୦% ବଢ଼ିଛି ବୋଲି ଏକ ସର୍ଭେରୁ ଜଣାପଡିଛି। ତେବେ ବିଦେଶରେ ପାଠ ପଢ଼ିବା ବେଳେ କେତେକ ଦିଗ ପ୍ରତି ଧ୍ୟାନ ଦେବାକୁ ହେବ। ସେଗୁଡ଼ିକ ହେଲା...

- ଆପଣଙ୍କୁ ପ୍ରଥମେ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରେ ଉପଲବ୍ଧ କୋର୍ସ ବିଷୟରେ ଜାଣିବାକୁ ହେବ। ଏକାଧିକ ବିଶ୍ୱବିଦ୍ୟାଳୟରେ ଆବେଦନ କରିବାଠାରୁ ଦୂରେଇ ରହିବାକୁ ପଡିବ। କାରଣ ଏହାଦ୍ୱାରା ଭ୍ରମ ସୃଷ୍ଟି ହେବ।
- କୋର୍ସ ଓ କଲେଜ ବାଛିବା ବେଳେ ନିଜର ରୁଚି ଦିଗଟିକୁ ପ୍ରଥମେ ମନେରଖିବାକୁ ହେବ। ନିଜର ରୁଚି ଅନୁଯାୟୀ କୋର୍ସ ବାଛିବା ପରେ ସେହି ଅନୁସାରେ ବିଶ୍ୱବିଦ୍ୟାଳୟ ଖୋଜିବାକୁ ପଡିବ। ସାଙ୍ଗ ଆଡମିଶନ ନେଇଥିବା ୟୁନିଭର୍ସିଟି ଯିବାଠାରୁ ନିଜକୁ ଦୂରେଇ ରଖିବାକୁ ହେବ। ନିଜର ଭବିଷ୍ୟତ ଓ ରୁଚିକୁ ପ୍ରଥମେ ଧ୍ୟାନ ଦେବାକୁ ହେବ।
- କୌଣସି କୋର୍ସ ଓ ବିଶ୍ୱବିଦ୍ୟାଳୟ ବାଛିବା ପରେ ସର୍ବଦା ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ। ତାଙ୍କଠାରୁ ବିଭିନ୍ନ ପ୍ରଶ୍ନର ଉତ୍ତର ନେଇ ଶେଷରେ ନିଷ୍ପତ୍ତି ନିଆଯାଇପାରେ। ଅଧିକାଂଶ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ଲାଗି ସ୍ୱତନ୍ତ୍ର ଭାବେ କାଉନସେଲର ନିଯୁକ୍ତ କରିଥାନ୍ତି।
- ବିଶ୍ୱବିଦ୍ୟାଳୟର ର୍ୟାଙ୍କିଙ୍ଗ୍ ଉପରେ ଧ୍ୟାନ ନ ଦେଇ ବରଂ କୋର୍ସ ଭାଲ୍ୟୁ ଉପରେ ନଜର ଦେବାର ଆବଶ୍ୟକତା ରହିଛି। ଅଧିକାଂଶ ବିଶ୍ୱବିଦ୍ୟାଳୟର ର୍ୟାଙ୍କିଙ୍ଗ୍ ବିଭିନ୍ନ ସମୟରେ ବଦଳିଥାଏ। କେତେକ ବିଶ୍ୱବିଦ୍ୟାଳୟରେ ଭଲ କୋର୍ସ ଉପଲବ୍ଧ ହେଉଥିଲେ ହେଁ ସେମାନଙ୍କର ର୍ୟାଙ୍କିଙ୍ଗ୍ ଭଲ ନ ଥାଏ। ଏଣୁ ଭଲ ହେବ ର୍ୟାଙ୍କିଙ୍ଗ୍ ପଛରେ ନ ଗୋଡାଇ କେଉଁ ବିଶ୍ୱବିଦ୍ୟାଳୟରେ ଭଲ କୋର୍ସ ରହିଛି, ନିଜ ସ୍ତରରେ ଖୋଳତାଡ କରିବା ଆବଶ୍ୟକ।
- ସର୍ବଦା ନିଜର ପ୍ଲାନ୍ ବି ପ୍ରସ୍ତୁତ ରଖିବା ଉଚିତ। କାରଣ ଅଧିକାଂଶ ଛାତ୍ରୀଛାତ୍ର ନିଜର ବ୍ୟାକ୍‌ଅପ୍ ଅପ୍ସନ ରଖି ନଥାନ୍ତି। ବାସ୍ତବରେ ନିଜର ସ୍ୱପ୍ନର ବିଶ୍ୱବିଦ୍ୟାଳୟରେ ପ୍ରବେଶ ପାଇଁ ଉଚ୍ଚ ମାର୍କର ଆବଶ୍ୟକତା ପଡେ। ଏଣୁ ବେଳେ ବେଳେ ସୁଯୋଗ ହାତଛଡ଼ା ହୋଇଯାଏ। ଏଭଳି ସ୍ଥିତିରେ ଆପଣଙ୍କ ନିକଟରେ ଦ୍ୱିତୀୟ ବିକଳ୍ପ ରହିବା ଉଚିତ୍। ଆଡମିଶନ ବେଳେ ଅଧିକ ଫିସ୍ ମଧ୍ୟ ସମସ୍ୟା ସୃଷ୍ଟି କରିଥାଏ। ଏଣୁ ଅନ୍ୟ ବିଶ୍ୱବିଦ୍ୟାଳୟରେ ଆବେଦନ କରିବାର ବିକଳ୍ପ ରହିବା ଜରୁରୀ।

# ଯୋଗ୍ୟତା ଥାଇ ରିଜେକ୍ଟ ହେବାର କାରଣ



ନିତିଦିନିଆ ଜୀବନରେ ଏଭଳି ବହୁ ଉଦାହରଣ ମିଳିଯିବ, ଯେଉଁଠି ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ଚାକିରି ମିଳୁନି। କାରଣ ଖୋଜିବାକୁ ଗଲେ ଅନେକ ମିଳିଯିବ। ସେଗୁଡ଼ିକ ସମ୍ପର୍କରେ କେତେକ ମୁଖ୍ୟ କାରଣ ହେଲା...

## ଅଧିକ ଯୋଗ୍ୟତା ହୁଏ ବାଧକ

ବିଜ୍ଞାପନରେ ବାହାରି ଥିବା ପଦବୀ ଲାଗି ଆବଶ୍ୟକ ଯୋଗ୍ୟତା ନ ଥିଲେ ପ୍ରାର୍ଥୀଙ୍କୁ ଦୁଃଖ ଲାଗିବା ସ୍ୱାଭାବିକ। କିନ୍ତୁ ବେଳେ ବେଳେ ଅଧିକ ଯୋଗ୍ୟତା ମଧ୍ୟ ଚାକିରିରେ ବାଧକ ସାଜିଥାଏ। ଏଚ୍‌ଆର୍ ମ୍ୟାନେଜରଙ୍କ ମନରେ ପ୍ରାର୍ଥୀଙ୍କ ଅଧିକ ଯୋଗ୍ୟତା କଣ୍ଟା ଫୋଡିଲା ଭଳି ଲାଗେ। କୌଣସି କର୍ମଚାରୀଙ୍କ ବଦଳରେ ଅନ୍ୟଜଣଙ୍କୁ ରଖିବା ଲାଗି ଏଚ୍‌ଆର୍ ମ୍ୟାନେଜର ଆଗ୍ରହ ଦେଖାନ୍ତି ନାହିଁ। କାରଣ ଏହି କାମ ଲାଗି କର୍ମଚାରୀଙ୍କ ଦରମାର ୧୩୦ ପ୍ରତିଶତ ପର୍ଯ୍ୟନ୍ତ ବ୍ୟୟ କରିବାକୁ ପଡେ। ଅଧିକ ଶିକ୍ଷିତ ପ୍ରାର୍ଥୀ ଶୀଘ୍ର ଚାକିରି ଛାଡିଦେଉଥିବାରୁ ସେମାନଙ୍କୁ ସୁଯୋଗ ଦେବାରୁ ଦୂରେଇ ରହନ୍ତି ଏଚ୍‌ଆର୍ ମ୍ୟାନେଜର। ବହୁ ଦିନ ଧରି ସ୍ଥିର ଭାବେ କାମ କରିବାକୁ ଆଗ୍ରହୀ ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯାଏ।

## ଅଧିକ ଦରମା ଦେବାର ଭୟ

ଅଧିକ ଯୋଗ୍ୟତାସମ୍ପନ୍ନ ପ୍ରାର୍ଥୀଙ୍କୁ ଚାକିରି ଦେଲେ ସେମାନଙ୍କୁ ଅଧିକ ଦରମା ଦେବାକୁ ପଡ଼ିବ ବୋଲି ଏଚ୍‌ଆର୍ ମ୍ୟାନେଜରମାନେ ମନେ କରନ୍ତି। କମ୍ ଯୋଗ୍ୟତାର ପ୍ରାର୍ଥୀଙ୍କ ଦ୍ୱାରା ପଦବୀ ପୂରଣ କରିଦେଲେ କାମ ଚଳିଯିବ ବୋଲି ସେ ମନେକରନ୍ତି।

## ରିଜେକ୍ଟର କାରଣ ପଚାରନ୍ତୁ

ନିଯୁକ୍ତିଦାତାଙ୍କ ସମସ୍ତ ଚିନ୍ତା ଯଥାର୍ଥ। କିନ୍ତୁ ସେମାନେ ଭାବନ୍ତି ନାହିଁ ଯେ, ଇଣ୍ଟରଭ୍ୟୁ ପାଇଁ ଆସିଥିବା ପ୍ରାର୍ଥୀଟି ଚାକିରି ପାଇବା ଆଶାରେ ଆସିଛି। ଏଭଳି ସ୍ଥିତିରେ ସେ ଆପଣଙ୍କୁ ଅତି ଯୋଗ୍ୟତାସମ୍ପନ୍ନ ମନେକରି ରିଜେକ୍ଟ କରିଦେଲେ, ଏହାର କାରଣ ଜାଣିବା ଲାଗି ଆପଣ ତାଙ୍କୁ ପ୍ରଶ୍ନ ପଚାରି ପାରନ୍ତି।

# ଇଣ୍ଟରଭ୍ୟୁ ପୂର୍ବରୁ ଧ୍ୟାନ ଦିଅନ୍ତୁ

ଚାକିରି ପାଇବାର ପ୍ରଥମ ଶିଡ଼ି ହେଉଛି ଇଣ୍ଟରଭ୍ୟୁ, ଅର୍ଥାତ୍ ସାକ୍ଷାତ୍‌କାର। ଏହି ସମୟରେ ନିଜ କ୍ଷମତା ଏବଂ ଦକ୍ଷତାର ପରିଚୟ ଦେବାର ସୁଯୋଗ ମିଳିଥାଏ। ଏହି ସମୟରେ ନିଜର ପ୍ରସ୍ତୁତି, ଫିଜିକାଲ ଆପିୟରାନ୍ସ ଏବଂ ବଡ଼ି ଲାଙ୍ଗୁଏଜ୍ ମାଧ୍ୟମରେ ଇଣ୍ଟରଭ୍ୟୁ ନେଉଥିବା ବ୍ୟକ୍ତିଙ୍କ ସମ୍ମୁଖରେ ଭଲ ଇମ୍ପ୍ରେଶନ ଜମାଇ ପାରିବେ। ଏହା ସମ୍ଭବ ହେଲେ ଚାକିରି ମିଳିବା ନିଶ୍ଚିତ ହୋଇଯାଏ। ଏହାଛଡ଼ା ଆଉ କିଛି ପ୍ରସଙ୍ଗ ଉପରେ ଧ୍ୟାନ ଦିଆଗଲେ ଇମ୍ପ୍ରେଶନ ଜମାଇବା ସହଜ ହୋଇଯାଏ।

- **ସମୟ ପ୍ରତି ଧ୍ୟାନ ଦିଅନ୍ତୁ:** ଇଣ୍ଟରଭ୍ୟୁ ଲାଗି ଯିବା ବେଳେ କେତେକ ପ୍ରସଙ୍ଗ ପ୍ରତି ଧ୍ୟାନଦେବା ଆବଶ୍ୟକ। ଠିକ୍ ସମୟରେ ଇଣ୍ଟରଭ୍ୟୁ ସ୍ଥଳରେ ପହଞ୍ଚିବା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ବିଶେଷଜ୍ଞଙ୍କ ମତରେ ଇଣ୍ଟରଭ୍ୟୁ ସମୟଠାରୁ ଅତିକମ୍‌ରେ ୧୫ ମିନିଟ ପୂର୍ବରୁ ପହଞ୍ଚିଯିବା ଆବଶ୍ୟକ। ଏହାଛଡ଼ା ନିଜକୁ ଆଦୌ ନର୍ଭସ ବୋଲି ପ୍ରଦର୍ଶନ କରିବାରୁ ଦୂରେଇ ରୁହନ୍ତୁ। ସାକ୍ଷାତକାରକୁ ଗଲା ବେଳେ ସର୍ବଦା ଶାନ୍ତ ତଥା ଧିରସ୍ଥିର ରହିବା ଉଚିତ୍।
- **ହ୍ୟାଣ୍ଡଶେକ୍ ଠିକ୍ ଢଙ୍ଗରେ ହେବା ଉଚିତ୍:** ପଜିଟିଭ ଇମ୍ପ୍ରେଶନ ଜମାଇବାକୁ ହେଲେ ହ୍ୟାଣ୍ଡଶେକ୍ କରିବା ଅତ୍ୟନ୍ତ ଜରୁରୀ। ସାକ୍ଷାତ୍‌କାର ନେଉଥିବା ବ୍ୟକ୍ତିଙ୍କ ସହିତ ଠିକ୍ ଢଙ୍ଗରେ ହାତ ମିଳାନ୍ତୁ। ଆପଣଙ୍କ ହାତ ଧରିବା ଷ୍ଟାଇଲ୍ ଅତ୍ୟନ୍ତ ଢିଲା ଅଥବା ହାଡ ଭାଙ୍ଗି ଦେଲା ଭଳି ହେବା ଅନୁଚିତ। ଦୁଇ ଅଥବା ତିନି ସେକେଣ୍ଡ ଧରି ହ୍ୟାଣ୍ଡସେକ୍ କରିବା ଠିକ୍ ଉପାୟ। ହ୍ୟାଣ୍ଡଶେକ୍ ବେଳେ ଆପଣ ସାକ୍ଷାତ୍‌କାର ନେଉଥିବା ବ୍ୟକ୍ତିଙ୍କ ଆଖି ସହ ଆଖି ମିଳାଇବା ଜରୁରୀ।
- **ଓପନ ପୋଜିଶନ ହେବା ଆବଶ୍ୟକ:** ହାୟରିଂ ମ୍ୟାନେଜର ପ୍ରାର୍ଥୀଙ୍କ ବଡି ଲାଙ୍ଗୁଏଜ୍ ଏବଂ ତାଙ୍କର ମୁହଁର ହାବଭାବ ଦେଖି ଓ ବସିବାର ଢଙ୍ଗରୁ ଏକ ରାୟରେ ପହଞ୍ଚିଥାନ୍ତି। ଇଣ୍ଟରଭ୍ୟୁ ବେଳେ ପଜିଟିଭ ଏବଂ ଓପନ ପୋଜିଶନ ବଜାୟ ରଖିବା ଜରୁରୀ। ଇଣ୍ଟରଭ୍ୟୁୟରଙ୍କ ସମ୍ମୁଖରେ ଏମିତି ଭାବରେ ବସିବେ, ଯେପରି ଫ୍ରେଣ୍ଡ୍‌ଲି ଲାଗିବ।
- **ଦରମା ସମ୍ପର୍କରେ ପଚାରିବେନି:** ଚାକିରି, ଏହାର ଆହ୍ୱାନ, ଯେଉଁ କାମ କରିବାକୁ ହେବ ଏବଂ ବସ୍‌ଙ୍କ ଆପଣଙ୍କଠାରୁ ଆଶା ଆଦି ସମ୍ପର୍କରେ ପଚାରି ବୁଝି ନେବାକୁ ହେବ। ତେବେ ନିଜର ଦରମା ଓ ପଦବୀ ସମ୍ପର୍କରେ ପଚାରିବା ଅନାବଶ୍ୟକ। କାରଣ ଏହାଦ୍ୱାରା ନେଗେଟିଭ ପ୍ରଭାବ ପଡ଼ିଥାଏ। ନିଜର ଭୂମିକା ସମ୍ପର୍କରେ ବିଶ୍ୱାସ, ସମ୍ମାନ ଓ ଉତ୍ସାହ ପ୍ରଦର୍ଶନ କରିବା ସହ ନିଜର ଯୋଗ୍ୟତା ପ୍ରଦର୍ଶନ କରିବାକୁ ଭୁଲିବା ଅନୁଚିତ।



# ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ୍

**ଗ୍ରାଜୁଏଟ ଅଥବା ପୋଷ୍ଟ ଗ୍ରାଜୁଏଟ ପାଠ ପଢ଼ିବା ପୂର୍ବରୁ ବିଦ୍ୟାର୍ଥୀମାନେ ପ୍ରାୟତଃ ନିଜ ରୁଚି ଅନୁଯାୟୀ କୋର୍ସ ବାଛିବା ନେଇ ଦ୍ୱନ୍ଦ୍ୱରେ ପଡ଼ିଯାଆନ୍ତି। ବ୍ୟାଙ୍କ ଅଥବା ଇନଭେଷ୍ଟମେଣ୍ଟ ପ୍ରତି ରୁଚି ରଖୁଥିବା ବିଦ୍ୟାର୍ଥୀ ଇନଭେଷ୍ଟମେଣ୍ଟ ବ୍ୟାଙ୍କର ଭାବେ କ୍ୟାରିୟର ନିର୍ମାଣ କରିବା ପାଇଁ ବିଚାର କରିପାରନ୍ତି। ଭଲ ଚାକିରି କ୍ଷେତ୍ର, ଆକର୍ଷଣୀୟ ଦରମା ପ୍ୟାକେଜ ଓ ଉନ୍ନତ କ୍ୟାରିୟର ଅବସର ଖୋଜୁଥିଲେ, ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ୍ କ୍ୟାରିୟର ବିଦ୍ୟାର୍ଥୀଙ୍କ ପାଇଁ ଆଦର୍ଶ ହୋଇପାରେ।**



ଦେଶର ଆର୍ଥିକ ଅଭିବୃଦ୍ଧି ଊର୍ଦ୍ଧ୍ୱମୁଖୀ ହେବା ସହିତ ବ୍ୟାଙ୍କିଙ୍ଗ କ୍ଷେତ୍ର ସମାନ ତାଳରେ ଆଗେଇ ଚାଲିଛି। ଯେଉଁ ଦେଶର ବ୍ୟାଙ୍ଗିଙ୍ଗ ଜଗତ ଯେତେ ଶକ୍ତିଶାଳୀ, ସେ ଦେଶର ଅର୍ଥନୀତି ସେତେ ଦୃଢ଼ ଓ ପ୍ରଗତିଶୀଳ ହୁଏ। ଅର୍ଥନୀତିର ପ୍ରଗତି ସହିତ ବ୍ୟାଙ୍କିଙ୍ଗ୍ କ୍ଷେତ୍ର ଦ୍ରୁତଗତିରେ ଆଗେଇ ଚାଲିଛି। ଏହି କ୍ଷେତ୍ରରେ ଦିନକୁ ଦିନ ଆହ୍ୱାନ ବୃଦ୍ଧିପାଉଥିବା ବେଳେ କାର୍ଯ୍ୟ ପରିବେଶ, ଚାପ ଆଦି ବଢ଼ିବାରେ ଲାଗିଛି। ଏ କ୍ଷେତ୍ରରେ ଜଣେ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଜଣେ ଇନଭେଷ୍ଟମେଣ୍ଟ ବ୍ୟାଙ୍କର ଭାବେ କ୍ୟାରିୟର କରିବାକୁ ଆଗ୍ରହୀ ବିଦ୍ୟାର୍ଥୀଙ୍କ ଲାଗି ଏହା ହିଁ ପ୍ରକୃଷ୍ଟ ସମୟ।

## ବ୍ୟାଙ୍କରଙ୍କ କାମ

କୌଣସି ସରକାରୀ ଅଥବା ଘରୋଇ କମ୍ପାନୀରେ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ତାଙ୍କୁ ପ୍ରତିଷ୍ଠାନର ଆର୍ଥିକ ନେଣଦେଣ ସହ ଜଡ଼ିତ ରେକର୍ଡ ପରିଚାଳନା, ସଂଶୋଧନ, ପରୀକ୍ଷାନିରୀକ୍ଷା, ଉନ୍ନତୀକରଣ, କମ୍ପାନୀର ପୁଞ୍ଜି, ପାଣ୍ଠି, ଋଣ, ଶେୟାର ଆଦି ଉପରେ କାମ କରିବାକୁ ପଡେ। କମ୍ପାନୀର ଗ୍ରାହକଙ୍କୁ ଋଣ ପ୍ରଦାନ କରିବା, ନିବେଶ କରିବା ପ୍ରକ୍ରିୟାରେ ସହଯୋଗ କରିବାକୁ ପଡ଼ିଥାଏ। ଇନଭେଷ୍ଟମେଣ୍ଟ ବ୍ୟାଙ୍କର ନିଜର ବ୍ୟାଙ୍କିଙ୍ଗ ଟିମ୍ ସହିତ ଆର୍ଥିକ ରଣନୀତିର ରୂପରେଖ ମଧ୍ୟ ପ୍ରସ୍ତୁତ କରିଥାନ୍ତି ଏବଂ ଅନ୍ୟ ସମ୍ବନ୍ଧିତ ଟିମ୍ ସହ ମିଶି କାମ କରନ୍ତି। ଆର୍ଥିକ ମାମଲାରେ ତାଙ୍କୁ ଗ୍ରାହକଙ୍କ ସହ ବୈଠକରେ ବସିବାକୁ ପଡ଼େ।

## ଯୋଗ୍ୟତା

ବିଜ୍‌ନେସ ଆଡମିନିଷ୍ଟ୍ରେଶନ ଏବଂ ଫାଇନାନ୍ସରେ ବ୍ୟାଚେଲର ଡିଗ୍ରୀ ଏହି ପେସାର ପ୍ରାରମ୍ଭିକ ଯୋଗ୍ୟତା ବୋଲି ମନେକରାଯାଏ। ଅଧିକାଂଶ କମ୍ପାନୀ ମାଷ୍ଟର ଡିଗ୍ରୀ ପରେ ଚାକିରି ଲାଗି ଚୟନ କରିଥାନ୍ତି। ତେବେ ଏମ୍‌ବିଏ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, କଷ୍ଟ ଆଣ୍ଡ ମ୍ୟାନେଜମେଣ୍ଟ ଆକାଉଣ୍ଟାନ୍ଟ, କମ୍ପାନୀ ସେକ୍ରେଟାରୀ, ସିଏଫ୍‌ଏ ଆଦି ଡିଗ୍ରୀକୁ ଇନଭେଷ୍ଟମେଣ୍ଟ ବ୍ୟାଙ୍କର ପଦ ପାଇଁ ଅଧିକ ଗୁରୁତ୍ୱ ଦିଆଯାଏ। ଏଥିସହିତ ମାଷ୍ଟର ଇନ ଇଣ୍ଟରନ୍ୟାଶନାଲ ବିଜ୍‌ନେସ(ଏମ୍‌ଆଇବି) ଏବଂ ଅନେକ ପ୍ରକାର ପିଜି ଡିପ୍ଲୋମା କୋର୍ସ ଏହି ପେସା ପାଇଁ ଉପଯୁକ୍ତ ମନେକରାଯାଏ। ପୋର୍ଟଫୋଲିଓ ମ୍ୟାନେଜମେଣ୍ଟର କେତେକ କୋର୍ସ ମଧ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ବରଦାନ ହୋଇଥାଏ।

## ବ୍ୟାଙ୍କିଙ୍ଗ୍ ଇଣ୍ଡଷ୍ଟ୍ରିର ଏକ ଝଲକ

ଅର୍ଥନୀତି ସୁଦୃଢ଼ ହେବା ସହିତ ଇନଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କ ରୋଜଗାର ମଧ୍ୟ ସମାନ ତାଳରେ ବଢ଼ିଚାଲିଛି। ନିବେଶ ପୂର୍ବରୁ କୌଣସି ଏକ୍ସପର୍ଟଙ୍କ ପରାମର୍ଶ ନେବାର ପ୍ରଚଳନ ବଢ଼ିବାରେ ଲାଗିଛି। ୟୁଏସ୍ ବ୍ୟୁରୋ ଅଫ୍ ଲେବର ଷ୍ଟାଟିଷ୍ଟିକ୍ସର ଏକ ରିପୋର୍ଟ ଅନୁଯାୟୀ, ଇନଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କ ଆୟ ବାର୍ଷିକ ୧୦% ହାରରେ ବଢ଼ିଚାଲିଛି। ଏହା ୨୦୨୪ ପର୍ଯ୍ୟନ୍ତ ଜାରି ରହିବ। ନ୍ୟାଶନାଲ ସ୍କିଲ ଡେଭଲପ୍‌ମେଣ୍ଟ କର୍ପୋରେଶନର ଏକ ରିପୋର୍ଟ ଅନୁଯାୟୀ ବ୍ୟାଙ୍କିଙ୍ଗ ସେକ୍ଟର ୨୫% ହାର ଅଭିବୃଦ୍ଧି ହାସଲ କରିଚାଲିଛି। ୨୦୨୧-୨୨ ସୁଦ୍ଧା ପ୍ରାୟ ୭ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହେବାକୁ ଯାଉଛି।

## କାମରେ ଆସୁଥିବା ଦକ୍ଷତା

ବ୍ୟାଙ୍କିଙ୍ଗ୍ ପ୍ରଫେଶନାଲଙ୍କ ନିକଟରେ ଅତିରିକ୍ତ କେତେକ ଗୁଣ ରହିବା ନିହାତି ଜରୁରୀ। ପରିସଂଖ୍ୟାନ ଏବଂ ଗଣନା କରିବାର ଦକ୍ଷତା ସହ ଏହା ସମ୍ପୃକ୍ତ। ଏଣୁ ପ୍ରତି ମୁହୂର୍ତ୍ତରେ ଗଣିତରେ ଥିବା ଭଲ ଦକ୍ଷତା ଓ ଗଣନା କରିବାର କୌଶଳ ପ୍ରଦର୍ଶନ କରିବାକୁ ପଡେ। ଏହାଛଡ଼ା ଚାପରେ ଥାଇ ଉନ୍ନତ ପ୍ରଦର୍ଶନ କରିବା, କମ୍ୟୁନିକେଶନ୍ସ ସ୍କିଲ୍‌ସ ପ୍ରଭାବ ପକାଇ ପାରୁଥିବ, ଫାଇନାନ୍ସିଆଲ ସ୍କିଲ୍ସ ଭଲ ରହିବା ଆବଶ୍ୟକ। ସୁଯୋଗକୁ ଦେଖି ନିଜର ଦକ୍ଷତାକୁ ସଫଳ କରାଇବାରେ ପ୍ରୟୋଗ କରିବା କ୍ଷମତା ରହିଥିଲେ ସେଭଳି ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯାଏ।



## ଏହି କ୍ଷେତ୍ରରେ ଆହ୍ୱାନ

ଜଣେ ଗ୍ରାହକଙ୍କୁ ପୁଞ୍ଜିନିବେଶ ଲାଗି ପ୍ରବର୍ତ୍ତାଇବା ଇନଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କ ମୁଖ୍ୟ ଆହ୍ୱାନ ହୋଇଥାଏ। ତାଙ୍କୁ ବିଭିନ୍ନ ପନ୍ଥାପଦ୍ଧତି ଆପଣାଇ ମୂଲ୍ୟାଙ୍କନ ତର୍ଜମା କରିବାକୁ ପଡିଥାଏ। ଯେକୌଣସି ପେସାଦାରଙ୍କ ଲାଗି ଆର୍ଥିକ ମଡେଲ ବିକଶିତ କରିବା, କ୍ଲାଇଣ୍ଟ ମିଟିଂ ଲାଗି ପ୍ରେଜେଣ୍ଟେଶନ ପ୍ରସ୍ତୁତ କରିବା, କ୍ୟାପିଟାଲ ଷ୍ଟ୍ରକ୍‌ଚରକୁ ବୁଝିବା ଆଦି କାମ ସହଜ ନୁହେଁ। କୌଣସି ଡିଲ୍ ଅଧାରୁ ଭାଙ୍ଗିଯିବା ଅଥବା କାମରେ ବିଫଳ ହେବାର ବିପଦ ସର୍ବଦା ମୁଣ୍ଡ ଉପରେ ଝୁଲୁଥାଏ।

## ରୋଜଗାରର ବିପୁଳ ସମ୍ଭାବନା

କମର୍ସିଆଲ ବ୍ୟାଙ୍କ ଇନଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ ଲାଗି ସବୁଠାରୁ ବଡ଼ ରୋଜଗାର ପ୍ରଦାନକାରୀ ହୋଇଛନ୍ତି। ଟ୍ରେଡିଂ ଫାର୍ମ, କ୍ୟାପିଟାଲ ମାର୍କେଟ, ଋଣପ୍ରଦାନକାରୀ କମ୍ପାନୀ ଆଦି ବଡ଼ ଆକାରରେ ଇନଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କୁ ନିଯୁକ୍ତ କରୁଛନ୍ତି। ଏସବୁରେ ପେସାଦାରମାନେ ପୋର୍ଟଫୋଲିଓ ମ୍ୟାନେଜର ଓ ଫାଇନାନ୍ସିଆଲ ମ୍ୟାନେଜର ଭାବେ ନିଜର କାମ ଦର୍ଶାଇପାରିବେ। କମ୍ପାନୀଗୁଡ଼ିକ ନିଜର ଆର୍ଥିକ ଯୋଜନା, ଖର୍ଚ୍ଚ, ପ୍ରୋଜେକ୍ସନ ପ୍ଲାନିଂ ଏବଂ ଆସେଟ୍ ପ୍ଲାନିଂର ବିଶ୍ଳେଷଣ କରିବା ଲାଗି ପେସାଦାରଙ୍କୁ ନିଯୁକ୍ତ କରିଥାନ୍ତି। ହେଲ୍‌ଥକେୟାର, ଟେକ୍ନୋଲୋଜି ଏବଂ ଏନର୍ଜି ସେକ୍ଟରରେ ଏବେ ଇନଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କ ଚାହିଦା ବଢ଼ିବାରେ ଲାଗିଛି। ଏହାଛଡ଼ା ଜଣେ ଇନଭେଷ୍ଟମେଣ୍ଟ ବ୍ୟାଙ୍କର କୌଣସି କମ୍ପାନୀ ଅଥବା ଫାର୍ମରେ ଯୋଗ ନ ଦେଇ ସ୍ୱାଧୀନ ଭାବେ ଜଣେ କନସଲଟାଣ୍ଟ ଭାବେ କାର୍ଯ୍ୟ କରିପାରିବେ। ଏବେ କିଛିବର୍ଷ ହେଲା ବିଦେଶ ଯାଇ ସେଠାରେ କାମ କରିବାର ପ୍ରଚଳନ ବଢ଼ିବାରେ ଲାଗିଛି।

## ଆକର୍ଷଣୀୟ ଦରମା ପ୍ୟାକେଜ

ନିଯୁକ୍ତିର ପ୍ରାରମ୍ଭିକ ପର୍ଯ୍ୟାୟରେ ଇନଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କୁ ମାସକୁ ୩୫ରୁ ୪୦ ହଜାର ଟଙ୍କା ଦରମା ମିଳିଥାଏ। ୩/୪ ବର୍ଷର ଅଭିଜ୍ଞତା ପରେ ଏହି ରାଶି ବଢ଼ି ୫୦ରୁ ୬୦ ହଜାର ଟଙ୍କା ହୋଇଯାଏ। ମଲ୍ଟିନ୍ୟାଶନାଲ କମ୍ପାନୀରେ ଏହା ଆହୁରି ଅଧିକ ହୋଇପାରେ।

## କିଛି ପ୍ରମୁଖ କୋର୍ସ

ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କର ହେବା ଲାଗି ଏମ୍‌ବିଏ ଇନ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ, ବିଏ ଇନ ଫାଇନାନ୍ସ ଆଣ୍ଡ ଇନଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ, ପିଜି ଡିପ୍ଲୋମା ଇନ ବ୍ୟାଙ୍କିଙ୍ଗ ଆଣ୍ଡ ଫାଇନାନ୍ସ, ପିଜି ଡିପ୍ଲୋମା ଇନ ଗ୍ଲୋବାଲ ଇନଭେଷ୍ଟମେଣ୍ଟ, ଡିପ୍ଲୋମା ଇନ ଇନଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ ଆଣ୍ଡ ଇକ୍ୱିଟି ରିସର୍ଚ୍ଚ ଏବଂ ୟୁଜି ପ୍ରୋଗ୍ରାମ ଇନ ପୋର୍ଟଫୋଲିଓ ମ୍ୟାନେଜମେଣ୍ଟ ଆଣ୍ଡ ଇନଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ ଆଦି କୋର୍ସ ରହିଛି।

ପରିଶେଷରେ କହିବାକୁ ଗଲେ ଇନଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ୍‌ରେ ସଫଳ ହେବା ଲାଗି ବ୍ୟକ୍ତିଙ୍କ ନିକଟରେ ଲଜିକାଲ, ଆନାଲିଟିକାଲ, ଆଇଟି ଏବଂ ଗଣିତରେ ଭଲଜ୍ଞାନ ଥିବା ଆବଶ୍ୟକ। ପରିଶ୍ରମ ଉପରେ ଏହାର ସଫଳତା ସମ୍ପୂର୍ଣ୍ଣ ନିର୍ଭର କରୁଛି। ତେବେ ଟେକ୍ନୋଲୋଜି ଦୃଷ୍ଟିରୁ ଆଜିର ଯୁବପିଢ଼ି ଯେ ବେଶ୍ ଦକ୍ଷ ଏହା ସ୍ୱୀକାର କରାଯାଇପାରେ।

OMI କମ୍ପାନୀରେ ମ୍ୟାନେଜର, ଅଫିସ ଷ୍ଟାଫ ପୋଷ୍ଟ ପାଇଁ ୩୯ ପୁଅ / ଝିଅ ଆବଶ୍ୟକତା
ଦରମା 10000/- ରୁ 15000/-
ସାମନ୍ତରାପୁର, ଭୁବନେଶ୍ୱର
7992848615, 9078415615

ଚେନ୍ନାଇରେ ଚାକିରି। ହିନ୍ଦୀ କହିପାରୁଥିବେ। କେବଳ ଅଭିଜ୍ଞ ପ୍ରାର୍ଥୀ। ଚାକର। ଘର ସଫେଇବାଲା। ଅଫିସ୍ ଆସିଷ୍ଟାଣ୍ଟ। କୁନିୟର କୁକ୍। ହେଲ୍‌ପର/ପିଅନ। ଭଲ ଦରମା।
ଯୋଗାଯୋଗ:
ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲିଃ:
9884761210

URGENTLY REQUIRED
ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.45,000
For More Details Contact 9178134788 9776141333

All Odisha Aadarsha Vidyalaya Vacancy
TEACHER, CLERK, SECURITY GUARD, DATA ENTRY, PEON
Sal- 15,000 / Above, 3 Years Exp.
Qualification : +2 / Above
Contact : 8895574020

ପଞ୍ଚାୟତ ବ୍ଲକସ୍ତରୀୟ ନିଯୁକ୍ତି
ସମସ୍ତ ଜିଲ୍ଲାରୁ 7th to +3, ITI, Diploma B.Tech Candidate ଆବଶ୍ୟକ।
Salary :-
Rs 7,000/- to Rs 42,000/-
9777639313

WANTED
Experienced Drivers for 4-wheelers, Lathe & Milling Machine Operators, Welders, Gas-cutters, Fitters, Erector Gangs for erection of all types of mechanical irrigation shutters for enlistment.
Contact: 9937513322

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly Salary pto Rs.25000/-.
Contact Immediately
Mob: 8763257042

OFFICE STAFF ଆବଶ୍ୟକ
Bhubaneswar ଅଫିସ୍‌ରେ କାମ କରିବା ପାଇଁ 10th/ above ଯୁବକଯୁବତୀ ଆବଶ୍ୟକ। ବୟସ: (18-30) yrs. ରହିବାର ସୁବିଧା ଦିଆଯିବ। Monthly Salary upto Rs. 24000/-.
Contact: 9938414918

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱରରେ ଘରୋଇ କାର ଚଳାଇବା ପାଇଁ ଡ୍ରାଇଭର ଆବଶ୍ୟକ। Permanent Licence ଥିବା ଦରକାର।
Cont: 9337731351, 7077061630

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Mob: 9938676412

WANTED
SALESMAN & PEON BOY
for Electronics Showroom in Bhubaneswar
Contact No:-
9861122226, 9090555447

URGENT REQUIRED
Sales Executive
having Sales experience in Agarbatti / Engine oil.
Contact No.
9861357758, 9938854494

URGENTLY REQUIRED
- Counsellor/Telecaller
Salary: Rs. 6000/- to 12000/-P.M
- Smart Lady Receptionist
Salary: Rs. 8000/- to 10000/-P.M
- OFFICE ASSISTANCE
- DTP • House Keeping
- Hostel Warden (For an Institute)
BHUBANESWAR / BALANGIR
7735387851/ 9438256276

ITPS ACADEMY, BBSR requires
• Marketing Executive (Fresher Male), • Tele Caller, • Back Office Executive (Male/Female), • DTP cum Computer Operator (Male), • Office Boy (Male).
Walk in or send Biodata to:
Email: utilityservices60@gmail.com
Call: 8984063445, 8984063447

REQUIRED
Required Experienced MANAGER (Production) B.Sc., MANAGER (Liaison) BA or B.Com. for a Chemical Industry at Bhubaneswar.
Contact:
9437468880

Jr. Clerk cum Computer Asst. For NGO at Bhubaneswar. Full Time, Salary Negotiable, Accommodation Free.
Contact:
9437976979, 9437392145

URGENTLY REQUIRED
- PRINCIPAL (Female): B.Ed. with 5 to 7 years Experience, Salary: 15,000 to 25,000.
- TEACHER (Math & Science) Female: B.Ed. with 3 years Exp., Salary: 7,000 to 15,000.
- TEACHER (English) Female: B.Ed with 3 years Exp., Salary: 7,000 to 15,000.
- TEACHER (Kindergarten) Female: NTT/ B.Ed. with 3 years Exp., Salary: 5,000 to 15,000.
LUCKY PUBLIC SCHOOL
Charichhak, Nimapara, Puri
7894447001/ 7894447111/ 06758-237776
luckypublicschool2015@gmail.com

OrissaPOST
HERE. NOW
English daily
WANTED
SENIOR SUB-EDITORS:-
- Applicants must have atleast 5 years of editorial experience and proficiency in QuarkXPress. Responsibilities will include copy editing and rewriting articles, fact-checking and writing engaging headlines.
SENIOR REPORTERS:-
- Minimum 5 years of reporting experience in English media.
TRANSLATORS:-
- Well Versed in English and Oriya (Full Time).
Apply within 7 days to : recruitment@orissapost.com
Pay & perks will be the best in the industry for deserving candidates.

ସତ୍ୟ ମାଇକ୍ରୋ କ୍ୟାପିଟାଲ ଲିମିଟେଡ
ସର୍ବ ଭବନ୍ତୁ ସୁଖିନः
(ଆର.ବି.ଆଇ. ରେଜିଷ୍ଟରଡ ନ.ବି.ଫ଼.ସି - ମ.ଫ଼.ଆଇ)
ସୁବର୍ଣ୍ଣ ନିଯୁକ୍ତି ସୁଯୋଗ - ବ୍ୟାଙ୍କିଙ୍ଗ / ଫାଇନାନ୍ସ କ୍ଷେତ୍ରରେ କ୍ୟାରିୟର ବନେଇବା ପାଇଁ ସୁବର୍ଣ୍ଣ ସୁଯୋଗ
ଇଡିଓ (ଫିଲଡ ଅଫିସର) - 100 ପଦବୀ
ଯୋଗ୍ୟତା: +2/ଗ୍ରାଜୁଏଟ, ଅନୁଭବ: 0ରୁ 1ବର୍ଷ ଅନୁଭବ (ଭଲକୁଶଳ ବକ୍ତା)
ଦରମା - 10,000 - 15,000 ପ୍ରତି ମାସ (ବୟସ : 18-30 ବର୍ଷ)
ସୁବିଧା - ରହିବା ପାଇଁ ରୁମ୍, ପ୍ରୋଭିଡେଣ୍ଟ ଫଣ୍ଡ, ଗ୍ରାଚୁଇଟି, ବୋନସ, ଭତ୍ତା, ଇନ୍‌ସୁରାନ୍ସ
ଇଣ୍ଟରଭିୟୁ ତାରିଖ - ୮ ଏବଂ ୯ ଜୁନ ୨୦୧୯। ସକାଳ- ୧୦.୦୦ ରୁ ସନ୍ଧ୍ୟା ୪.୦୦ ଯାଏଁ
ସ୍ଥାନ- ହୋଟେଲ ପାର୍କ ରିସୋର୍ଟସ
ପ୍ଲଟ୍ ନଂ. ୨୨୭୧, ଅପୋଜିଟ୍ ଅଫ୍ ସିଣ୍ଡିକେଟ୍ ବ୍ୟାଙ୍କ, କଟକରୋଡ୍, ଭୁବନେଶ୍ୱର-୭୫୧୦୦୬
ଯୋଗାଯୋଗ- 8448092877 / 9937046818 / 7978799274
ଏହି ଚାକିରି ପାଇଁ ବାଇକ୍ ଆବଶ୍ୟକ।

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ଧରାପୃଷ୍ଠକୁ ଶୀତଳ କରେ ଶୀତଳଷଷ୍ଠୀ


ଶୁକ୍ରବାର ସମ୍ବଲପୁର ଶକ୍ତିନଗରଠାରେ ପାର୍ବତୀଙ୍କ ସରାଦି (ଗଣସନ) ପର୍ବ ଚାଲିଛି ।


ଶୁକ୍ରବାର ସମ୍ବଲପୁର ଜାଗେଶ୍ୱର ବାବାଙ୍କୁ ଗଣସନ କରାଯାଉଛି ।

ପ୍ରସିଦ୍ଧ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ନିଆରା ଓ ଅନନ୍ୟ । ଜ୍ୟେଷ୍ଠ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ଲୋକାଚାରରେ ରୀତିନୀତି ଓ ପରମ୍ପରା ସହ ଶିବପାର୍ବତୀଙ୍କ ବିବାହ ହୋଇଥାଏ । ସମ୍ବଲପୁର ରାଜା ବଳିଆର ସିଂ ପୁରୀରୁ ଉତ୍କଳୀୟ ବ୍ରାହ୍ମଣମାନଙ୍କୁ ଶିବଙ୍କ ପୂଜାର୍ଚ୍ଚନା ସକାଶେ ସମ୍ବଲପୁର ଆଣିଥିଲେ । ପରବର୍ତ୍ତୀ ସମୟରେ ଉତ୍କଳୀୟ ବ୍ରାହ୍ମଣମାନେ ପୁରୀର ପରମ୍ପରାକୁ ସମ୍ବଲପୁର ସହରରେ ପ୍ରଚଳନ କରିଥିଲେ । ୧୬୭୮ ମସିହାରେ ବାଲିବନ୍ଧାର ସୋମେଶ୍ୱର ମନ୍ଦିର (ସାମିଆ ଗୁଡ଼ି)ଠାରେ ଶିବପାର୍ବତୀଙ୍କ ବିବାହ ତଥା ଶୀତଳଷଷ୍ଠୀ ଯାତ୍ରା ଆରମ୍ଭ ହୋଇଥିଲା । ସେହିଦିନଠାରୁ ନିରବଚ୍ଛିନ୍ନ ଭାବେ ଏହି ପର୍ବ ହୋଇଆସୁଛି । ଦେବ ବିବାହ ସମୟରେ ଧରାପୃଷ୍ଠରେ ପ୍ରଚଣ୍ଡ ରୌଦ୍ରତାପ ଅନୁଭୂତ ହୋଇଥାଏ । ନଦୀ, ନାଳ, ଗଛ, ଲତା ଶୁଷ୍କ ରହିଥାଏ । ଏହି ସମୟରେ ମଣିଷ, ଜୀବଜନ୍ତୁ ତ୍ରାହି ତ୍ରାହି ଡାକୁଥାନ୍ତି । ପ୍ରଚଣ୍ଡ ତାପରେ ଜୀବଜଗତ ଶ୍ରୀହୀନ ଦିଶୁ ଥାଏ । ଏହି ସମୟରେ ଶିବପାର୍ବତୀଙ୍କ ବିବାହ ହୁଏ । ସ୍ୱର୍ଗରୁ ଦେବଗଣ ପୁଷ୍ପ ବୃଷ୍ଟି କରିଥାନ୍ତି । ଆକାଶରୁ ପୁଷ୍ପ ସ୍ୱରୂପ ଜଳ ବୃଷ୍ଟି ହୋଇଥାଏ । ଏହା ଧରାପୃଷ୍ଠକୁ ଶୀତଳତା ଆଣି ଦେଇଥାଏ । ଜନଜୀବନ ରୌଦ୍ରତାପରୁ ଟିକିଏ ଆଶ୍ୱସ୍ତି ଅନୁଭବ କରିଥାନ୍ତି । ଶୀତଳଷଷ୍ଠୀ ଯାତ୍ରା ତଥା ଶିବ ବିବାହ ଧରାପୃଷ୍ଠକୁ ଶୀତଳତା ଦେଇଥିବା ଜନମାନସରେ ବିଶ୍ୱାସ ରହିଛି ।

## ଶିବପାର୍ବତୀଙ୍କ ବଂଶଧର

ଶାସ୍ତ୍ର ଅନୁସାରେ ଶିବପାର୍ବତୀଙ୍କ ବଂଶ ପରମ୍ପରା ରହିଛି । ପାର୍ବତୀଙ୍କ ପିତା ହିମାଳୟ, ପିତାମହ କଶ୍ୟପ, ପ୍ରପିତାମହ ମରୀଚି, ଗୌତ୍ର ସୟଂମ୍ଭୁ, ପ୍ରବର ଚର୍ତ୍ତୁମୁଖ ଓ ଶାଖା ରୁକବେଦ ରହିଛି । ସେହିପରି ଶିବଙ୍କ ପିତା ଦେବକଣ୍ଠ, ପିତାମହ ରୁଦ୍ରକଣ୍ଠ, ପ୍ରପିତାମହ ନୀଳକଣ୍ଠ, ଗୌତ୍ର ଶୁକ୍ଳାମ୍ବର, ପ୍ରବର ଆତ୍ମଲିଙ୍ଗ, ଶାଖା ପରମହଂସ ରହିଛି । ଶିବପାର୍ବତୀଙ୍କ ବଂଶ ପରମ୍ପରାକୁ ପଣ୍ଡିତମାନେ ବିବାହ ସମୟରେ ମହାବାକ୍ୟ ଉଚ୍ଚାରଣ କରିଥାନ୍ତି ।

## ବିବାହରେ ଲୋକାଚାର

ଏହି ଦେବ ବିବାହ ସଂପୂର୍ଣ୍ଣ ଲୋକାଚାରରେ ହୋଇଥାଏ । ପଣ୍ଡିତମାନେ ବଂଶ ପରମ୍ପରାକୁ ମହାବାକ୍ୟ ଉଚ୍ଚରଣ କରିଥାନ୍ତି । ଜ୍ୟେଷ୍ଠ ଶୁକ୍ଳପକ୍ଷ ପଞ୍ଚମୀ ତିଥି ସକାଳେ ମନ୍ଦିର ଗୁଡିକରେ ରୁଦ୍ରାଭିଷେକ, ଶିବାଭିଷେକ ଓ ପାର୍ବତ୍ୟାଭିଷେକ ରୀତି ହୋଇଥାଏ । ଦେବାଦେବୀ କଙ୍କଣସୂତ୍ର ଧାରଣ କରନ୍ତି । ଶିବ ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇ ଭକ୍ତଙ୍କ କାନ୍ଧରେ ବରାତିରେ ବାହାରି ଥାନ୍ତି । ଏହି ଦିନ ମଧ୍ୟରାତ୍ରରେ ୧୦୮ ଦୀପ ମହାଆଳତି ହୁଏ । ଅପରପକ୍ଷେ କନ୍ୟା ମାତାପିତାଙ୍କ ବାସଭବନରେ ବିଭିନ୍ନ ରୀତି ହୋଇଥାଏ । କ୍ରମାନ୍ୱୟରେ ଗାଲସେକା, ବାଟବରଣ, କୁମ୍ଭ ଦର୍ଶନ, ଲବଣୀ ଚାମରି, ୧୦୮ ଦୀପ ଆଳତି, ବରବେଦୀ ଆନାୟନ, ରୁକବେଦୀୟ ସ୍ୱସ୍ତି, ବାଚନ, ଶତଅର୍ଘ୍ୟ, ଇନ୍ଦ୍ରୀୟ ସ୍ପର୍ଶ, କନ୍ୟା ଆଗମନ, ଅଗ୍ନି ସ୍ଥାପନ, ବେଦଆଙ୍କ, ମାଲଛଟା, ଲଗ୍ନ ବିଶିଦ୍ଧି, ମହାବାକ୍ୟ, ଅସ୍ତବନ୍ଧନ, କଣ୍ଡାଳ, ବନ୍ଧିମୋଚନ, ବନ୍ଦାଣ, ଶଳାବିଧା, ପାର୍ଶ୍ୱ ପରିବର୍ତ୍ତନ, ହୋମ, ଲାଜାହୋମ, ଶପ୍ତପଦୀ, ଶିଳାରୋହଣ, ସିନ୍ଦୂର ମଖା, ଓଢ଼ଣୀ ଦିଆ, ବର ଶିଷ୍ଟକୃତ ହୋମ, ପ୍ରାସନ, ମାର୍ଜନ, ଭକ୍ଷ ଗ୍ରହଣ ହୋଇଥାଏ । ଏଥିସହ ବିଶ୍ୱଶାନ୍ତି ଲାଗି ବନ୍ଦାପନା, ଆରତୀ, ପୁଷ୍ପାଞ୍ଜଳି, ସମୁଦି ଭେଟ, କ୍ଷମା ପ୍ରାର୍ଥନା ଓ ଶାନ୍ତିପାଠ ହୋଇଥାଏ । ଉପରୋକ୍ତ ସମସ୍ତ ରୀତି ଜନସାଧାରଣଙ୍କ ବିବାହରେ ମଧ ହୁଏ । ଷଷ୍ଠୀ ତିଥି ଗୋଧୂଳି ଲଗ୍ନରେ କନ୍ୟାପକ୍ଷ ଶିବପାର୍ବତୀଙ୍କୁ ବିଦାୟ ଦେଇଥାନ୍ତି । ଏହି ସମୟରେ କନ୍ୟା ମାତାପିତା, ଆତ୍ମୀୟଙ୍କ ଆଖିରୁ ଲୋତକ ଝରି ପଡିଥାଏ । ତେଣୁ ଦେବଦମ୍ପତିଙ୍କ ବିବାହକୁ ଲୋକାଚାର ବିବାହ ବୋଲି କୁହାଯାଏ ।

**ପ୍ରସ୍ତୁତି: ବି.ଶଙ୍କର**








































ଡେଲ୍ ଭାରତରେ ୧୦ ହଜାର ପ୍ରିମିୟମ ଲାଟିଚୁଡ଼ ୭୪୦୦ ୨-ଇନ-୧ନୋଟବୁକ ବିକ୍ରି କରିବାର ଲକ୍ଷ୍ୟଧାର୍ଯ୍ୟ କରିଛି । ଏ କ୍ଷେତ୍ରରେ କମ୍ପାନୀ ନୂଆ ମାର୍କେଟ ସୃଷ୍ଟି କରିବ ।
**- ଇନ୍ଦ୍ରଜିତ୍ ବେଲଗୁଣ୍ଡି, ଜିଏମ୍, ଡେଲ୍ ଇଣ୍ଡିଆ**



ମୌସୁମୀ ପୂର୍ବରୁ ଏଫ୍‌ସିଆଇର ସମସ୍ତ ଗୋଦାମରେ ରହିଥିବା ଖାଦ୍ୟଶସ୍ୟ ସୁରକ୍ଷିତ ଥିବାବେଳେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟଶସ୍ୟ ରହିଛି।
**- ରାମବିଳାସ ପାଶୱାନ, କେନ୍ଦ୍ର ଖାଦ୍ୟ ମନ୍ତ୍ରୀ**



## ସଂକ୍ଷେପରେ

### ଚନ୍ଦାଙ୍କୁ ଇଡି ନୋଟିସ



**ନୂଆଦିଲ୍ଲୀ,୭-୬:** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୧୮୭୫ କୋଟି ଟଙ୍କାର ଭିଡିଓକନ ଋଣ ମାମଲାରେ ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ଏମ୍‌ଡି ତଥା ସିଇଓ ଚନ୍ଦା କୋଚରଙ୍କୁ ପୁନର୍ବାର ଜେରା କରିବ। ଆସନ୍ତା ୧୦ରେ ହାଜର ହେବାକୁ ତାଙ୍କୁ ନୋଟିସ ଜାରି କରାଯାଇଛି। ଜଣେ ଅଧିକାରୀ କହିଛନ୍ତି ଯେ, ଚନ୍ଦାଙ୍କୁ ମଧ୍ୟ ଦିଲ୍ଲୀସ୍ଥିତ ଜାମନଗର କାର୍ଯ୍ୟାଳୟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେ ଏହି ମାମଲାରେ ଗୁରୁବାର ହାଜର ହେବାର ଥିଲା। ତେବେ ଚନ୍ଦା ସ୍ୱାସ୍ଥ୍ୟଗତ ତଥା ବ୍ୟକ୍ତିଗତ କାରଣ ଦର୍ଶାଇ ଆଉ କିଛି ଦିନ ପାଇଁ ସମୟ ମାଗିଛନ୍ତି। ଭିଡିଓକନ ଗ୍ରୁପ୍‌କୁ ଦିଆଯାଇଥିବା ଋଣକୁ ନେଇ ହୋଇଥିବା ମୂଲଚାଲକୁ ସ୍ପଷ୍ଟ କରିବା ଲାଗି ଇଡି ପକ୍ଷରୁ ଆଇସିଆଇସିଆଇ ବ୍ୟାଙ୍କର ଆହୁରି କିଛି ବରିଷ୍ଠ ଅଧିକାରୀଙ୍କୁ ହାଜର ହେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ ଉକ୍ତ ମାମଲାରେ ଜଡ଼ିତ ଚନ୍ଦାଙ୍କ ଦିଅର ତଥା ଦୀପକ କୋଚରଙ୍କ ଭାଇ ରାଜୀବ କୋଚରଙ୍କ ବିରୋଧରେ ଜାରି ହୋଇଥିବା ଲୁକ୍‌ଆଉଟ ନୋଟିସକୁ କୋର୍ଟ ହଟାଇ ଦେଇଛନ୍ତି। ତାଙ୍କୁ ବିଦେଶ ଯିବାକୁ କୋର୍ଟ ସର୍ତ୍ତର ସହ ଅନୁମତି ଦେଇଛନ୍ତି। ଅଦାଲତ ରାଜୀବଙ୍କୁ ସିଙ୍ଗାପୁର ଯିବାକୁ ଅନୁମତି ଦେଇଥିଲେ ହେଁ ସେଠାକାର ଠିକଣା ଏବଂ ସମ୍ପୂର୍ଣ୍ଣ ବିବରଣୀ ଇଡିଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସିଙ୍ଗାପୁରରେ ଥିବା ବେଳେ ସେ କୌଣସି ସମ୍ପତ୍ତି ବିକ୍ରି କରିପାରିବେ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।

### ଅଗଷ୍ଟରୁ ଅନ୍‌ଲାଇନରେ କିଣି ହେବ ବିଦେଶୀ ମୁଦ୍ରା

**ନୂଆଦିଲ୍ଲୀ,୭-୬:** ବିଦେଶ ଯିବାକୁ ଥିବା ବ୍ୟକ୍ତିବିଶେଷ ଅଥବା କ୍ଷୁଦ୍ର ବ୍ୟବସାୟୀ ଅଗଷ୍ଟରୁ ଅନ୍‌ଲାଇନରେ ବିଦେଶୀ ମୁଦ୍ରା କିଣିପାରିବେ। ଏଥିଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଖୁବ୍‌ଶୀଘ୍ର ଏକ ପ୍ଲାଟଫର୍ମ ଆରମ୍ଭ କରିବାକୁ ଯାଉଛି। ଏ ସମ୍ପର୍କରେ କେନ୍ଦ୍ରୀୟ ବ୍ୟାଙ୍କ ଏକ ବିବୃତି ଜାରି କରିଛି। ଆର୍‌ବିଆଇ ପକ୍ଷରୁ କୁହାଯାଇଛି ଯେ, କ୍ଲିୟରିଂ କର୍ପୋରେଶନ ଅଫ୍ ଇଣ୍ଡିଆ ଏକ ନୂଆ ପ୍ଲାଟଫର୍ମ ଡେଭଲପ୍ କରିଛି। ଏହାର ଏବେ ପରୀକ୍ଷା ଚାଲିଛି। ଅଗଷ୍ଟ ପ୍ରଥମ ସପ୍ତାହରୁ ସାଧାରଣ ନାଗରିକ ଏହି ପ୍ଲାଟଫର୍ମର ବ୍ୟବହାର କରିପାରିବେ। ସୂଚନାଯୋଗ୍ୟ ଯେ, ବିଦେଶୀ ମୁଦ୍ରା କାରବାର ଅଦ୍ୟାବଧି ସମ୍ପୂର୍ଣ୍ଣ ଭାବେ ସଂଗଠିତ ନୁହେଁ। ବିଦେଶୀ ମୁଦ୍ରା କିଣିବା ଲାଗି ଲୋକଙ୍କୁ ୧ରୁ ୩% ପର୍ଯ୍ୟନ୍ତ କମିଶନ ଦେବାକୁ ପଡୁଛି। ଏହାକୁ ଧ୍ୟାନରେ ରଖି ୨୦୧୭ରେ ଆର୍‌ବିଆଇ ଏକ ଅନ୍‌ଲାଇନ ପ୍ଲାଟଫର୍ମ ବିକଶିତ କରିବା ଲାଗି ପ୍ରସ୍ତାବ ଦେଇଥିଲା। ଏହି ପ୍ଲାଟଫର୍ମ ଆରମ୍ଭ ହୋଇଯିବା ପରେ ସାଧାରଣ ଲୋକ ବିଦେଶୀ ମୁଦ୍ରାକୁ ଗୋଟିଏ କ୍ଲିକ୍‌ରେ ସହଜରେ କିଣି ବା ବିକି ପାରିବେ। ଏଥିପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ କୌଣସି କମିଶନ ନିଆଯିବ ନାହିଁ। ଲୋକଙ୍କୁ ଆନ୍ତଃବ୍ୟାଙ୍କ ଦର ହିସାବରେ ବିଦେଶୀ ମୁଦ୍ରା କିଣାବିକା କରିବାକୁ ସୁଯୋଗ ଦିଆଯିବ। ନୂଆ ପ୍ଲାଟଫର୍ମରେ ଗ୍ରାହକଙ୍କ ରେଜିଷ୍ଟ୍ରେଶନ ଜୁଲାଇ ପହିଲାରୁ ଆରମ୍ଭ କରିବାକୁ ଫରେନ ଏକ୍ସଚେଞ୍ଜ ଡିଲର ଆସୋସିଏଶନ ନିଜର ସମସ୍ତ ସଦସ୍ୟଙ୍କୁ ନିର୍ଦ୍ଦେଶ ଦେଇଛି।

### ଆଇଓବିର ନୂତନ କ୍ଷେତ୍ରୀୟ ମୁଖ୍ୟ



**ଭୁବନେଶ୍ୱର,୭-୬:** ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଭୁବନେଶ୍ୱରସ୍ଥିତ କ୍ଷେତ୍ରୀୟ କାର୍ଯ୍ୟାଳୟର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ଶ୍ୟାମ ସୁନ୍ଦର ନାରଙ୍ଗ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ନାଗପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ୧୯୮୪ରେ ସେ ଆଇଓବିରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ସେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ହାସଲ କରିଛନ୍ତି। ଏନ୍‌ପିଏ ହ୍ରାସ, କାସା ଜମା ବୃଦ୍ଧି ଏବଂ ଖୁଚୁରା ଋଣ ପ୍ରଦାନକୁ ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି।

# ବିକ୍ରି ହେବ ୫୦ ରାଷ୍ଟ୍ରାୟତ୍ତ ସମ୍ପତ୍ତି

**ନୂଆଦିଲ୍ଲୀ,୭-୬**

ଏନ୍‌ଟିପିସି, ସିମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆ, ଭାରତ ଆର୍ଥ ମୁଭର୍ସ ଏବଂ ସେଲ୍ ସହିତ ରାଷ୍ଟ୍ରାୟତ୍ତ କମ୍ପାନୀର ୫୦ ଜମି ଏବଂ ଇଣ୍ଡଷ୍ଟ୍ରିଆଲ ପ୍ଲାଣ୍ଟ ସବୁକୁ ବିକ୍ରି ଲାଗି ନୀତି ଆୟୋଗ ଏକ ତାଲିକା ପ୍ରସ୍ତୁତ କରିଛି। ଡିପାର୍ଟମେଣ୍ଟ ଅଫ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ପବ୍ଲିକ୍ ଆସେଟ ମ୍ୟାନେଜମେଣ୍ଟ (ଦୀପମ୍)କୁ ଆୟୋଗ ଏକ ତାଲିକା ଦେଇଛି।
ଜଣେ ଅଧିକାରୀ କହିଛନ୍ତି ଯେ, ସମ୍ବନ୍ଧିତ ମନ୍ତ୍ରଣାଳୟ ତାଲିକାରେ ଥିବା ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକର ସମ୍ପତ୍ତିକୁ ସହଜରେ ବିକ୍ରି କରିପାରିବେ। ସମ୍ପୃକ୍ତ ମନ୍ତ୍ରଣାଳୟର ସଚିବଙ୍କ ସହ ଆଲୋଚନା କରିବା ପରେ ହିଁ ଆୟୋଗ ସିଇଓ ଅମିତାଭ କାନ୍ତ ତାଲିକା ପ୍ରସ୍ତୁତ କରିଛନ୍ତି। ଅନ୍ୟ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଆବଶ୍ୟକସ୍ଥଳେ ନୂଆ ତାଲିକା ଅଣାଯିବ। ସେ କହିଛନ୍ତି ଯେ, ଏନ୍‌ଟିପିସିର ବଦରପୁର ପ୍ଲାଣ୍ଟ ବନ୍ଦ ହୋଇପଡିରହିଛି। ଏହା ନିକଟରେ ୪୦୦ ଏକର ଜମି ରହିଛି। ସେଲ୍ ଭଳି ଅନ୍ୟ କମ୍ପାନୀଙ୍କ ବ୍ରାଉନ୍‌ଫିଲ୍ଡ ପ୍ରକଳ୍ପକୁ ବିକ୍ରି ଲାଗି ସାମିଲ କରାଯାଇଛି। କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷର ପ୍ରଥମ ଦୁଇ ମାସରେ ପୁଞ୍ଜିପ୍ରତ୍ୟାହାରରୁ ୨୩୫୦ କୋଟି ଟଙ୍କା ଯୋଗାଡ କରିସାରିଛନ୍ତି। ଗତ ଆର୍ଥିକ ବର୍ଷରେ ମୋଟ୍‌ରେ ୮୪,୯୭୨ କୋଟି ଟଙ୍କା ଆଦାୟ ହୋଇଥିଲା। ଆୟୋଗ ୨୪ କମ୍ପାନୀର ସମ୍ପତ୍ତି ବିକିବାକୁ ଯାଉଛନ୍ତି। ତନ୍ମଧ୍ୟରେ ସ୍କୁଟର୍ସ ଇଣ୍ଡିଆ, ଭାରତ ପମ୍ପ ଆଣ୍ଡ କମ୍ପ୍ରେସର୍ସ, ପ୍ରୋଜେକ୍ଟ ଆଣ୍ଡ ଡେଭଲପ୍‌ମେଣ୍ଟ ଇଣ୍ଡିଆ, ହିନ୍ଦୁସ୍ତାନ ପ୍ରିଫ୍ୟାବ୍, ହିନ୍ଦୁସ୍ତାନ ନ୍ୟୁଜପ୍ରିଣ୍ଟ, ବ୍ରିଜ ଆଣ୍ଡ ରୁଫ୍ କମ୍ପାନୀ ଏବଂ ହିନ୍ଦୁସ୍ତାନ ଫ୍ଲୋରୋକାର୍ବନ ଆଦି ରହିଛି। ନୀତି ଆୟୋଗ ଚଳିତ ଆର୍ଥିକ ବର୍ଷ ଲାଗି ପୁଞ୍ଜିପ୍ରତ୍ୟାହାରରୁ ପ୍ରାୟ ୯୦ ହଜାର କୋଟି ଟଙ୍କା ଆଦାୟ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ସୂଚନାଥାଉ କି, କେନ୍ଦ୍ର କ୍ୟାବିନେଟ ଫେବୃୟାରୀରେ ସେଣ୍ଟ୍ରାଲ ପବ୍ଲିକ୍ ସେକ୍ଟର ଏଣ୍ଟରପ୍ରାଇଜେସ୍ ଅର୍ଥାତ୍ ରାଷ୍ଟ୍ରାୟତ୍ତ କମ୍ପାନୀଙ୍କ ଅଣ କୋର୍ ସମ୍ପତ୍ତିକୁ ବିକ୍ରି କରିବା ଲାଗି ଅନୁମତି ଦେଇଛି। ଏଥିଲାଗି ଅର୍ଥମନ୍ତ୍ରୀ, ସଡ଼କ ପରିବହନ ମନ୍ତ୍ରୀ ଏବଂ ସମ୍ବନ୍ଧିତ ମନ୍ତ୍ରଣାଳୟକୁ ନେଇ ଏକ ଅଲଟରନେଟ୍ ମେକାନିଜିମ୍ ପ୍ରସ୍ତୁତ କରାଯାଇଥିଲା। ଆସନ୍ତା ବର୍ଷକ ମଧ୍ୟରେ ସମ୍ପୂର୍ଣ୍ଣ ବିକ୍ରି ପ୍ରକ୍ରିୟାକୁ ଶେଷ କରାଯିବ।



- ବିକ୍ରିରେ ସାମିଲ ହେବ ୨୪ କମ୍ପାନୀର ସମ୍ପତ୍ତି
- ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ୯୦ ହଜାର କୋଟି

## ସୁଜୁକିର ନୂଆ ଜିକ୍ସର ଏସ୍‌ଏଫ୍ ୨୫୦, ଜିକ୍ସର ଏସ୍‌ଏଫ୍



**ନୂଆଦିଲ୍ଲୀ,୭-୬**

ସୁଜୁକି ମୋଟର ସାଇକେଲ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ (ଏସ୍‌ଏମ୍‌ଆଇପିଏଲ) ପକ୍ଷରୁ ନୂଆ ଜିକ୍ସର ଏସ୍‌ଏଫ୍ ୨୫୦ ଏବଂ ଜିକ୍ସର ଏସ୍‌ଏଫ୍ ମଡେଲ ଓଡ଼ିଶା ବଜାରରେ ପ୍ରବେଶ କରିଛି। ଏହାକୁ କମ୍ପାନୀର ସେଲ୍‌ସ ଜେନେରାଲ ମ୍ୟାନେଜର ଦୀପକ ମୁତ୍ରେଜା ଏବଂ ପ୍ରଡକ୍ଟ ପ୍ଲାନିଂ ଜିଏମ୍ ଯୋସିଆକି ହାରାଡା ବଜାର ପ୍ରବେଶ କରାଇଥିଲେ। ଜିକ୍ସର ୨୫୦ସିସି ମଡେଲ ଦ୍ୱାରା କମ୍ପାନୀ ପ୍ରିମିୟମ ୨୫୦ ସିସି ସେଗ୍‌ମେଣ୍ଟର ନିଜର ଉପସ୍ଥିତି ଜାହିର କରିଛି। ଜିକ୍ସର ଏସ୍‌ଏଫ୍‌ରେ ଗ୍ରାହକମାନେ ବୋଲ୍ଡ ଷ୍ଟାଇଲିଂ, ଉନ୍ନତ ଡିଜାଇନ ଏବଂ ପରଫରମାନ୍ସ ଲାଭ କରିପାରିବେ। ସେହିଭଳି ଉନ୍ନତ ଇଞ୍ଜିନ କ୍ଷମତା ସହ ଜିକ୍ସର ୨୫୦ ଏସ୍‌ଏଫ୍ ମେଟାଲିକ ମ୍ୟାଟ୍ ପ୍ରିମିୟମ ସିଲଭର ଏବଂ ମେଟାଲିକ ମ୍ୟାଟ୍ ବ୍ଲାକ ରଙ୍ଗରେ ଆସୁଛି। ଏହାର ଏକ୍ସଶୋ'ରୁମ ଭୁବନେଶ୍ୱର ବଜାର ଦର ୧.୭୦ ଲକ୍ଷ ଟଙ୍କା ରହିଛି। ଜିକ୍ସର ଏସ୍‌ଏଫ୍ ଗ୍ଲାସ ସ୍ପାର୍କଲ ବ୍ଲାକ, ମେଟାଲିକ ସୋନିକ ସିଲଭର ଭଳି ରଙ୍ଗରେ ଆସୁଥିବା ବେଳେ ଏହାର ଏକ୍ସ ଶୋ'ରୁମ ଭୁବନେଶ୍ୱର ମୂଲ୍ୟ ୧.୦୯ ଲକ୍ଷ ଟଙ୍କା ରହିଛି। ଭାରତୀୟ ବଜାରରେ ପ୍ରିମିୟମ ସେଗମେଣ୍ଟ ପ୍ରତି ରହିଥିବା ପ୍ରତିବଦ୍ଧତା ଆଧାରରେ ନୂଆ ମଡେଲଗୁଡିକୁ ବଜାର ପ୍ରବେଶ କରାଯାଇଥିବା ସୁଜୁକି ମୋଟର ସାଇକେଲ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର କମ୍ପାନୀ ମୁଖ୍ୟ କୋଇଚିରୋ ହୀରାଓ କହିଛନ୍ତି। ପ୍ରିମିୟମ ବାଇକିଂ ଚାହିଦା ବଢୁଥିବାରୁ ସ୍ପୋର୍ଟ ଟୁରରଙ୍କ ଲାଗି ଏଭଳି ଏକ ମଡେଲ ବିକଶିତ କରାଯାଇଥିବା କମ୍ପାନୀର ଉପସଭାପତି ଦେବାଶିଷ ହାଣ୍ଡା ସୂଚନା ଦେଇଛନ୍ତି।

# ସଂଶୋଧିତ ଏନ୍‌ପିଏ ସର୍କୁଲାର ଜାରି

**ମୁମ୍ବାଇ,୭-୬**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଶୁକ୍ରବାର ସଂଶୋଧିତ ଏନ୍‌ପିଏ ସର୍କୁଲାର ଜାରି କରିଛି। ୨୦୦୦ କୋଟି ଅଥବା ଏହାଠାରୁ ଊର୍ଦ୍ଧ୍ୱ ଟଙ୍କାର ବକେୟା ଋଣ ଫେରସ୍ତ ଦେବାରେ ଋଣଗ୍ରହିତା ବିଫଳ (ଡିଫଲ୍ଟ) ହେବାର ୩୦ ଦିନ ଭିତରେ ସମ୍ପୃକ୍ତ ବ୍ୟାଙ୍କ ତାଙ୍କ ଆକାଉଣ୍ଟର ସମୀକ୍ଷା କରିପାରିବେ ଏବଂ ରିଜଲ୍ୟୁଶନ ପ୍ଲାନ୍ ଆରମ୍ଭ କରିପାରିବେ ବୋଲି ଏଥିରେ କ୍ଷମତା ଦିଆଯାଇଛି। ବ୍ୟାଙ୍କ ନିଜ ବୋର୍ଡ ଦ୍ୱାରା ସ୍ୱୀକୃତ ନୀତିକୁ ପାଳନ କରିବାକୁ ହେବ ବୋଲି ଆର୍‌ବିଆଇ କହିଛି। ପୁରୁଣା ସର୍କୁଲାରରେ ଡିଫଲ୍ଟ ହେବାର ଦିନକ ପରେ ହିଁ ବ୍ୟାଙ୍କ ସମୀକ୍ଷା କରିବା ଆରମ୍ଭ କରିଦେଉଥିଲା। ନୂଆ ସର୍କୁଲାର ଅନୁଯାୟୀ, ସମୀକ୍ଷା ଅବଧି ଭିତରେ ଋଣପ୍ରଦାନକାରୀ ବ୍ୟାଙ୍କ ବା ଆର୍ଥିକ ସଂସ୍ଥା ରିଜଲ୍ୟୁଶନ ପ୍ଲାନ ବା ସମାଧାନ ଯୋଜନା ରଣନୀତି ନିର୍ଦ୍ଧାରଣ କରିପାରିବେ। ଯୋଜନା ଲାଗୁ ହେବା ପରେ ସମସ୍ତ ଋଣପ୍ରଦାନକାରୀଙ୍କୁ ଇଣ୍ଟର କ୍ରେଡିଟର ଏଗ୍ରିମେଣ୍ଟ (ଆଇସିଏ)ରେ ସ୍ୱାକ୍ଷର କରିବାକୁ ହେବ। ତଦନୁଯାୟୀ ନିୟମ ଧାର୍ଯ୍ୟ କରାଯାଇପାରିବ। ଋଣପ୍ରଦାନକାରୀ ବ୍ୟାଙ୍କ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। ନୂଆ ସର୍କୁଲାର ତୁରନ୍ତ କାର୍ଯ୍ୟକାରୀ ହେବ। ନୂଆ ସର୍କୁଲାର ଅନୁସାରେ, ଏବେ ରିଜଲ୍ୟୁଶନ ପ୍ରକ୍ରିୟା ଆରମ୍ଭ କରିବା ଲାଗି ୭୫% ଋଣପ୍ରଦାନକାରୀଙ୍କ ଅନୁମତି ନେବା ଜରୁରୀ ହେବ। ପୂର୍ବରୁ ସମସ୍ତ ବା ୧୦୦ ପ୍ରତିଶତ ଋଣପ୍ରଦାନକାରୀଙ୍କ ଅନୁମତି ନେବାକୁ ପଡୁଥିଲା। ଏଥିସହିତ ରିଜଲ୍ୟୁଶନ ପ୍ଲାନ୍ କିପରି ହେବ, କିଭଳି ଏହାକୁ ଲାଗୁ କରାଯିବ, ଏହା ନିର୍ଦ୍ଧାରଣ କରିବାର ଅଧିକାର ସମ୍ପୃକ୍ତ ଋଣପ୍ରଦାନକାରୀ (ବ୍ୟାଙ୍କ, ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା)ଙ୍କୁ ଦିଆଯାଇଛି। ସମୀକ୍ଷା ଅବଧିର ୧୮୦ ଦିନ ଭିତରେ ରିଜଲ୍ୟୁଶନ ପ୍ଲାନ୍ ଲାଗୁ ନ ହେଲେ ଆର୍‌ବିଆଇ ବ୍ୟାଙ୍କଠାରୁ ୨୦% ଅତିରିକ୍ତ ପ୍ରୋଭିଜନିଂ କରିବାକୁ କହିବ। ୩୬୫ ଦିନରେ ରିଜଲ୍ୟୁଶନ ପ୍ଲାନ୍ ଲାଗୁ ନ ହେଲେ ୩୫% ଦେବାକୁ ହେବ। ଆର୍‌ବିଆଇ ତାଙ୍କ ସର୍କୁଲାରରେ କହିଛନ୍ତି ଯେ, ଋଣପ୍ରଦାନକାରୀଙ୍କୁ ଋଣ ଫଶିଯିବାର ଆଶଙ୍କା ତୁରନ୍ତ ଚିହ୍ନଟ କରିବା ଉଚିତ୍। ଏହା ଜଣାପଡିବା ମାତ୍ରେ ସଙ୍ଗେ ସଙ୍ଗେ ଏହାକୁ ସୂଚିତ କରିବା ଆବଶ୍ୟକ।



## ଜିଏସ୍‌ପି ଉପରେ ଭାରତ ନିର୍ଭରଶୀଳ ନୁହେଁ: ଗୋୟଲ

**ନୂଆଦିଲ୍ଲୀ,୭-୬**

ଆମେରିକାର ଜେନେରାଲାଇଜଡ ସିଷ୍ଟମ ଅଫ୍ ପ୍ରିଫରେନ୍ସେଜ (ଜିଏସ୍‌ପି) ପ୍ରତି ଭାରତ ବ୍ୟାକୁଳ କି ନିର୍ଭରଶୀଳ ନୁହେଁ। ଏହା ନିଜର ରପ୍ତାନିକୁ ପ୍ରତିଯୋଗିତାମୂଳକ କରିବାକୁ ସକ୍ଷମ ବୋଲି ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପୀୟୂଷ ଗୋୟଲ ଏ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ଭାରତ ଏଭଳି ଏକ ବ୍ୟବସ୍ଥା ଉପରେ ଜୋର୍ ଦେବ ଯାହା ଦେଶର ରପ୍ତାନିକୁ ପ୍ରତିଯୋଗିତାମୂଳକ କରିବ ବୋଲି ଗୋୟଲ କହିଛନ୍ତି। ସୂଚନାଯୋଗ୍ୟ ଯେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ ସପ୍ତାହରେ ସ୍ୱତନ୍ତ୍ର ବାଣିଜ୍ୟ ଛାଡ଼ କାର୍ଯ୍ୟକ୍ରମରୁ ଭାରତକୁ ହଟାଇ ଦେଇଥିଲେ। ଏହା ଗତ ୫ରୁ ଲାଗୁ ହୋଇଛି। ଏଣିକି ଭାରତରୁ ଆମେରିକାକୁ ଯାଉଥିବା ସମସ୍ତପ୍ରକାର ସାମଗ୍ରୀ ଉପରେ ସ୍ଥାନୀୟ ସରକାର ଆମଦାନୀ ଶୁଳ୍କ ଲାଗୁ କରିବ। ରାଷ୍ଟ୍ରପତି ଟ୍ରମ୍ପ ଅଭିଯୋଗ କରିଥିଲେ ଯେ, ଆମେରିକାର ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ଆଦାୟ କ୍ଷେତ୍ରରେ ଭାରତ ତର୍କସଙ୍ଗତ ତଥା ସମାନ ସୁବିଧା ଦେଉନାହିଁ। ଆମେରିକାର ନିଷ୍ପତ୍ତିକୁ ଭାରତ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ଅଭିହିତ କରିଛି। ଗୋୟଲ କହିଛନ୍ତି ଯେ, ଭାରତ ଏବେ ଅବିକଶିତ ଅଥବା ସ୍ୱଳ୍ପ ବିକଶିତ ଦେଶ ନୁହେଁ। ଏଭଳି ଛାଡ଼ ଉପରେ ଭାରତ ଏବେ ନିର୍ଭରଶୀଳ ନୁହେଁ। କିଛି ସେକ୍ଟର ଉପରେ ୧ ଅଥବା ୨ ପ୍ରତିଶତ ପ୍ରଭାବ ପଡ଼ିପାରେ।

# ୟୁଏସ୍‌ଏର ୮୦ ଧନୀ ମହିଳାଙ୍କ ମଧ୍ୟରେ ୩ ଭାରତୀୟ

**ନ୍ୟୁୟର୍କ,୭-୬**

ନିଜର ଦକ୍ଷତା ବଳରେ ଆମେରିକାରେ (ୟୁଏସ୍‌ଏ) ସଫଳତା ହାସଲ କରିଥିବା ୮୦ ସବୁଠାରୁ ଧନୀ ମହିଳାଙ୍କ ମଧ୍ୟରେ ୩ ଜଣ ପ୍ରବାସୀ ଭାରତୀୟ ରହିଛନ୍ତି। ଫୋର୍ବ୍ସ ପକ୍ଷରୁ ଆମେରିକାର ସବୁଠାରୁ ଧନୀ ସେଲ୍ଫମେଡ୍ ମହିଳା-୨୦୧୯ ତାଲିକା ଜାରି କରାଯାଇଛି। ଏହି ୩ ପ୍ରବାସୀ ଭାରତୀୟ (ଏନ୍‌ଆର୍‌ଆଇ) ହେଲେ କମ୍ପ୍ୟୁଟର ନେଟ୍‌ୱର୍କିଂ କମ୍ପାନୀ ଅରିଷ୍ଟା ନେଟ୍‌ୱର୍କ୍ସର ଅଧ୍ୟକ୍ଷା ତଥା ସିଇଓ ଜୟଶ୍ରୀ ଉଲାଲ୍, ଆଇଟି କନସଲ୍‌ଟିଙ୍ଗ ଓ ଆଉଟସୋର୍ସିଂ କମ୍ପାନୀ ସିଣ୍ଟେଲର ସହ ପ୍ରତିଷ୍ଠାତା ନିରଜା ସେଠୀ ଓ ଷ୍ଟ୍ରିମିଙ୍ଗ ଡାଟା ଟେକ୍ନୋଲୋଜି କମ୍ପାନୀ କନ୍‌ଫ୍ଲୁଏଣ୍ଟର ସହ ପ୍ରତିଷ୍ଠାତା ନେହା ନରଖେଡେ। ୫୮ ବର୍ଷୀୟା ଜୟଶ୍ରୀ ଏହି ତାଲିକାର ୧୮ତମ ସ୍ଥାନରେ ରହିଛନ୍ତି। ତାଙ୍କର ମୋଟ ସମ୍ପତ୍ତିର ପରିମାଣ ୧୪୦ କୋଟି ଡଲାର (୯୬୬୦ କୋଟି ଟଙ୍କା)। ତାଙ୍କ ନିକଟରେ ଅରିଷ୍ଟାର ୫% ଶେୟାର ରହିଛି। ଫୋର୍ବ୍ସ ପକ୍ଷରୁ କୁହାଯାଇଛି ଯେ, ଲଣ୍ଡନରେ ଜନ୍ମିତ ଏବଂ ଭାରତରେ ପାଳିତ ଉଲାଲ ଏବେ ଆମେରିକାର ସବୁଠାରୁ ଧନୀ ମହିଳାଙ୍କ ମଧ୍ୟରେ ସାମିଲ ହୋଇପାରିଛନ୍ତି। ସେହିପରି ନିରଜା ତାଲିକାର ୨୩ତମ ସ୍ଥାନରେ ରହିଛନ୍ତି। ତାଙ୍କର ସମ୍ପତ୍ତିର ପରିମାଣ ୧୦୦ କୋଟି ଡଲାର (୬୯୦୦ କୋଟି ଟଙ୍କା)। ସ୍ୱାମୀ ଭାରତ ଦେଶାଇଙ୍କ ସହ ମିଶି ନିରଜା ୧୯୮୦ରେ ୨୦୦୦ ଡଲାର ନିବେଶ କରି ସିଣ୍ଟେଲକୁ ପ୍ରତିଷ୍ଠା କରିଥିଲେ। ଫ୍ରାନ୍ସର ଆଇଟି କମ୍ପାନୀ ଆଟୋସ୍ ଗତ ବର୍ଷ ୩୪୦ କୋଟି ଡଲାରରେ ଏହି କମ୍ପାନୀକୁ କିଣି ନେଇଛି। ଏହି ଡିଲ୍‌ରୁ ନିରଜାଙ୍କୁ ତାଙ୍କର ଅଂଶଧନ ବିକ୍ରି ବାବଦରେ ୫୧ କୋଟି ଡଲାର(୩୫୧୯ କୋଟି ଟଙ୍କା) ମିଳିଥିଲା। ଅପରପକ୍ଷରେ ନେହା ତାଲିକାର ୬୦ତମ ସ୍ଥାନରେ ରହିଥିବା ବେଳେ ତାଙ୍କର ସମ୍ପତ୍ତିର ପରିମାଣ ୩୬ କୋଟି ଡଲାର (୨୪୮୪ କୋଟି ଟଙ୍କା) ରହିଛି। ତେବେ ଏହି ତାଲିକାର ଶୀର୍ଷରେ ରହିଛନ୍ତି ଏବିସି ସପ୍ଲାଇ କମ୍ପାନୀର ପ୍ରମୁଖ ଡିଏନ ହେଣ୍ଡରିକ୍ସ। ତାଙ୍କ ନିକଟରେ ୭୦୦ କୋଟି ଡଲାର (୪୮୩୦୦ କୋଟି ଟଙ୍କା) ସମ୍ପତ୍ତି ରହିଛି।

## ରିଲିଫ ପାଣ୍ଠିକୁ ଓରିଏଣ୍ଟାଲ ଇନସ୍ୟୁରାନ୍ସ ଦେଲା ୧ କୋଟି




**ନୂଆଦିଲ୍ଲୀ,୭-୬**

ଫନୀ ପ୍ରଭାବିତ ଲୋକଙ୍କ ସହାୟତା ଲାଗି ଓରିଏଣ୍ଟାଲ ଇନସ୍ୟୁରାନ୍ସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ କୋଟି ଟଙ୍କା ପ୍ରଦାନ କରାଯାଇଛି। କମ୍ପାନୀର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଏ.ଭି.ଗିରିଜାକୁମାର, ଜିଏମ୍ ଅତୁଲ ଜିରଥ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏଥି ସଂକ୍ରାନ୍ତ ଚେକ୍ ପ୍ରଦାନ କରିଛନ୍ତି। ପ୍ରଭାବିତ ଲୋକଙ୍କ ବୀମା ଦାବିର ତ୍ୱରିତ ସମାଧାନ ଲାଗି ବିଭିନ୍ନ ପଦକ୍ଷେପ ନିଆଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।


# E-TENDER NOTICE

SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH
**DEPARTMENT OF EMPOWERMENT FOR PERSONS WITH DISABILITIES (Divyangjan)**
**MINISTRY OF SOCIAL JUSTICE & EMPOWERMENT, GOVT. OF INDIA**
**Oltapur, P.O.-Bairoi, Dist-Cuttack-754010, Odisha.**
**Mob- 8093350360, 9038055172**
**Email-stores.nirtar@nic.in, Website-http://www.svnirtar.nic.in**

**"E-TENDER is invited for procurement of the following items for our institute and CRC, Rajnandgaon, Chhattisgarh."**

(1) **Physiotherapy / Occupational Therapy / Hospital Equipment**
(2) AMC of Modular Operation Theatre,
(3) E-Journal / Books for Library,
(4) Procurement of Stationery / General store / Electrical & Civil items / printing of forms & registers
(5) Procurement of Raw materials / Components for fitting of prosthesis & Orthosis
(6) Procurement of Medicine & Hospital consumable materials (Surgical items / laboratory chemicals / X-ray films & consumables)
(7) Hiring of manpower on yearly contract basis for CRC, Rajnandgaon, Chhatisgarh
(8) Hiring of 5 seated car on yearly contract basis for CRC, Rajnandgaon, Chhatisgarh

| IMPORTANT DATES | |
|---|---|
| Availability of bid documents | 08.06.2019 |
| Last date for bid submission | 27.06.2019 |
| Opening date of technical bid | 28.06.2019 |

For more details log on to http://www.svnirtar.nic.in

Director



# BHUBANESWAR MUNICIPAL CORPORATION

**No.15871 COMPETITIVE BIDDING THROUGH e-Procurement Dt.06/06/19**

**NOTICE INVITING TENDER**
**Bid Reference No. BMC-EE-DD-02/2019-20**

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer, Drainage Division, and BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

Only the Bid Reference No.**(BMC-EE-DD-2/2019-20)** should be written clearly over (super scribed) the envelop containing the bid documents to be submitted by each intending bidder. Nowhere on the envelop the bidders should write Work Name & its Sl. No. failing which, such bids shall be rejected outrightly and will not be opened for evaluation. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information furnished in this tender call notice or in the DTCN, then necessary clarification shall be issued by Executive Engineer, BMC Drainage Division on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer of BMC Drainage Division (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **05 Nos.**
2. Place of Execution : Different locations in Bhubaneswar Municipal Corporation area.
3. Estimated Cost of Individual Work : **Rs.8,15,703/- to Rs.15,96,427/-** Contractors of **Class- 'D' to Class 'C'** as indicated against each work mentioned in the tender call. The contractors having appropriate class or one higher up class can participate.
4. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
5. The bid documents will be available in the above website from **5 P.M on Dt. 07.06.2019 to 5 P.M on Dt. 21.06.2019** for online bidding.
6. Bids received online will be opened at **11.00 A.M on Dt. 22.06.2019.**
7. The bidder must possess valid and Compatible **Digital Signature Certificate (DSC).**
8. The successful bidder bidding @ less than the estimated cost has to furnish A.P.S (Additional Performance Security) as per OPWD Code amendment to Para-3.5.5(V) failing which the bid shall not be considered.
9. The DTCN of works shall be available in the e-procurement portal https://www.tendersodisha.gov.in for on-line bidding.

**On behalf of Commissioner, BMC, Bhubaneswar**
**Executive Engineer,**
**Drainage Division, BMC**

**Progress Through Partnership for a Better Bhubaneswar**

# ଇଂଲଣ୍ଡ-ବାଂଲାଦେଶ ମୁକାବିଲା ଆଜି

କାର୍ଡିଫ୍,୭।୬(ଏଏଫ୍‌ପି)

ଚଳିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ରେ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଆୟୋଜକ ତଥା ହଟ୍ ଫେଭରାଇଟ ଇଂଲଣ୍ଡ ଅନପ୍ରେଡିକ୍ଟବଲ ବାଂଲାଦେଶକୁ ଭେଟିବ। ସ୍ଥାନୀୟ ସୋଫିଆ ଗାର୍ଡେନ୍ସରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌କୁ ଇଂଲଣ୍ଡ ଆଦୌ ହାଲ୍‌କା ଭାବେ ନେବ ନାହିଁ। ବିଶ୍ୱକପ୍‌ର ଗତ ସଂସ୍କରଣରେ ବାଂଲାଦେଶ ଆଡିଲେଡ୍‌ରେ ୧୫ ରନରେ ଇଂଲଣ୍ଡକୁ ପରାସ୍ତ କରି ବିପର୍ଯ୍ୟୟ ଘଟାଇଥିଲା। ଏହି ଅପ୍ରତ୍ୟାଶିତ ପରାଜୟ କାରଣରୁ ଇଂଲଣ୍ଡ ପ୍ରଥମ ରାଉଣ୍ଡରୁ ହିଁ ବିଶ୍ୱକପ୍‌ରୁ ବିଦାୟ ନେଇଥିଲା। ଇଂଲଣ୍ଡ ଏହି ପରାଜୟକୁ ମନେ ରଖିଥିବ ଓ ପ୍ରତିଶୋଧ ନେବାକୁ ଲକ୍ଷ୍ୟ ରଖିଥିବ। ତେବେ ଏହା ପରେ ଇଂଲଣ୍ଡ ଦିନିକିଆ ଫର୍ମାଟରେ ଅଶାତୀତ ଉନ୍ନତି କରିଛି ଓ ଦିନିକିଆ ର୍‍ୟାଙ୍କିଂର ୧ ନମ୍ବରସ୍ଥାନ ହାସଲ କରିଛି। ଦିନିକିଆ କ୍ରିକେଟରେ ଇଂଲଣ୍ଡ ବହୁତ ପରିବର୍ତ୍ତନ ମଧ୍ୟ ଆଣିଛି। କୋଚ୍ ପିଟର ମୁରସଙ୍କୁ ମଧ୍ୟ ପଦରୁ ବହିଷ୍କାର କରାଯାଇଥିଲା। ଏହାପରେ ଅଷ୍ଟ୍ରେଲିଆ ଅଭିଜ୍ଞ କୋଚ୍ ଟ୍ରେଭର ବେଲିସ୍‌ଙ୍କୁ କୋଚ୍ ନିଯୁକ୍ତ କରାଯାଇଥିଲା। ଇଂଲଣ୍ଡ ତା'ର ପ୍ରଥମ ମ୍ୟାଚ୍‌ରେ ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକାକୁ ୧୦୪ ରନରେ ପରାସ୍ତ କରିଥିଲା।



ମାଶ୍ରାଫି ମୋର୍ତ୍ତାଜା ଓ ଇଅନ ମୋର୍ଗାନ।

ଦେବେ ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡ ଆଶ୍ଚର୍ଯ୍ୟଜନକ ଭାବେ ପାକିସ୍ତାନଠାରୁ ୧୪ ରନରେ ହାରିଥିଲା। ଏହି ପରାଜୟକୁ ଇଂଲଣ୍ଡ ସହଜରେ ହଜମ କରିପାରି ନ ଥିଲା। ଫଳରେ ଇଂଲଣ୍ଡ ଖେଳାଳି ଉତ୍‌କ୍ଷିପ୍ତ ହୋଇଥିଲେ। ଫଳରେ ଓପନିଂ ବ୍ୟାଟ୍ସମ୍ୟାନ ଜାସନ ରଏ ଓ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କୁ ଖରାପ୍ ଆଚରଣ ପାଇଁ ଜରିମାନାର ସମ୍ମୁଖୀନ ହେବାକୁ ପଡିଥିଲା। ଷ୍ଟାଡିୟମରେ ପାକିସ୍ତାନ ପ୍ରଶଂସକମାନେ ମଧ୍ୟ ଇଂଲଣ୍ଡ ଖେଳାଳିଙ୍କୁ କିଛି ଆକ୍ଷେପ କରୁଥିବା ଲକ୍ଷ୍ୟ କରାଯାଇଥିଲା। ଇଂଲଣ୍ଡ ଅଲରାଉଣ୍ଡର କ୍ରିସ୍ ୱୋକ୍ସ ବାଉଣ୍ଡାରୀରେ ଏକ କ୍ୟାଚ୍ ନେବା ପରେ ପାକିସ୍ତାନ ପ୍ରଶଂସକଙ୍କୁ ଓଠରେ ଅଙ୍ଗୁଳି ରଖି ଚୁପ୍ ରହିବାକୁ ଇଙ୍ଗିତ କରିଥିଲେ। ୨୦୧୬ରେ ଢାକାରେ ବାଂଲଦେଶକୁ ଇଂଲଣ୍ଡ ହରାଇଥିଲା। ଏଥିରେ ଇଂଲଣ୍ଡ ଖେଳାଳିଙ୍କ ଆଚରଣ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏବେ ଏହି ମ୍ୟାଚ୍‌ରେ ଏହାର ପୁନରାବୃତ୍ତି ହେବ ବୋଲି ଆଶା କରାଯାଉଛି। ପାକିସ୍ତାନ ବିପକ୍ଷ ମ୍ୟାଚ୍ ଖେଳି ନ ଥିବା ଇଂଲଣ୍ଡ ଦ୍ରୁତ ବୋଲର ଲିଅମ ପ୍ଲଙ୍କେଟ୍ ଏହି ମ୍ୟାଚ୍‌ରେ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ। କିଭିଳ ଭଲ ଖେଳି ଜିତିବାକୁ ହେବ ଇଂଲଣ୍ଡକୁ ବେଶ୍ ଭଲଭାବେ ଜଣା ବୋଲି ପ୍ଲଙ୍କେଟ କହିଛନ୍ତି। ଗତ ମ୍ୟାଚ୍‌ରେ ପାକିସ୍ତାନ ଭଲ ଖେଳିଥିଲା। ସେହିଭଳି ବାଂଲଦେଶ ଓ ଭାରତ ମଧ୍ୟ ଭଲ ପ୍ରଦର୍ଶନ କରିବେ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଓ ବିଗ୍ ବାଶ ଲିଗ୍‌ରେ ଇଂଲଣ୍ଡ ଖେଳାଳି ବିପୁଳ ସଂଖ୍ୟାରେ ଦର୍ଶକଙ୍କ ସମ୍ମୁଖରେ ଖେଳିଛନ୍ତି। ତେଣୁ ଏହି ମ୍ୟାଚ୍‌ରେ ଆମେ ଭଲ ପ୍ରଦର୍ଶନ କରିବୁ ବୋଲି ପ୍ଲଙ୍କେଟ କହିଛନ୍ତି। ଅପରପକ୍ଷରେ ନ୍ୟୁଜିଲାଣ୍ଡ ବିପକ୍ଷରେ ବାଂଲଦେଶ ୨ ଉଇକେଟରେ ପରାସ୍ତ ହୋଇଛି।

ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ କୌଣସି ବଡ଼ ଧରଣର ବପର୍ଯ୍ୟୟ ଘଟିନାହିଁ। ବାଂଲାଦେଶ ମଧ୍ୟ ଦକ୍ଷିଣ ଆଫ୍ରିକା ଭଳି ଶକ୍ତିଶଳୀ ଦଳକୁ ୧୨ ରନରେ ହରାଇଛି। ତେଣୁ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ବୋଲି ପ୍ଲଙ୍କେଟ କହିଛନ୍ତି। ବାଂଲାଦେଶ ଏବେ ଏକ ଶକ୍ତିଶାଳୀ ଦଳ ଭାବେ ଉଭା ହୋଇଛି। ୨୦୧୦ରେ ଏହି ଦଳ ଇଂଲଣ୍ଡକୁ ହରାଇ ସେତେବେଳେ ବପର୍ଯ୍ୟୟ ଘଟାଇଥିଲା ଓ ଏହି କଥା ମୋର ମନେ ଅଛି ବୋଲି ପ୍ଲଙ୍କେଟ କହିଛନ୍ତି। ପାକିସ୍ତାନ ବିପକ୍ଷରେ ଲେଗ୍ ସ୍ପିନର ଆଦିଲ ରସିଦ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ତାଙ୍କୁ ଏହି ମ୍ୟାଚ୍‌ରେ ସୁଯୋଗ ଦିଆଯାଇ ନ ପାରେ।

ସୋଫିଆ ଗାର୍ଡେନ୍ସରେ ବାଂଲାଦେଶ ୨୦୦୫ରେ ସେତେବେଳର ଶକ୍ତିଶାଳୀ ଦଳ ତଥା ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆକୁ ୫ ଉଇକେଟରେ ହରାଇଥିଲା। ଏହା ଅନ୍ତର୍ଜାତୀୟ କ୍ରିକେଟର ସବୁଠାରୁ ବଡ଼ ବିପର୍ଯ୍ୟୟ ଥିଲା। ଏହି ମ୍ୟାଚ୍‌ରେ ମଶ୍ରାଫି ମୋର୍ତ୍ତାଜା ଖେଳିଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷରେ ୨୪୫ ରନର ସ୍କୋରକୁ ବାଂଲାଦେଶ ପାଖାପାଖି ଡିଫେଣ୍ଡ କରିବାର ସଫଳ ହୋଇଯାଇଥିଲା। ତେଣୁ ଏପର୍ଯ୍ୟନ୍ତ ମୋଟାମୋଟି ଉପରେ ବାଂଲାଦେଶ ଜବରଦସ୍ତ ପ୍ରଦର୍ଶନ କରିଛି। ଟୁର୍ନାମେଣ୍ଟରେ ଇଂଲଣ୍ଡ ଏକ ଶକ୍ତିଶାଳୀ ଦଳ ଭାବେ ପରିଗଣିତ ହେଉଛି। ତେଣୁ ଏହି ମ୍ୟାଚ୍ ଆମ ପାଇଁ ଆଦୌ ସହଜ ହେବ ନାହିଁ ବୋଲି ବାଂଲାଦେଶ ଅଧିନାୟକ ମୋର୍ତ୍ତାଜା କହିଛନ୍ତି। ତେବେ ଯଦି ଆମେ ଶ୍ରେଷ୍ଠ ପ୍ରଦର୍ଶନ କରୁ ତାହାଲେ ଇଂଲଣ୍ଡକୁ ହରାଇବୁ ବୋଲି ସେ କହିଛନ୍ତି। ଅନ୍ୟ କେତେକ ଶକ୍ତିଶାଳୀ ଦଳ ଭଳି ବାଂଲାଦେଶ ଦଳରେ ମଧ୍ୟ କେତେକ କ୍ୱାଲିଟି ତଥା ବିଶ୍ୱସ୍ତରୀୟ ଦିନିକିଆ ଖେଳାଳି ରହିଛନ୍ତି। ତେଣୁ ଏହି ମ୍ୟାଚ୍‌ରେ ଜବରଦସ୍ତ ରୋମାଞ୍ଚ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

**ଆଜିର ମ୍ୟାଚ୍**

**ଇଂଲଣ୍ଡ ବନାମ ବାଂଲାଦେଶ**

ସ୍ଥାନ କାର୍ଡିଫ

ସମୟ ଅପରାହ୍ନ ୩ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ଆଫଗାନିସ୍ତାନ ବନାମ ନ୍ୟୁଜିଲାଣ୍ଡ**

ସ୍ଥାନ: ଟଣ୍ଟନ୍, ସମୟ ସନ୍ଧ୍ୟା ୬ଟା

# ପଏଣ୍ଟ ଭାଗ କଲେ ପାକିସ୍ତାନ, ଶ୍ରୀଲଙ୍କା



ବର୍ଷା ଯୋଗୁଁ ବ୍ରିଷ୍ଟଲ ଗ୍ରାଉଣ୍ଡରେ ଜମିଥିବା ପାଣିକୁ ବାହାର କରିବାକୁ ପ୍ରୟାସ କରାଯାଉଛି।

ବ୍ରିଷ୍ଟଲ,୭।୬(ପି.ଟି.)

**ବର୍ଷା ଯୋଗୁ ମ୍ୟାଚ୍ ବାତିଲ**

ସ୍ଥାନୀୟ କାଉଣ୍ଟି କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଚଳିତ ବିଶ୍ୱକପ୍‌ର ୧୧ତମ ମ୍ୟାଚ୍ ପ୍ରବଳ ବର୍ଷା ଯୋଗୁ ବାତିଲ ହୋଇଛି। ଏହି ମ୍ୟାଚ୍‌ରେ ପାକିସ୍ତାନ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିବାର କାର୍ଯ୍ୟକ୍ରମ ଥିଲା। ଅତ୍ୟଧିକ ବର୍ଷା କାରଣରୁ ଖେଳ ସମ୍ଭବ ହୋଇପାରି ନ ଥିଲା। ଫଳରେ ପାକିସ୍ତାନ ଓ ଶ୍ରୀଲଙ୍କା ଗୋଟିଏ ଲେଖାଏ ପଏଣ୍ଟ ଭାଗ କରିଛନ୍ତି। ଦୁଇ ଫିଲ୍ଡ ଅମ୍ପାୟର ନିଗେଲ ଲଙ୍ଗ୍ ଓ ଇଆନ ଗୋଲ୍ଡ ଏକାଧିକବାର ପଡିଆ ନୀରିକ୍ଷଣ କରିବା ପରେ ଅପରାହ୍ନ ୩.୪୬ରେ ମ୍ୟାଚକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ। ଅନ୍ତିମ ନୀରିକ୍ଷଣ ବେଳେ ମଧ୍ୟ ଆକାଶ ସମ୍ପୂର୍ଣ୍ଣ ମେଘୁଆ ଥିଲା। ସେତେବେଳେ ୨୦ ଓଭର ବିଶିଷ୍ଟ ମ୍ୟାଚ୍ ଖେଳାଯିବାକୁ ଚିନ୍ତା କରାଯାଉଥିଲା। ଫଳରେ ବିନା ଟସ୍ ଓ ବୋଲିଂରେ ମ୍ୟାଚ ଶେଷରେ ବାତିଲ ହୋଇଥିଲା। ଉଭୟ ପାକିସ୍ତାନ ଓ ଶ୍ରୀଲଙ୍କା ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ଦୁଇଟି ଲେଖାଏ ମ୍ୟାଚ ଖେଳିଛନ୍ତି। ଉଭୟ ଦଳ ଗୋଟିଏ ବିଜୟ ଓ ଗୋଟିଏ ପରାଜୟ ବରଣ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନ ୱେଷ୍ଟଇଣ୍ଡିଜଠାରୁ ୭ ଉଇକେଟରେ ପରାସ୍ତ ହୋଇଥିଲା। ଏହାପରେ ଦ୍ୱିତୀୟ ମ୍ୟାଚ୍‌ରେ ପାକିସ୍ତାନ ୧୪ ରନରେ ଇଂଲଣ୍ଡକୁ ହରାଇଥିଲା। ଅନ୍ୟପଟେ ଶ୍ରୀଲଙ୍କା ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡଠାରୁ ୧୦ ଉଇକେଟରେ ପରାସ୍ତ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ୩୪ ରନରେ ହରାଇଥିଲା।

# ଗୋପାଳସ୍ୱାମୀ ବିସିସିଆଇ ନିର୍ବାଚନ ଅଧିକାରୀ



ମୁମ୍ବାଇ,୭।୬(ପି.ଟି.)

ଆସନ୍ତା ଅକ୍ଟୋବର ୨୨ ତାରିଖରେ ଆୟୋଜନ ହେବାକୁଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିର୍ବାଚନ ପାଇଁ ପ୍ରାକ୍ ପସ୍ତୁତି ଆରମ୍ଭ ହୋଇଛି। ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଏନ୍. ଗୋପାଳସ୍ୱାମୀ ଏହି ହାଇପ୍ରୋଫାଇଲ ନିର୍ବାଚନର ସୁପରିଚାଳନା ତଥା ତଦାରଖ ପାଇଁ ଇଲେକ୍ଟୋରାଲ ଅଫିସର ବା ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ ହୋଇଛନ୍ତି। ଦେଶର ମୁଖ୍ୟ ନିର୍ବାଚନ କମିଶନଙ୍କ ଉପଦେଶ କ୍ରମେ ମାନ୍ୟବର ସୁପ୍ରିମକୋର୍ଟ ଏକ କମିଟ ଅଫ୍ ଆଡମିନିଷ୍ଟ୍ରେଟର ନିଯୁକ୍ତି କରିଛନ୍ତି। ଏହି କ୍ରମରେ ଗୋପାଳସ୍ୱାମୀଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ବିସିସିଆଇ ତରଫରୁ କୁହାଯାଇଛି।

ମୁମ୍ବାଇସ୍ଥିତ ବିସିସିଆଇ ହେଡ୍‌କ୍ୱାର୍ଟରରେ ଗୋପାଳସ୍ୱାମୀ କାର୍ଯ୍ୟକରିବା ସହିତ ନିବାଚନ ତଦାରଖ କରିବେ। ପ୍ରଶାସକ କମିଟି (ସିଓଏ) ଗତମାସ ଅକ୍ଟୋବର ୨୨ ତାରିଖରେ ବହୁପ୍ରତିକ୍ଷୀତ ବିସିସିଆଇ ନିର୍ବାଚନ ଆୟୋଜନ କରାଯିବ ବୋଲି ଘୋଷଣା କରିଥିଲା। ଉଲ୍ଲେଖଥାଉ କି, ସୁପ୍ରିମକୋର୍ଟ ୨୦୧୭ ଜାନୁୟାରୀରେ ସିଓଏ ନିଯୁକ୍ତି କରିଥିଲା। ଜଷ୍ଟିସ୍ ଆର.ଏମ୍. ଲୋଧା ପ୍ୟାନେଲଙ୍କ ସଂସ୍କାରମୂଳକ ପ୍ରସ୍ତାବ ଲାଗୁ କରିବା ଓ ଏହାର ତଦାରଖ କରିବା ପାଇଁ ସିଓଏ ଗଠନ କରାଯାଇଥିଲା। ଶୁକ୍ରବାର ବୈଠକରେ ବସି ସିଓଏ କିପରି ନିର୍ବାଚନ ସୂଚାରୁରୂପେ ପରିଚାଳନା କରାଯିବ ସେ ନେଇ ରୋଡ ମ୍ୟାପ୍ ପ୍ରସ୍ତୁତ କରିଥିଲା। ବିସିସିଆଇ ନିର୍ବାଚନ ପରେ ରାଜ୍ୟ ଆସୋସିଏଶନ ଗୁଡିକ ମଧ୍ୟ ସେପ୍ଟେମ୍ବର ୧୪ ସୁଦ୍ଧା ସେମାନଙ୍କୁ ନିର୍ବାଚନ ଶେଷ କରିବେ ବୋଲି ଆଶା କରାଯାଉଛି।

## ଆଡାମ୍ ଜାମ୍ପାଙ୍କୁ ଭର୍ତ୍ସନା

ନଟିଂହାମ,୭।୬(ପିଟି): ଅଷ୍ଟ୍ରେଲିଆନ ଲେଗ୍ ସ୍ପିନର ଆଡାମ୍ ଜାମ୍ପାଙ୍କୁ ଆଇସିସି ପକ୍ଷରୁ ଭର୍ତ୍ସନା କରାଯାଇଛି। ଏଥିସହ ଖେଳାଳିଙ୍କ ଲାଗି ଉଦ୍ଦିଷ୍ଟ ନିୟମ ଭଙ୍ଗ କରିବା ପାଇଁ ତାଙ୍କୁ ଏକ ନେଗେଟିଭ ପଏଣ୍ଟ ପ୍ରଦାନ କରାଯାଇଛି। ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରତିପକ୍ଷ ଖେଳାଳିଙ୍କୁ ଗାଳି ଦେଇଥିବା ଶୁଣିବାକୁ ମିଳିଥିଲା। ଏହି ଘଟଣା ୨୯ତମ ଓଭରରେ ୱେଷ୍ଟଇଣ୍ଡିଜ ଦଳ ବ୍ୟାଟିଂ କରୁଥିବାବେଳେ ଘଟିଥିଲା। ସେ ଯେଉଁ ଗାଳି ଦେଇଥିଲେ, ତାହା ଫିଲ୍ଡ ଅମ୍ପାୟର ଶୁଣିଥିଲେ। ମ୍ୟାଚ୍ ପରେ ସେ ଦୋଷ ସ୍ୱୀକାର କରି ନେଇଛନ୍ତି।

# ଆଫଗାନିସ୍ତାନ ବିପକ୍ଷରେ ନ୍ୟୁଜିଲାଣ୍ଡ ଫେଭରାଇଟ୍

ଟନ୍‌ଟନ, ୭।୬(ଏଏଫ୍‌ପି)

ବିଶ୍ୱକପ୍‌ରେ ଶନିବାର ଦ୍ୱିତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ମୁହାଁମୁହିଁ ହେବେ। ଉଭୟ ଦଳ ପାଇଁ ଏହି ମ୍ୟାଚ୍ ବେଶ୍ ଗୁରୁତ୍ୱବହନ କରୁଛି। ଆଫଗାନିସ୍ତାନର ସ୍ପିନରଙ୍କର ସଫଳ ମୁକାବିଲା କରିବାକୁ ନ୍ୟୁଜିଲାଣ୍ଡ ପ୍ରସ୍ତୁତ ଅଛି ବୋଲି ଦଳର ଅଭିଜ୍ଞ ବ୍ୟାଟ୍ସମ୍ୟାନ ରସ ଟେଲର କହିଛନ୍ତି। ନ୍ୟୁଜିଲାଣ୍ଡ ତା'ର ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ଅତି ସହଜରେ ୧୦ ଉଇକେଟରେ ପରାସ୍ତ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ବାଂଲାଦେଶକୁ ବୁଧବାର ୨ ଉଇକେଟ ହରାଇଥିଲା। ତେଣୁ ବିଜୟଧାର ବଜାୟ ରଖି ନ୍ୟୁଜିଲାଣ୍ଡ ଆଫଗାନିସ୍ତାନକୁ ହରାଇ ହ୍ୟାଟ୍ରିକ ଅର୍ଜନ କରିବା ଲକ୍ଷ୍ୟରେ ରହିଛି। ବାଂଲାଦେଶ ବିପକ୍ଷରେ ଟେଲର ୮୨ ରନର ଉପଯୋଗୀ ଧୈର୍ଯ୍ୟପୂର୍ଣ୍ଣ ପାଳି ଖେଳିଥିଲା। ୨୦୧୫ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ଦମ୍‌ଦାର ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଥିଲା। ନ୍ୟୁଜାଲାଣ୍ଡ ଦଳରେ କେତେଜଣ କ୍ୱାଲିଟି ତଥା ବିଶ୍ୱସ୍ତରୀୟ ଦ୍ରୁତ ବୋଲର ରହିଛନ୍ତି। ତେବେ ସ୍ପିନ୍ ବିପକ୍ଷରେ ଭଲ ଖେଳିଲେ ନ୍ୟୁଜିଲାଣ୍ଡ ଆଫ୍‌ଗାନିସ୍ତାନକୁ ହରାଇ ପାରିବ ବୋଲି ଟେଲର କହିଛନ୍ତି। ଆଫଗାନିସ୍ତାନ ଦଳରେ କେତେଜଣ କ୍ୱାଲିଟି ସ୍ପିନର ରହିଛନ୍ତି ଓ ଗତ ୪ଟି ଦିନିକିଆରେ ୩ଥର ୪୦ରୁ ଉର୍ଦ୍ଧ୍ୱ ରନ୍ ସଂଗ୍ରହ କରିଥିବା ଟେଲର କହିଛନ୍ତି। ଦୁଇଟି ମ୍ୟାଚ୍ ଖେଳି ନ୍ୟୁଜିଲାଣ୍ଡ ଦୁଇଟିରେ ବିଜୟୀ ହୋଇ ଭଲ ସ୍ଥିତିରେ ରହିଛି। ଟେଲରଙ୍କ ସମେତ ଅଧିନାୟକ କେନ୍ ୱିଲିୟମସନ ଜବରଦସ୍ତ ଫର୍ମରେ ରହିଛନ୍ତି। ବାଂଲାଦେଶ ବିପକ୍ଷରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୧୦୫ ରନର ଭାଗୀଦାରି ସ୍ଥାପନ କରିଥିଲେ। ମ୍ୟାଟ ହେନେରୀଙ୍କ ନେତୃତ୍ୱରେ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲରମାନେ ଦମ୍‌ଦେଖାଇବାରେ ସଫଳ ହୋଇଛନ୍ତି। ବାଂଲାଦେଶ ବିପକ୍ଷରେ ହେନେରୀ ୪ ଉଇକେଟ ଅକ୍ତିଆର କରିଥିଲେ। ଦୁଇଟି ମ୍ୟାଚ୍‌ରୁ ସେ ଏପର୍ଯ୍ୟନ୍ତ ୭ଟି ଉଇକେଟ ହାସଲ କରିଛନ୍ତି। ହେନେରୀଙ୍କୁ ଟ୍ରେଣ୍ଟ ବୋଲ୍ଟ ଓ ଲୋକି ଫର୍ଗୁସନ ଆବଶ୍ୟକ ସହାୟତା ପ୍ରଦାନ କରିଛନ୍ତି। ଉଭୟ ଘଣ୍ଟାପ୍ରତି ୯୬ ମାଇଲ ବେଗରେ ବଲ୍ ପକାଉଛନ୍ତି। ଟୁର୍ନାମେଣ୍ଟରେ ଫର୍ଗୁସନ ଦଳ ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ଟେଲର କହିଛନ୍ତି।

ସେ ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କ ଉପରେ ଚାପ ପ୍ରୟୋଗ କରିବାରେ ସଫଳ ହୋଇଛନ୍ତି। ଆଫଗାନିସ୍ତାନ ଏକ ବିପଜ୍ଜନକ ଦଳ। ତେରୁ ଆଫଗାନିସ୍ତାନକୁ ଆଦୌ ହେୟ ମନେ କରିବୁ ନାହିଁ ବୋଲି ହେନରୀ କହିଛନ୍ତି।

ଅପରପକ୍ଷରେ ଦ୍ୱିତୀୟଥର ପାଇଁ ଆଫଗାନିସ୍ତାନ ଦିନିକିଆ ବିଶ୍ୱକପ୍ ଖେଳିବାକୁ ଯାଉଛି। ଏପର୍ଯ୍ୟନ୍ତ ଦୁଇଟି ମ୍ୟାଚ୍ ଖେଳି ଦୁଇଟିରେ ଆଫଗାନିସ୍ତାନ ପରାସ୍ତ ହୋଇଥିଲେ ମଧ୍ୟ ଲଢୁଆ ଖେଳ ପ୍ରଦର୍ଶନ କରିଛି। ଗତ ମ୍ୟାଚ୍‌ରେ ଆଫଗାନିସ୍ତାନ ଶ୍ରୀଲଙ୍କଠାରୁ ପରାସ୍ତ ହୋଇଥିଲେ ମଧ୍ୟ ସ୍ପିନର ରସିଦ ଖାଁ ଓ ମହମ୍ମଦ ନବୀ ଉଚ୍ଚକୋଟୀର ସ୍ପିନ ବୋଲିଂ କରିଥିଲେ। ନବୀ ୩୦ ରନ ବ୍ୟୟ କରି ୪ ଉଇକେଟ ଅକ୍ତିଆର କରିଥିଲେ। ତେବେ ବ୍ୟାଟିଂ ବିଫଳତା କାରଣରୁ ଆଫଗାନିସ୍ତାନ ଶ୍ରୀଲଙ୍କଠାରୁ ହାରିଥିଲା। ବ୍ୟାଟିଂରେ ଆମେ ଉନ୍ନତୀ କରିବାର ଆବଶ୍ୟକତା ରହିଛି ବୋଲି ଆଫଗାନିସ୍ତାନ ଅଧିନାୟକ ଗୁଲବଦିନ ନାଇବ କହିଛନ୍ତି। ଦଳର ବରିଷ୍ଠ ବ୍ୟାଟ୍ସମ୍ୟାନମାନେ ଭଲ ପ୍ରଦର୍ଶନ କରି ଜୁନିୟର ଖେଳାଳିଙ୍କୁ ଉତ୍ସାହିତ କରବା ଆବଶ୍ୟକ ବୋଲି ଦଳର ମଧ୍ୟମଗତି ଦ୍ରୁତ ବୋଲର ମୀରୱାଇସ୍ ଆଶ୍ରଫ୍ କହିଛନ୍ତି। ଦୁଇଟି ମ୍ୟାଚ୍‌ରେ ବ୍ୟାଟିଂ ବିଫଳତା କାରଣରୁ ଓ ଏକାଧିକ ତ୍ରୁଟି କରି ହାରିଛୁ ବୋଲି ସେ କହିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଏହି ମ୍ୟାଚ୍‌ରେ ତ୍ରୁଟି ସୁଧାରିବା ସହିତ ଅନ୍ୟ ବୋଲର ଓ ବ୍ୟାଟ୍ସମ୍ୟାନଙ୍କୁ ସୁଯୋଗ ଦିଆଗଲେ ଭଲ ହେବ ବୋଲି ସେ ମତ ଦେଇଛନ୍ତି। ସେମିଫାଇନାଲ ଆଶା ଉଜ୍ଜୀବିତ ରଖିବା ପାଇଁ ଆଫଗାନିସ୍ତାନକୁ ଏହି ମ୍ୟାଚ୍‌ରେ ବିଜୟୀ ହେବା ଜରୁରୀ ହୋଇ ପଡିଛି।



ଗୁଲବଦିନ ନାଇବ୍ ଓ କେନ ୱିଲିୟମ୍‌ସନ

# ଫ୍ରିହିଟ୍ ବଲରେ ବୋଲ୍ଡ ହେଲେ ଗେଲ୍

ଲଣ୍ଡନ,୭।୬

ୱେଷ୍ଟଇଣ୍ଡିଜ ଦଳର ବିସ୍ଫୋରକ ଓପନର କ୍ରିସ୍ ଗେଲ୍ ଅଷ୍ଟ୍ରେଲିଆ ବିପକ୍ଷରେ ଟ୍ରେଣ୍ଟ ବ୍ରିଜ୍‌ଠାରେ ଖେଳାଯାଇଥିବା ବିଶ୍ୱକପ୍ ମ୍ୟାଚ୍‌ରେ ଫ୍ରିହିଟ୍ ବଲରେ ବୋଲ୍ଡ ଆଉଟ୍ ହୋଇଛନ୍ତି। ଏଥିନେଇ କ୍ରିକେଟ ପଣ୍ଡିତ ଓ ପ୍ରଶଂସକମାନେ ଫିଲ୍ଡ ଅମ୍ପାୟର ରୁଚିରା ପାଲିୟାଗୁରୁଗ ଓ କ୍ରିସ୍ ଗଫାନେଙ୍କୁ କଡ଼ା ସମାଲାଚନା କରିଛନ୍ତି। ଏପରି କି କିମ୍ବଦନ୍ତୀ ୱେଷ୍ଟଇଣ୍ଡିଜ ବୋଲର ମାଇକେଲ ହୋଲ୍ଡିଂ ଅମ୍ପାୟରଙ୍କୁ ନୃଶଂସ କହିଛନ୍ତି। ଏଥିସହ ଉଭୟ ଅମ୍ପାୟରଙ୍କ ମ୍ୟାଚ୍ ପରିଚାଳନା ଦକ୍ଷତା ନ ଥିବା କହିଛନ୍ତି। ଅଷ୍ଟ୍ରେଲିଆନ ଖେଳାଳିଙ୍କ ବାରମ୍ବାର ଅପିଲ ଯୋଗୁ ଅମ୍ପାୟରଙ୍କ ଉପରେ ଚାପ ବୃଦ୍ଧି ପାଇଥିଲା। ଫଳରେ ଦୁଇ ଅମ୍ପାୟର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ ବୋଲି ହୋଲ୍ଡିଂ କହିଛନ୍ତି। ମ୍ୟାଚ୍‌ରେ ଦୁଇ ଥର ଖରାପ ଅମ୍ପାୟରିଂରୁ ୱେଷ୍ଟଇଣ୍ଡିଜ ବର୍ତ୍ତିଥିଲା। ଗେଲ୍ ଓ ଜାସନ ହୋଲ୍ଡରଙ୍କୁ ଅମ୍ପାୟର ଆଉଟ୍ ଦେଇଥିଲେ। ହେଲେ ସେମାନେ ଡିଆର୍‌ଏସ୍ ବ୍ୟବହାର କରି ତ୍ରୁଟିପୂର୍ଣ୍ଣ ନଷ୍ପତ୍ତିରୁ ବର୍ତ୍ତିଯାଇଥିଲେ। ଅଷ୍ଟ୍ରେଲିଆ ପେସର ମିଚେଲ ଷ୍ଟାର୍କ ଧାର୍ଯ୍ୟ ସୀମା ଅତିକ୍ରମ କରି ବୋଲିଂ କରିଥିଲେ, ଯାହାକୁ ଅମ୍ପାୟର ନୋ ବଲ ଦର୍ଶାଇ ନ ଥିଲେ। ଏହାର ପରବର୍ତ୍ତୀ ବଲ ଫ୍ରି-ହିଟ୍ ହେବା କଥା, ହେଲେ ଗେଲ୍ ବୋଲ୍ଡ ଆଉଟ୍ ହୋଇଥିଲେ। କେବଳ ଆମେ ବ୍ୟାଟିଂ କରୁଥିବାବେଳେ ନୁହେଁ, ବୋଲିଂ କରିବାବେଳେ ଅମ୍ପାୟରିଂରେ ତ୍ରୁଟି ହୋଇଥିବା କାର୍ଲୋସ ବ୍ରାଥୱେଟ ମଧ୍ୟ କହିଛନ୍ତି।




# ବିଶ୍ୱକପ୍‌ରୁ ଶେହଜାଦ ଆଉଟ୍

ଲଣ୍ଡନ,୭।୬

ଆଫଗାନିସ୍ତାନର ଉଇକେଟ କିପର ବ୍ୟାଟ୍ସମ୍ୟାନ ମହମ୍ମଦ ଶେହଜାଦ୍ ଚଳିତ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ଆଣ୍ଠୁରେ ଆଘାତ ଲାଗିଥିବା ସ୍ପଷ୍ଟ ହୋଇଛି। ତାଙ୍କ ବଦଳରେ ବାମହାତୀ ଉଇକେଟ କିପର ଇକ୍ରାମ ଅଲି ଖିଲଙ୍କୁ ଦଳରେ ସାମିଲ କରାଯାଇଛି। ପାକିସ୍ତାନ ବିପକ୍ଷ ୱାର୍ମଅପ୍ ମ୍ୟାଚ୍‌ରେ ଶେହଜାଦ୍ ଆହତ ହୋଇଥିଲେ। ଏହା ସତ୍ତ୍ୱେ ସେ ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ଖେଳିଥିଲେ। ଏଣୁ ସମସ୍ୟା ବୃଦ୍ଧିପାଇବାରୁ ସେ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଏହି ଓପନର ଅଷ୍ଟ୍ରେଲିଆ ବିପକ୍ଷରେ ଖାତା ଖୋଲିପାରି ନ ଥିବାବେଳେ ଦ୍ୱିତୀୟ ମ୍ୟାଚ୍‌ରେ କେବଳ ୭ ରନ୍ କରିଥିଲେ। ଉଭୟ ମ୍ୟାଚ୍‌ରେ ଆଫଗାନିସ୍ତାନ ପରାସ୍ତ ହୋଇଥିଲା। ଖିଲ ଚଳିତ ବର୍ଷ ଆୟର୍ଲାଣ୍ଡ ବିପକ୍ଷରେ ଅନ୍ତର୍ଜାତୀୟ ପର୍ଦାପଣ କରିବା ପରେ ଏ ପର୍ଯ୍ୟନ୍ତ ୨ ମ୍ୟାଚ୍ ଖେଳିଛନ୍ତି। ଆଫଗାନିସ୍ତାନ ଦଳ ୮ ତାରିଖରେ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ଭେଟିବ।

# ଧୋନୀଙ୍କୁ ବିସିସିଆଇର ସମର୍ଥନ

ନୂଆଦିଲ୍ଲୀ,୭।୬

ଭାରତୀୟ ଉଇକେଟ କିପର ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ବିଶ୍ୱକପ୍ ମ୍ୟାଚ୍‌ରେ ବ୍ୟବହାର ଉଇକେଟ କିପିଂ ଗ୍ଲୋଭ୍ସକୁ ନେଇ ଏବେ ବିବାଦ ଦେଖାଦେଇଛି। ଗ୍ଲୋଭ୍ସରେ ଲାଗିଥିବା ଆର୍ମିର ପ୍ରତୀକ ବଳିଦାନ ଚିହ୍ନକୁ ଗ୍ଲୋଭ୍ସରୁ ହଟାଇବା ପାଇଁ ଆଇସିସି ପକ୍ଷରୁ ବିସିସିଆଇକୁ ନିବେଦନ କରାଯାଇଥିଲା। ହେଲେ ପ୍ରଶାସକ କମିଟି (ସିଓଏ) ମୁଖ୍ୟ ବିନୋଦ ରାଇ ପୂର୍ବତନ ଅଧିନାୟକଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ରାଇ କହିଛନ୍ତି, ଉକ୍ତ ଚିହ୍ନ କୌଣସି ଧାର୍ମିକ କିମ୍ବା ବ୍ୟବସାୟିକ ଚିହ୍ନ ନୁହେଁ। ଏଣୁ ବିସିସିଆଇ ଧୋନୀଙ୍କ ସପକ୍ଷରେ ରହିଛି। ଏହାକୁ ସ୍ୱୀକୃତି ଦେବା ପାଇଁ ବିସିସିଆଇ ପକ୍ଷରୁ ଆଇସିସି ନିକଟରେ ଅନୁରୋଧ କରାଯାଇଛି। ଆଇସିସି ନିୟମ ଅନୁଯାୟୀ, କୌଣସି ଖେଳାଳି ବ୍ୟବସାୟିକ, ଧାର୍ମିକ କିମ୍ବା ସୈନ୍ୟଙ୍କ ଲୋଗୋ ବ୍ୟବହାର କରିପାରିବେ ନାହିଁ। କିନ୍ତୁ ଧୋନୀ ପାରାମିଲିଟାରି ରେଜିମେଣ୍ଟାର ଲୋଗୋ ଗ୍ଲୋଭ୍ସରେ ବ୍ୟବହାର କରିଛନ୍ତି, ଯାହା ସଭିଙ୍କୁ ଜଣା। ଏଣୁ ଧୋନୀ କୌଣସି ଆଇସିସି ନିୟମ ଭଙ୍ଗ କରିନାହାନ୍ତି। ଧୋନୀ ଏହି ଗ୍ଲୋଭ୍ସର ବ୍ୟବହାର ଜାରି ରଖନ୍ତୁ ଆଇସିସିକୁ ଆମେ ଅନୁରୋଧ କରିଛୁ।

## ପାକ୍ ମନ୍ତ୍ରୀଙ୍କ ଟୁଇଟ୍

ଲଣ୍ଡନ,୭।୬- ଭାରତୀୟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଗ୍ଲୋଭ୍ସ ନେଇ ଚର୍ଚ୍ଚା ଜୋର ଧରିଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଆର୍ମି ପ୍ରତୀକ ବଳିଦାନ ବ୍ୟାଜ୍ ପରିଧାନ କରିବା ପରେ ପାକିସ୍ତାନର ବିଜ୍ଞାନ ଓ ବୈଷୟିକ ବିଭାଗୀୟ ମନ୍ତ୍ରୀ ଫୱାଦ ଆଲାମ ଚୌଧରୀ ଟୁଇଟର ଜରିଆରେ ନିଜର ପ୍ରତିକ୍ରିୟା ରଖିଛନ୍ତି। ଧୋନୀ ତୁମେ ଇଂଲଣ୍ଡକୁ କ୍ରିକେଟ୍ ଖେଳିବାକୁ ଯାଇଛ, ମହାଭାରତ ନୁହେଁ। ଭାରତୀୟ ଗଣମାଧ୍ୟମ ମୂର୍ଖଙ୍କ ଭଳି ଚର୍ଚ୍ଚା କରୁଛି। କେତେକ ଗଣମାଧ୍ୟମକୁ କେବଳ ଯୁଦ୍ଧ ଦରକାର। ସେମାନଙ୍କୁ ସିରିୟା କିମ୍ବା ଆଫଗାନିସ୍ତାନ ପଠାଇଦେବା ଉଚିତ ବୋଲି ଫୱାଦ ଟୁଇଟ୍‌ରେ ଲେଖିଛନ୍ତି।

# ବିଶ୍ୱକପ୍‌ରେ ପ୍ରଥମ ମ୍ୟାଚ୍ ଜିତିବା ପରେ ଟିମ୍ ଇଣ୍ଡିଆ

ଲଣ୍ଡନ,୭।୬

ଚଳିତ ବିଶ୍ୱକପ୍‌ରେ ଭାରତୀୟ ଦଳ ତା'ର ପ୍ରଥମ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ହରାଇ ଅଭିଯାନ ଆରମ୍ଭ କରିଛି। ଆଗକୁ ଆହୁରି ଶକ୍ତିଶାଳୀ ଦଳକୁ ଭେଟିବାକୁ ଥିବାବେଳେ ଦଳ ଟୁର୍ନାମେଣ୍ଟରେ ଅତିକମ୍‌ରେ ସେମିଫାଇନାଲ ଖେଳିବ ବୋଲି ଆଶା କରାଯାଉଛି। କାରଣ ଟିମ୍ ଇଣ୍ଡିଆ ବିଶ୍ୱକପ୍‌ର ଯେଉଁ ସଂସ୍କରଣରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି, ସେଥିରେ ନିଶ୍ଚିତ ସେମିଫାଇନାଲ ଖେଳିଛି। ତିନିଥର ଫାଇନାଲ ମଧ୍ୟ ଖେଳିବାକୁ ସୁଯୋଗ ପାଇଛି। ଦୁଇ ଥର ବିଶ୍ୱକପ୍ ହାତେଇ ଥିବାବେଳେ ଥରେ ଉପବିଜେତା ଭାବେ ଟିମ୍ ବ୍ଲୁ ଅଭିଯାନ ଶେଷ କରିଛି। ଭାରତୀୟ ଦଳ ୧୯୮୩ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍‌ରେ ଦୁଇ ଥର ଚାମ୍ପିୟନ ୱେଷ୍ଟଇଣ୍ଡିଜକୁ ହରାଇଥିଲା। ଏହି ସଂସ୍କରଣରେ ସମାନ ଦଳକୁ ହରାଇ ପ୍ରଥମ ଥର ଚାମ୍ପିୟନ ହୋଇଥିଲା।

ଧରିତ୍ରୀ
DHARITRI
ଶନିବାର, ୮ ଜୁନ, ୨୦୧୯





ଜଣେ ବ୍ୟାଟ୍ସମ୍ୟାନଙ୍କ ଲାଗି କିପରି ଯୋଜନା ପ୍ରସ୍ତୁତ କରିବାକୁ ହୁଏ ତାହା ଯୁଜବେନ୍ଦ୍ର ଚହଲଙ୍କୁ ଭଲରୂପେ ଜଣା ।

–କୁଲଦୀପ ଯାଦବ, ଭାରତୀୟ କ୍ରିକେଟର



ଅଲିମ୍ପିକ କୋଟା ହାସଲ କରିବା ଅପେକ୍ଷା ସ୍କୋରିଂରେ ସ୍ଥିରତା ବଜାୟ ରଖିବା କଷ୍ଟସାଧ୍ୟ ।

–ମନୁ ଭାକର, ଭାରତୀୟ ଶୁଟର

## କଳିଙ୍ଗ କର୍ନର

### ଜେଣ୍ଡାନାଙ୍କ ୧୦୦ତମ ମ୍ୟାଚ

ଭୁବନେଶ୍ୱର, ୭।୬(କ୍ରୀଡ଼ା ପ୍ରତିନିଧି): କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସରେ ଶୁକ୍ରବାର କ୍ୟାରିୟରର ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି ଜାପାନର ହିରୋତକା ଜେଣ୍ଡାନା। କେବଳ ସେତିକି ନୁହେଁ ନିଜର ଏହି ମାଇଲଖୁଣ୍ଟ ମ୍ୟାଚକୁ ସ୍ମରଣୀୟ କରିଛନ୍ତି ଜେଣ୍ଡାନା। ୨୨ ନମ୍ବର ଜର୍ସି ପରିହିତ ଜେଣ୍ଡାନା ମେକ୍ସିକୋ ବିପକ୍ଷରେ ବ୍ୟକ୍ତିଗତ ୨ଟି ଗୋଲ ଦେବାସହ ଜାପାନକୁ ୩-୧ ଗୋଲରେ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ୨ଟି ଯାକ ଗୋଲ ସେ ପେନାଲ୍ଟି କର୍ନରରୁ ଦେଇଥିଲେ।

### ଏଫଆଇଏଚ୍ ସିରିଜ ଫାଇନାଲ୍ସ
(ଆଜିର ମ୍ୟାଚ୍)

- ଆମେରିକା ବନାମ ମେକ୍ସିକୋ (ଅପରାହ୍ଣ ୫ଟା)
- ଜାପାନ ବନାମ ଦକ୍ଷିଣ ଆଫ୍ରିକା (ରାତି ୭ଟା)

# ପୋଲାଣ୍ଡକୁ ହରାଇ ଭାରତ ସେମିର ନିକଟତର



ଗୋଲ ସ୍କୋର ପରେ ମନପ୍ରୀତ ସିଂ

ଭୁବନେଶ୍ୱର, ୭।୬ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଭାରତ ୩-୧ ଗୋଲରେ ପୋଲାଣ୍ଡକୁ ପରାସ୍ତ କରିଛି। ଫଳରେ କ୍ରମାଗତ ଦ୍ୱିତୀୟ ବିଜୟ ସହ ଭାରତ ସେମିଫାଇନାଲର ନିକଟତର ହୋଇଛି। ପ୍ରଥମ ମ୍ୟାଚରେ ମନପ୍ରୀତ ସିଂଙ୍କ ଦଳ ୧୦-୦ଗୋଲରେ ରୁଷିଆକୁ ପରାସ୍ତ କରିଥିଲା। ପୁଲ୍'ଏ'ରେ ୬ ପଏଣ୍ଟ ସହିତ ଭାରତ ଶୀର୍ଷସ୍ଥାନ ଅଧିକାର କରିଥିବାବେଳେ ପୋଲାଣ୍ଡ ଓ ରୁଷିଆ ୨ଟି ଲେଖାଏ ମ୍ୟାଚ ଖେଳି ୩ ପଏଣ୍ଟ ଲେଖାଏ ପାଇଛନ୍ତି। ଭାରତ ୧୦ ତାରିଖରେ ଏହାର ଶେଷ ଲିଗ୍ ମ୍ୟାଚରେ ଉଜ୍‌ବେକିସ୍ତାନକୁ ଭେଟିବ। ୯ ତାରିଖରେ ପୋଲାଣ୍ଡ ଓ ରୁଷିଆ ମଧ୍ୟରେ ମୁକାବିଲା ହେବ। ଏହି ମ୍ୟାଚ ପରେ ପୁଲ୍'ଏ'ର ସେମିଫାଇନାଲ ସ୍ଥିତି ସ୍ପଷ୍ଟ ହୋଇଯିବ। ଡବଲ ଗୋଲ ଦେଇ ଭାରତ ବିପକ୍ଷରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ମନପ୍ରୀତ ସାମାଜିକ ସୁରକ୍ଷା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡାଙ୍କଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରିଥିଲେ। ଆରମ୍ଭରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ମ୍ୟାଚ ଆରମ୍ଭ ହେବାକ୍ଷଣି ଆକ୍ରମଣାତ୍ମକ ଖେଳି ଭାରତ ଉପରେ ଚାପ ପକାଇଥିଲା ପୋଲାଣ୍ଡ। ଫଳରେ ପ୍ରଥମ ମିନିଟରେ ହିଁ ଦଳ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ତେବେ ଗୋଲ ଦେବାରେ ଦଳ ସଫଳ ହୋଇ ନ ଥିଲା। ବିଶ୍ୱର ୫(ଭାରତ) ଓ ୨୧(ପୋଲାଣ୍ଡ) ର୍‍ୟାଙ୍କଧାରୀ ଦଳ ମଧ୍ୟରେ ପ୍ରଥମ କ୍ୱାର୍ଟରରେ ଖେଳ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଉଭୟ ଦଳ ଆକ୍ରମଣାତ୍ମକ ରଣନୀତିରେ ଖେଳିଥିଲେ ହେଁ ଗୋଲ ହୋଇପାରି ନ ଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଉଭୟ ଦଳ ଅଗ୍ରଣୀ ନେବାପାଇଁ ଆକ୍ରମଣକୁ ଜୋରଦାର କରିଥିଲେ। ୨୦ ତମ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଓଡ଼ିଆ ଖେଳାଳି ଅମିତ ରୋହିଦାସ ମାରିଥିବା ଶଟ୍‌କୁ ପୋଲାଣ୍ଡ ଡିଫେଣ୍ଡର ଅଟକାଇ ଦେବାରେ ସକ୍ଷମ ହୋଇଥିଲେ। ଏହାର ୧ ମିନିଟ ପରେ ଭାରତକୁ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା। ୨୧ତମ ମିନିଟରେ ଅଧିନାୟକ ମନପ୍ରୀତ ସିଂ ଏହାକୁ ଗୋଲରେ ପରିଣତ କରି ଘରୋଇ ଦଳକୁ ଅଗ୍ରଣୀ ଦେଇଥିଲେ। ୨୩ତମ ମିନିଟରେ ଭାରତ ଏକ ପେନାଲ୍ଟି କର୍ନର ମିସ୍ କରିଥିଲା। ୨୫ତମ ମିନିଟରେ ଭାରତୀୟ ରକ୍ଷଣଭାଗରେ ବଡ଼ ଗ୍ୟାପ୍‌ର ସୁଯୋଗ ନେଇ ଗୋଲ ସ୍କୋର କରିବାରେ ସକ୍ଷମ ହୋଇଥିଲା ପୋଲାଣ୍ଡ। ୨୫ତମ ମିନିଟରେ ମାଟେଉଜ୍ ହୁଲ୍‌ବୋଜ୍ ଗୋଲ ପରିଶୋଧ କରିବାରୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ମାତ୍ର ଏହାର ୧ ମିନିଟ ପରେ ଭାରତ ପୁଣି ଅଗ୍ରଣୀ ହାସଲ କରିଥିଲା। ପୋଲାଣ୍ଡ 'ଡି' ଏରିଆ ମଧ୍ୟରେ ବଲ୍ ପାଇଁ ସଂଘର୍ଷ ଚାଲିଥିବାବେଳେ ମନପ୍ରୀତ ସିମରନଜିତ ସିଂଙ୍କ ନିକଟକୁ ବଲ୍ ବଢ଼ାଇ ଦେଇଥିଲେ। ସିମରନଜିତ ଗୋଲ ଦେବାର ସୁଯୋଗ ନ ପାଇବାରୁ ବଲ୍‌କୁ ପୁଣି ମନପ୍ରୀତଙ୍କ ନିକଟକୁ ପାସ୍ ଦେଇଥିଲେ। ମନପ୍ରୀତ ତତ୍‌କ୍ଷଣାତ ଏହାକୁ ପୋଲାଣ୍ଡ ଗୋଲପୋଷ୍ଟ ଭିତରକୁ ପଠାଇ ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତ ୨-୧ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଭାରତର ଆକ୍ରମଣାତ୍ମକ ରଣନୀତି ଅପରିବର୍ତ୍ତିତ ରହିଥିଲା। ୩୬ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଚମତ୍କାର ଡ୍ରାଗ୍‌ଫ୍ଲିକ୍ ମାଧ୍ୟମରେ ଗୋଲରେ ପରିଣତ କରି ହରମନପ୍ରୀତ ସିଂ ଭାରତର ଅଗ୍ରଣୀ ବ୍ୟବଧାନକୁ ୩-୧ରେ ପହଞ୍ଚାଇ ଦେଇଥିଲେ। ମ୍ୟାଚକୁ ପ୍ରତ୍ୟାବର୍ତ୍ତନ ପାଇଁ ପୋଲାଣ୍ଡ ଜୋରଦାର ଉଦ୍ୟମ କରିଥିଲା। ୪୦ତମ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନର ମିସ୍ ହୋଇଥିଲା। ଅବଶିଷ୍ଟ ୨୦ ମିନିଟ ଖେଳ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ହେଁ ତା'ର ସଦୁପଯୋଗ କରିପାରି ନ ଥିଲେ। ରେଫରିଙ୍କ ଶେଷ ହ୍ୱିସିଲ ବାଜିବାକ୍ଷଣି ଭାରତୀୟ ଖେଳାଳିମାନେ ପଡ଼ିଆ ଚତୁର୍ଦ୍ଦିଗ ପରିକ୍ରମା କରି ଦର୍ଶକଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ।

# ଜେଣ୍ଡାନାଙ୍କ ଡବଲରେ ଜାପାନ ବିଜୟୀ

ଭୁବନେଶ୍ୱର, ୭।୬(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ଶୁକ୍ରବାର ଏସୀୟ ଚାମ୍ପିୟନ ଜାପାନ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଏହି ଦଳ ୩-୧ ଗୋଲରେ ମେକ୍ସିକୋକୁ ପରାସ୍ତ କରିଛି। ଯୁବ ମେକ୍ସିକୋ ଦଳ ଭଲ ଖେଳିଥିଲେ ହେଁ ଜାପାନର ପ୍ରଦର୍ଶନ ଆଗରେ ହାର ମାନିଥିଲା। ବିଜୟ ଫଳରେ ଜାପାନ ୩ ପଏଣ୍ଟ ହାସଲ କରିଛି। ଡବଲ ଗୋଲ ସ୍କୋର କରି ଜାପାନ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ହିରୋତକା ଜେଣ୍ଡାନା ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜେଣ୍ଡାନା ଏଠାରେ କ୍ୟାରିୟରର ୧୦୦ତମ ମ୍ୟାଚ ଖେଳିଥିଲେ। କ୍ରୀଡା ସଚିବ ବିଶାଲ ଦେବ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ବିଶ୍ୱ ର୍‍ୟାଙ୍କିଂରେ ୧୮ ତମ ସ୍ଥାନରେ ଥିବା ଜାପାନ ବିପକ୍ଷରେ ୩୯ତମ ର୍‍ୟାଙ୍କ୍ ଦଳ ମେକ୍ସିକୋ ଆରମ୍ଭରୁ ଗୋଲ ଦେଇ ଚାପ ପକାଇବାରେ ସକ୍ଷମ ହୋଇଥିଲା। ମ୍ୟାଚର ୩ୟ ମିନିଟରେ ଏରିକ୍ ହର୍ନାଣ୍ଡେଜ୍ ଏକ ଫିଲ୍ଡ ଗୋଲ ଦେଇ ମେକ୍ସିକୋକୁ ଅଗ୍ରଣୀ କରାଇଥିଲେ। ମାତ୍ର ଦଳର ଏହି ଖୁସି ବେଶି ସମୟ ତିଷ୍ଠି ନ ଥିଲା। ଏହାର ଅଳ୍ପକିଛି ସେକେଣ୍ଡ ବ୍ୟବଧାନରେ ଅର୍ଥାତ୍ ସେହି ୩ୟ ମିନିଟରେ ଜାପାନର ହିରୋତକା ଜେଣ୍ଡାନା ପେନାଲ୍ଟି କର୍ନରରୁ ଡ୍ରାଗ୍ ଫ୍ଲିକ୍ ଜରିଆରେ ଗୋଲ ଦେଇ ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ମ୍ୟାଚ ଆଗକୁ ବଢ଼ିବା ସହ ଜାପାନ କ୍ରମେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଦ୍ୱିତୀୟ କ୍ୱାର୍ଟରରେ ମ୍ୟାଚର ୨୧ତମ ମିନିଟରେ ମେକ୍ସିକୋ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଜାପାନକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଶୋତା ୟାମାଦା ଏହାକୁ ଗୋଲରେ ପରିଣତ କରିବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଜାପାନ ୨-୧ ଗୋଲରେ ଅଗ୍ରଣୀ ନେଇଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଅର୍ଥାତ୍ ୩୪ତମ ମିନିଟରେ ଜାପାନକୁ ମିଳିଥିବା ପେନାଲ୍ଟି କର୍ନରକୁ ହିରୋତକା ଜେଣ୍ଡାନା ଗୋଲରେ ପରିଣତ କରିବାରୁ ଜାପାନର ଅଗ୍ରଣୀ ବ୍ୟବଧାନ ୩-୧ରେ ପହଞ୍ଚି ଯାଇଥିଲା। ମ୍ୟାଚରେ ଜେଣ୍ଡାନାଙ୍କର ଏହାଥିଲା ଦ୍ୱିତୀୟ ଗୋଲ। ଏହାପରେ କିନ୍ତୁ ଜାପାନକୁ କଡ଼ା ଟକ୍କର ଦେଇଥିଲା ମେକ୍ସିକୋ। ଜାପାନ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ମେକ୍ସିକୋ ଡିଫେଣ୍ଡର ଓ ଗୋଲକିପର ଜୋସ ହେର୍ନାଣ୍ଡେଜ ଚମତ୍କାର ପ୍ରଦର୍ଶନ କରି ଆଉ ଗୋଲ ହେବାକୁ ଦେଇ ନ ଥିଲେ। ଶନିବାର ଜାପାନ ଏହାର ପରବର୍ତ୍ତୀ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଏବଂ ଆମେରିକା ବିପକ୍ଷରେ ମେକ୍ସିକୋ ଖେଳିବ।

# ଫେଡରରଙ୍କୁ ହରାଇଲେ ନାଡାଲ

ପ୍ୟାରିସ, ୭।୬

ଗତଥରର ଚାମ୍ପିୟନ ସ୍ପେନର ରାଫାଲ ନାଡାଲ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ଏଠାରେ ସେ ତାଙ୍କ ଦ୍ୱାଦଶ ଟାଇଟଲଠାରୁ ଆଉ ମାତ୍ର ଗୋଟିଏ ପାଦ ପଛରେ ରହିଛନ୍ତି। ଶୁକ୍ରବାର ଅନୁଷ୍ଠିତ ଏକ ସେମିଫାଇନାଲରେ ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସୁଇଜରଲାଣ୍ଡର ରୋଜର ଫେଡରରଙ୍କୁ ୬-୩, ୬-୪, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ପ୍ରବଳ ବାୟୁ ପ୍ରବାହ ଯୋଗୁ ଦୁଇ ଶକ୍ତିଶାଳୀ ଖେଳାଳିଙ୍କଠାରୁ ଯେଉଁ ଖେଳ ଆଶା କରାଯାଉଥିଲା ତାହା ଦେଖିବାକୁ ମିଳି ନ ଥିଲା। ନାଡାଲ ବର୍ତ୍ତମାନ ରବିବାର ଫାଇନାଲରେ ନୋଭାକ ଜୋକୋଭିଚ୍ କିମ୍ବା ଅଷ୍ଟ୍ରିଆର ଡୋମିନିକ୍ ଥିମ୍‌ଙ୍କୁ ଭେଟିବେ। ଜୋକୋଭିଚ୍ ସମସ୍ତ ୪ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ବିରଳ କୃତୀତ୍ୱ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି।



କ୍ରୀଡ଼ା ସଚିବ ବିଶାଳ ଦେବଙ୍କଠାରୁ ହିରୋତକା ଜେଣ୍ଡାନା ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

# ଜାତୀୟ ସବ୍‌ଜୁନିୟର ବାଳିକା ଫୁଟବଲ ଆରମ୍ଭ

କଟକ ଅଫିସ, ୭।୬

ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ(ଏଆଇଏଫ୍ଏଫ) ଆନୁକୂଲ୍ୟରେ କଟକର ବାରବାଟୀ ଓ ଡ୍ରିମ୍ସ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ସବ୍‌ଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିୟନଶିପ୍। ଉଦ୍‌ଘାଟନୀ ଦିବସରେ ୩ଟି ମ୍ୟାଚ ଖେଳାଯାଇଥିଲା। ଏଥିରେ ଝାଡ଼ଖଣ୍ଡ ୪-୧ ଗୋଲରେ ହରିୟାଣାକୁ, ମହାରାଷ୍ଟ୍ର ୫-୧ ଗୋଲରେ ତେଲେଙ୍ଗାନାକୁ ଓ ତାମିଲନାଡୁ ୬-୦ ଗୋଲରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ଟୁର୍ନାମେଣ୍ଟରେ ଓଡ଼ିଶା ଗ୍ରୁପ-'ଇ'ରେ ସ୍ଥାନ ପାଇଛି। ଶନିବାର ଉତ୍ତରାଖଣ୍ଡ ବିପକ୍ଷରେ ଓଡ଼ିଶା ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଖେଳିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡ୍ରିମ୍ସ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ଉପସଭାପତ ବଳରାମ କର, ଡ୍ରିମ୍ସର କ୍ରୀଡ଼ା ନିର୍ଦ୍ଦେଶକ ନବ କିଶୋର ମିଶ୍ର, ଅନଙ୍ଗ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ ।






■ ଗୁପ୍ତଧନ ପାଇଁ ତନ୍ତ୍ର ପୂଜା ଘଟଣା

# ଅଟକ ୬ ଜଣଙ୍କୁ ଛାଡ଼ିଲା ପୋଲିସ

**ବେଲପାହାଡ଼,୭।୬(ଡି.ଏନ୍.ଏ.)**

ଗୁପ୍ତଧନ ସନ୍ଧାନରେ ଆସି ଗ୍ରାମବାସୀଙ୍କ ଆକ୍ରୋଶର ଶିକାର ହୋଇଥିବା ୬ ଜଣଙ୍କୁ ବେଲପାହାଡ଼ ଥାନା ପୋଲିସ ୨୦ ଘଣ୍ଟା ଅଟକ ରଖିବା ପରେ ଗୁରୁବାର ରାତିରେ ଛାଡ଼ିଦେଇଛି। ବୁଧବାର ଅପରାହ୍ନରେ ସମ୍ବଲପୁର ଓ ଝାରସୁଗୁଡ଼ା ଜିଲାର ବିଭିନ୍ନ ସ୍ଥାନରୁ ଜଣେ ପୂଜକଙ୍କ ସମେତ ୫ ଜଣ ବ୍ୟକ୍ତି ଏକ ବୋଲେରୋରେ ବେଲପାହାଡ଼ ଆସିଥିଲେ। ଏମାନେ ସ୍ଥାନୀୟ ଏକ ଦମ୍ପତିଙ୍କ ସହ ମିଶି ଗୁପ୍ତଧନ ଖୋଜିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ବୁଧବାର ରାତିରେ ସମସ୍ତେ ଲିମଟିକିରା ଗାଁ ମୁଣ୍ଡରେ ଥିବା ଏକ ପରିତ୍ୟକ୍ତ ଘରକୁ ଯାଇଥିଲେ। ସେଠାରେ ଗୁପ୍ତଧନ ପାଇଁ ମାଟି ଖୋଳିବା ପୂର୍ବରୁ ତନ୍ତ୍ରପୂଜା କରିବାକୁ ପ୍ରସ୍ତୁତି ଚଳାଇଥିଲେ। ଏମାନଙ୍କ ମଧ୍ୟରୁ ଜଣେ ଲିମଟିକିରା ଗାଁକୁ ସିନ୍ଦୂର ଓ ପୂଜା ସାମଗ୍ରୀ କିଣିବା ପାଇଁ ଯାଇଥିଲେ। ଏହି ସମୟରେ ବାହାରୁ ଆସିଥିବା କେତେଜଣ ଲୋକ ଶିଶୁବଳି ଦେବା ପାଇଁ ଗୋପନୀୟ ଭାବେ ତନ୍ତ୍ରପୂଜା କରୁଛନ୍ତି ବୋଲି ଗୁଜବ ପ୍ରଚାର ହୋଇଯାଇଥିଲା। ଫଳରେ ଲିମଟିକିରା ଓ ଗୁମାଡେରା ଜାହାଜପଡ଼ାର କେତେଜଣ ବ୍ୟକ୍ତି ଏଥିରେ ଉତ୍ତ୍ୟକ୍ତ ହୋଇ ପରିତ୍ୟକ୍ତ ଘରକୁ ଘେରିଯିବା ସହ ପୂଜକ ଓ ଅନ୍ୟ ୫ ଜଣଙ୍କୁ ଧରି ନିସ୍ତୁକ ମାଡ଼ ମାରିଥିଲେ। ତେବେ ଏମାନଙ୍କ ସହ ବ୍ରଜରାଜନଗରରୁ ଆସିଥିବା ଜଣେ ବ୍ୟକ୍ତି ବୋଲେରୋ ନେଇ ଫେରାର୍ ହୋଇଯାଇଥିଲେ। ଉତ୍ତ୍ୟକ୍ତ ଲୋକେ ଜଣେ ମହିଳା ସମେତ ୬ ଜଣଙ୍କୁ ପୋଲିସ ଜିମା ଦେଇଥିଲେ। ପୋଲିସ ସେମାନଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରିଥିଲା। ମାତ୍ର ଶିଶୁବଳି ଉଦ୍ୟମ ନେଇ ପୋଲିସକୁ କୌଣସି ପ୍ରମାଣ ମିଳି ନ ଥିଲା।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲି ଯାଆନ୍ତି,
ସେମାନେ ପୁଣି ସେହି ଭୁଲ୍ କରିବସନ୍ତି।
- ଜର୍ଜ ଶାନ୍ତାୟନ



## ସଂକ୍ଷେପରେ

### ଅର୍ଜନଦେବ ମହାରାଜଙ୍କ ଶହୀଦ ଦିବସ

ବରଗଡ଼ ଅଫିସ୍,୭।୬

ଶିଖ ଧର୍ମର ପଞ୍ଚମ ଗୁରୁ ଶ୍ରୀ ଅର୍ଜନଦେବ ଜୀ ମହାରାଜଙ୍କ ଶହୀଦ ଦିବସ ବରଗଡ଼ ଗୁରୁଦ୍ୱାରା ପ୍ରବନ୍ଧକ କମିଟି ଦ୍ୱାରା ପାଳିତ ହୋଇଯାଇଛି । ଧର୍ମ ଓ ସମାଜର ରକ୍ଷା କରିବା ପାଇଁ ନିଜ ଜୀବନକୁ ସେ ବଳିଦାନ କରିଥିଲେ ବୋଲି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବକ୍ତାମାନେ ମତପ୍ରକାଶ କରିଥିଲେ । ଏହି ଅବସରରେ ପ୍ରଥମେ ପୂର୍ବାହ୍ନ ୯ଟାରେ ମିଠା, ସରବତ, ଚଣା ପ୍ରସାଦ ବଣ୍ଟନ କରାଯାଇଥିଲା । ପଞ୍ଜାବରୁ ଆସିଥିବା ରାଗି ତଥା କୀର୍ତ୍ତନ ଗୁରୁ ଅର୍ଜନଦେବଙ୍କ ବାଣୀ ଗାଥା ବର୍ଣ୍ଣନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସଭାପତି ସର୍ଦ୍ଦାର ବଳବନ୍ତ ସିଂ, ସମ୍ପାଦକ ସର୍ଦ୍ଦାର ପ୍ରୀତମ ସିଂ, ଇନ୍ଦରଜିତ୍ ସିଂ, ଅମରଜିତ୍ ସିଂ. ଭବାନୀ ସିଂ ପ୍ରମୁଖ ପରିଚାଳନା କରିଥିଲେ ।

### ବାଦ୍ୟଯନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୭।୬

ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଓଡ଼ିଆ ବିଭାଗ)ରେ ସଙ୍କୁଳସ୍ତରୀୟ ବାଦ୍ୟଯନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଭାଗ ନିରୀକ୍ଷକ ଜୟ କିଶୋର ପଣ୍ଡା, ସମ୍ଭାଗ ଶିଶୁ ବାଟିକା ଶୈକ୍ଷିକ ସଂଯୋଜକ ଅରୁଣ କୁମାର ବାଗ ଉପସ୍ଥିତ ଥିଲେ । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ଚୁନ୍ନିଲାଲ ସେଠ ଧନ୍ୟବାଦ ଅର୍ପଣ କରିଥିଲେ । ବୁଧବାର ପ୍ରାନ୍ତ ସଙ୍ଗୀତ ସଂଯୋଜକ ପି. ମୋହନ ରାଓ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରି ସଙ୍ଗୀତର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ମହନୀୟତା ବିଷୟରେ ଆଲୋକପାତ କରିଥିଲେ । ସ୍ଥାନୀୟ ବିଦ୍ୟାଳୟର ଭଉଣୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ କୁଳମଣି ଭୋସାଗର, ଅନ୍ତର୍ଯାମୀ ମେହେର, ମାନସ ରଞ୍ଜନ ପ୍ରଧାନଙ୍କ ସମେତ ପଶ୍ଚିମ ସମ୍ଭାଗ ଅଧୀନ ବିଭିନ୍ନ ବିଦ୍ୟାଳୟର ୩୬ଜଣ ଗୁରୁମା ଗୁରୁଜୀ ଅଂଶଗ୍ରହଣ କରିଛନ୍ତି । ସ୍ଥାନୀୟ ବିଦ୍ୟାଳୟର ପରିଚାଳନା ସମିତି, ଗୁରୁମା, ଗୁରୁଜୀ, ସେବିକା, ସେବକଙ୍କ ସହଯୋଗରେ ଚାଲିଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆସନ୍ତା ୯ତାରିଖରେ ଉଦ୍‌ଯାପିତ ହେବ ।

# ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ

## ରୁପା ବିମାନରେ ବିଜେ ହେଲେ ୧୦୮ଭରି ସୁବର୍ଣ୍ଣ ନାଗ ପ୍ରତିମା

ସୋନପୁର, ୭।୬ (ନି.ପ୍ର.)

ସୁବର୍ଣ୍ଣପୁରରେ ଶୁକ୍ରବାର ବିଳମ୍ବିତ ରାତିର ମହେନ୍ଦ୍ର ବେଳାରେ ଶିବ-ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଛି। ସୁବର୍ଣ୍ଣମେରୁ ମହାପ୍ରଭୁଙ୍କ ବିବାହ ମାତା ପାର୍ବତୀଙ୍କ ସହିତ ପ୍ରତିନିଧି ସ୍ୱରୁପେଣ କନ୍ୟାପିତାଙ୍କ ବାସଗୃହ ହିମାଦ୍ରୀନଗର(ଘୋଡାଘାଟପଡା) ଦଧିବାମନ ମଣ୍ଡପରେଠାରେ ଅନୁଷ୍ଠିତ ହୋଇଥିଲା। ଦେବଦମ୍ପତ୍ତିଙ୍କ ଏହି ଲୌକିକ ଲୀଳା ଅଗଣିତ ଭକ୍ତଙ୍କୁ ଦେଇଥିଲା ଆଧ୍ୟାତ୍ମିକ ଆନନ୍ଦ। ଦେବଦେବ ମହାଦେବଙ୍କ ଏହି ମହାର୍ଘ୍ୟ ଦୃଶ୍ୟ ଦେଖିବାକୁ ସହରରେ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା। ଗୁରୁବାର ସକାଳେ ଅଳଙ୍କାର ଧାରଣ ପାଇଁ ବର ଘର ପକ୍ଷରୁ ଏକ ବିରାଟ ଶୋଭାଯାତ୍ରାରେ କନ୍ୟା ପିତା ଶୁକ୍ଳାମ୍ବର ପାଣିଗ୍ରାହୀଙ୍କ ବାସଗୃହରେ ପହଞ୍ଚିବା ପରେ ବିଧି ଅନୁଯାୟୀ ସେଠାରେ ମାତା ପାର୍ବତୀଙ୍କ ଅଳଙ୍କାର ଧାରଣ ଓ ମଙ୍ଗଳନ ପର୍ବ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଶଙ୍ଖ, ଘଣ୍ଟା ସହ ବିଭିନ୍ନ ସାଂସ୍କୃତିକ ଦଳ ସହିତ କନ୍ୟା ଘର ପକ୍ଷରୁ ଶାନ୍ତିନଗର ପଡାର ବର ପିତା ଅର୍ଜୁନ ରଥଙ୍କ ଘରକୁ ଦେବଦେବ ମହାଦେବଙ୍କୁ ବର ଭାବେ ନିମନ୍ତ୍ରଣ ପାଇଁ ଯାଇଥିଲେ। ପାରମ୍ପରିକ ପୂଜାର୍ଚ୍ଚନା ପରେ ଇଷ୍ଟ ଦେବତା ସୁବର୍ଣ୍ଣମେରୁ ମହାଦେବଙ୍କୁ ବିବାହ ଉତ୍ସବରେ ବାହାରିବା ପାଇଁ ଥନାପତିପଡାରେ ଥିବା ଚନ୍ଦ୍ରଶେଖର ମନ୍ଦିରକୁ ନିଆ ଯାଇଥିଲା। ସେଠାରୁ ମହାଦେବ ବାବା ୧୦୮ ଭରି ସୁନାର ଚନ୍ଦ୍ରଶେଖରଙ୍କ ସହ ଅଷ୍ଟ ଶମ୍ଭୁ ଓ ଅଷ୍ଟ ବିଷ୍ଣୁଙ୍କୁ ସାଙ୍ଗରେ ଧରି ବିବାହ ଶୋଭାଯାତ୍ରାରେ ବାହାରିଥିଲେ। ଯାତ୍ରାର ଏହା ହିଁ ମୁଖ୍ୟ ଆକର୍ଷଣ ଥିଲା। ସୁବର୍ଣ୍ଣ ନାଗ ଓ ରୁପା ବିମାନ ସୁବର୍ଣ୍ଣପୁର ଟ୍ରେଜରୀରୁ ପ୍ରତିବର୍ଷ ଯାତ୍ର ପାଇଁ ହିଁ କେବଳ ବାହାର କରାଯାଇଥାଏ। ବିଳମ୍ବିତ ରାତିରେ ହର ଓ ପାର୍ବତୀଙ୍କ ବିବାହ ପାଣିଗ୍ରହଣ ପର୍ବ ଅନୁଷ୍ଠିତ ହୋଇଥିଲା। ସୁରକ୍ଷାକୁ ଦୃଷ୍ଟିରେ ରଖି ସହରରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଏଠାରେ ପାଳିତ ହେଉଥିବା ଅନ୍ୟ ଯାନିଯାତ୍ରା ଭଳି ଲୋକ ସଂସ୍କୃତି ଓ ଆଧ୍ୟାତ୍ମିକ ପର୍ବ ଶୀତଳଷଷ୍ଠୀ ଅନ୍ୟତମ । ରାଜାରାଜୁଡା ଅମଳରୁ ଚାଲି ଆସିଥିବା ଶତାଧିକ ବର୍ଷର ପୁରୁଣା ଏହି ପରମ୍ପରା। ଇଷ୍ଟ ଦେବତା ସୁବର୍ଣ୍ଣମେରୁଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ବାବାଙ୍କ ସହିତ ଦେବୀ ପାର୍ବତୀଙ୍କ ବିବାହ ହୁଏ। ଶନିବାର ଯୁଗଳ ଦର୍ଶନ ପରେ ବିଳମ୍ବିତ ରାତିରେ ଦେବଦମ୍ପତି ଗଣ୍ଡୁଆଳ ହୋଇ ନଗର ପରିକ୍ରମା ପୂର୍ବକ ଗୃହ ପ୍ରତ୍ୟାବର୍ତ୍ତନରେ ବାହାରିବେ। ଶିବ ପାର୍ବତୀଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରରେ ନୃତ୍ୟ ଗୀତ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଯାତ୍ରା କମିଟି ସୂତ୍ରରୁ ପ୍ରକାଶ ।



ରୁପା ବିମାନ ଓ ସୁବର୍ଣ୍ଣ ନାଗ ପ୍ରତିମା ।



ଦେବ ଦମ୍ପତିଙ୍କ ବିବାହ ପାଇଁ କନ୍ୟା ମାତାପିତା ଓ ବର ମାତାପିତା ଶିବ ପାର୍ବତୀଙ୍କୁ ସୋନପୁରର ଲୋକନାଥ ପୀଠକୁ ଶୋଭାଯାତ୍ରାକୁ ନେଉଛନ୍ତି ।

### ସମ୍ପନ୍ନ ହେଲା ଶିବବିବାହ କାର୍ଯ୍ୟକ୍ରମ

ଉଲୁଣ୍ଡା, ୭।୬(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ନାକଡେଇଁ ମାଲପଡାସ୍ଥିତ ଶିବ ଶ୍ରୀନାଗେଶ୍ୱରଙ୍କ ପାରମ୍ପରିକ ବିବାହ ଉତ୍ସବ ଶୁକ୍ରବାର ଶୀତଳଷଷ୍ଠୀ ଅବସରରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ପୃଷ୍ଠପୋଷକତାକ୍ରମେ ଅନୁଷ୍ଠିତ ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ପୂଜକ ମଧୁସୁଦନ ଥନାପତି ଓ ଭକ୍ତରାମ ଥନାପତି ପୂଜାର୍ଚ୍ଚନା କରିଥିଲେ । ପରେ ପାରମ୍ପରିକ ଭାବରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିକ୍ରମା ପରେ ମଧ୍ୟାହ୍ନରେ ମନ୍ଦିର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ତୁଳସୀ ରାମାୟଣର ଶିବ ବିବାହ ପ୍ରସଙ୍ଗକୁ ନେଇ ସଙ୍ଗୀତମୟ ପାରାୟଣ କରାଯାଇଥିଲା। ଏଥିରେ ବିଜୟ କୁମାର ହୋତା, ଗୋପାଳ ପଣ୍ଡା, କାହ୍ନୁ ଚରଣ ନାୟକ ବ୍ୟାସ ଭାବେ ଯୋଗଦେଇଥିଲେ। ଉସତ ବାରିକ, ରତ୍ନାକର ପଣ୍ଡା, ଲୋକନାଥ ପଣ୍ଡା, ଡୋଲାମଣୀ ଗୌନ୍ତିଆ, ବିଶ୍ୱନାଥ ସାହୁ, ଉପେନ୍ଦ୍ର ଜାନୀ, ରାତ୍ର ପଧାନ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ।

ନକଲି ମୋବିଲ ବିକ୍ରି ଘଟଣା

## ୨ ଅଭିଯୁକ୍ତ ଜେଲ ଗଲେ

ବରଗଡ଼ ଅଫିସ୍,୭।୬

ବରଗଡ଼ ସହରର ୨ଟି ଅଟୋ ମୋବାଇଲ ଦୋକାନରେ ନକଲି ମୋବିଲ ବିକ୍ରି ଘଟଣାରେ ସ୍ଥାନୀୟ ଟାଉନ ଥାନା ପୋଲିସ ୨ଜଣ ଅଭିଯୁକ୍ତ ଆନନ୍ଦ ଅଗ୍ରୱାଲ ଓ ବିକାଶ ଅଗ୍ରୱାଲଙ୍କୁ ଗିରଫ କରି ଶୁକ୍ରବାର ପୂର୍ବାହ୍ନରେ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବରଗଡ଼ ସବଜେଲ ହାଜତକୁ ପଠାଇ ଦିଆଯାଇଛି । ଉଭୟଙ୍କ ବିରୋଧରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ଅଭିଯୁକ୍ତ ବିକାଶ ଓ ଆନନ୍ଦ ପୃଥକ ଦୁଇଟି ଅଟୋ ମୋବାଇଲ ଦୋକାନ କରି ସେଠାରେ ଗଲ୍ଫ ପ୍ରାଇଡ୍ ଜିଟି ନାମରେ ନକଲି ମୋବିଲ ବିକୁଥିଲେ। ଏ ନେଇ ଅଭିଯୋଗ ପାଇବା ପରେ ପୋଲିସ ଉଭୟଙ୍କୁ ଗିରଫ କରିବା ସହିତ ବିକାଶଙ୍କ ଦୋକାନରୁ ୫୦ ଏବଂ ଆନନ୍ଦଙ୍କ ଦେକାନରୁ ୩୦ ଡବା ନକଲି ମୋବିଲ ଜବତ କରିଥିଲା । ଏ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

## ଗଛ ହଟିଲା, ଯାତାୟାତ ସ୍ୱାଭାବିକ

ବରଗଡ଼ ଅଫିସ୍,୭।୬

କାଳବୈଶାଖୀ ଯୋଗୁ ଗୁରୁବାର ସନ୍ଧ୍ୟାରେ ବରଗଡ଼ ସହରର ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ପଡ଼ିଥିଲା । ଫଳରେ କେତେକ ଗଳି ରାସ୍ତା ଅବରୋଧ ହୋଇଥିବାବେଳେ ସମ୍ପୃକ୍ତ ଅଞ୍ଚଳରେ ବିଦ୍ୟୁତ ଯୋଗାଯୋଗ ମଧ୍ୟ ବିଚ୍ଛିନ୍ନ ହୋଇ ପଡ଼ିଥିଲା । ଅନୁରୂପ ଭାବେ ସହରର ଜଜ୍ କଲୋନୀ ରାସ୍ତାରେ ଏକ ବଡ଼ ଗଛ ଉପୁଡ଼ି ପଡ଼ିଥିଲା । ଏଥିପାଇଁ ଗୁରୁବାର ସନ୍ଧ୍ୟାରୁ ଏହି ରାସ୍ତାରେ ଯାତାୟାତ ଠପ୍ ପଡ଼ି ଯାଇଥିଲା। ଶୁକ୍ରବାର ପୂର୍ବାହ୍ନରେ ସ୍ଥାନୀୟ ଅଗ୍ନିଶମ କର୍ମଚାରୀମାନେ ସେଠାକୁ ପହଞ୍ଚି ଗଛ କାଟିଥିଲେ ଏବଂ ଏହାପରେ ସେହି ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା ।

## ବାଇକ୍ ଧକ୍କାରେ ବୃଦ୍ଧ ମୃତ

ଡୁଙ୍ଗୁରିପାଲି, ୭।୬(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି କଲେଜ ଛକ ନିକଟରେ ଶୁକ୍ରବାର ସକାଳେ ବାଇକ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡୁଙ୍ଗୁରିପାଲି ଗ୍ରାମର ଲୋକନାଥ ସାହୁ(୬୫)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଲୋକନାଥ ସକାଳୁ ନିତ୍ୟ କର୍ମ ପାଇଁ କଲେଜ ଆଡକୁ ଚାଲି କରି ଯାଇଥିଲେ । ସେଠାରୁ ଫେରିବା ବେଳେ ବନ୍ଧପାଲି ଗ୍ରାମର କୈଳାସ ଚନ୍ଦ୍ର ମହଲା ଓ ଚନ୍ଦନ ବୁଡେକ ବାଇକ (ନଂ. ଓଡି ୩୧ ଏଫ ୨୩୬୦)ରେ ଡୁଙ୍ଗୁରିପାଲିକୁ କ୍ଷୀର ବିକ୍ରି କରିବା ପାଇଁ ଯାଉଥିବା ବେଳେ କଲେଜ ଛକ ନିକଟରେ ଲୋକନାଥ ସାହୁଙ୍କୁ ଧକ୍କା ଦେଇଥିଲେ । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନାକୁ ଆଣିବା ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଡୁଙ୍ଗୁରିପାଲି ପୋଲିସ ବାଇକ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ. ୭୭/୧୯)ରୁଜୁ ହୋଇଛି।

ସୁଲିଆ ହତ୍ୟା ମାମଲା:

## ଦୁଇ ଅଭିଯୁକ୍ତ କୋର୍ଟଚାଲାଣ

ଉଲୁଣ୍ଡା, ୭।୬(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ସୁଲିଆ ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ପିଟିପିଟି ହତ୍ୟା କରିବା ଘଟଣାରେ ସ୍ଥାନୀୟ ପୋଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଫେରାର ଅଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ସୁଲିଆ ଗ୍ରାମର ଅରବିନ୍ଦ ଭୋଇ(୪୨) ଏବଂ ବୁଲୁ ଭୋଇ(୨୪)। ସୂଚନା ଅନୁସାରେ ଉଲୁଣ୍ଡା ବ୍ଲକ ସୁଲିଆ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ମାସ ୧୮ ତାରିଖରେ ଉକ୍ତ ଗ୍ରାମର ନରସିଂହ ଘୁଟାଙ୍କୁ ସେହି ଗ୍ରାମର ଅରବିନ୍ଦ ଭୋଇ, ବୁଲୁ ଭୋଇ, ବାବୁଲୁ ଭୋଇ ଗୋଡାଇ ଗୋଡାଇ ପିଟିଥିଲେ। ଏଥିରେ ନରସିଂହ ଗୁରୁତର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଉଲୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ମେଡିକାଲ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୨୨ ତାରିଖ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଗୁରୁବାର ଅପରାହ୍ନରେ ଏହି ଘଟଣାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତ ବୀରମହାରାଜପୁର ରାସ୍ତାରେ ଯାଉଥିବା ନେଇ ପୋଲିସ ଖବର ପାଇଥିଲା। ଏସ୍‌ଡିପିଓ ଧିରଜ ଚୋପଦାର, ଆଇଆଇସି ବଧୁଭୂଷଣ ପୁଟା ଉକ୍ତ ରାସ୍ତାରେ ଚଢାଉ କରି ଅରବିନ୍ଦ ଏବଂ ବୁଲଙ୍କୁ ଗିରଫ କରିଥିଲେ। ଆବଶ୍ୟକ ପଚରାଉଚୁରା ପରେ ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଯଥାଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ସୂଚନା ଦେଇଛନ୍ତି।

# ନାବାର୍ଡ ପକ୍ଷରୁ ସାମାଜିକ, ଆର୍ଥିକ ବିକାଶକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୭।୬





ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ, ପ୍ରଶିକ୍ଷିକାବୃନ୍ଦ ।

ବରଗଡ଼ ଜିଲା ଭେଡ଼େନ ପଞ୍ଚାୟତ ସମିତି ସଭାକକ୍ଷରେ ଶୁକ୍ରବାର ନାବାର୍ଡ଼ ପକ୍ଷରୁ ତୃଣମୂଳସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ୨୫ଟି ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନାବାର୍ଡ଼ର ଏଜିଏମ ସରୋଜ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋଷ୍ଠୀର ମୂଳ ଉଦ୍ଦେଶ୍ୟ, ସାମାଜିକ ଓ ଆର୍ଥିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଉତ୍କଳ ଗ୍ରାମୀଣ ବ୍ୟାଙ୍କର ରିଜିଓନାଲ ମ୍ୟାନେଜର ସଦାନନ୍ଦ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୋଷ୍ଠୀର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ସାକ୍ଷରତା ଉପରେ ଆଲୋକପାତ କରିଥିଲେ । ଓଡ଼ିଶା ଜୀବିକା ମିଶନର ବିପିଏମ ମମତା ମିଶ୍ର, ଷ୍ଟେଟବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ଅନୁଷ୍ଠାନର ତାଲିମଦାତା ଝସକେତନ ମେହେର, ନ୍ୟୁ ଲାଇଫ ଫାଉଣ୍ଡେଶନର ମାଷ୍ଟର ଟ୍ରେନର ବିରେନ୍ଦ୍ର ସାହୁ ପ୍ରମୁଖ ଗୋଷ୍ଠୀର କର୍ମକର୍ତ୍ତା, ସଭ୍ୟାମାନଙ୍କୁ ଦଶସୂତ୍ରୀ ନିୟମ, ଦକ୍ଷତା ବିକାଶ, ଧନ୍ଦାମୂଳକ ବ୍ୟବସାୟ ଦ୍ୱାରା ଆର୍ଥିକ ଉନ୍ନତି ଉପରେ ତାଲିମ ପ୍ରଦାନ କରିଥିଲେ । ଉକ୍ତ ତାଲିମ ଶିବିରକୁ ନ୍ୟୁ ଲାଇଫ ଫାଉଣ୍ଡେଶନର ଚେୟାରମ୍ୟାନ କେ. ଦୀପ ପରିଚାଳନା କରିଥିବାବେଳେ ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ମହିଳା ଏସ୍‌ଏଚ୍‌ଜିଙ୍କୁ ସରକାରୀ ଯୋଜନାରେ ସମ୍ପୃକ୍ତ କରାଯିବ

ସୋନପୁର,୭।୬(ନି.ପ୍ର.)

ମହିଳା ସ୍ୱୟଂ ସହାୟିକ ଗୋଷ୍ଠୀ(ଏସଏଚଜି)ଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ସେମାନଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ବିଭିନ୍ନ ସରକାରୀ ଯୋଜନାରେ ସମ୍ପୃକ୍ତ କରାଯିବ ବୋଲି ସୁବର୍ଣ୍ଣପୁର ଜିଲାପାଳ ମଧୁସୂଦନ ମିଶ୍ର କହିଛନ୍ତି। ଶୁକ୍ରବାର ସୋନପୁର ବ୍ଲକର ରୁଗୁଡିପାଲି(ଖ) ଅଙ୍ଗନୱାଡି କେନ୍ଦ୍ରରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଏଥିରେ ଯୋଗଦେଇ ମହିଳାମାନେ କିଭଳି ରୋଜଗାରକ୍ଷମ ହେବେ ଓ ନିଜ ଅଧିକାର ବିଷୟରେ ସଚେତନ ହୋଇପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଧାନ ସଂଗ୍ରହ, କିରୋସିନ ଡିଲରଶିପ, ବିହନ ଉତ୍ପାଦନ, ମଧ୍ୟାହ୍ନ ଭୋଜନ ପରିଚାଳନା, ମାଣ୍ଡିଆ ଲଡୁ ଯୋଗାଣ, ଚାରାରୋପଣ, ସହରାଞ୍ଚଳରେ ବିଭିନ୍ନ ସେବା, ପଞ୍ଚାୟତ ପୋଖରୀରେ ମାଛଚାଷ ପାଇଁ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି କହିଥିଲେ । ଜିଲା ସମାଜ ମଙ୍ଗଳ ଅଧିକାରୀ ଆସ୍ତେରିଆ କେର୍କେଟା ଏଥିରେ ଯୋଗଦେଇ ଦକ୍ଷତା ଥିବା ମହିଳା ଏସଏଚଜିଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଖାଦ୍ୟ ଯୋଗାଣଠାରୁ ଆରମ୍ଭ କରି ସାନିଟାରି ନାପ୍‌କିନ, ମଶାରି ବଣ୍ଟନ, ଗ୍ରାମ୍ୟ ସଡକ ରକ୍ଷଣା ବେକ୍ଷଣ, ବିଦ୍ୟୁତ୍ ମିଟର ରିଡିଂ ଓ ବିଲ ଆଦାୟ ଭଳି କାଯରୟ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଏଥିପାଇଁ ସମ୍ପୃକ୍ତ ବିଭାଗ ପକ୍ଷରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରାଯିବ ବୋଲି ସୂଚନା ଦେଇଥିଲେ। ସୋନପୁର ସିଡିପିଓ ନିବେଦିତା ସରାଫ, ସୁପରଭାଇଜର ଯୋଗେଶ୍ୱରୀ ପଣ୍ଡା, ସରପଞ୍ଚ ଭାଗ୍ୟବତୀ ବାଘ ଓ ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଗୀତାଞ୍ଜଳି ରଣା ପ୍ରମୁଖ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ରୁଗୁଡିପାଲି ଗ୍ରାମର ଏସଏଚଜି ମହିଳା ଗୋଷ୍ଠୀଗୁଡିକ ଅଙ୍ଗନୱାଡି କେନ୍ଦ୍ରର ଉନ୍ନତି ପାଇଁ ୫୦୦ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିଥିଲେ । ଉକ୍ତ ଅର୍ଥରେ ଅଙ୍ଗନୱାଡି କର୍ମୀ ରଣା ଶିଶୁଙ୍କ ପାଇଁ ଏକ ଶିଶୁ ଦୋଳି ଓ ଖସଡା କିଣିଥିଲେ । ଏହି ସଚେତନତା ସଭାରେ ୩୦୦ରୁ ଊର୍ଦ୍ଧ୍ୱ ଏସଏଚଜି ମହିଳା ଓ ଖଲିଆପାଲି ସେକ୍ଟରର ସମସ୍ତ ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ।





ରୁଗୁଡିପାଲି(ଖ) ଅଙ୍ଗନୱାଡି କେନ୍ଦ୍ରର ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ଗୋଲାପ ଫୁଲ ପ୍ରଦାନ କରାଯାଉଛି।

ସଂକୀର୍ତ୍ତନ ପରିଷଦ ସୁବର୍ଣ୍ଣପୁର ଜିଲା ଶାଖାର ବାର୍ଷିକ ଉତ୍ସବ

# ଅଂଶଗ୍ରହଣ କଲେ ୨୫ସଂକୀର୍ତ୍ତନ ଦଳ

ବୀରମହାରାଜପୁର, ୭।୬(ଡି.ଏନ୍.ଏ.)

ପଶ୍ଚିମଓଡ଼ିଶା ସଂକୀର୍ତ୍ତନ ପରିଷଦ ସୁବର୍ଣ୍ଣପୁର ଜିଲା ଶାଖାର ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଉଲୁଣ୍ଡା ବ୍ଲକ ମହଦା ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣୀପାଲି ଗ୍ରାମରେ ଏହି ଉପଲକ୍ଷେ ଆୟୋଜିତ ମନଜ୍ଞ କାର୍ଯ୍ୟକ୍ରମରେ ରାଜ୍ୟ ବାଣିଜ୍ୟ, ପରିବହନ, ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥି ଏବଂ ଜିଲାପାଳ ମଧୁସୂଦନ ମିଶ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇ ପଶ୍ଚିମଓଡ଼ିଶା ସଂସ୍କୃତି ତଥା ସଂହତିକୁ ଉଜ୍ଜିବିତ କରି ରଖିବାରେ ସଂକୀର୍ତ୍ତନ ମଣ୍ଡଳୀମାନଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। ପରିଷଦ ସଭାପତି ରାଜେନ୍ଦ୍ର ଅଗ୍ରୱାଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ସମ୍ପାଦକ ଲୋକନାଥ ମିଶ୍ର, ଜିଲା ସଂଯୋଜକ କରମଚାନ୍ଦ ମହାନ୍ତି, ଉପଦେଷ୍ଟା ଲଳିତ ଭୋଇ, ପ୍ରମୋଦ ପୂର୍ଣ୍ଣାନନ୍ଦ ଦାଶ, ପ୍ରଭାରୀ ରାଧେଶ୍ୟାମ ପଣ୍ଡା ଓ କୋଷାଧକ୍ଷ ରାଧାକାନ୍ତ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ସନ୍ତୋଷ କୁମାର ପଣ୍ଡାଙ୍କ ସଂଯୋଜନାକ୍ରମେ ସମ୍ପନ୍ନ ହୋଇଥିବା ସଭା ଶେଷରେ ସଂଯୋଜକ ତୁଷାର ରଞ୍ଜନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବାରେ ଉଲୁଣ୍ଡା ବ୍ଲକ ସଂଯୋଜକ ରଞ୍ଜନ ପଧାନ, ସୁରେନ୍ଦ୍ର ପୁରୋହିତ ଓ ସବିତା ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସୁବର୍ଣ୍ଣପୁର ଜିଲା ସମସ୍ତ ବ୍ଲକର ଦୁଇଜଣ ଲେଖାଏ ପୁରାତନ କଳାକାରଙ୍କୁ ମାନପତ୍ର ଓ ଉପଢୌକନ ଦେଇ ମୁଖ୍ୟଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ଉତ୍ସରେ ୨୫ଟି ସଂକୀର୍ତ୍ତନ୍ୟ ମଣ୍ଡଳୀର ଶତାଧିକ କଳାକାର ଭାଗନେବା ସହ ସନ୍ଧ୍ୟାଠାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଏହି ସାଂସ୍କୃତିକ ଆସରକୁ ହଜାର ହଜାର କଳାପ୍ରେମୀ ଉପଭୋଗ କରିଥିଲେ।



ଜିଲା ସଂକୀର୍ତ୍ତନ ପରିଷଦର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ମନ୍ତ୍ରୀ ପଦ୍ମନାଭ ବେହେରା ଉଦ୍‌ବୋଧନ ଦେଉଛନ୍ତି।

### ପୁରୁଣା କଳାକାର ସମ୍ବର୍ଦ୍ଧିତ



ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲି ଯାଆନ୍ତି,
ସେମାନେ ପୁଣି ସେହି ଭୁଲ୍ କରିବସନ୍ତି।
- ଜର୍ଜ ଶାନ୍ତାୟନ

## ସଂକ୍ଷେପରେ

### ଅଂଶୁଘାତରେ ମୃତ୍ୟୁ ଅଭିଯୋଗ

ବୌଦ୍ଧ, ୭।୬(ସ୍ୱ.ପ୍ର)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅଞ୍ଚଳରେ ଅଂଶୁଘାତରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । କୁଶଙ୍ଗ ମହାନଦୀ ବନ୍ୟପ୍ରାଣୀ ରେଞ୍ଜରେ ୱାଚର ଭାବେ କାର୍ଯ୍ୟରତ ପତିତପାବନ ସାହୁଙ୍କ ଗୁରୁବାର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ପତିତପାବନ ଜଙ୍ଗଲ ଭିତରେ କର୍ତ୍ତବ୍ୟରତ ଥିବାବେଳେ ଅସୁସ୍ଥ ହୋଇପଡିଥିଲେ । ବନ ବିଭାଗ କର୍ମଚାରୀମାନେ ଜଙ୍ଗଲ ଭିତରୁ ତାଙ୍କୁ ଉଦ୍ଧାର କରି ପୁରୁଣାକଟକ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ତାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଯାଇଛି । ସେହିପରି ବୌଦ୍ଧ ନୟାଗଡ ସୀମାନ୍ତ ଲୁଇସିଂ ଗ୍ରାମର ଲବ ନାଏକଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଲବ ଅସୁସ୍ଥ ହୋଇପଡିବାରୁ ପରିବାର ଲୋକେ ତାଙ୍କୁ କୁଶଙ୍ଗ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ତାଙ୍କୁ ଗୁରୁତର ଅବସ୍ଥାରେ ପୁରୁଣାକଟକ ନିଆଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଛି । ପୂର୍ବରୁ ଜିଲାରେ ଅଂଶୁଘାତରେ ୬ଜଣଙ୍କ ମୃତ୍ୟୁ ଅଭିଯୋଗ ହୋଇଥିବା ବେଳେ ଏବେ ସମୁଦାୟ ମୃତ୍ୟୁ ସଂଖ୍ୟା ୮ରେ ପହଞ୍ଚିଛି ।

■ ଗ୍ରୀଷ୍ମ ପାଇଁ ସ୍କୁଲ କଲେଜ ଛୁଟି

# ନିୟମ ବାହାରେ ଅଙ୍ଗନୱାଡି କେନ୍ଦ୍ର

ପଦ୍ମପୁର, ୭।୬ (ଡି.ଏନ.ଏ)

ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ରାଜ୍ୟ ସରକାର ଏପ୍ରିଲ ୧୮ ତାରିଖରୁ ସ୍କୁଲ କଲେଜ ଛୁଟି ଘୋଷଣା କରିଛନ୍ତି । ହେଲେ ଗାଁ ସ୍କୁଲରେ ଚାଲିଥିବା ଅଙ୍ଗନୱାଡି କେନ୍ଦ୍ରଗୁଡିକ ଖୋଲା ରହିଛି । ଏହାକୁ ନେଇ ଅଙ୍ଗନୱାଡି କର୍ମୀ ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ୩ରୁ ୫ବର୍ଷ ଶିଶୁଙ୍କୁ କଣ ୪୨ ଡିଗ୍ରୀ ତାତି ବାଧୁନି ବୋଲି କେତେକ ଅଭିଭାବକ ପ୍ରଶ୍ନ କରିଛନ୍ତି। ବରଗଡ ଜିଲା ପଦ୍ମପୁର ବ୍ଲକରେ ମୋଟ ୧୭୫ଟି ଅଙ୍ଗନୱାଡି କେନ୍ଦ୍ର ରହିଛି । ସେଥିମଧ୍ୟରୁ ୨୨ଟି ମିନି ଅଙ୍ଗନୱାଡି କେନ୍ଦ୍ର ଅଛି । କୌଣସି ଅଙ୍ଗନୱାଡି କେନ୍ଦ୍ରରେ ବିଦ୍ୟୁତୀକରଣ କରାଯାଇନାହିଁ। ଅଧିକାଂଶ କେନ୍ଦ୍ର ବିଦ୍ୟାଳୟର ପରିସରରେ ଅବସ୍ଥିତ। କେନ୍ଦ୍ରକୁ ୩ରୁ ୪ବର୍ଷର ଶିଶୁ ପାଠ ପଢ଼ିବାକୁ ଆସିଥାନ୍ତି । ସରକାର ୫ବର୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଲାଗି ଗ୍ରୀଷ୍ମ ଛୁଟି ଘୋଷଣା କରିଥିବା ବେଳେ ସେହି ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନୱାଡିରେ ଛୁଟି ଘୋଷଣା କରାଯାଇନାହିଁ । ଅନେକ ଅଙ୍ଗନୱାଡି କେନ୍ଦ୍ର ଗାଁଠାରୁ ଏକ କିମିରୁ ଉର୍ଦ୍ଧ୍ୱ ଦୂରତା ରହୁଥିବା ବେଳେ କୋମଳମତି ପିଲାମାନେ ଘରକୁ ଆସିବା ବେଳେ ଖରାରେ ଆଉଟୁ ପାଉଟୁ ହୋଇଯାଉଛନ୍ତି । ଏ ନେଇ ଅଭିଭାବକ ଜୟନ୍ତ କୁମାର ସାହୁ କୁହନ୍ତି, କୌଣସି କେନ୍ଦ୍ରରେ ବିଦ୍ୟୁତୀକରଣ ନାହିଁ । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ଶିଶୁମାନେ ଡହକ ବିକଳ ହେଉଛନ୍ତି । ପ୍ରଶାସନ ଏ ଦିଗରେ ଅନ୍ୟ ଉପାୟ ଚିନ୍ତା କରିବା କଥା । ଏ ସମ୍ପର୍କରେ ପଦ୍ମପୁର ଶିଶୁ ବିକାଶ ଯୋଜନାର ଅଧିକାରୀ ସୁନୀତି ଦେବତାଙ୍କୁ ପଚରାଯିବାରୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଆମକୁ ଅଙ୍ଗନୱାଡି ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇ ନାହାନ୍ତି। ଆମେ କ'ଣ କରିବୁ ବୋଲି କହି ନିଜର ଅସହାୟତା ପ୍ରକାଶ କରିଥିଲେ ।



ଶିଶୁମାନେ ଅଙ୍ଗନୱାଡି କେନ୍ଦ୍ରରୁ ଘରକୁ ଫେରୁଛନ୍ତି ।

■ ସଙ୍କଟରେ ସରକାରୀ ସ୍କୁଲ

## ପଦ୍ମପୁର ଉପଖଣ୍ଡରେ ବନ୍ଦ ହେବ ୭ ସ୍କୁଲ

ପଦ୍ମପୁର, ୭।୬ (ଡି.ଏନ.ଏ)

ରାଜ୍ୟ ସରକାର ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ପିଲାମାନଙ୍କ ପାଠପଢ଼ା ପାଇଁ ବିଭିନ୍ନ ପ୍ରକାର ଯୋଜନା କରୁଛନ୍ତି। ବିଦ୍ୟାଳୟକୁ ଆସିବା ପାଇଁ ମଧ୍ୟାହ୍ନ ଭୋଜନଠାରୁ ଆରମ୍ଭ କରି ପୋଷାକ ଏପରିକି ପୁସ୍ତକ ମଧ୍ୟ ମାଗଣାରେ ଦେଉଛନ୍ତି । ତଥାପି ଅଧିକାଂଶ ଅଭିଭାବକ ସେମାନଙ୍କ ପିଲାଙ୍କୁ ସରକାରୀ ସ୍କୁଲରେ ପାଠ ପଢ଼ାଇବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି । ସ୍କୁଲ ଗୁଡିକରେ ଉପସ୍ଥାନ ଅଭାବରୁ ପଦ୍ମପୁର ଉପଖଣ୍ଡରେ ୭ଟି ସ୍କୁଲ ବନ୍ଦ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଜିଲା ପ୍ରକଳ୍ପ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୯୫୬/୧୯ ଅନୁଯାୟୀ ପଦ୍ମପୁର ବ୍ଲକର ବଇଦପାଲି ପ୍ରାଥମିକ ବିଦ୍ୟାଳୟ ଓ ଭାଲୁକନା ପ୍ରାଥମିକ ବିଦ୍ୟାଳୟ, ବିଜେପୁର ବ୍ଲକର ବ୍ଲକ କଲୋନୀ ସ୍କୁଲ, ଲିମଟିକରା ପ୍ରୋଜେକ୍ଟ ସ୍କୁଲ, ସୋହେଲା ବ୍ଲକର ଅତରପଡା ଓ ବୈରାଗଟିକ୍ରା ସ୍କୁଲ, ଝାରବନ୍ଧ ବ୍ଲକର ଅନାଦିବାହାଲ ପ୍ରାଥମିକ ସ୍କୁଲ ଚଳିତ ମାସରୁ ବନ୍ଦ ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି । ସରକାରୀ ନିୟମ ଅନୁସାରେ ଯେଉଁ ସ୍କୁଲ ଗୁଡିକରେ ଉପସ୍ଥାପନ ସଂଖ୍ୟା ୧୦ ପ୍ରତିଶତ କମ୍ ରହିବ ଉକ୍ତ ସ୍କୁଲ ବନ୍ଦ ହେବ ବୋଲି କୁହାଯାଇଛି । ସରକାରୀ ବିଦ୍ୟାଳୟରେ ଶିକ୍ଷାଦାନ ଯଦି ଉନ୍ନତମାନର ହୁଅନ୍ତା ତେବେ ସେଠାରେ ପିଲା ପାଠ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରନ୍ତେ । ସରକାର ପରୋକ୍ଷରେ ଶିକ୍ଷାର ବ୍ୟବସାୟୀକରଣକୁ ପ୍ରୋତ୍ସାହନ ଦେଉଥିବାରୁ ଆଜି ସରକାରୀ ବିଦ୍ୟାଳୟ ଉପରେ ଅଭିଭାବକଙ୍କ ଭରସା ତୁଟୁଛି ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି ।

## ହରିଶ୍ଚନ୍ଦ୍ର ସହାୟତା ରାଶି ପ୍ରଦାନ

ଜାମଟିକ୍ରା, ୭।୬ (ଡି.ଏନ.ଏ)

ଅତାବିରା ଏନଏସି ଅଧୀନ ୨ନଂ. ୱାର୍ଡର ରବି ଶର୍ମା କିଛି ମାସ ତଳେ ମୃତ୍ୟୁବରଣ କରିଛନ୍ତି । ରାଜ୍ୟ ସରକାରଙ୍କ ହରିଶ୍ଚନ୍ଦ୍ର ଯୋଜନାରେ ମୃତ ବ୍ୟକ୍ତିଙ୍କ ପରିବାରକୁ ୨ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବାର ନିୟମ ଅଛି । ଏହି କ୍ରମରେ ଶୁକ୍ରବାର ଏନଏସିର ଚେୟାରମ୍ୟାନ ଦୀପାଞ୍ଜଳି ଭୋରାସାଗର ଓ ଭାଇସ ଚେୟାରମ୍ୟାନ ଜ୍ୟୋତିର୍ମୟୀ ଦାସ ମୃତ ରବି ଶର୍ମାଙ୍କ ସ୍ତ୍ରୀ ମମତା ଶର୍ମାଙ୍କୁ ନଗଦ ୨ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

■ ଚାଷୀ ମୁଣ୍ଡରେ ଚଡ଼କ

# ଦାଉ ସାଧୁଛି କାଳବୈଶାଖୀ

ବରଗଡ଼ ଅଫିସ୍,୭।୬

ବରଗଡ଼ରେ ଧାନ ଅମଳ ଓ ସଂଗ୍ରହ ପ୍ରକ୍ରିୟା ଚାଲିଥିବାବେଳେ କାଳବୈଶାଖୀ ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଗୁରୁବାର ଓ ଶୁକ୍ରବାର କ୍ରମାଗତ ଦୁଇଦିନ ହେଲା ସନ୍ଧ୍ୟା ସମୟରେ ଝଡ଼ବର୍ଷା ହେବା ଯୋଗୁ ଧାନ ଅମଳ ଓ ସଂଗ୍ରହ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି। ମଣ୍ଡିରେ କିମ୍ବା ଚାଷୀଙ୍କ ପାଖରେ ଧାନ ସୁରକ୍ଷିତ ରଖିବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ନ ଥିବା ଯୋଗୁ ତାହା ବର୍ଷାରେ ଭିଜି ଯାଇଛି। ଅପରପକ୍ଷେ ଏଭଳି ଝଡ଼ବର୍ଷା ବେପାରୀ ଓ ମିଲର୍ସଙ୍କୁ ବେଶ୍ ସୁହାଇଛି। ଚାଷୀ ଖରାରେ ଧାନ ଶୁଖାଇ ଆଣୁଥିଲେ ସୁଦ୍ଧା ଝଡ଼ବର୍ଷା ଆଳରେ କଟନୀଛଟନୀ କରାଯାଉଥିବା ଅଭିଯୋଗ ହୋଇଛି । ଫଳରେ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। ମଣ୍ଡି ଗୁଡ଼ିକରେ ଯେଉଁଳି ପରିମାଣରେ ବିକ୍ରି ହୋଇ ନ ଥିବା ଧାନ ପଡ଼ି ରହିଛି, ତାକୁ ସୁରକ୍ଷିତ ରଖିବା ପାଇଁ ସେହି ଅନୁପାତରେ ତାରପୋଲିନ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଅନେକ ମଣ୍ଡିରେ ଥିବା ତାରପୋଲିନ କାମକୁ ଆସୁ ନ ଥିବା ମଧ୍ୟ ଚାଷୀମାନେ କହିଛନ୍ତି ।

ଶୁକ୍ରବାର ହୋଇଥିବା ଝଡ଼ବର୍ଷାରେ ଅତାବିରା ଆରଏମସି ଅଧୀନ ଲହଣ୍ଡା, ଗୋଡ଼ଭଗା, ଲରମ୍ବା, କାଦୋବାହାଲ, ଖୁଣ୍ଟୁଲିପାଲି ଆଦି ଅଞ୍ଚଳରେ ଚାଷୀଙ୍କୁ ହଟହଟା ଏବଂ କ୍ଷତିଗ୍ରସ୍ତ ହେବାକୁ ପଡ଼ିଛି । କାଳବୈଶାଖୀ ଯୋଗୁ ଧାନ ଉଠାଣକୁ ତ୍ୱରାନ୍ୱିତ କରିବା ପାଇଁ ଚାଷୀମାନେ ବାରମ୍ବାର ଦାବି ତଥା ବିଭାଗୀୟ ଅଧିକାରୀଙ୍କୁ ଗୁହାରି କରୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେବା ସହିତ ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଜିଲାର ଅତାବିରା ଆରଏମସି ଅଧୀନ ମଣ୍ଡି ଗୁଡ଼ିକରେ କେବଳ ୧ଲକ୍ଷରୁ ଉର୍ଦ୍ଧ୍ୱ ପ୍ୟାକେଟ୍ ଧାନ ବିକ୍ରି ନ ହୋଇ ପଡ଼ି ରହିଥିବା ସୂଚନା ମିଳିଛି । ସେହିପରି ଜିଲାର ଉପାନ୍ତ ପଦ୍ମପୁର ଆରଏମସି ଅଧୀନ ମଣ୍ଡି ଗୁଡ଼ିକରେ ମଧ୍ୟ ଧାନ ଉଠାଣ ପ୍ରକ୍ରିୟା ଶିଥିଳ ପଡ଼ି ଯାଇଛି । ଏହାକୁ ନେଇ ଆନ୍ଦୋଳନ ମୁଣ୍ଡ ଟେକିଛି ।



ଅତାବିରା ଆରଏମସି ଅଧୀନ ଲହଣ୍ଡା ମଣ୍ଡିରେ ଚାଷୀମାନେ ଧାନକୁ ତାରପୋଲିନ ଘୋଡାଇ ରଖିଛନ୍ତି ।

## ମିଳିମିଶି ଉନ୍ନୟନ କାମ କରିବାକୁ ଆହ୍ୱାନ

ପାଇକମାଳ, ୭।୬(ଡି.ଏନ.ଏ)

ପାଇକମାଳ ପଞ୍ଚାୟତ ସମିତି ବୈଠକ ବ୍ଲକ ଅଧ୍ୟକ୍ଷ ଅଲତାଫ ମହମ୍ମଦଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ନୂତନ ଭାବେ ନିର୍ବାଚିତ ବରଗଡ ଏମ୍‌ପି ସୁରେଶ ପୂଜାରୀ ଓ ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା ଯୋଗଦେଇ ପାଇକମାଳ ବ୍ଲକର ସର୍ବାଙ୍ଗୀନ ଉନ୍ନତି ପାଇଁ ଦଳମତ ନିର୍ବିଶେଷରେ ମିଳିମିଶି କାମ କରିବା ପାଇଁ ଆହ୍ୱାନ ଦେଇଥିଲେ। ବରଗଡ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ବ୍ଲକ ଉପାଧ୍ୟକ୍ଷା ନୁରାବତୀ କେଶରାଲ ଯୋଗଦାନ କରିଥିଲେ । ବିଡିଓ ସଦାସିବ ନାଏକ ସ୍ୱାଗତ ଭାଷଣ ଦେବା ସହ ଏମ୍‌ପି ଓ ବିଧାୟକଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜିଲା ପରିଷଦ ସଭ୍ୟାସଭ୍ୟ ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନ କରିଥିଲେ । ପାଇକମାଳ ସରପଞ୍ଚ ଧବଳେଶ୍ୱର ସାହୁ, ଆସିଷ୍ଟାଣ୍ଟ ଇଞ୍ଜିନିୟର ଏସ. କେ କଶ୍ୟପ, ଜିପିଓ ଭୀଷ୍ମଦେବ ମାଝୀ, ୱେଷ୍କୋ ଏସଡିଓ ପୁରନ୍ଦର ସାହୁ, ଏଏଓ ଝୁମି ମେହେର, ଡା. ନାରାୟଣ ପଶାୟତ, ଜୟାନନ୍ଦ ମାଝୀ, ସତ୍ୟବ୍ରତ ମାଝୀ, ଜନକଲାଲ ମେହେର, ଅମରେନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ସହ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆର୍‌ଆଇ ଅଫିସରେ ତାଲା, ଛାତ୍ରୀଛାତ୍ର ହଇରାଣ

ଜାମଟିକ୍ରା, ୭।୬ (ଡି.ଏନ.ଏ)

ଅତାବିରା ତହସିଲ ଅନ୍ତର୍ଗତ ବୁଗବୁଗା ରାଜସ୍ୱ କାର୍ଯ୍ୟାଳୟ (ଆର୍‌ଆଇ) ଅଫିସ୍ ଠିକ ସମୟରେ ଖୋଲୁନାହିଁ। ଫଳରେ ଲୋକମାନେ ହଇରାଣ ହେଉଛନ୍ତି । ରାଜ୍ୟ ସରକାର ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଏବେ ଅଫିସ ଗୁଡିକ ସକାଳୁଆ ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ଏପ୍ରିଲ ୧୦ରୁ ଜୁନ ମାସ ପର୍ଯ୍ୟନ୍ତ ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅଫିସ୍ ଖୋଲିବାର ନିୟମ ଅଛି । କିନ୍ତୁ ଶୁକ୍ରବାର ବୁଗବୁଗା ଆର୍‌ଆଇ ଅଫିସ୍‌ରେ ତାଲା ଝୁଲୁଥିଲା। ଏହି ଅଫିସ୍ ଆଗରେ କେତେକ ଛାତ୍ରୀ ଆର୍‌ଆଇଙ୍କୁ ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା। ସେମାନେ ଯୁକ୍ତ ୨ ନାମଲେଖା ପାଇଁ ଆବଶ୍ୟକ ପ୍ରମାଣପତ୍ର ଆବେଦନ କରିବାକୁ ଆସିଥିଲେ । ଦିନ ୧୨ଟା ପର୍ଯ୍ୟନ୍ତ ଆର୍‌ଆଇଙ୍କୁ ଅପେକ୍ଷା କରିଥିଲେ । କିନ୍ତୁ କୌଣସି ଅଧିକାରୀ ଆସି ନ ଥିଲେ । ଫଳରେ ଛାତ୍ରୀମାନେ ନିରାଶ ହୋଇ ଘରକୁ ଫେରିଥିଲେ । ଏ ସମ୍ପର୍କରେ ଅତାବିରା ତହସିଲଦାର ହୃଦାନନ୍ଦ ଅଡାଙ୍କୁ ପଚାରିବାରୁ ବୁଗବୁଗା ଆର୍‌ଆଇ ଟ୍ରେନିଂ ଯାଇଥିଲେ ଓ କୁଲୁଣ୍ଡା ଆର୍‌ଆଇ ତହସିଲ ଅଫିସରେ ଅଛନ୍ତି, ଆପଣ ଖୋଜନ୍ତୁ ବୋଲି କହିଥିଲେ ।




ଛାତ୍ରୀମାନେ ପ୍ରମାଣପତ୍ର ପାଇଁ ଆର୍‌ଆଇଙ୍କୁ ଅପେକ୍ଷା କରି ବସିଛନ୍ତି ।

## ଗୁଡଭେଲିପଦର-କର୍ମୀଗୋଠ ରାସ୍ତା ଶୋଚନୀୟ

ଗୁଡଭେଲିପଦର, ୭।୬ (ଡି.ଏନ.ଏ)

କଣ୍ଟାମାଳ ବ୍ଲକ ଗୁଡଭେଲିପଦର ଠାରୁ କର୍ମୀଗୋଠ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ଉକ୍ତ ରାସ୍ତାରେ ଜୟଦପୁର, ଯୋଗୀନ୍ଦ୍ରପୁର, ଗୋଛାପଡା କେଉଁଟପାଲି କର୍ମୀଗୋଠ ଆଦି ଗ୍ରାମର ଲୋକ ପ୍ରତ୍ୟେକ ଯିବା ଆସିବା କରନ୍ତି । ହେଲେ ବର୍ତ୍ତମାନ ଏହି ରାସ୍ତାରେ ବିରାଟ ଗର୍ତ୍ତମାନ ସୃଷ୍ଟି ହୋଇ ଯିବା ଆସିବାରେ ଅସୁବିଧା ସୃଷ୍ଟି ହେଉଛି। କର୍ମୀଗୋଠ ଗ୍ରାମର ଜନସାଧାରଣ ବିଭିନ୍ନ ଜନପ୍ରତିନିଧିଙ୍କ ନିକଟରେ ଉକ୍ତ ରାସ୍ତା ନିର୍ମାଣ କରିବା ପାଇଁ ଦାବି କରୁଛନ୍ତି । ଜନପ୍ରତିନିଧି ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ଗ୍ରାମର ସତ୍ୟନାରାୟଣ କର୍ମୀ କହିଛନ୍ତି । ଏ ନେଇ ଗୁଡଭେଲିପଦର ସରପଞ୍ଚ ସ୍ନେହଲତା ପଣ୍ଡାଙ୍କୁ ପଚାରିବାରୁ ଉକ୍ତ ରାସ୍ତାକୁ ତିଆରି ପାଇଁ କାର୍ଯ୍ୟସୂଚୀରେ ଅଛି । ବ୍ଲକରୁ ପାସ୍ ହୋଇ ଆସିଲେ କାମ ଆରମ୍ଭ କରାଯିବ ବୋଲି କହିଥିଲେ ।

## ଗୋରୁବଜାର ଅନିୟମିତତାର ତଦନ୍ତ ଦାବି

ପଦ୍ମପୁର, ୭।୬ (ଡି.ଏନ.ଏ)

ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ଅଧୀନ ପଦ୍ମପୁର ସାପ୍ତାହିକ ଗୋରୁ ବଜାରରେ ହୋଇଥିବା ଅନିୟମିତତାର ତଦନ୍ତ ଦାବି ହୋଇଛି । ଏହି ବଜାର ପ୍ରତି ଶନିବାର ବସିଥାଏ । ଏଠାରେ ପ୍ରାୟ ୪୦ରୁ ୫୦ ଲକ୍ଷ ଟଙ୍କାର କାରବାର ହେଉଥିବା ବେଳେ ପ୍ରାୟ ୧ଲକ୍ଷ ଟଙ୍କା ଟିକସ ଆଦାୟ ହେବା କଥା । ମାତ୍ର ତାହା ୧୦ରୁ ୧୫ ହଜାର ଟଙ୍କାର ରସିଦ କଟା ହେଉଛି । ଏ ସମ୍ପର୍କରେ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟିର ଅଧ୍ୟକ୍ଷ ତଥା ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନଙ୍କୁ ପଚରାଯିବାରୁ ସେ ଏ ନେଇ ଅନୁଧ୍ୟାନ କରିବେ ବୋଲି କହିଛନ୍ତି ।



ପଦ୍ମପୁର ସାପ୍ତାହିକ ଗୋରୁ ବଜାର ।

# ଦେବଦମ୍ପତିଙ୍କ ଲୌକିକ ବିବାହ ସମ୍ପନ୍ନ

ଘେଁସ,୭।୬(ଡି.ଏନ.ଏ)

ବରଗଡ ଜିଲା ଘେଁସ ଶୀତଳଷଷ୍ଠୀ ଯାତ୍ରା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି । ପରମ୍ପରାନୁମୋଦିତ ସମସ୍ତ କାର୍ଯ୍ୟକ୍ରମ ସହ ଯାତ୍ରାର ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବା ବାବା ସ୍ୱପ୍ନେଶ୍ୱରଙ୍କ ସହିତ ଜଗତଜନନୀ ମାତା ପାର୍ବତୀଙ୍କ ଲୌକିକ ବିବାହ ପାଣିଗ୍ରହଣ ଶୁକ୍ରବାର ଅନୁଷ୍ଠିତ ହୋଇଛି । ସ୍ୱପ୍ନେଶ୍ୱରଙ୍କ ବରଯାତ୍ରୀ ଶୋଭାଯାତ୍ରା ଗୁରୁବାର ବିଳମ୍ବିତ ରାତ୍ରିରେ ଆରମ୍ଭ ହୋଇଥିଲା। ଏକ ସୁସଜ୍ଜିତ ରଥରେ ସ୍ୱପ୍ନେଶ୍ୱର ବର ବେଶରେ ବାହାରିଥିଲେ। ଦୁଲଦୁଲି ବାଜା, ଘଣ୍ଟବାଦ୍ୟ, ଶଙ୍ଖନାଦରେ ଘେଁସ ଗ୍ରାମ୍ୟ ପରିବେଶ ଉଚ୍ଛୁଳି ପଡିଥିଲା। କିନ୍ନରଙ୍କ ରଙ୍ଗୀନ ନୃତ୍ୟରେ ଚମକିଥିଲା ଶୋଭାଯାତ୍ରା। ସୃଷ୍ଟି ହୋଇଥିଲା ଭକ୍ତିମୟ ପରିବେଶ। ଶୁକ୍ରବାର ସକାଳେ ଉକ୍ତ ଶୋଭାଯାତ୍ରା ହିମାଦ୍ରି ନଗରରେ ପହଞ୍ଚିଥିଲା। କନ୍ୟାପକ୍ଷ ଲୋକେ ସେମାନଙ୍କୁ ସସମ୍ମାନେ ପାଛୋଟି ନେଇଥିଲେ। ପରେ ପଣ୍ଡିତ ଗୌରୀଶଙ୍କର ଦେବତାଙ୍କ ପୌରୋହିତ୍ୟରେ ଉଭୟପକ୍ଷ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନଙ୍କ ଉପସ୍ଥିତିରେ ବିବାହ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ଶନିବାର ଦେବ ଦମ୍ପତିଙ୍କ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।







ପାର୍ବତୀ ମଣ୍ଡପରେ ଦେବ ଦମ୍ପତିଙ୍କ ବିବାହ ଚାଲିଛି (ବାମ) । ସ୍ୱପ୍ନେଶ୍ୱରଙ୍କ ସହିତ ମାତା ପାର୍ବତୀଙ୍କ ବିବାହ ସମ୍ପନ୍ନ (ମଝି) । ଶିବ ପାର୍ବତୀ ବିବାହ କାର୍ଯ୍ୟରେ ଉପସ୍ଥିତ ବର ଓ କନ୍ୟାପକ୍ଷ ।

**ପାଇକମାଳ, (ଡି.ଏନ.ଏ)**

ଶୀତଳ ଷଷ୍ଠୀ ଯାତ୍ରା ଅବସରରେ ଶୁକ୍ରବାର ପାଇକମାଳରେ ଶିବ ପାର୍ବତୀ ବିବାହ ସମ୍ପନ୍ନ ହୋଇଛି । ପାର୍ବତୀ ଭୂମିକାରେ ତନୁ ଅଗ୍ରୱାଲ, ତାଙ୍କ ପିତାମାତା ରାଜୁ ସାହୁ ଓ ସରିତା ସାହୁ ଏବଂ ଶିବ ଭୂମିକାରେ ପ୍ରିନ୍ସ ଅଗ୍ରୱାଲ, ତାଙ୍କ ପିତାମାତା ଅଶୋକ ଜିନ୍ଦଲ ଓ ସବିତା ଜିନ୍ଦଲ ଦାୟିତ୍ୱ ତୁଲାଇଥିଲେ । ପୂଜକ ରୁଦ୍ର ମହାପାତ୍ର ଓ ପିଣ୍ଟୁ ଦେବତା ବିଧି ଅନୁସାରେ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ । କନ୍ୟା ପକ୍ଷ ଓ ବରପକ୍ଷର ଚମେଲି ଅଗ୍ରୱାଲ, ସଞ୍ଜୁ ଜେନା, ଲଳିତା ଅଗ୍ରୱାଲ, ସନି ଗୁପ୍ତା, ସଞ୍ଜୁ ଅଗ୍ରୱାଲ, ଶ୍ରିୟା ମେହେର ପ୍ରମୁଖ ସହଯୋଗ କରିଥିଲେ । ତରୁଣ ନାଗ, ରାଜୁ ରାଉତ ଓ କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ବରପାଲି, (ଡି.ଏନ.ଏ)**

ବରପାଲି ଶୀତଳ ଷଷ୍ଠୀ ଯାତ୍ରାର ଶୁକ୍ରବାର ପଞ୍ଚମ ଦିବସରେ ଦେବଦମ୍ପତିଙ୍କ ବିବାହ ଓ ବୈଠକୀ ଯାତ୍ରା ଅନୁଷ୍ଠିତ ହୋଇଛି । ଗୁରୁବାର ମଧ୍ୟରାତ୍ରିରେ ବାବା କପିଳେଶ୍ୱର ବରାନୁଗମନ ଶୋଭାଯାତ୍ରାରେ ଯାଇ କୁମ୍ଭାପଡା ସ୍ଥିତ ହିମାଦ୍ରି ନଗରରେ ପହଞ୍ଚିଥିଲେ। ଶୁକ୍ରବାର ଅପରାହ୍ନ ୧ଟା ବେଳେ ଦେବଦମ୍ପତିଙ୍କ ବିବାହ ଓ ହସ୍ତବନ୍ଧନ କାର୍ଯ୍ୟ ବୈଦିକ ରୀତିରେ ସମ୍ପନ୍ନ ହୋଇଥିଲା। ଏହି ଅବସରରେ କନ୍ୟା ମାତାପିତା ରେଖା ମେହେର ଓ ବନମାଳି ମେହେରଙ୍କ ଦ୍ୱାରା କନ୍ୟାଦାନ ହୋଇଥିଲା । ପରେ ବିବାହ ମଣ୍ଡପରେ ଶିବପାର୍ବତୀ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ରାତିରେ ବରପାଲି ସହରର ପ୍ରମୁଖ ଛକ ମାନଙ୍କରେ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ନାଟକ, ଅର୍କେଷ୍ଟ୍ରା, ଭଜନ ସମାରୋହ ଆଦି କରାଯାଇଥିଲା। ଅନ୍ୟପକ୍ଷରେ ତାରକାସୁର ବିଜୟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲେ । ପରେ ସେ ନିଜ ଦରବାରରେ ପାତ୍ରମନ୍ତ୍ରୀଙ୍କ ସହ ନିଜ ଶକ୍ତି ପ୍ରଦର୍ଶନ କରିଥିଲେ। ଶନିବାର ଦେବଦମ୍ପତିଙ୍କ ଲମ୍ବାନୀ ଶୋଭାଯାତ୍ରା ବାହାରି ଭଣ୍ଡାରଗୃହକୁ ପହଞ୍ଚି ପୁଣି ଲେଉଟାଣି ଶୋଭାଯାତ୍ରା ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି ।

ଧରିତ୍ରୀ DHARITRI
ସମ୍ବଲପୁର, ଶନିବାର, ୮ ଜୁନ୍, ୨୦୧୯



ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲି ଯାଆନ୍ତି,
ସେମାନେ ପୁଣି ସେହି ଭୁଲ୍ କରିବସନ୍ତି।
- ଜର୍ଜ ଶାନ୍ତାୟନ



## ସଂକ୍ଷେପରେ

### ବାଇକ୍ ଧକ୍କାରେ ବୃଦ୍ଧ ମୃତ

ଡୁଙ୍ଗୁରିପାଲି, ୭।୬(ଡି.ଏନ.ଏ.) ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି କଲେଜ ଛକ ନିକଟରେ ଶୁକ୍ରବାର ସକାଳେ ବାଇକ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡୁଙ୍ଗୁରିପାଲି ଗ୍ରାମର ଲୋକନାଥ ସାହୁ(୬୫)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଲୋକନାଥ ସକାଳୁ ନିତ୍ୟ କର୍ମ ପାଇଁ କଲେଜ ଆଡକୁ ଚାଲି କରି ଯାଇଥିଲେ। ସେଠାରୁ ଫେରିବା ବେଳେ ବନ୍ଧପାଲି ଗ୍ରାମର କୈଳାସ ଚନ୍ଦ୍ର ମହଲା ଓ ଚନ୍ଦନ ବୁଡେକ ବାଇକ (ନଂ. ଓଡି ୩୧ ଏଫ ୨୩୬୦)ରେ ଡୁଙ୍ଗୁରିପାଲିକୁ କ୍ଷୀର ବିକ୍ରି କରିବା ପାଇଁ ଯାଉଥିବା ବେଳେ କଲେଜ ଛକ ନିକଟରେ ଲୋକନାଥ ସାହୁଙ୍କୁ ଧକ୍କା ଦେଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନାକୁ ଆଣିବା ବାଟରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଡୁଙ୍ଗୁରିପାଲି ପୋଲିସ ବାଇକ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ. ୭୭/୧୯)ରୁଜୁ ହୋଇଛି।

### ସମ୍ପନ୍ନ ହେଲା ଶିବବିବାହ କାର୍ଯ୍ୟକ୍ରମ

**ଉଲୁଣ୍ଡା, ୭।୬(ଡି.ଏନ.ଏ.):** ଉଲୁଣ୍ଡା ବ୍ଲକ ନାକଡେଇଁ ମାଲପଡାସ୍ଥିତ ଶିବ ଶ୍ରୀନାଗେଶ୍ୱରଙ୍କ ପାରମ୍ପରିକ ବିବାହ ଉତ୍ସବ ଶୁକ୍ରବାର ଶୀତଳଷଷ୍ଠୀ ଅବସରରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ପୃଷ୍ଠପୋଷକତାକ୍ରମେ ଅନୁଷ୍ଠିତ ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ପୂଜକ ମଧୁସୁଦନ ଥନାପତି ଓ ଭକ୍ତରାମ ଥନାପତି ପୂଜାର୍ଚ୍ଚନା କରିଥିଲେ। ପରେ ପାରମ୍ପରିକ ଭାବରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିକ୍ରମା ପରେ ମଧାହ୍ନରେ ମନ୍ଦିର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା। ତୁଳସୀ ରାମାୟଣର ଶିବ ବିବାହ ପ୍ରସଙ୍ଗକୁ ନେଇ ସଙ୍ଗୀତମୟ ପାରାୟଣ କରାଯାଇଥିଲା। ଏଥିରେ ବିଜୟ କୁମାର ହୋତା, ଗୋପାଳ ପଣ୍ଡା, କାହ୍ନୁ ଚରଣ ନାୟକ ବ୍ୟାସ ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉସତ ବାରିକ, ରତ୍ନାକର ପଣ୍ଡା, ଲୋକନାଥ ପଣ୍ଡା, ଡୋଲାମଣୀ ଗୌନ୍ତିଆ, ବିଶ୍ୱନାଥ ସାହୁ, ଉପେନ୍ଦ୍ର ଜାନୀ, ରାତ୍ର ପଧାନ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ।

■ ରୋକ୍‌ଠୋକ ଶୁଣାଇଲେ ଲୋୟର ସୁକ୍‌ତେଲ ବୁଡି ଅଞ୍ଚଳବାସୀ

# ୨୦୧୩ ନୀତିରେ କ୍ଷତିପୂରଣ, ଥଇଥାନ କର

**ବଲାଙ୍ଗୀର ଅଫିସ, ୭।୬**

ଦୀର୍ଘ ୧୮ ବର୍ଷ ଅତିବାହିତ ହୋଇଗଲାଣି। ଆମେ ସମର୍ଥନ କଲୁ ବୋଲି ଲୋୟର ସୁକ୍‌ତେଲ ଡ୍ୟାମ ସ୍ପିଲୱେ କାମ ୭୦ ପ୍ରତିଶତ ସରିଗଲାଣି। ହେଲେ ପ୍ରକଳ୍ପ ପ୍ରଭାବିତ ବୁଡି ଅଞ୍ଚଳର ଜଣେ ବି ଲୋକଙ୍କୁ ଉଚିତ୍ କ୍ଷତିପୂରଣ ଦେଇ ଥଇଥାନ କରାଯାଇନାହିଁ । ସରକାର ଓ ପ୍ରଶାସନ ସବୁବେଳେ ବୁଡି ଅଞ୍ଚଳବାସୀଙ୍କୁ ଠକି ଆସିଛନ୍ତି । ଆଗକୁ ଆଉ ସେଭଳି ହେବନାହିଁ। ଯେ ପର୍ଯ୍ୟନ୍ତ ୨୦୧୩ ଭୂମି ଅଧିଗ୍ରହଣ ଆଇନ ଜରିଆରେ ବୁଡି ଅଞ୍ଚଳବାସୀଙ୍କ ଉଚିତ୍ କ୍ଷତିପୂରଣ ଓ ଥଇଥାନ ହେବନାହିଁ ଆଉ ପ୍ରକଳ୍ପ କାମ କରାଇ ଦେବୁନାହୁଁ ବୋଲି ଶୁକ୍ରବାର ଜିଲାପାଳ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ବୈଠକରେ ବୁଡିଅଞ୍ଚଳରୁ ଆସିଥିବା ବିଭିନ୍ନ ଗାଁର ପ୍ରତିନିଧିମାନେ ରୋକ୍‌ଠୋକ୍ ଶୁଣାଇଛନ୍ତି।

ଜିଲାପାଳ ଅରିନ୍ଦମ ଡାକୁଆଙ୍କ ଅଧ୍ୟକ୍ଷତାରେ ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ଲୋୟର ସୁକ୍‌ତେଲ ପ୍ରକଳ୍ପକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବୁଡିଅଞ୍ଚଳର ପରଧିଆପାଲି, ଖୁଣ୍ଟପାଲି ଓ କୋଇଣ୍ଡାପାଲି ଗ୍ରାମର ପ୍ରତିନିଧିମାନେ ଯୋଗଦାନ କରିଥିଲେ। ବଲାଙ୍ଗୀର ସହରର ବୁଦ୍ଧିଜୀବୀମାନେ ମଧ୍ୟ ଉପସ୍ଥିତ ରହି ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଲଳିତ କୁମାର ନାୟକ ସଂଯୋଜନା କରିଥିଲେ । ପ୍ରଥମେ ବକ୍ତବ୍ୟ ରଖି ନାୟକ ବଲାଙ୍ଗୀର ଜିଲା ପାଇଁ ଲୋୟର ସୁକ୍‌ତେଲ ପ୍ରକଳ୍ପ କେତେ ଗୁରୁତ୍ୱପୂର୍ଣ୍ଣ ତାହା କହିଥିଲେ। ଏଣୁ ବିସ୍ଥାପିତଙ୍କ ସବୁ ସମସ୍ୟାର ସମାଧାନ କରାଯାଇ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସହରର କେତେକ ବୁଦ୍ଧିଜୀବୀ ଇତିମଧ୍ୟରେ ତିନି ପ୍ରକଳ୍ପ ପ୍ରଭାବିତ ଗାଁକୁ ଯାଇ ଲୋକଙ୍କ ସହ ଆଲୋଚନା କରି କିଭଳି ପ୍ରକଳ୍ପ ଶୀଘ୍ର ହେବ ସେ ଉପରେ କହିଥିଲେ। ଲୋୟର ସୁକ୍‌ତେଲ ପ୍ରକଳ୍ପ କାମ ଦୀର୍ଘ ୧୦ ମାସ ହେଲା ବନ୍ଦ ପଡିଛି। ପ୍ରଭାବିତ ଲୋକେ ୨୦୧୩ ଭୂମି ଅଧିଗ୍ରହଣ ଆଇନ ଲାଗୁ ନହେଲେ ଡ୍ୟାମ୍ କାମ କରାଇ ଦେବେନାହିଁ ବୋଲି କହୁଛନ୍ତି। ସରକାର ହେବାକୁ ଚାହୁଁଥିବା ଏକ୍ସଗ୍ରାସିଆ ରାଶିକୁ ଆଉ ଗ୍ରହଣ କରିବେ ନାହିଁ ବୋଲି କହିଛନ୍ତି । ଅନ୍ୟପଟେ କିଛି ବୁଦ୍ଧିଜୀବୀ ୨୦୧୩ ଆଇନ୍ ସମକକ୍ଷ ଏକ୍ସଗ୍ରାସିଆ ରାଶି ଦିଆଯିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହା ନହେଲେ ପ୍ରକଳ୍ପ ଢ଼େର ବିଳମ୍ବ ହୋଇଯିବ ବୋଲି ସେମାନେ ଆଶଙ୍କା କରିଛନ୍ତି। ବୁଡିଅଞ୍ଚଳ ତରଫରୁ ଉମାକାନ୍ତ ଖୁଆସ, ସଞ୍ଜୟ ଗଡତ୍ୟା, ସୁଧୀର ଖୁଆସ, ମହେନ୍ଦ୍ର ଖୁଆସ, ରବୀନ୍ଦ୍ର ଗଡତ୍ୟା ରୋକ୍‌ଠୋକ ଶୁଣାଇ ୨୦୧୩ ଆଇନ୍ କାର୍ଯ୍ୟକାରୀ ନହେଲେ ପ୍ରକଳ୍ପ କାମ କରିବାକୁ ଦିଆଯିବ ନାହିଁ ବୋଲି କହିଛନ୍ତି । ସଂଯୋଜକ ନାୟକ, ଆଡଭୋକେଟ ଭବାନୀ ଶଙ୍କର ଶତପଥି, ରତନ ମହାରାଣା, ଶ୍ରୀକର ମିଶ୍ର ବୁଡିଅଞ୍ଚଳବାସୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ୨୦୧୩ ଆଇନ କାର୍ଯ୍ୟକାରୀ ହେବା ଉପରେ ଆଲୋଚନା କେନ୍ଦ୍ରିତ ହୋଇଥିଲା । ସୁକ୍‌ତେଲ ପ୍ରକଳ୍ପରେ ୨୦୧୩ ଆଇନ୍ କାର୍ଯ୍ୟକାରୀ ହେବା ଉଚିତ୍ ବୋଲି ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାର କହିଥିଲେ । ସଭାରେ ଏକ୍ସଗ୍ରାସିଆ ଓ ୨୦୧୩ ଭୂମି ଅଧିଗ୍ରହଣ ଆଇନ୍ କ୍ଷତିପୂରଣ ଓ ଥଇଥାନ ପ୍ୟାକେଜ୍‌ରେ କେତେ ପାର୍ଥକ୍ୟ ରହିଛି ତାହା ସ୍ପଷ୍ଟ କରିବାକୁ ଦାବି କରାଯାଇଥିଲା । ଆଗାମୀ ୭ ଦିନ ମଧ୍ୟରେ ବିସ୍ଥାପିତଙ୍କୁ ଏକ୍ସଗ୍ରାସିଆ ଓ ୨୦୧୩ ଭୂମି ଅଧିଗହଣ ଆକ୍ଟର ପାର୍ଥକ୍ୟ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଦିଆଯିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇ ଆଗାମୀ ବୈଠକ ୧୮ ତାରିଖରେ କହିବେ ବୋଲି କହିଥିଲେ । ଉକ୍ତ ବୈଠକରେ ପୁଣି ଥରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବାକୁ ସମସ୍ତଙ୍କ ସହମତି ହୋଇଥିଲା । ଏହି ସଭାରେ ସୁକ୍‌ତେଲ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରଭାତ ରଞ୍ଜନ ରାଉତ୍, ନିର୍ବାହୀ ଯନ୍ତ୍ରୀ ନିର୍ବିଘ୍ନ ଭୋଇ, ତହସିଲଦାର ଲଲାଟ ଲୁହା ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଲୋୟର ସୁକ୍‌ତେଲ ପ୍ରକଳ୍ପ ସମ୍ପର୍କିତ ବୈଠକ।

### ସୁଲିଆ ହତ୍ୟା ମାମଲା: ଦୁଇ ଅଭିଯୁକ୍ତ କୋର୍ଟଚାଲାଣ

**ଉଲୁଣ୍ଡା, ୭।୬(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ସୁଲିଆ ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ପିଟିପିଟି ହତ୍ୟା କରିବା ଘଟଣାରେ ସ୍ଥାନୀୟ ପୋଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଫେରାର ଅଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ସୁଲିଆ ଗ୍ରାମର ଅରବିନ୍ଦ ଭୋଇ ଏବଂ ବୁଲୁ ଭୋଇ। ଉଲୁଣ୍ଡା ବ୍ଲକ ସୁଲିଆ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ମାସ ୧୮ ତାରିଖରେ ଉକ୍ତ ଗ୍ରାମର ନରସିଂହ ଘୁଟାଙ୍କୁ ସେହି ଗ୍ରାମର ଅରବିନ୍ଦ ଭୋଇ, ବୁଲୁ ଭୋଇ, ବାବୁଲୁ ଭୋଇ ଗୋଡାଇ ଗୋଡାଇ ପିଟିଥିଲେ। ଏଥିରେ ନରସିଂହ ଗୁରୁତର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଉଲୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ମେଡିକାଲ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୨୨ ତାରିଖ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଗୁରୁବାର ଏହି ଘଟଣାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତ ବୀରମହାରାଜପୁର ରାସ୍ତାରେ ଯାଉଥିବା ନେଇ ପୋଲିସ ଖବର ପାଇଥିଲା। ଏସ୍‌ଡିପିଓ ଧିରଜ ଚୋପଦାର ଉକ୍ତ ରାସ୍ତାରେ ଚଢାଉ କରି ଅରବିନ୍ଦ ଏବଂ ବୁଲୁଙ୍କୁ ଗିରଫ କରିଥିଲେ।




ମାଁ ବିରଜା ଜୁଏଲେରିରେ ସିନ୍ଧିଖୋଳି ସୁନାଗହଣା ଲୁଟ୍ ଅଭିଯୋଗ ପରେ ପୋଲିସ ତଦନ୍ତ କରୁଛି।

# ସିନ୍ଧିଖୋଳି ଜୁଏଲେରିରୁ ସୁନାଗହଣା ଚୋରି

**ବଲାଙ୍ଗୀର ଅଫିସ, ୭।୬**

■ ସାଇଣ୍ଟିଫିକ୍ ଟିମ୍‌ର ଅନୁସନ୍ଧାନ ଆରମ୍ଭ
■ ଡ୍ରିଲର ସାହାଯ୍ୟରେ ଖୋଲିଲେ ଷ୍ଟଲ କାନ୍ଥ

ବଲାଙ୍ଗୀର ଟାଉନ୍ ଥାନାଠାରୁ ମାତ୍ର ୫୦ମିଟର ଦୂର ଠିକାଦାରପଡା ଷ୍ଟଲ ମାର୍କେଟ କମ୍ପ୍ଲେକ୍ସସ୍ଥିତ ମା'ବିରଜା ଜୁଏଲେରିରୁ ଦିନ ଦ୍ୱିପହରେ ୩ଶହ ଗ୍ରାମ ଓଜନର ସୁନା ଗହଣା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଚୋରମାନେ ଉକ୍ତ ଜୁଏଲେରିର ଷ୍ଟଲ କାନ୍ଥରେ ସିନ୍ଧିଖୋଳି ଚୋରି କରିଥିବା ଦେଖାଯାଇଛି। ଜୁଏଲେରୀ ମାଲିକ ଲକ୍ଷ୍ମୀକାନ୍ତ ସାହୁ ଏ ନେଇ ଟାଉନ୍ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୮୭/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ଅଭିଯୋଗ ଅନୁସାରେ ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାବେଳେ ଲକ୍ଷ୍ମୀକାନ୍ତ ସୁନା ଗହଣା ଦୋକାନ ବନ୍ଦ କରି ଖାଇବାକୁ ଯାଇଥିଲେ। ଅପରାହ୍ଣ ୪ଟାରେ ଆସି ଦୋକାନ ଖୋଲିଲା ପରେ ଦୋକାନରୁ ସବୁ ଅଳଙ୍କାର ଚୋରି ହୋଇଯାଇଥିବା ଦେଖାଯାଇଥିଲା । ଉକ୍ତ ଷ୍ଟଲର ପଛପଟ କାନ୍ଥୋର ଡ୍ରିଲର ସାହାଯ୍ୟରେ ସିନ୍ଧି କରି ଚୋରମାନେ ଗହଣା ଚୋରି କରିଥିବା ଦେଖାଯାଇଛି । ସହର ମଝିରେ ଟାଉନ୍ ଥାନା ପାଖରେ ଏବଂ ଦିନଦ୍ୱିପହରେ ଏକ ଜୁଏଲେରି ଦୋକାନକୁ ଡ୍ରିଲ କରି ଚୋରମାନେ ୩ଶହ ଗ୍ରାମର ସୁନା ଅଳଙ୍କାର ଚୋରି କହିବା ଘଟଣା ଆତଙ୍କ ଖେଳାଇ ଦେଇଛି । ଘଟଣା ସମ୍ପର୍କରେ ଜାଣିବା ପରେ ଟାଉନ୍ ପୋଲିସ, ସାଇଣ୍ଟିଫିକ୍ ଟିମ ତଦନ୍ତ ଆରମ୍ଭ କରିଥିବା ଥାନା ଆଇଆଇସି ତୋଫାନ ବାଗ ସୂଚନା ଦେଇଛନ୍ତି।

ଅଧାପନ୍ତରିଆ ପଡ଼ିଛେ ପଢ଼ାକୁଠି ତିଆରି କାମ୍

# ୨ଟା କୁଠିଥି ୮ଟା ଶ୍ରେଣୀର ଛାତ୍ରୀଛାତ୍ର

**ଲୋଇସିଂହା, ୭।୬(ଡି.ଏନ୍.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଁଚେତ୍ ଅଧୀନ ଅଗଲାପାଲି ଗାଁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନୂତନ ପଢ଼ାକୁଠି ତିଆରିରେ ବଡ଼ଭାରି ହେରଫେର ହେଇଥିବାର ଗାଁବାସୀ ଅଭିଯୋଗ କରିଛନ୍। ଯେନ୍‌ଥିରଲାଗି ତିଆରି କାମ୍ ଗଲା ୫ ବଛର ହେଲା ଅଧାପନ୍ତରିଆ ହେଇ ପଡ଼ିଛେ। ଇଆଡ଼େ ପଢ଼ାକୁଠି ଅଭାବୁ ଛାତ୍ରୀଛାତ୍ରଙ୍କର ପାଠ୍‌ପଢ଼ାରେ ଖେଲଢ଼େପ ହେଉଥିବାର ଅଭିଭାବକମାନେ ଅଭିଯୋଗ କରିଛନ୍। ସୂଚନା ଅନ୍‌ସାରେ ଅଗଲାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଟା ୧୯୫୩ ସାଲେ ଥାପନା ହେଇଥିଲା। ଏହେଦେ ସ୍କୁଲରେ ୮ ଶ୍ରେଣୀ ତକ୍ ପଢ଼ବାର ବେବସ୍ତା ଥିଲାବେଲେ ମୋଟ ୧୨୦ ଛାତ୍ରୀଛାତ୍ର ପାଠ୍ ପଢୁଛନ୍। ୨୦୧୨ ସାଲେ ସ୍କୁଲର ପୁରାତନ କୁଠାର ଛାତୁ ସିମେଟ ଅତଡ଼ା ପଡ଼ି ୨ ଝନ୍ ଛାତ୍ର ଖଁଡ଼ିଆଡଁଡ଼ିଆ ହେଇଥିଲେ। ସେଦିନ୍‌ଠାନୁ ଶିକ୍ଷା ବିଭାଗ ସ୍କୁଲର ୮ଟାରୁ ୬ଟା କୁଠିକେ ବଁଦ୍ କରିଦେଇଛେ। ଇଆଡ଼େ ପଢ଼ାକୁଠି ଅଭାବୁ ଛାତ୍ରୀଛାତ୍ରଙ୍କର ପାଠ୍‌ପଢ଼ାରେ ବଡ଼ଭାରି ଅସ୍‌ବିଧା ହେଲାରୁ ଗାଁବାସୀ ପରଶାସନକେ ଗୁହାରି କରିଥିଲେ। ଇତାର ପରେ ଶିକ୍ଷା ବିଭାଗ ଅଧିକା ୩ଟା ନୂତନ୍ ପଢ଼ାକୁଠି ତିଆରିବାକେ ଅନୁଦାନ ଦେଇଥିଲା। ସେ ସମିଆରେ ଥିବାର ପ୍ରଧାନଶିକ୍ଷକ କୁଠି ତିଆରି ଦାଇତିଅରେ ରହିଥିଲେ। ହେଲେ ବଡ଼ଭାରି ହେରଫେର ଲାଗି କୁଠି ତିଆରିବେଲେ ଛାୟା ଭାଂଗିଯାଇଥିଲା। ଯେନ୍‌ଟାକେ ନେଇ ଗାଁବାସୀକର ଭିତରେ ଅସନ୍‌ତୋଷ ଦେଖାଦେଇଥିଲା। ବିଭାଗୀୟ ତଦଁତ୍ ଉତାରୁ ଇ ନୂତନ କୁଠି ତିଆରି କାମ୍‌କେ ବଁଦ୍ କରି ଦିଆଯାଇଥିଲା। ସେଦିନ୍‌ଠାନୁ ଆଏଜ୍‌କେ ୫ ବଛର ହେଲା ନୂତନ କୁଠି ତିଆରି କାମ୍ ଅଧାପନ୍ତରିଆ ହେଇ ପଡ଼ିରହିଛେ। ଇଆଡ଼େ ପଢ଼ାକୁଠି ଅଭାବ୍ ଲାଗି ଛାତ୍ରୀଛାତ୍ର, ଶିକ୍ଷକ ବଡ଼ଭାରି ସମସିଆର ସାମନା କରୁଛନ୍। ଅଫିସ ଘର ସମେତ ୨ ବଖରା ଘରେ ୮ଟା ଶ୍ରେଣୀର ଛାତ୍ରୀଛାତ୍ର ବସି ପାଠ୍ ପଢୁଛନ୍। ଇ ବାବ୍‌ଦେ ପ୍ରଧାନଶିକ୍ଷକ ଯବଦୁ ପଧାନଙ୍କର ମତାମତ ନାଇଁ ମିଲିପାରି। ସ୍କୁଲ ପରିଚାଲନା କମିଟିର ସଭାପତି ପ୍ରସାଦି ସାହୁ କହିଛନ୍ ଯେ, ଇ କାମ୍‌ଟା ପୂରବର ପ୍ରଧାନ ଶିକ୍ଷକଙ୍କର ଅମଲର। ତାହାକୁ ଉନିଆ ସ୍କୁଲକେ ବଦଲି ହେଇଯାଇଛେ। ନୂତନ କୁଠିର ତିଆରି କାମ୍ ଅଧାପନ୍ତରିଆ ହେଇ ପଡ଼ିଛେ। ଦୁଖର କଥା ଇ ବାବ୍‌ଦେ ଶିକ୍ଷା ବିଭାଗ କି ପରଶାସନକେ ଜନାଲେ କେହି କେହେନ୍‌ସି ପରକାର ପଦକ୍ଷେପ ନାଇଁ ନେବାର ବଲି ସେ କହିଥିଲେ।



ଦରଖଁଡ଼ିଆ ପଡ଼ିଥିବାର କୁଠି ଗାଇ ଗୁହାଲ ପାଲଟିଛେ।

■ ବସୁନ୍ଧରା ଯୋଜନା ବାଟବନା

# ଘରଡିହ ପାଏବାରୁ ବଁଚିତ୍ ଭୂମିହୀନ ପରିବାର

**ଲାଠୋର, ୭।୬ (ଡି.ଏନ.ଏ)**

ସରକାର ଭୂମିହୀନମାନକୁ ବସୁନ୍ଧରା ଯୋଜନାରେ ସାମିଲ କରି ୪ ଡିସିମିଲ ଘରଡିହ ଯୁଗେଇ ଦେଉଛନ୍। ହେଲେ ବିଭାଗୀୟ ଅଧିକାରୀମାନକର ଖାମଖିଆଲି ମନଭାବ ଲାଗି ଅନେକ ଭୂମିହୀନ ଘରଡିହ ପାଏବାରୁ ବଁଚିତ୍ ହେଉଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବଲାଙ୍ଗୀର ଜିଲା ଖପ୍ରାଖୋଲ ତହସିଲ ଅଧୀନ ଲାଠୋର ବନ୍ଧପଡ଼ାରେ।

ସୂଚନା ଅନ୍‌ସାରେ ଲାଠୋର ବନ୍ଧପଡ଼ାର ଅନେକ ଗରିବ ଭୂମିହୀନ ପରିବାର ବସୁନ୍ଧରା ଯୋଜନାରେ ଆବେଦନ କରି ନିରାଶ ହେଇଛନ୍। ଇ ପରିବାରମାନେ ଗୋଚର, ଜଲଚର ଜାଗାରେ ଛୁଟିଆ କୁରିଆଟେ ଲେଖେଁ କରି ମୁଡ୍ ଗୁଁଜିଥିବାର ପଡ଼ାର ପ୍ରହଲ୍ଲାଦ ସେଠ, ଶଶି ହଂସ, ଦୁର୍ଗା ହଂସ, କମଳ ବିଶି, ରଞ୍ଜିତ ବିଶି, କୃଷ୍ଣ ପାତ୍ର, ସନ୍ୟାସୀ ପାତ୍ର, ଡିଙ୍ଗର ବାଗ, ପରକ୍ଷିତ ବାଗ ପରମୁଖ ଅଭିଯୋଗ କରିଛନ୍। ଗଲା ୫୦ ବଛର୍‌ରୁ ଅଧିକା ହେବା ଇ ପରିବାରମାନେ ଲାଠୋର ବଁଧି ପାସେ ଥିବାର ଗୋଚର ଆଉ ଜଲଚର ଜାଗାରେ କୁରିଆଟେ ଲେଖେଁ କରି କୁଟୁମବସିଆ ମୁଡ଼ ଗୁଁଜୁଛନ୍। ପେସାରେ ଇମାନେ ହେମାଲି ଆଏ। ଫିଦିନ ହେମାଲି କାମ୍‌ରୁ ଯାହା ରୁଜଗାର କରୁଛନ୍ ସେଥିରେ ତାକର ପରିବାର ଚଲୁଛେ। ଇ ପରିବାରମାନେ ନିହାତି ଗରିବ୍ ହେଇଥିଲାବେଲେ ଜମି ଘିନି ଘର ତିଆରିବାର ତାକତ୍ ନାଁଇଁ। ଆଏବାର ଦିନେ ଇ ଗରିବ ପରିବାରମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଏବାର ଆଶ୍ ଅଛେ। ହେଲେ ଜାଗାଠାନ୍ ଅଭାବୁ ଇମାନେ କେନ୍‌ଠାନେ ଘର ବନାବେ ସେ ଚିନ୍‌ତାରେ ରହିଛନ୍। ବାରବାର ଲାଠୋର ରାଜସ୍ୱ ନିରୀକ୍ଷକଁର ଅଫିସ ସଂଗେ ଯୋଗାଯୋଗ ରଖୁଥିଲେ ବି କେହେନ୍‌ସି ପରକାର ଉପକାର ନାଇଁ ମିଲୁଥିବାର ସେମାନେ ଅଭିଯୋଗ କରିଛନ୍। ଇ ସମସିଆଟା ଖାଲି ଲାଠୋର ବନ୍ଧପଡ଼ାରେ ଦେଖାଦେଇଛେ ସେଟା ନୁହେ, ଲାଠୋର ଅଂଚଲର ଅନେକ ଗାଁରେ ଗରିବ୍ ଭୂମିହୀନମାନେ ଏନ୍‌ତା ସମସିଆରେ ଛଁଦି ହେଇ ରହିଛନ୍। ଇ ବାବ୍‌ଦେ ଖପ୍ରାଖୋଲ ତହସିଲଦାର ନିରଞ୍ଜନ ନାଏକଙ୍କୁ ପଚରାଲାରୁ ପଡ଼ାକେ ପରିଦରଶନରେ ଯିମି, ଘଟନାର ତଦଁତ କରି ସରକାରୀ ହିସାବେ ଅଧିବାସୀମାନକୁ ଜମି ଯୁଗେଇ ଦେବାର ଦିଗେ ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।



ବନ୍ଧପଡ଼ାର କେତେ ଭୂମିହୀନ ପରିବାର।

## ଫଟୋରେ ଖବର







ବଲାଙ୍ଗୀର ଡେଲିମାର୍କେଟ ସ୍ଥିତ ଶ୍ରୀରାମ ମାନସ ମନ୍ଦିରରେ ରାମେଶ୍ୱର ବାବାଙ୍କ ବିବାହୋତ୍ସବ ଅନୁଷ୍ଠିତ ହେଉଛି (ବାମ)। ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ ଆୟୋଜିତ ଆମ୍ବ ମହୋତ୍ସବକୁ ବିଧାୟକ ନରସିଂହ ମିଶ୍ର ବୁଲି ଦେଖୁଛନ୍ତି (ମଝି)। ଇଷ୍ଟକୋଷ୍ଟ ରେଲୱେ ହକର ସଂଘ ପକ୍ଷରୁ ଅନୁଷ୍ଠିତ ଏକ ସଭାରେ ଶ୍ରମିକନେତା ଲଳିତ କୁମାର ନାୟକ ବକ୍ତବ୍ୟ ରଖୁଛନ୍ତି। (ଫଟୋ-ସୁନୀଲ)।



ଯେଉଁମାନେ ଗୁଡ଼ାଏ କଥା କୁହନ୍ତି, ସେମାନେ ଖୁବ୍ କମ୍ ଚିନ୍ତା କରନ୍ତି।

- ଜନ୍ ଡ୍ରାଇଡେନ୍

## ସଂକ୍ଷେପରେ

### ଟ୍ରେନ୍‌ରୁ ଖସି ପଡ଼ି ବୃଦ୍ଧା ଗୁରୁତର

**ଲାଠୋର, ୭।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ରୋଡ ରେଳ ଷ୍ଟେଶନରେ ଶୁକ୍ରବାର ସକାଳେ ଟ୍ରେନରୁ ଖସିପଡି ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ବୃଦ୍ଧା ଜଣକ ହେଲେ ସଂଯୁକ୍ତ ପଣ୍ଡା (୫୨)। ସେ ବ୍ରହ୍ମପୁରରୁ ଲାଠୋରସ୍ଥିତ ନିଜ ଭାଇଁଙ୍କ ଘରକୁ ପୁରୀ ଦୁର୍ଗ ଇଣ୍ଟରସିଟି ଏକ୍ସପ୍ରେସରେ ଆସୁଥିଲେ। ହରିଶଙ୍କର ରୋଡ ରେଳଷ୍ଟେଶନରେ ଟ୍ରେନଟି ରହିଥିଲେ ମଧ ସେ ଜାଣି ପାରି ନ ଥିଲେ। ଟ୍ରେନ ଛାଡିଲା ପରେ ଜାଣିପାରି ସେ ଓହ୍ଲାଉଥିବା ବେଳେ ଖସି ପଡିଥିଲେ। ତାଙ୍କୁ ନୂଆପଡା ହସପିଟାଲରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁରକୁ ଚିକତ୍ସା ପାଇଁ ତାଙ୍କ ଭାଇଁ ନେଇଯାଇଥିବା ଜଣାପଡିଛି।

### ପରିବେଶ ସଚେତନତା ସଭା

**ଟିକ୍ରାପଡା, ୭।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ଜୁରାବନ୍ଧ ପଞ୍ଚାୟତ ଅଧିନ ଖର୍ସେଲବାଞ୍ଜି ଗ୍ରାମରେ ଆଦର୍ଶ ଯୁବକ ସଂଘ ଆନୁକୂଲ୍ୟରେ ପରିବେଶ ସଚେତନତା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଜୟରାମ ମାଝୀ ସଭାରେ ଅଧକ୍ଷତା କରିଥିଲେ। ସମ୍ପାଦକ ହରିଶ୍ଚନ୍ଦ୍ର ବାଗ ସଭା ସଂଯୋଜନା କରିଥିଲେ। ସମିତି ସଭ୍ୟ ଗଙ୍ଗାଧର ବାରିକ, ମୁକେଶ ଠାକୁର ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସତ୍ୟ ନାରାୟଣ ମହାକୁର, ନିମାନନ୍ଦ ଖମାରୀ, କୃଷ୍ଣଚନ୍ଦ୍ର ମାଝି, ବୁଲୁ ମିର୍ଦ୍ଧା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗଛ ବଞ୍ଚିଲେ ଆମେ ବଞ୍ଚିବା, ତେଣୁ ବର୍ତ୍ତମାନ ପରିସ୍ଥିତିରେ ପ୍ରତେକ ବ୍ୟକ୍ତି ଗଛ ଲଗାଇବା ପାଇଁ ସଂକଳ୍ପବାନ ହେବା ଆବଶ୍ୟକ ବୋଲି ବକ୍ତାମାନେ ମତପୋଷଣ କରିଥିଲେ। ସଭା ପୂର୍ବରୁ ସଦସ୍ୟମାନେ ପରିବେଶ ରକ୍ଷା ସମ୍ବନ୍ଧୀୟ ସ୍ଲୋଗାନ ଥିବା ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ। ରବିନାରାୟଣ ମହାକୁର ଅତିଥି ପରିଚୟ ଓ ରନ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

### ତୁଷ୍ଟାପାଲିରେ ଶିବ ବିବାହ ଅନୁଷ୍ଠିତ

**ଟିକ୍ରାପଡା, ୭।୬(ଡି.ଏନ.ଏ.):** ସଇଁନ୍ତଲା ବ୍ଲକ କରମତଲା ପଞ୍ଚାୟତ ଅଧିନ ତୁଷ୍ଟାପାଲି ଗ୍ରାମସ୍ଥିତ ଧୁବଲେଶ୍ୱର ଶୈବ ପୀଠରେ ଶିବ ବିବାହ ସମାରୋହରେ ଶୁକ୍ରବାର ସମ୍ପନ୍ନ ହୋଇଯାଇଛି। ବିଷ୍ଣୁପ୍ରିୟା ବୁଡେକ, ଖଗେଶ୍ୱର ବୁଡେକ ଏଥିରେ କର୍ତ୍ତା ରହିଥିଲେ। ମନ୍ଦିରରେ ଗଙ୍ଗାଧର ପୂଜାରୀ, ତ୍ରିଗର୍ତ୍ତ ପୂଜାରୀ ପୂଜା କାର୍ଯ୍ୟ ତୁଲାଇଥିଲେ। ସୁରେଶ ପୁରୋହିତ ଶିବ ଓ ପାର୍ବତୀଙ୍କ ପ୍ରତିମାଙ୍କ ବିବାହ ସମ୍ପନ୍ନ କରାଇଥିଲେ। ସଂକୀର୍ତ୍ତନ୍ୟ, ଶଙ୍ଖ, ଘଣ୍ଟବାଦ୍ୟ ଓ ହୁଳହୁଳିରେ ବିବାହସ୍ଥଳୀରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସମିତି ସଭ୍ୟ ସୁବାଷଚନ୍ଦ୍ର ବୁଡେକ, ତନ୍ତ୍ର ବୁଡେକ, ଗୁର ବୁଡେକ, ମୋତିରାମ ବୁଡେକ, ଗୋପୀନାଥ ଦେଓ, ଯୁଗଳ ଦେଓ, ଗୌତମ ବୁଡେକ, ଭିକାରୀ ବୁଡେକ, ରାମଚନ୍ଦ୍ର ଦେଓ ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଧାନକିଣା ଟାର୍ଗେଟ କମ୍ ଥିବା ଅଭିଯୋଗ

# ଧାନ ରଖି ଚାଷୀଙ୍କ ରାସ୍ତାରୋକୋ

**ଖପ୍ରାଖୋଲ, ୭।୬ (ଡି.ଏନ.ଏ.)**



ଆନ୍ଦୋଳରତ ଚାଷୀଙ୍କ ସହ ବିଧାୟକ ସରୋଜ ମେହେର।

**ଖପ୍ରାଖୋଲ ପ୍ୟାକ୍ସ**

- ବିଧାୟକଙ୍କ ପ୍ରତିଶ୍ରୁତି ପରେ ହଟିଲା ଆନ୍ଦୋଳନ

ବଲାଙ୍ଗୀର ଜିଲା ଖପ୍ରାଖୋଲ ପ୍ୟାକ୍ସରେ ଚଳିତ ରବିଋତୁରେ ଧାନ କିଣିବାକୁ କମ୍ ଟାର୍ଗେଟ ଥିବା ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶୁକ୍ରବାର ପ୍ୟାକ୍ସର ଅସ୍ଥାୟୀ ମଣ୍ଡି ବଡଗୁର୍ଜିଭଟାଠାରେ ଧାନ ରଖି ସେମାନେ ରାସ୍ତା ଅବରୋଧ କରି ଧାରଣା ଦେଇଥିଲେ । ଫଳରେ ଖପ୍ରାଖୋଲ-ଲାଠୋର ମୁଖ୍ୟ ରାସ୍ତାରେ ଦୀର୍ଘ ସମୟ ଧରି ଯାତାୟାତ ବନ୍ଦ ରହିଥିଲା। ଶହଶହ ଗାଡି ମୋଟର ରାସ୍ତାର ଦୁଇପାର୍ଶ୍ୱରେ ଅଟକି ରହିଥିଲା। ଖପ୍ରାଖୋଲ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି, ଅତିରିକ୍ତ ତହସିଲଦାର ଜୟନ୍ତ କୁମାର ସାହୁ, ଯୋଗାଣ ନିରୀକ୍ଷକ ରାଜରାମ ହୋତା, ପ୍ୟାକ୍ସ ସଭାପତି ନରେନ୍ଦ୍ର ଭୋଇ, ସମ୍ପାଦକ ଶ୍ରୀପତୀ ଭୋଇ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିଥିଲେ। ସମସ୍ୟାର ସମାଧାନ ନ ହେବା ଯାଏ ଆନ୍ଦୋନ ଜାରି ରହିବ ବୋଲି ଆନ୍ଦୋଳନରତ ଚାଷୀମାନେ ଅଡି ବସିଥିଲେ। ଖବର ପାଇ ପାଟଣାଗଡ ନବନିର୍ବାଚିତ ବିଧାୟକ ସରୋଜ ମେହେର ଧାରଣାସ୍ଥଳରେ ପହଞ୍ଚିଥିଲେ। ସମସ୍ୟା ଶୁଣିଲା ପରେ ଆଗାମୀ ୧୨ ତାରିଖ ମଧ୍ୟରେ ଉତ୍ପାଦିତ ଧାନ ବିକ୍ରି ପାଇଁ ବ୍ୟବସ୍ଥା କରିବାର ନିର୍ଭର ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ପ୍ରାୟ ୧ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ସୂଚନାଯୋଗ୍ୟ ଯେ, ଖପ୍ରାଖୋଲ ପ୍ୟାକ୍ସ ଅଞ୍ଚଳରେ ଚାଷୀ ୧୦ ହଜାର କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ବିକ୍ରି ପାଇଁ ଅନଲାଇନ ପଞ୍ଜୀକରଣ କରିଥିବାବେଳେ ଯୋଗାଣ ବିଭାଗ ତରଫରୁ ମାତ୍ର ୫୪୫ କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ରହିଛି। ଯାହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇ ଶେଷରେ ଆନ୍ଦୋଳନର ରୂପ ନେଇଥିଲା। ଆନ୍ଦୋଳନର ନେତୃତ୍ୱ ନୀଳାମ୍ବର ବିଶ୍ୱାଳ, ଜଳନ୍ଧର ପଧାନ, ଚୂଡାମଣି ସାହୁ, ଲୋକନାଥ ବିଶ୍ୱାଳ, ତରଣୀସେନ ସାହୁ, ଗଣେଶ ସାହୁ, ବୃନ୍ଦାବନ ବାରିକ, ତରଣୀ ବିଶ୍ୱାଳ, ରଘୁରାଜ ପଧାନ, ଫକିର ବିଶ୍ୱାଳ ପ୍ରମୁଖ ଚାଷୀ ନେଇଥିଲେ।

# ବିଦ୍ୟୁତ୍ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ

**ଲାଠୋର, ୭।୬(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମରେ ବିଦ୍ୟୁତ୍ ସମସ୍ୟାରେ ଛନ୍ଦି ହେଉଛନ୍ତି ଗ୍ରାମବାସୀ। ସମସ୍ୟାର ସମାଧାନ କରା ନ ଗଲେ ସେମାନେ ଆନ୍ଦୋଳନାତ୍ମକପନ୍ଥା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଗ୍ରାମବାସୀ ପାଟଣାଗଡ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଏବଂ ଖପ୍ରାଖୋଲ ସେକ୍ସନାଲ ଅଫିସରଙ୍କୁ ଅଭିଯୋଗ ପତ୍ର ଦେଇଥିବା ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ବର୍ତ୍ତମାନ ତାପମାତ୍ରା ୪୦ ଡିଗ୍ରୀ ରହିଥିବା ବେଳେ ଘନ ଘନ ବିଦ୍ୟୁତ କାଟ୍ ହେଉଛି। ଅନେକ ବର୍ଷରୁ ଲାଠୋରରେ ବିଦ୍ୟୁତ ସମସ୍ୟା ନେଇ ଲୋକଙ୍କ ଅଭିଯୋଗ କ୍ରମେ ଏକ ଗ୍ରୀଡ ସ୍ଥାପନ କରାଗଲା। ହେଲେ ବିଦ୍ୟୁତ ୍ କାଟ ସମସ୍ୟାର ସମାଧାନ ଆଜି ପର୍ଯ୍ୟନ୍ତ କରାଗଲା ନାହିଁ। ଦିନରାତି ଅନବରତ ବିଦ୍ୟୁତ କାଟ୍ କରାଯାଉଛି। ଫଳରେ ଲୋକ ତାତି ଏବଂ ଗୁଳୁଗୁଳିରେ ସିଝିବା ସହ ଜଳ ଯୋଗାଣ ତଥା ସରକାରୀ ବେସରକାରୀ କାର୍ଯ୍ୟାଳୟ କାମରେ ବାଧାପ୍ରାପ୍ତ ହେଉଛି। ଏଥିପ୍ରତି ବିଦ୍ୟୁତ୍ ବିଭାଗ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁନାହିଁ। ରାତି ସମୟରେ ଯଦି ବିଦ୍ୟୁତ୍ ସମସ୍ୟା ଉପୁଜେ ତାହେଲେ ସମସ୍ୟାର ସମାଧାନ ପାଇଁ ଉପଭୋକ୍ତାଙ୍କ ପାଖରେ କୌଣସି ବିକଳ୍ପ ନାହିଁ। ଏନେଇ ବିଦ୍ୟୁତ ବିଭାଗ ଏକଜ୍ୟୁକିଟିଭ ଇଞ୍ଜିନିୟର ଆଷିଶ କୁମାର ପଣ୍ଡାଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଗ୍ରୀଡ କାର୍ଯ୍ୟକ୍ଷମ ହେଲା ପରେ ଲାଠୋରରେ ବିଦ୍ୟୁତ ସମସ୍ୟାର ସମାଧାନ ହୋଇଛି। କାଳବୈଶାଖୀ ପାଇଁ ଏହି ଦୁଇ ତିନି ଦିନ ହେବ ସମସ୍ୟା ଦେଖା ଦେଇଛି। ତାପରେ ମଧ ବିଭାଗୀୟ କର୍ମଚାରୀମାନେ ବରାବର ବିଦ୍ୟୁତ ସେବା ଯୋଗାଇବାରେ ଲାଗିଛନ୍ତି। ଯଥାଶୀଘ୍ର ଏହାର ସମାଧାନ କରା ନ ଗଲେ ବାଧ ହୋଇ ଆନ୍ଦୋଳନ କରାଯିବ ବୋଲି ଜଗଜୀବନ ମେହେର, ତପିନ୍ଦ୍ର ମେହେର, ରମେଶ ମେହେର, ଗଜିନ୍ଦ୍ର ବେହେରା, ହୃଦାନନ୍ଦ ପୁଟେଲ, ସୀମାଞ୍ଚଳ ବେହେରା, ଜଗୁସିଂ ଭଲ୍ଲା, ଅନିରୁଦ୍ଧ ମେହେର ପ୍ରମୁଖ ଚେତାବନୀ ଦେଇଛନ୍ତି।

ନୂଆପଡ଼ାରେ କାଳ ବୈଶାଖୀ ତାଣ୍ଡବ

# ୨୪ ଘଣ୍ଟା ବିଜୁଳି ସେବା ବ୍ୟାହତ

## ଲୋକେ ପାଣି ପାଇଁ ଡହଳବିକଳ

**ନୂଆପଡା ଅଫିସ, ୭।୬**

ଗୁରୁବାର କାଳବୈଶାଖୀ ତାଣ୍ଡବରେ ନୂଆପଡ଼ା ଜିଲା ସଦର ମହକୁମା ସମେତ ଆଖପାଖ ଅଞ୍ଚଳର ଲୋକଙ୍କ ନିଦ ହଜାଇ ଦେଇଛି। ସହରରେ ଥିବା ବହୁ ଗଛ ଭାଙ୍ଗି ନଷ୍ଟ ହୋଇଯାଇଛି। ଅନ୍ୟପକ୍ଷେ ନୂଆପଡ଼ା ସହରରେ ବିଦ୍ୟୁତ୍ ସେବା ଠପ୍ ହୋଇଯାଇଥିବା ବେଳେ ଲୋକେ ପାଣି ପାଇଁ ଡହଳବିକଳ ହୋଇପଡିଛନ୍ତି। ଗୁରୁବାର ସନ୍ଧ୍ୟା ୬ଟାରେ କାଳବୈଶାଖୀ ମାଡି ଆସିଥିଲା। ପ୍ରବଳ ବେଗରେ ପବନ ବୋହିବା ସାଙ୍ଗକୁ ବର୍ଷା ଲାଗି ରହିଥିଲା। ଏପରି କି ବିଜୁଳି ଘଡଘଡିରେ ସହର ସ୍ତବ୍ଧ ହୋଇପଡିଥିଲା। ଦୀର୍ଘ ଘଣ୍ଟାଏ କାଳ ଏହି ତାଣ୍ଡବରେ ସହର ବହୁ ପୁରୁଣା ଗଛ ଭାଙ୍ଗି ପଡିଥିଲା । ଏପରି କି ସହରର ବହୁ ଘର ଭାଙ୍ଗି ପଡିଥିବା ବେଳେ ଲୋକେ ବେସହାରା ହୋଇପଡିଛନ୍ତି। ଗୁରୁବାର ରାତିରେ ସହରରେ କରେଣ୍ଟ ନ ଥିବା ବେଳେ ଶୁକ୍ରବାର ଦିନତମାମ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଫଳରେ ସହରରେ ଜଳଯୋଗାଣ ବନ୍ଦ ହୋଇପଡିଛି। ସ୍ଥାନୀୟ ସାରାବଙ୍ଗ-ଅମାନାରା ରାସ୍ତାରେ ଏକ ବିରାଟକାୟ ବରଗଛ ପଡି ରହିଥିବା ବେଳେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସେହିପରି ଡୁମେରପାଣି ହାଇସ୍କୁଲ କ୍ୟାମ୍ପସରେ ବହୁ ଗଛ ଭାଙ୍ଗି ପାଚେରୀ ଉପରେ ପଡିରହିଛି। ଏପରି କି ପଞ୍ଚାୟତ ପରିସରରେ ଥିବା ଏକ ବିଶାଳ ଗଛ ଭାଙ୍ଗି କ୍ୟାବିନ ଉପରେ ପଡିଛି । ଶୁକ୍ରବାର ରାତି ୧୦ଟା ସୁଦ୍ଧା ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇପାରି ନାହିଁ। ଏନେଇ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



ଡୁମେରପାଣି ପଞ୍ଚାୟତର ଗଛ କ୍ୟାବିନ ଉପରେ ପଡିରହିଛି।

**ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିଲେ ବିଧାୟକ**

# ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବି କଲେ ଜନସାଧାରଣ

**ଖପ୍ରାଖୋଲ, ୭।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ନିର୍ବାଚନ ମଣ୍ଡଳୀର ବିଧାୟକ ସରୋଜ କୁମାର ମେହେର ଶୁକ୍ରବାର ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ରୋଗୀଙ୍କ ଭଲମନ୍ଦ ପଚାରି ବୁଝିଥିଲେ। ପରେ କାର୍ଯ୍ୟରତ ଡାକ୍ତରମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ସେ ଅବଗତ ହୋଇଥିଲେ। ଗସ୍ତ ସମୟରେ ଡାକ୍ତରଖାନାର ସ୍ୱଚ୍ଛତା ଠିକ୍ ନ ଥିବାରୁ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିଲେ ମଧ୍ୟ ଆବଶ୍ୟକ ବିଶେଷଜ୍ଞ ପଦବୀ ଖାଲି ପଡିଛି। ସ୍ତ୍ରୀ ଓ ପ୍ରସୂତୀ ବିଭାଗ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ ସହ ଭେଷଜ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ପାଇଁ ଜନସାଧାରଣ ଏହି ଅବସରରେ ଦାବ କରିଥିଲେ । ବିଧାୟକଙ୍କ ଗସ୍ତ ସମୟରେ ଡାକ୍ତର ସୁମିତ କୁମାର ପଧାନ, ଫାର୍ମାଶିଷ୍ଟ ମନୋରଞ୍ଜନ ସାହୁ ଉପସ୍ଥିତ ଥିଲେ । ମହମ୍ମଦ ସଲିମ୍, ବିଶ୍ୱ ହୋତା, କଳାକାହ୍ନୁ ବାରିକ, ନରେନ୍ଦ୍ର ଭୋଇ, ପ୍ରଦୀପ ବାଗ, ମହମ୍ମଦ ଏଜାଜ, ପଞ୍ଚୁଦେବ ସାହୁ, ଗୋପାଳ ପଧାନ, ମୋହନ ସୁନା, ଗୁଲୁ ପଧାନ, ଯୁବରାଜ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ନିଆଁ ଲାଗି ଦୋକାନ ସହ ଘର ଜଳିଗଲା

**କୋକସରା ୭।୬ (ଡି.ଏନ.ଏ.)**

ବିଦ୍ୟୁତ୍‌ଶଟସର୍କିଟରୁନିଆଁଲାଗିକୋକସରା ବ୍ଲକ ଟେମରା ପଞ୍ଚାୟତ ହଂସପଡ଼ା ଗ୍ରାମର ଲାଲ ହଂସଙ୍କ କିରାନା ଦୋକାନ ସହ ଘର ପୋଡି ନଷ୍ଟ ହୋଇଯାଇଛି। ଫଳରେ ଲାଲଙ୍କ ପରିବାର ଲୋକେ ବେସାହାରା ହୋଇପଡିଛନ୍ତି। ସୂଚନାଯୋଗ୍ୟ, ଗୁରୁବାର ବିଳମ୍ବିତ ରାତିରେ ଲାଲଙ୍କ ଘରେ ଲାଗିଥିବା ଫ୍ରିଜରେ ସଟ ସର୍କିଟ ହୋଇ ନିଆଁ ଲାଗିଯାଇଥିଲା। ନିଆଁର ମାତ୍ରା ଏତେ ଜୋର ଥିଲା ଯେ, ଘରକୁ ଲାଗି ରହିଥିବା ତେଜରାତି ଦୋକାନରେ ମଧ ନିଆଁ ଲାଗି ଯାଇଥିଲା। ଫଳରେ ଦୋକାନରେ ଥିବା ସମସ୍ତ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ସୌଭାଗ୍ୟବଶତଃ ଲାଲଙ୍କ ପରିବାରର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଅନ୍ୟପକ୍ଷେ ଅଗ୍ନିଶମ ବିଭାଗର ମୋବାଇଲ ନମ୍ବର ନ ଥିବାରୁ ଗ୍ରାମର କେତେଜଣ ବ୍ୟକ୍ତି ୫ କି.ମି. ବାଇକରେ ଆସି ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଘଟଣା ସଂକ୍ରାନ୍ତରେ ଅବଗତ କରାଇଥିଲେ। ପରେ ଅଗ୍ନିଶମ କର୍ମଚାରୀ ପହଞ୍ଚିଲା ବେଳକୁ ଘର ସହ ଦୋକାନ ପୋଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଖବର ପାଇ ଶୁକ୍ରବାର ସକାଳେ କୋକସରା ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଥିଲେ। ଏନେଇ ରାଜସ୍ୱ ନୀରିକ୍ଷକଙ୍କ ପକ୍ଷରୁ ଏକ ରିପୋର୍ଟ ତହସିଲ କାର୍ଯ୍ୟାଳୟକୁ ପ୍ରଦାନ କରାଯିବ। ପରେ ସରକାରୀ ନିୟମ ଅନୁସାରେ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି ରାଜସ୍ୱ ନିରୀକ୍ଷକଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଟେମରା ସମିତିସଭ୍ୟ ରାଜେନ୍ଦ୍ର ନାଏକଙ୍କ ସହ ହଂସପଡ଼ା ଗ୍ରାମବାସୀ ଦାବି କରିଛନ୍ତି।

# ଖଡିଆଳରେ ଶିବବିହାହ ଓ ଶୀତଳଷଷ୍ଠୀ ଯାତ୍ରା

**ନୂଆପଡା ଅଫିସ/ଖଡ଼ିଆଳ,୭।୬**

ନୂଆପଡ଼ା ଜିଲା ଖଡ଼ିଆଳ ଏନ୍‌ଏସି ସ୍ଥିତ କୋଶଳେଶ୍ୱର ମନ୍ଦିର ପରିସରରେ ପବିତ୍ର ଶିବ ବିବାହ ଓ ଶୀତଳଷଷ୍ଠୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ରୀତିନୀତି ଅନୁଯାୟୀ ଅନୁଷ୍ଠିତ ଉତ୍ସବରେ ଶିବଙ୍କ ମାତାପିତା ଭାବରେ ବଲ୍ଲଭ ଦାସ ସପତ୍ନିକ ଓ କନ୍ୟାପିତା ଦିଲୀପ ତ୍ରିବେଦୀ ସପତ୍ନିକ ଦାୟିତ୍ୱ ତୁଲାଇଥିଲେ। ବୈଦିକ ରୀତିନୀତି ଓ ଲୋକାଚାରରେ ଅନୁଷ୍ଠିତ ବିବାହୋତ୍ସବରେ ଗୁଆଗୁଣ୍ଡା, ପତରପେଣ୍ଡି, ଦେବ ନିମନ୍ତ୍ରଣ, ଗଣସନ ହୋଇଥିଲା । ଏଥିରେ ପୂଜକ ଭାବରେ ବିଶ୍ୱନାଥ ମହାପାତ୍ର, ସୁଧୀର ରଥ ପ୍ରମୁଖ ବିବାହ କାର୍ଯ୍ୟ ପରିଚାଳନା କରିଥିଲେ।



ଶିବ ପାର୍ବତୀଙ୍କ ବିବାହ ଉତ୍ସବରେ ପୂଜାର୍ଚ୍ଚନା କରାଯାଉଛି।

ଏହି ଅବସରରେ ନିମନ୍ତ୍ରିତ ବହୁ ଅତିଥି ଯୋଗ ଦେଇ ଦେବ ଦମ୍ପତିଙ୍କ ଦର୍ଶନ ସହ ଆଶୀର୍ବାଦ ଭିକ୍ଷା କରିଥିଲେ । ଉତ୍ସବରେ ମନ୍ଦିର ପରିଚାଳନା ଟ୍ରଷ୍ଟର ଜୟନ୍ତ ଚଲାନ, ରାମଚନ୍ଦ୍ର ମିଶ୍ର, ଅନୁଗ୍ରହ ଶର୍ମା, କୀର୍ତ୍ତନ ବେହେରା, ମୁଖ୍ୟ ଯନ୍ତ୍ରୀ ବିଭୁତି ଭୂଷଣ ବେହେରା, ନିର୍ବାହୀ ଯନ୍ତ୍ରୀ ସୁଧୀର କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# ଯୋଗେଶ୍ୱର ବାବାଙ୍କ ବିବାହ ଉତ୍ସବ ସମ୍ପନ୍ନ

**ଦେଓଗାଁ, ୭।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ଯୋଗୀସାଗରସ୍ଥିତ ଯୋଗେଶ୍ୱର ବାବାଙ୍କ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଶୀତଳ ଷଷ୍ଠୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଦିନ ରୀତନୀତି ଅନୁସାରେ ଯୋଗେଶ୍ୱର ବାବା ଓ ପାର୍ବତୀଙ୍କ ବିବାହ ସମ୍ପନ୍ନ ହେଇଥିଲା। ବିବାହ ଉତ୍ସବ ପରେ ସନ୍ଧ୍ୟାରେ ନଗର ପରିକ୍ରମା କରାଯାଇଥିଲା। ଦେଓଗାଁ ଶୀତଳ ଷଷ୍ଠୀ ଉତ୍ସବ ପାଳନ କମିଟି ତଥା ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଉତ୍ସବରେ ସକାଳ ୮ଟାରୁ ବୈଦିକ ରୀତିନୀତିରେ ପୂଜାର୍ଚ୍ଚନା, ଦେବ ନିମନ୍ତ୍ରଣ, ଅଳଙ୍କାର ଧାରଣ, ବର ଆଗମନ, ବିବାହ ଆଦି କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ପରେ ଦେଓଗାଁ ଓ କଛାରପାଲି ଗ୍ରାମ ପରିକ୍ରମା କରି ଦେବଦମ୍ପତ୍ତିଙ୍କ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଚଳିତବର୍ଷ ବର ପିତାମାତା ବଦ୍ରିନାଥ ହୋତା ଓ ତାଙ୍କ ସ୍ତ୍ରୀ ନମିତା ହୋତା ଓ କନ୍ୟା ପିତାମାତା ଗୋବର୍ଦ୍ଧନ ଦଲାଇ ଓ ତାଙ୍କ ସ୍ତ୍ରୀ ସ୍ୱର୍ଣ୍ଣକାନ୍ତୀ ଦଲାଇ ଦାୟିତ୍ୱ ତୁଲାଇଥିଲେ । କାର୍ଯ୍ୟକ୍ରମକୁ ସଭାପତି ଘନଶ୍ୟାମ ବାରିକ, ସମ୍ପାଦକ କ୍ଷିରୋଦ୍ର ସେଠ, ଯୋଗେନ୍ଦ୍ର ସାହୁ, ବିରେନ ଜୁଏଡ, ଲଳିତ କୁମାର ସାହୁ, ଟିଙ୍କୁ ଅଗ୍ରୱାଲ ଓ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ଜରାସିଂହା ଧବଳେଶ୍ୱର ବାବାଙ୍କ ମନ୍ଦିରରେ ବାବା ଧବଳେଶ୍ୱରଙ୍କ ବିବାହ ଉତ୍ସବ ଆରମ୍ଭ ହୋଇଛି।



ଦେଓଗାଁ ଯୋଗେଶ୍ୱର ବାବାଙ୍କ ମନ୍ଦିର ପରିସରରେ ଯୋଗେଶ୍ୱର ବାବାଙ୍କ ବିବାହ ଉତ୍ସବ ଚାଲିଛି।

ବିଦ୍ୟୁତ୍, ଜଳଯୋଗାଣ ସମୀକ୍ଷା

# ଜଳ ଯୋଗାଣ ନିଶ୍ଚିତ କରିବାକୁ ନିର୍ଦ୍ଦେଶ

**ଟିଟିଲାଗଡ଼, ୭।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡବାସୀ ଏବେ ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏଥିସହିତ ଘନଘନ ବିଦ୍ୟୁତ୍ କାଟ୍ ଜନଜୀବନକୁ ପ୍ରଭାବିତ କରୁଛି। ଶୁକ୍ରବାର ସ୍ଥାନୀୟ ପୌର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ବୈଠକରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ ବିଭାଗୀୟ ଅଧିକାରୀଙ୍କ ସହ ଏହି ଦୁଇ ମୁଖ୍ୟ ପ୍ରସଙ୍ଗକୁ ନେଇ ସମୀକ୍ଷା କରିଛନ୍ତି। ବୈଠକରେ ବଲାଙ୍ଗୀର ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ପି.ଏମ. ପରିଡା, ଟିଟିଲାଗଡ ସହକାରୀ ନିର୍ବାହୀ ଯନ୍ତ୍ରୀ ଜଗତାନନ୍ଦ ଜଗତ, ସହକାରୀ ଯନ୍ତ୍ରୀ ମିହିର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଟିଟିଲାଗଡ ସହରରେ ସ୍ୱଚ୍ଛ ଓ ନିରନ୍ତର ଜଳଯୋଗାଣ ପାଇଁ ତିନିବର୍ଷ ତଳେ ରାଜ୍ୟ ସରକାର ଜନସ୍ୱାସ୍ଥ୍ୟ ବିଭାଗକୁ ପ୍ରାୟ ୪କୋଟି ଟଙ୍କା ପ୍ରଦାନ କରିଥିଲେ। ହେଲେ ସ୍ଥିତିରେ କୌଣସି ପରିବର୍ତ୍ତନ ହୋଇନାହିଁ। ସହରର ସର୍ଗିଗୁଡା ଏବଂ ନୀଳଚକ୍ର ନଗରରେ ୫ଲକ୍ଷ ବିଶିଷ୍ଟ ଦୁଇଟି ଭୂତଳ ଟ୍ୟାଙ୍କ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ। ଅପରପକ୍ଷରେ ଯେଉଁଠାରେ ବ୍ୟବସ୍ଥା ଅଛି ସେଠାରେ ନିୟମିତ ପାଇପ ଜଳଯୋଗାଣ ହେଉନାହିଁ। ଲୋକେ ଏ ନେଇ ପ୍ରଶ୍ନ କଲେ ଲାଇନ ନ ଥିବା ଏବଂ ଜେନେରେଟର ସେଟ ଚଳାଇବାକୁ ଆବଶ୍ୟକ ଡିଜେଲ ନଥିବା ବିଭାଗୀୟ ଯନ୍ତ୍ରୀ କହୁଥିବା ବୈଠକରେ ଉପସ୍ଥିତ କାଉନସିଲର ଅଭିଯୋଗ କରିଥିଲେ। ମନ୍ତ୍ରୀ ସାହୁ ଅବିଳମ୍ବେ ଆବଶ୍ୟକ ପଦକ୍ଷେପ ନେଇ ପ୍ରତ୍ୟେକ ଦିନ ସହରକୁ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଘୋଷିତ ବିଦ୍ୟୁତ କାଟ୍ ନେଇ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଏସ. ପଣ୍ଡା କାଳବୈଶାଖୀକୁ ଦାୟି କରିଥିଲେ। ବିଦ୍ୟୁତ୍ କାଟ ହେଲେ ଏସଡିଓ, ଜେଇ ଫୋନ ଉଠାଉ ନ ଥିବା ଅଭିଯୋଗ ନେଇ ଖୁବ୍‌ଶୀଘ୍ର ହେଲ୍ପ ଲାଇନ ନମ୍ବର ଜାରି କରାଯିବ ବୋଲି ସେ ଘୋଷଣା କରିଥିଲେ। ସୌଭାଗ୍ୟ ଯୋଜନାରେ ଗରିବ ପରିବାରଙ୍କୁ ବିଦ୍ୟୁତ ସଂଯୋଗରେ ବିଳମ୍ବ ସମ୍ବନ୍ଧରେ ମନ୍ତ୍ରୀ ପ୍ରଶ୍ନ କରିଥିଲେ। ତେବେ ଫନି ବାତ୍ୟା ପାଇଁ କର୍ମଚାରୀ ପୁରୀରେ ନିୟୋଜିତ ଥିବାରୁ କାମରେ ଅଗ୍ରଗତି ମନ୍ଥର ଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ପୌରାଞ୍ଚଳରେ ନିର୍ମାଣ ହେବାକୁ ଥିବା ବସ୍‌ଷ୍ଟାଣ୍ଡ, ପାର୍କ, ଟାଉନ ହଲ, ରାତ୍ରୀକାଳୀନ ଆଶ୍ରୟସ୍ଥଳ ପାଇଁ ସ୍ଥାନ ନିରୂପଣ କରିବାକୁ ମନ୍ତ୍ରୀ ସାହୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ୨୪୫୪ ବସ୍ତିବାସିନ୍ଦାଙ୍କୁ ପଟ୍ଟା ବଣ୍ଟନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନୁଆମୁଣ୍ଡା ଜଳାଶୟ ପୁନରୁଦ୍ଧାର ପାଇଁ ଆବଶ୍ୟକ ବେଆଇନ ଜବରଦଖଲ ଉଚ୍ଛେଦ ପାଇଁ ପୌର ପରିଷଦ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ତଥା ୩୦୦ଟି ପୋଷ୍ଟ ଜରିଆରେ ସହରର ଆବର୍ଜନା ସଂଗ୍ରହ କରିବା ଲକ୍ଷ୍ୟ ଧାର୍ଯ୍ୟ ରହିଥିବା ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା ଅବଗତ କରିଥିଲେ। ବୈଠକରେ ଉପଜିଲାପାଳ ସୁଧାକର ନାୟକ, ପୌରାଧକ୍ଷ ଗୋବର୍ଦ୍ଧନ ନାଗ, ତହସିଲଦାର ସ୍ୱଦିପ ଟପୋ, ନାଗରିକ କମିଟି ସଭାପତି ବରିଷ୍ଠ ଆଇନଜୀବୀ ରାଧାକାନ୍ତ ପାଢୀ, ଶ୍ୟାମାପ୍ରସାଦ ଗରିଆ, ବ୍ୟବସାୟୀ ସଂଘ ସଭାପତି ତ୍ରିନାଥ ସରାଫ, ଅରୁଣ ମିଶ୍ର, ଚନ୍ଦ୍ରବଦନ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ତ୍ରୀ ଟୁକୁନୀ ସାହୁ ପୌର କନଫରେନ୍ସ ହଲରେ ବିଦ୍ୟୁତ୍ ଓ ଜଳଯୋଗଣ ସମ୍ପର୍କରେ ଅଧିକାରୀଙ୍କ ସହ ସମୀକ୍ଷା କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୮ ଜୁନ୍, ୨୦୧୯



ଯେଉଁମାନେ ଗୁଡ଼ାଏ କଥା କୁହନ୍ତି, ସେମାନେ ଖୁବ୍ କମ୍ ଚିନ୍ତା କରନ୍ତି।
- ଜନ୍ ଡ୍ରାଇଡେନ୍



## ସଂକ୍ଷେପରେ

### ଟ୍ରେନ୍‌ରୁ ଖସି ପଡ଼ି ବୃଦ୍ଧା ଗୁରୁତର

**ଲାଠୋର, ୭।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ରୋଡ ରେଳ ଷ୍ଟେଶନରେ ଶୁକ୍ରବାର ସକାଳେ ଟ୍ରେନରୁ ଖସିପଡି ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ବୃଦ୍ଧା ଜଣକ ହେଲେ ସଂଯୁକ୍ତ ପଣ୍ଡା (୫୨)। ସେ ବ୍ରହ୍ମପୁରରୁ ଲାଠୋରସ୍ଥିତ ନିଜ ଭାଇଁଙ୍କ ଘରକୁ ପୁରୀ ଦୁର୍ଗ ଇଣ୍ଟରସିଟି ଏକ୍ସପ୍ରେସରେ ଆସୁଥିଲେ। ହରିଶଙ୍କର ରୋଡ ରେଳଷ୍ଟେଶନରେ ଟ୍ରେନଟି ରହିଥିଲେ ମଧ୍ୟ ସେ ଜାଣି ପାରି ନ ଥିଲେ। ଟ୍ରେନ ଛାଡିଲା ପରେ ଜାଣିପାରି ସେ ଓହ୍ଲାଉଥିବା ବେଳେ ଖସି ପଡିଥିଲେ। ତାଙ୍କୁ ନୂଆପଡା ହସପିଟାଲରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁରକୁ ଚିକିତ୍ସା ପାଇଁ ତାଙ୍କ ଭାଇଁ ନେଇଯାଇଥିବା ଜଣାପଡିଛି।

### ପରିବେଶ ସଚେତନତା ସଭା

**ଟିକ୍ରାପଡା, ୭।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଜୁରାବନ୍ଧ ପଞ୍ଚାୟତ ଅଧିନ ଖର୍ସେଲବାଞ୍ଜି ଗ୍ରାମରେ ଆଦର୍ଶ ଯୁବକ ସଂଘ ଆନୁକୂଲ୍ୟରେ ପରିବେଶ ସଚେତନତା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ଜୟରାମ ମାଝୀ ସଭାରେ ଅଧକ୍ଷତା କରିଥିଲେ । ସମ୍ପାଦକ ହରିଶ୍ଚନ୍ଦ୍ର ବାଗ ସଭା ସଂଯୋଜନା କରିଥିଲେ । ସମିତି ସଭ୍ୟ ଗଙ୍ଗାଧର ବାରିକ, ମୁକେଶ ଠାକୁର ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସତ୍ୟ ନାରାୟଣ ମହାକୁର, ନିମାନନ୍ଦ ଖମାରୀ, କୃଷ୍ଣଚନ୍ଦ୍ର ମାଝି, ବୁଲୁ ମିର୍ଦ୍ଧା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଗଛ ବଞ୍ଚିଲେ ଆମେ ବଞ୍ଚିବା, ତେଣୁ ବର୍ତ୍ତମାନ ପରିସ୍ଥିତିରେ ପ୍ରତେକ ବ୍ୟକ୍ତି ଗଛ ଲଗାଇବା ପାଇଁ ସଂକଳ୍ପବାନ ହେବା ଆବଶ୍ୟକ ବୋଲି ବକ୍ତାମାନେ ମତପୋଷଣ କରିଥିଲେ। ସଭା ପୂର୍ବରୁ ସଦସ୍ୟମାନେ ପରିବେଶ ରକ୍ଷା ସମ୍ବନ୍ଧୀୟ ସ୍ଲୋଗାନ ଥିବା ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ । ରବିନାରାୟଣ ମହାକୁର ଅତିଥି ପରିଚୟ ଓ ରନ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ ।

### ତୁଷ୍ଟାପାଲିରେ ଶିବ ବିବାହ ଅନୁଷ୍ଠିତ

**ଟିକ୍ରାପଡା, ୭।୬(ଡି.ଏନ.ଏ.):** ସଇଁତଲା ବ୍ଲକ କରମତଲା ପଞ୍ଚାୟତ ଅଧିନ ତୁଷ୍ଟାପାଲି ଗ୍ରାମସ୍ଥିତ ଧୁବଲେଶ୍ୱର ଶୈବ ପୀଠରେ ଶିବ ବିବାହ ସମାରୋହରେ ଶୁକ୍ରବାର ସମ୍ପନ୍ନ ହୋଇଯାଇଛି । ବିଷ୍ଣୁପ୍ରିୟା ବୁଡେକ, ଖଗେଶ୍ୱର ବୁଡେକ ଏଥିରେ କର୍ତ୍ତା ରହିଥିଲେ। ମନ୍ଦିରରେ ଗଙ୍ଗାଧର ପୂଜାରୀ, ତ୍ରିଗର୍ତ୍ତ ପୂଜାରୀ ପୂଜା କାର୍ଯ୍ୟ ତୁଲାଇଥିଲେ । ସୁରେଶ ପୁରୋହିତ ଶିବ ଓ ପାର୍ବତୀଙ୍କ ପ୍ରତିମାଙ୍କ ବିବାହ ସମ୍ପନ୍ନ କରାଇଥିଲେ । ସଂକୀର୍ତ୍ତନ୍ୟ, ଶଙ୍ଖ, ଘଣ୍ଟବାଦ୍ୟ ଓ ହୁଳହୁଳିରେ ବିବାହସ୍ଥଳୀରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ସମିତି ସଭ୍ୟ ସୁବାଷଚନ୍ଦ୍ର ବୁଡେକ, ତନ୍ତ୍ର ବୁଡେକ, ଗୁର ବୁଡେକ, ମୋତିରାମ ବୁଡେକ, ଗୋପୀନାଥ ଦେଓ, ଯୁଗଳ ଦେଓ, ଗୌତମ ବୁଡେକ, ଭିକାରୀ ବୁଡେକ, ରାମଚନ୍ଦ୍ର ଦେଓ ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗ୍ରମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

■ ଧାନକିଣା ଟାର୍ଗେଟ କମ୍ ଥିବା ଅଭିଯୋଗ

# ଧାନ ରଖି ଚାଷୀଙ୍କ ରାସ୍ତାରୋକୋ

**ଖପ୍ରାଖୋଲ, ୭।୬ (ଡି.ଏନ.ଏ.)**



ଆନ୍ଦୋଳରତ ଚାଷୀଙ୍କ ସହ ବିଧାୟକ ସରୋଜ ମେହେର।

**ଖପ୍ରାଖୋଲ ପ୍ୟାକ୍ସ**
■ ବିଧାୟକଙ୍କ ପ୍ରତିଶ୍ରୁତି ପରେ ହଟିଲା ଆନ୍ଦୋଳନ

ବଲାଙ୍ଗୀର ଜିଲା ଖପ୍ରାଖୋଲ ପ୍ୟାକ୍ସରେ ଚଳିତ ରବିଋତୁରେ ଧାନ କିଣିବାକୁ କମ୍ ଟାର୍ଗେଟ ଥିବା ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶୁକ୍ରବାର ପ୍ୟାକ୍ସର ଅସ୍ଥାୟୀ ମଣ୍ଡି ବଡଗୁର୍ଜିଭଟାଠାରେ ଧାନ ରଖି ସେମାନେ ରାସ୍ତା ଅବରୋଧ କରି ଧାରଣା ଦେଇଥିଲେ । ଫଳରେ ଖପ୍ରାଖୋଲ-ଲାଠୋର ମୁଖ୍ୟ ରାସ୍ତାରେ ଦୀର୍ଘ ସମୟ ଧରି ଯାତାୟାତ ବନ୍ଦ ରହିଥିଲା। ଶହଶହ ଗାଡି ମୋଟର ରାସ୍ତାର ଦୁଇପାର୍ଶ୍ୱରେ ଅଟକି ରହିଥିଲା। ଖପ୍ରାଖୋଲ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି, ଅତିରିକ୍ତ ତହସିଲଦାର ଜୟନ୍ତ କୁମାର ସାହୁ, ଯୋଗାଣ ନିରୀକ୍ଷକ ରାଜରାମ ହୋତା, ପ୍ୟାକ୍ସ ସଭାପତି ନରେନ୍ଦ୍ର ଭୋଇ, ସମ୍ପାଦକ ଶ୍ରୀପତୀ ଭୋଇ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିଥିଲେ। ସମସ୍ୟାର ସମାଧାନ ନ ହେବା ଯାଏ ଆନ୍ଦୋନ ଜାରି ରହିବ ବୋଲି ଆନ୍ଦୋଳନରତ ଚାଷୀମାନେ ଅଡି ବସିଥିଲେ। ଖବର ପାଇ ପାଟଣାଗଡ ନବନିର୍ବାଚିତ ବିଧାୟକ ସରୋଜ ମେହେର ଧାରଣାସ୍ଥଳରେ ପହଞ୍ଚିଥିଲେ। ସମସ୍ୟା ଶୁଣିଲା ପରେ ଆଗାମୀ ୧୨ ତାରିଖ ମଧ୍ୟରେ ଉତ୍ପାଦିତ ଧାନ ବିକ୍ରି ପାଇଁ ବ୍ୟବସ୍ଥା କରିବାର ନିର୍ଭର ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ପ୍ରାୟ ୧ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ସୂଚନାଯୋଗ୍ୟ ଯେ, ଖପ୍ରାଖୋଲ ପ୍ୟାକ୍ସ ଅଞ୍ଚଳରେ ଚାଷୀ ୧୦ ହଜାର କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଧାନ ବିକ୍ରି ପାଇଁ ଅନଲାଇନ ପଞ୍ଜୀକରଣ କରିଥିବାବେଳେ ଯୋଗାଣ ବିଭାଗ ତରଫରୁ ମାତ୍ର ୫୪୫ କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ରହିଛି। ଯାହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇ ଶେଷରେ ଆନ୍ଦୋଳନର ରୂପ ନେଇଥିଲା। ଆନ୍ଦୋଳନର ନେତୃତ୍ୱ ନୀଳାମ୍ବର ବିଶ୍ୱାଳ, ଜଳନ୍ଧର ପଧାନ, ଚୂଡାମଣି ସାହୁ, ଲୋକନାଥ ବିଶ୍ୱାଳ, ତରଣୀସେନ ସାହୁ, ଗଣେଶ ସାହୁ, ବୃନ୍ଦାବନ ବାରିକ, ତରଣୀ ବିଶ୍ୱାଳ, ରଘୁରାଜ ପଧାନ, ଫକିର ବିଶ୍ୱାଳ ପ୍ରମୁଖ ଚାଷୀ ନେଇଥିଲେ।

## ବିଦ୍ୟୁତ୍ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ

**ଲାଠୋର, ୭।୬(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମରେ ବିଦ୍ୟୁତ୍ ସମସ୍ୟାରେ ଛନ୍ଦି ହେଉଛନ୍ତି ଗ୍ରାମବାସୀ। ସମସ୍ୟାର ସମାଧାନ କରା ନ ଗଲେ ସେମାନେ ଆନ୍ଦୋଳନାତ୍ମକପନ୍ଥା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଗ୍ରାମବାସୀ ପାଟଣାଗଡ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଏବଂ ଖପ୍ରାଖୋଲ ସେକ୍ସନାଲ ଅଫିସରଙ୍କୁ ଅଭିଯୋଗ ପତ୍ର ଦେଇଥିବା ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ବର୍ତ୍ତମାନ ତାପମାତ୍ରା ୪୦ ଡିଗ୍ରୀ ରହିଥିବା ବେଳେ ଘନ ଘନ ବିଦ୍ୟୁତ କାଟ୍ ହେଉଛି। ଅନେକ ବର୍ଷରୁ ଲାଠୋରରେ ବିଦ୍ୟୁତ ସମସ୍ୟା ନେଇ ଲୋକଙ୍କ ଅଭିଯୋଗ କ୍ରମେ ଏକ ଗ୍ରୀଡ ସ୍ଥାପନ କରାଗଲା। ହେଲେ ବିଦ୍ୟୁତ କାଟ ସମସ୍ୟାର ସମାଧାନ ଆଜି ପର୍ଯ୍ୟନ୍ତ କରାଗଲା ନାହିଁ। ଦିନରାତି ଅନବରତ ବିଦ୍ୟୁତ କାଟ୍ କରାଯାଉଛି। ଫଳରେ ଲୋକ ତାତି ଏବଂ ଗୁଳୁଗୁଳିରେ ସିଝିବା ସହ ଜଳ ଯୋଗାଣ ତଥା ସରକାରୀ ବେସରକାରୀ କାର୍ଯ୍ୟାଳୟ କାମରେ ବାଧାପ୍ରାପ୍ତ ହେଉଛି। ଏଥିପ୍ରତି ବିଦ୍ୟୁତ୍ ବିଭାଗ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁନାହିଁ। ରାତି ସମୟରେ ଯଦି ବିଦ୍ୟୁତ୍ ସମସ୍ୟା ଉପୁଜେ ତାହେଲେ ସମସ୍ୟାର ସମାଧାନ ପାଇଁ ଉପଭୋକ୍ତାଙ୍କ ପାଖରେ କୌଣସି ବିକଳ୍ପ ନାହିଁ। ଏନେଇ ବିଦ୍ୟୁତ ବିଭାଗ ଏକଜ୍ୟୁକିଟିଭ ଇଞ୍ଜିନିୟର ଆଶିଷ କୁମାର ପଣ୍ଡାଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଗ୍ରୀଡ କାର୍ଯ୍ୟକ୍ଷମ ହେଲା ପରେ ଲାଠୋରରେ ବିଦ୍ୟୁତ ସମସ୍ୟାର ସମାଧାନ ହୋଇଛି। କାଳବୈଶାଖୀ ପାଇଁ ଏହି ଦୁଇ ତିନି ଦିନ ହେବ ସମସ୍ୟା ଦେଖା ଦେଇଛି। ତାପରେ ମଧ୍ୟ ବିଭାଗୀୟ କର୍ମଚାରୀମାନେ ବରାବର ବିଦ୍ୟୁତ ସେବା ଯୋଗାଇବାରେ ଲାଗିଛନ୍ତି। ଯଥାଶୀଘ୍ର ଏହାର ସମାଧାନ କରା ନ ଗଲେ ବାଧ ହୋଇ ଆନ୍ଦୋଳନ କରାଯିବ ବୋଲି ଜଗଜୀବନ ମେହେର, ତପିନ୍ଦ୍ର ମେହେର, ରମେଶ ମେହେର, ଗଜିନ୍ଦ୍ର ବେହେରା, ହୃଦାନନ୍ଦ ପୁଟେଲ, ସୀମାଞ୍ଚଳ ବେହେରା, ଜଗୁସିଂ ଭଲ୍ଲା, ଅନିରୁଦ୍ଧ ମେହେର ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଆମ୍ବ ମହୋତ୍ସବ ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ, ୭।୬**

ଜିଲା ପ୍ରଶାସନ, ଓରମାସ୍, ଓଡିଶା ଜୀବିକା ମିଶନ୍ ଏବଂ ଉଦ୍ୟାନ ବିଭାଗ ମିଳିତ ଆନୁକୂଲ୍ୟରେ ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ ଜିଲାସ୍ତରୀୟ ଆମ୍ବ ମହୋତ୍ସବ ଓ ପ୍ରଦର୍ଶନୀ ଶୁକ୍ରବାରଠାରୁ ଆରମ୍ଭ ହୋଇଛି । ଏହାକୁ ଆନୁଷ୍ଠାନିକ ଭାବେ ଜିଲାପାଳ ଅରିନ୍ଦମ ଡାକୁଆ ଉଦ୍‌ଘାଟନ କରିଛନ୍ତି । ଏହି ଆମ୍ବ ମହୋତ୍ସବ ପ୍ରଦର୍ଶନୀରେ ୧୫ଟି ଷ୍ଟଲ ଲାଗିଛି। ଏଥିରେ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ଚାଷୀମାନେ ସେମାନଙ୍କ ବିଭିନ୍ନ ଉନ୍ନତ କିସମର ଆମ୍ବ ପ୍ରଦର୍ଶନ କରିଛନ୍ତି । ଏହି ଷ୍ଟଲ ସବୁକୁ ଜିଲାପାଳ ଡାକୁଆ ବୁଲି ଦେଖିବା ସହ ଏହାଦ୍ୱାରା ଜିଲାର ଆମ୍ବ ଚାଷୀମାନେ ଲାଭବାନ୍ ହେବେ ଓ ଗ୍ରାହକମାନେ ମଧ୍ୟ ସୁସ୍ୱାଦୁ ଆମ୍ବର ମଜା ଉଠାଇବେ ବୋଲି କହିଥିଲେ । ଏହି ମହୋତ୍ସବରେ ବଲାଙ୍ଗୀର ଉପଖଣ୍ଡର ୧୬ ଜଣ, ପାଟଣାଗଡ ଉପଖଣ୍ଡର ୧୬ ଓ ଟିଟିଲାଗଡ ଉପଖଣ୍ଡର ୮ ଜଣ ଚାଷୀ ତାଙ୍କ ଉତ୍ପାଦିତ ଆମ୍ରପାଲୀ, ଦସେରୀ, ଲେଙ୍ଗଡା, ଆଲଫାନ୍‌ସେ, ବମ୍ବେଗ୍ରୀନ୍, ଗୁଆଭା ଭଳି ୩୦ରୁ ଉର୍ଦ୍ଧ୍ୱ କିସମର ଆମ୍ବ ପ୍ରଦର୍ଶନୀ ଲଗାଇ ବିକ୍ରି କରୁଛନ୍ତି। ସ୍ୱୟ ସହାୟକ ଗୋଷ୍ଠମାନେ ମଧ୍ୟ ଆମ୍ବ ପ୍ରଦର୍ଶନ କରିଛନ୍ତି । ଏହି ପ୍ରଦର୍ଶନୀରେ ଡିଆରଡିଏ ପିଡି ଡ. ମହେଶ୍ୱର ସ୍ୱାଇଁ, ଓରମାସ୍ ସିଇଓ କମଳେନ୍ଦୁ ପଲ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଏହି ମହୋତ୍ସବ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ ।



ବଲାଙ୍ଗୀର ଜିଲାପାଳ ଆମ୍ବ ମହୋତ୍ସବ ଉଦ୍‌ଘାଟନ ପରେ ଷ୍ଟଲ ବୁଲି ଦେଖୁଛନ୍ତି ।

**ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିଲେ ବିଧାୟକ**

## ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବି କଲେ ଜନସାଧାରଣ

**ଖପ୍ରାଖୋଲ, ୭।୬(ଡି.ଏନ.ଏ.)**

ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ଶୁକ୍ରବାର ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ରୋଗୀଙ୍କ ଭଲମନ୍ଦ ପଚାରି ବୁଝିଥିଲେ। ପରେ କାର୍ଯ୍ୟରତ ଡାକ୍ତରଙ୍କଙ୍ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ଗସ୍ତ ସମୟରେ ଡାକ୍ତରଖାନାର ସ୍ୱଚ୍ଛତା ଠିକ୍ ନ ଥିବାରୁ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିଲେ ମଧ୍ୟ ଆବଶ୍ୟକ ବିଶେଷଜ୍ଞ ପଦବୀ ଖାଲି ପଡିଛି। ସ୍ତ୍ରୀ ଓ ପ୍ରସୂତୀ ବିଭାଗ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ ସହ ଭେଷଜ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ପାଇଁ ଜନସାଧାରଣ ଦାବି କରିଥିଲେ । ବିଧାୟକଙ୍କ ଗସ୍ତ ସମୟରେ ଡାକ୍ତର ସୁମିତ କୁମାର ପଧାନ, ଫାର୍ମାଶିଷ୍ଟ ମନୋରଞ୍ଜନ ସାହୁ ଉପସ୍ଥିତ ଥିଲେ । ମହମ୍ମଦ ସଲିମ୍, ବିଶ୍ୱ ହୋତା, କଲାକାହ୍ନୁ ବାରିକ, ନରେନ୍ଦ୍ର ଭୋଇ, ପ୍ରଦୀପ ବାଗ, ମହମ୍ମଦ ଏଜାଜ, ପଞ୍ଚୁଦେବ ସାହୁ, ଗୋପାଳ ପଧାନ, ମୋହନ ସୁନା, ଗୁଲୁ ପଧାନ, ଯୁବରାଜ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ ଅଫିସ ଘେରିଲା କଂଗ୍ରେସ

**ମୁରିବାହାଲ, ୭।୬(ଡି.ଏନ.ଏ.)**

ମୁରିବାହାଲ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାରେ ଅନିୟମିତତା ହେଉଛି। ପଞ୍ଚାୟତ ସମିତି ଅଧକ୍ଷ ମନୋମୁଖୀ କାର୍ଯ୍ୟ କରୁଛନ୍ତି। ଏହିଭଳି ଅଭିଯୋଗ ଆଣି ଶୁକ୍ରବାର ବ୍ଲକ କଂଗ୍ରେସ ପକ୍ଷରୁ ପଞ୍ଚାୟତ ସମିତି ଅଫିସ ଘୋରାଉ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ବିଡିଓଙ୍କ ଅନୁପସ୍ଥିତିରେ ମୁଖ୍ୟକିରାଣୀ ବିରେନ୍ଦ୍ର ରାଏ ଦାବିପତ୍ର ଗ୍ରହଣ କରିଥିଲେ।

କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ନେତୃତ୍ୱରେ କରାଯାଇଥିବା ବିକ୍ଷୋଭ ସମାବେଶ ପରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରମୁଖ ଦାବିଗୁଡିକ ମଧ୍ୟରେ ବ୍ଲକକୁ ୨୦୧୪ରୁ ଆସିଥିବା ବିଜୁ ପକ୍କାଘର, ଇନ୍ଦିରା ଆବାସ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାଗୁଡିକକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଦ୍ୱାରା ଚୟନ ଓ ସ୍ୱୀକୃତି ପାଇଥିବା ପ୍ରକୃତ ହିତାଧିକାରୀଙ୍କୁ ପ୍ରଦାନ କରା ନ ଯାଇ ଅର୍ଥ କାରବାର କରି ବଣ୍ଟନ କରାଯାଉଛି। ଏମଜିଏନଆରଇଜିଏସ କାମ ଶ୍ରମିକ ପରିବର୍ତ୍ତେ ମେଶିନ ମାଧମରେ କରାଯାଉଛି। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । କାର୍ଯ୍ୟକ୍ରମରେ ସଭାପତି ପ୍ରଫୁଲ୍ଲ ବଘାର, ବେଲାରସେନ ବେହେରା, ବିରାଜ ପଟେଲ, ସମିତି ସଭ୍ୟ ଅନୀଲ କୁମାର ଜୈନ, ଜିତେନ ହାତୀ, ଉମେଶ ସିଂ ବର୍ମା, ଘାସିରାମ ଅଗ୍ରୱାଲ, ବଙ୍ଗୋମୁଣ୍ଡା ବ୍ଲକ ଅଧକ୍ଷଙ୍କ ପ୍ରତିନିଧି ଭୋଲା ବେହେରା, ଦେବ ଷଡଙ୍ଗୀ ପ୍ରମୁଖ ଯୋଗଦେଇଥିଲେ ।




ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଆଇନଶୃଙ୍ଖଳା ପରିସ୍ଥିତି ନେଇ ଦାବିପତ୍ର

**ମୁରିବାହାଲ, ୭।୬ (ଡି.ଏନ.ଏ)**

ମୁରିବାହାଲ ଥାନା ଅଞ୍ଚଳରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତକୁ ନେଇ ମୁରିବାହାଲ ବ୍ଲକ କଂଗ୍ରେସ ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଏକ ରାଲିରେ ମୁରିବାହାଲ ଥାନା ସମ୍ମୁଖକୁ ଆସି ବିକ୍ଷୋଭ ସଭା କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ସମ୍ବଳିତ ଦାବିପତ୍ର କଣ୍ଟାବାଞ୍ଜି ଏସଡିପିଓ ସରୋଜ କୁମାର ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ କାହ୍ନୁଚରଣ ବହିଦାର, ବେଲାରସେନ ବେହେରା, ପ୍ରଫୁଲ୍ଲ ବଘାର, ବେଣୁଧର ପଶାୟତ, ବିରାଜ ପୁଟେଲ, ଜଦୁ ତାଣ୍ଡି, ତେଜରାଜ ଲୁହା, ଚୁନାମଣି ମହାନନ୍ଦ, ଚିତ୍ରସେନ ସାହୁ, ଉପେନ୍ଦ୍ର ରଣା ପ୍ରମୁଖ ଯୋଗଦେଇଥିଲେ ।

## ଯୋଗେଶ୍ୱର ବାବାଙ୍କ ବିବାହ ଉତ୍ସବ ସମ୍ପନ୍ନ

**ଦେଓଗାଁ, ୭।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ଯୋଗୀସାଗରସ୍ଥିତ ଯୋଗେଶ୍ୱର ବାବାଙ୍କ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଶୀତଳ ଷଷ୍ଠୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଦିନ ରୀତନୀତି ଅନୁସାରେ ଯୋଗେଶ୍ୱର ବାବା ଓ ପାର୍ବତୀଙ୍କ ବିବାହ ସମ୍ପନ୍ନ ହେଇଥିଲା। ବିବାହ ଉତ୍ସବ ପରେ ସନ୍ଧ୍ୟାରେ ନଗର ପରିକ୍ରମା କରାଯାଇଥିଲା। ଦେଓଗାଁ ଶୀତଳ ଷଷ୍ଠୀ ଉତ୍ସବ ପାଳନ କମିଟି ତଥା ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଉତ୍ସବରେ ସକାଳ ୮ଟାରୁ ବୈଦିକ ରୀତିନୀତିରେ ପୂଜାର୍ଚ୍ଚନା, ଦେବ ନିମନ୍ତ୍ରଣ, ଅଳଙ୍କାର ଧାରଣ, ବର ଆଗମନ, ବିବାହ ଆଦି କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ପରେ ଦେଓଗାଁ ଓ କଛାରପାଲି ଗ୍ରାମ ପରିକ୍ରମା କରି ଦେବଦମ୍ପତ୍ତିଙ୍କ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଚଳିତବର୍ଷ ବର ପିତାମାତା ବଦ୍ରିନାଥ ହୋତା ଓ ତାଙ୍କ ସ୍ତ୍ରୀ ନମିତା ହୋତା ଓ କନ୍ୟା ପିତାମାତା ଗୋବର୍ଦ୍ଧନ ଦଲାଇ ଓ ତାଙ୍କ ସ୍ତ୍ରୀ ସ୍ୱର୍ଣ୍ଣକାନ୍ତୀ ଦଲାଇ ଦାୟିତ୍ୱ ତୁଲାଇଥିଲେ । କାର୍ଯ୍ୟକ୍ରମକୁ ସଭାପତି ଘନଶ୍ୟାମ ବାରିକ, ସମ୍ପାଦକ କ୍ଷିରୋଦ୍ର ସେଠ, ଯୋଗେନ୍ଦ୍ର ସାହୁ, ବିରେନ କୁଏଡ, ଲଳିତ କୁମାର ସାହୁ, ଟିଙ୍କୁ ଅଗ୍ରୱାଲ ଓ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ଜରାସିଂହା ଧବଳେଶ୍ୱର ବାବାଙ୍କ ମନ୍ଦିରରେ ବାବା ଧବଳେଶ୍ୱରଙ୍କ ବିବାହ ଉତ୍ସବ ଆରମ୍ଭ ହୋଇଛି।



ଦେଓଗାଁ ଯୋଗେଶ୍ୱର ବାବାଙ୍କ ମନ୍ଦିର ପରିସରରେ ଯୋଗେଶ୍ୱର ବାବାଙ୍କ ବିବାହ ଉତ୍ସବ ଚାଲିଛି।

■ ବିଦ୍ୟୁତ୍, ଜଳଯୋଗାଣ ସମୀକ୍ଷା

# ଜଳ ଯୋଗାଣ ନିଶ୍ଚିତ କରିବାକୁ ନିର୍ଦ୍ଦେଶ

**ଟିଟିଲାଗଡ଼, ୭।୬(ଡି.ଏନ.ଏ.)**



ମନ୍ତ୍ରୀ ଟୁକୁନୀ ସାହୁ ପୌର କନଫରେନ୍ସ ହଲରେ ବିଦ୍ୟୁତ୍ ଓ ଜଳଯୋଗଣ ସମ୍ପର୍କରେ ଅଧିକାରୀଙ୍କ ସହ ସମୀକ୍ଷା କରୁଛନ୍ତି।

ବଲାଙ୍ଗୀର ଜିଲା ଟିଟିଲାଗଡବାସୀ ଏବେ ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏଥିସହିତ ଘନଘନ ବିଦ୍ୟୁତ୍ କାଟ୍ ଜନଜୀବନକୁ ପ୍ରଭାବିତ କରୁଛି। ଶୁକ୍ରବାର ସ୍ଥାନୀୟ ପୌର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ବୈଠକରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ ବିଭାଗୀୟ ଅଧିକାରୀଙ୍କ ସହ ଏହି ଦୁଇ ମୁଖ୍ୟ ପ୍ରସଙ୍ଗକୁ ନେଇ ସମୀକ୍ଷା କରିଛନ୍ତି। ବୈଠକରେ ବଲାଙ୍ଗୀର ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ପି.ଏମ. ପରିଡା, ଟିଟିଲାଗଡ ସହକାରୀ ନିର୍ବାହୀ ଯନ୍ତ୍ରୀ ଜଗଦାନନ୍ଦ ଜଗତ, ସହକାରୀ ଯନ୍ତ୍ରୀ ମିହିର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଟିଟିଲାଗଡ ସହରରେ ସ୍ୱଚ୍ଛ ଓ ନିରନ୍ତର ଜଳଯୋଗାଣ ପାଇଁ ତିନିବର୍ଷ ତଳେ ରାଜ୍ୟ ସରକାର ଜନସ୍ୱାସ୍ଥ୍ୟ ବିଭାଗକୁ ପ୍ରାୟ ୪କୋଟି ଟଙ୍କା ପ୍ରଦାନ କରିଥିଲେ। ହେଲେ ସ୍ଥିତିରେ କୌଣସି ପରିବର୍ତ୍ତନ ହୋଇନାହିଁ। ସହରର ସର୍ଗିଗୁଡା ଏବଂ ନୀଳଚକ୍ର ନଗରରେ ୫ଲକ୍ଷ ବିଶିଷ୍ଟ ଦୁଇଟି ଭୂତଳ ଟ୍ୟାଙ୍କ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ। ଅପରପକ୍ଷରେ ଯେଉଁଠାରେ ବ୍ୟବସ୍ଥା ଅଛି ସେଠାରେ ନିୟମିତ ପାଇପ ଜଳଯୋଗାଣ ହେଉନାହିଁ। ଲୋକେ ଏ ନେଇ ପ୍ରଶ୍ନ କଲେ ଲାଇନ ନ ଥିବା ଏବଂ ଜେନେରେଟର ସେଟ ଚଳାଇବାକୁ ଆବଶ୍ୟକ ଡିଜେଲ ନଥିବା ବିଭାଗୀୟ ଯନ୍ତ୍ରୀ କହୁଥିବା ବୈଠକରେ ଉପସ୍ଥିତ କାଉନସିଲର ଅଭିଯୋଗ କରିଥିଲେ। ମନ୍ତ୍ରୀ ସାହୁ ଅବିଳମ୍ବେ ଆବଶ୍ୟକ ପଦକ୍ଷେପ ନେଇ ପ୍ରତ୍ୟେକ ଦିନ ସହରକୁ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଘୋଷିତ ବିଦ୍ୟୁତ କାଟ୍ ନେଇ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଏସ. ପଣ୍ଡା କାଳବୈଶାଖୀକୁ ଦାୟି କରିଥିଲେ। ବିଦ୍ୟୁତ୍ କାଟ ହେଲେ ଏସଡିଓ, ଜେଇ ଫୋନ ଉଠାଉ ନ ଥିବା ଅଭିଯୋଗ ନେଇ ଖୁବ୍‌ଶୀଘ୍ର ହେଲ୍ପ ଲାଇନ ନମ୍ବର ଜାରି କରାଯିବ ବୋଲି ସେ ଘୋଷଣା କରିଥିଲେ। ସୌଭାଗ୍ୟ ଯୋଜନାରେ ଗରିବ ପରିବାରଙ୍କୁ ବିଦ୍ୟୁତ ସଂଯୋଗରେ ବିଳମ୍ବ ସମ୍ବନ୍ଧରେ ମନ୍ତ୍ରୀ ପ୍ରଶ୍ନ କରିଥିଲେ। ତେବେ ଫନି ବାତ୍ୟା ପାଇଁ କର୍ମଚାରୀ ପୁରୀରେ ନିୟୋଜିତ ଥିବାରୁ କାମରେ ଅଗ୍ରଗତି ମନ୍ଥର ଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ପୌରାଞ୍ଚଳରେ ନିର୍ମାଣ ହେବାକୁ ଥିବା ବସ୍‌ଷ୍ଟାଣ୍ଡ, ପାର୍କ, ଟାଉନ ହଲ, ରାତ୍ରୀକାଳୀନ ଆଶ୍ରୟସ୍ଥଳ ପାଇଁ ସ୍ଥାନ ନିରୂପଣ କରିବାକୁ ମନ୍ତ୍ରୀ ସାହୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ୨୪୫୪ ବସ୍ତିବାସିନ୍ଦାଙ୍କୁ ପଟ୍ଟା ବଣ୍ଟନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନୁଆମୁଣ୍ଡା ଜଳାଶୟ ପୁନରୁଦ୍ଧାର ପାଇଁ ଆବଶ୍ୟକ ବେଆଇନ ଜବରଦଖଲ ଉଚ୍ଛେଦ ପାଇଁ ପୌର ପରିଷଦ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ତଥା ୩୦୦ଟି ପୋଷ୍ଟ ଜରିଆରେ ସହରର ଆବର୍ଜନା ସଂଗ୍ରହ କରିବା ଲକ୍ଷ୍ୟ ଧାର୍ଯ୍ୟ ରହିଥିବା ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା ଅବଗତ କରିଥିଲେ। ବୈଠକରେ ଉପଜିଲାପାଳ ସୁଧାକର ନାୟକ, ପୌରାଧକ୍ଷ ଗୋବର୍ଦ୍ଧନ ନାଗ, ତହସିଲଦାର ସ୍ୱଦିପ ଟପୋ, ନାଗରିକ କମିଟି ସଭାପତି ବରିଷ୍ଠ ଆଇନଜୀବୀ ରାଧାକାନ୍ତ ପାଢୀ, ଶ୍ୟାମାପ୍ରସାଦ ଗରିଆ, ବ୍ୟବସାୟୀ ସଂଘ ସଭାପତି ତ୍ରିନାଥ ସରାଫ, ଅରୁଣ ମିଶ୍ର, ଚନ୍ଦ୍ରବଦନ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।



ଗତକାଲି ଏକ ଅଚଳ ଚେକ୍। ଆସନ୍ତାକାଲି ପ୍ରୋମିସରି ନୋଟ୍। ଆଜି ହିଁ ନଗଦ ଧନ, ଏହାକୁ ବ୍ୟବହାର କର।
- ହିଟ୍‌ଲର



## ସଂକ୍ଷେପରେ

### ଡ୍ୟାମରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

ନୂଆପଡା ଅଫିସ,୭।୬- ସ୍ଥାନୀୟ ସାହିପଲା ଡ୍ୟାମରେ ଗାଧୋଉଥିବା ବେଳେ ପାଣି ବୁଡି ଶୁକ୍ରବାର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସିଆଲଟି ଗ୍ରାମର ଅକ୍ଷୟ କୁମାର ମାଝିଙ୍କ ପୁଅ ପ୍ରତ୍ୟୁଷ କୁମାର ମାଝି(୧୭)। ଶୁକ୍ରବାର ବିଦ୍ୟୁତ୍ ନ ଥିବାରୁ ଘରେ ପାଣି ଅଭାବରୁ ପ୍ରତ୍ୟୁଷ ନିଜ ସାଥୀଙ୍କ ସହ ମିଶି ସାହିପଲା ଡ୍ୟାମକୁ ଗାଧୋଇବାକୁ ଯାଇଥିଲେ। ପ୍ରତ୍ୟୁଷ ଗାଧୋଉଥିବା ବେଳେ ପାଣିରେ ବୁଡି ଯାଇଥିଲେ। ଏ ନେଇ ଅନ୍ୟ ସାଙ୍ଗମାନେ ଘରକୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ପ୍ରତ୍ୟୁଷଙ୍କ ମୃତଦେହ ଉଦ୍ଧାର କରିଥିଲେ। ନୂଆପଡ଼ା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ନେଇ ନୂଆପଡା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରତ୍ୟୁଷ ବଲାଙ୍ଗୀର ଜିଲା ଯୁବୋଦୟ କଲେଜରେ ଯୁକ୍ତ ୨ରେ ପଢୁଥିଲେ। କିଛି ଦିନ ତଳେ ଯୁକ୍ତ ୨ ଫଳାଫଳ ପ୍ରକାଶ ପାଇଛି। ସେ ସେଥିରେ ପାସ କରିଛନ୍ତି। ସେ ଜଣେ ଭଲ ଛାତ୍ର ଏବଂ କ୍ରିକେଟ ଖେଳାଳି ଭାବେ ଜଣାଶୁଣା।

# ବିଭିନ୍ନ ସ୍ଥାନରେ ଶିବପାର୍ବତୀ ବିବାହ

ଭବାନୀପାଟଣା, ୭।୬ (ଡି.ଏନ୍.ଏ.)

ଭବାନୀପାଟଣା ସହର ସମେତ ଜିଲାର ବିଭିନ୍ନ ଶୈବପୀଠରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସହରରେ ଥିବା ଭବାନୀଶଙ୍କର ମହାଦେବ ମନ୍ଦିର, ଭଣ୍ଡେଶ୍ୱର ମନ୍ଦିର, ଜଳେଶ୍ୱର ମନ୍ଦିର, ବାଲୁଙ୍କେଶ୍ୱର ମନ୍ଦିର, ବାନ୍ଦୋପଲାର ରାମେଶ୍ୱର ମନ୍ଦିର, ଅଟାଙ୍ଗଗୁଡାର ଶିବ ମନ୍ଦିର, ଦେପୁରର ଶିବ ମନ୍ଦିର ସମେତ ବିଭିନ୍ନ ଶୈବ ପୀଠରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ପାରମ୍ପରିକ ରୀତିନୀତିରେ ପାଳିତ ହୋଇଥିଲା। ପରମ୍ପରା ଅନୁସାରେ ଭବାନୀଶଙ୍କର ମହାଦେବ, ଭଣ୍ଡେଶ୍ୱର ମହାଦେବ, ବାଲୁଙ୍କେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତିମାକୁ ଏକ ସୁସଜ୍ଜିତ ବିମାନରେ ବିରାଜମାନ କରାଇ ବରଯାତ୍ରୀ ଆରମ୍ଭ ହୋଇଥିଲା। ଏଥିରେ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ । ପରମ୍ପରା



ଦେବ ଦମ୍ପତିଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।



ଶୋଭାଯାତ୍ରାରେ ସାମିଲ ହୋଇଥିବା ଜନସାଧାରଣ।

ଅନୁସାରେ କଳାହାଣ୍ଡି ରାଜ ପରିବାର ପ୍ରତିବର୍ଷ କନ୍ୟାପିତା ଭାବେ ମା' ପାର୍ବତୀଙ୍କୁ କନ୍ୟାଦାନ କରିଥାନ୍ତି । ରାଜ ଉଆସ ପରିସରରେ ଥିବା ଗୋପୀନାଥ ମନ୍ଦିର ନିକଟସ୍ଥ ମଣ୍ଡପରେ ସମ୍ପୂର୍ଣ୍ଣ ବୈଦିକ ରୀତିରେ ଦେବଦେବ ମହାଦେବ ଓ ମା' ପାର୍ବତୀଙ୍କ ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲା । ସେହିପରି ପୁରୁଣାପଡ଼ାର

**କଳାହାଣ୍ଡି ଜିଲା**
■ ଶୈବପୀଠ ଉତ୍ସବମୁଖର

ବାଲୁଙ୍କେଶ୍ୱର ମହାଦେବଙ୍କ ଆଡମ୍ବର ସହକାରେ ବିବାହ ଉତ୍ସବ ପାଳିତ ହୋଇଥିଲା। ଏନେଇ ବାବା ବାଲୁଙ୍କେଶ୍ୱରଙ୍କ ଚଳନ୍ତି ପ୍ରତିମାକୁ ଏକ ବିମାନରେ ବସାଇ ମନ୍ଦିରରୁ ବରଯାତ୍ରୀ ଦଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ରାଧାକୃଷ୍ଣ ମନ୍ଦିରରେ ପହଞ୍ଚିଥିଲେ। ପରେ ମହାଦେବ ଶିବ ମା' ପାର୍ବତୀଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ପୁରୁଣାପଡ଼ା ନିବାସୀ ମିରା ବେହେରା ଓ ରାଧେଶ୍ୟାମ ବେହେରା କନ୍ୟା ମାତାପିତା ଭାବେ କାର୍ଯ୍ୟ ତୁଲାଇ ଥିବାବେଳେ ବର ପିତାମାତା ଭାବେ ପୁରୁଣାପଡ଼ା ନିବାସୀ କ୍ରିଷ୍ଣାଙ୍ଗିନୀ ନାୟକ ଓ ନଟବର ନାୟକ ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମକୁ ବାଲୁଙ୍କେଶ୍ୱର ମହାଦେବ ମନ୍ଦିରର ପୂଜକ ଉଦ୍ଧବ ମୁନୀ ଓ ରାଧାକୃଷ୍ଣ ମନ୍ଦିରର ପୂଜକ ବାବୁଲା ଆଚାର୍ଯ୍ୟ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ।

## ଧାନ ଚୋରା ଚାଲାଣ : ଥାନାରେ ୨ଗାଡ଼ି ଅଟକ

କୋକସରା, ୭।୬ (ଡି.ଏନ.ଏ.)

ଧାର ଚୋରା ଚାଲାଣ ଅଭିଯୋଗରେ କୋକସରା ପୋଲିସ ଏକ ୪୦୭ ଗାଡି ସହ ଏକ ପିକ୍‌ଅଫ ଭ୍ୟାନକୁ ଅଟକ ରଖି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ମୁତାବକ, ଶୁକ୍ରବାର କୋକସରା ଥାନା ପୋଲିସ ଜୟପାଟଣାରୁ ଲଡୁଗାଁ ଆସୁଥିବା ଏକ ଧାନ ବୋଝେଇ ୪୦୭ ଗାଡି(ନଂ.ଓଡି ୦୮ଏ ୫୧୧୭) ଓ ଏକ ଟାଟା ପିକ୍‌ଅପ୍ ଭ୍ୟାନ(ନଂ.ଓଡି୦୮ ଜେ୦୫୨୩)କୁ କୁଶମାଲ ଛକ କମଲ ନଦୀ ପାଖରେ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲା। ହେଲେ ଗାଡି ଡ୍ରାଇଭର କୋଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ବେଆଇନ ଧାନ ଚାଲାଣ ହେଉଥିବା ନେଇ ପୋଲିସ ଗାଡି ଦ୍ୱୟକୁ ଥାନାକୁ ଆଣି ଅଟକ ରଖି ଅଧିକ ତଦନ୍ତ ଚଳାଇଛି।

### ଏନ୍‌ଏସି ସଫେଇ କର୍ମଚାରୀଙ୍କୁ ମିଳୁନି ମଜୁରି

# ସଫେଇ କର୍ମଚାରୀ ସଂଘ ଉପଜିଲାପାଳଙ୍କ ଦ୍ୱାରସ୍ଥ

ଭବାନୀପାଟଣା, ୭।୬ (ଡି.ଏନ୍.ଏ.)

ଧର୍ମଗଡ଼ ଏନ୍‌ଏସି ଆଉଟସୋର୍ସିଂ କମ୍ପାନୀରେ ନିୟୋଜିତ ସଫେଇ କର୍ମଚାରୀଙ୍କୁ ଦରମା ସହ ଇପିଏଫ ଟଙ୍କା ମିଳି ନ ଥିବା ଅଭିଯୋଗ ହୋଇଛି। ଏନେଇ କର୍ମଚାରୀମାନେ ଧର୍ମଗଡ଼ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ମିଳିଥିବା ସୂଚନା ମୁତାବକ, ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ସଫେଇ କାର୍ଯ୍ୟ ପାଇଁ ଭୁବନେଶ୍ୱରର ଉତ୍କଳ ଫେଲିସିଟି ପ୍ରାଇଭେଟେ ଲିମିଟେଡ ନାମକ ଆଉଟ ସୋର୍ସିଂ ସଂସ୍ଥାକୁ ଦିଆଯାଇଛି। ହେଲେ ସଂସ୍ଥା ପକ୍ଷରୁ ନିୟୋଜିତ ସଫେଇ କର୍ମଚାରୀଙ୍କୁ ସାସିକ ମଜୁରି ପ୍ରଦାନ କରାଯାଉ ନାହିଁ। ଫଳରେ କର୍ମଚାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ କର୍ମଚାରୀମାନେ ଗୁରୁବାର ଧର୍ମଗଡ଼ ଉପଜିଲାପାଳଙ୍କୁ ଭେଟି ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏପରି କି ତୁରନ୍ତ କର୍ମଚାରୀମାନଙ୍କୁ ମାସିକ ମଜୁରୀ ପ୍ରଦାନ କରିବାକୁ ଦାବି କରିଛନ୍ତି। ଏନେଇ ଧର୍ମଗଡ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ମୋବାଇଲ ଫୋନ ନମ୍ବରକୁ ଯୋଗାଯୋଗ କରାଯାଇଥିଲା। ହେଲେ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଉତ୍କଳ ଫେସିଲିଟି ପ୍ରାଇଭେଟ ଲିମିଟେଡ ଆଉଟ୍ ସୋର୍ସିଂ କମ୍ପାନୀ ମ୍ୟାନେଜର ସୁଶାନ୍ତ ମହାପାତ୍ରଙ୍କୁ ପଚାରିବାରୁ କେତେକ ଅସୁବିଧା କାରଣରୁ ଶ୍ରମିକଙ୍କ ଆକାଉଣ୍ଟରେ ଇପିଏଫ ଟଙ୍କା ଜମା ହୋଇ ପାରି ନାହିଁ। ଖୁବ୍ ଶୀଘ୍ର ଟଙ୍କା ଜମା ହୋଇଯିବ ବୋଲି କହିଥିଲେ।



ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିବା ସଫେଇ କର୍ମଚାରୀ।

# ଜିଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହେଲେ ଚାଷୀ

ନୂଆପଡ଼ା ଅଫିସ, ୭।୬

**ମଣ୍ଡିରେ ଭିଜୁଛି ଧାନ ବସ୍ତା**

ଚାଷୀଙ୍କ ସକାଶେ ସବୁପ୍ରକାର ବ୍ୟବସ୍ଥା କରାଯାଉଥିବା ନେଇ ରାଜ୍ୟସରକାର ଡିଣ୍ଡିମ ପିଟୁଥିବା ବେଳେ ନୂଆପଡ଼ା ଜିଲାରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଜିଲା ପ୍ରଶାସନର ନାକତଳେ ଡୁମେରପାଣି ମଣ୍ଡିରେ ହଜାର ହଜାର ବସ୍ତା ପଡିରହି କାଳବୈଶାଖୀ ବର୍ଷାରେ ଭିଜୁଛି। ଅନ୍ୟପକ୍ଷେ ମିଲର୍ସମାନେ କଟନୀଛଟନୀ ଦାବିରେ ଧାନ ଉଠାଉ ନ ଥିବା ସ୍ଥିତି ଦେଖିବାକୁ ମିଳିଛି । ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଚାଷୀମାନେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ତୁରନ୍ତ ଧାନ କିଣିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏପରି କି କର୍ତ୍ତବ୍ୟରେ ଅବହେଳା କରୁଥିବା ଅଧିକାରୀ ଏବଂ ମିଲର୍ସଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ନୂଆପଡ଼ା ଜିଲାରେ ପାଣି ସମସ୍ୟା ଯୋଗୁ ଧାନ ଅମଳ ବିଳମ୍ବରେ ହୋଇଥିବା ବେଳେ ଗତ ମେ ୨୦ତାରିଖରୁ ସରକାରୀ ଭାବେ ଧାନକିଣା ଆରମ୍ଭ ହୋଇଥିଲା। ମିଲର୍ସମାନେ ଠିକ୍ ସମୟରେ ମଣ୍ଡିକୁ ନ ଆସି ସିଧାସଳଖ ବ୍ୟବସାୟୀଙ୍କ ନିକଟରୁ ଧାନ କିଣାରେ ବ୍ୟସ୍ତ ହୋଇପଡିଥିଲେ।

ଅନ୍ୟପକ୍ଷେ ମଣ୍ଡିଗୁଡିକରେ ଚାଷୀଙ୍କ ଧାନ ପଡି ରହିଥିଲା। ବର୍ତ୍ତମାନ କାଳ ବୈଶାଖୀ ବର୍ଷା ଚାଷୀଙ୍କୁ କାଳ ହୋଇଛି। ବର୍ତ୍ତମାନ ମିଲର୍ସମାନେ ବିଭିନ୍ନ ବାହାନା କରି କୁଇଣ୍ଟାଲ ପିଛା ୫ରୁ ୬କି.ଗ୍ରା ଧାନ କଟନୀ ଦାବି କରି ଧାନ ଉଠାଉ ନ ଥିବା ଜଣାପଡିଛି। ଏପରିସ୍ଥିତିରେ ଜିଲାର ବେଲଟୁକୁରୀ, ଜଡାମୁଣ୍ଡା, ଡୁମେରପାଣି ମଣ୍ଡିରେ ୨୦ହଜାର କୁଇଣ୍ଟାଲରୁ ଅଧିକ ଧାନ ପଡିରହିଥିବା ଚାଷୀମାନେ କହିଛନ୍ତି। ବୁଧବାର ଜଡାମୁଣ୍ଡା ଗାଁର ଚାଷୀମାନେ ଜିଲାପାଳଙ୍କ ଅଫିସକୁ ଆସି ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ଜଣାଇଥିଲେ। ଏହିପରି ଶୁକ୍ରବାର ସ୍ଥାନୀୟ ଡୁମେରପାଣି ଗାଁର ଚାଷୀମାନେ ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କୁ ଭେଟି ଘଟଣା ସଂକ୍ରାନ୍ତରେ ଅବଗତ କରିଛନ୍ତି। ଏପରି କି ଚାଷୀମାନ ଅଭିଯୋଗ କରିଛନ୍ତି, ତେଲିଆମୁଣ୍ଡରେ ତେଲ ନୀତିରେ ମଣ୍ଡିଗୁଡିକରେ ଅଧିକାରୀମାନେ ଚଞ୍ଚକତା କରି ବ୍ୟବସାୟୀମାନଙ୍କୁ ଧାନ ବିକ୍ରି ସକାଶେ ଟୋକନ ଦେଉଥିବା ବେଳେ ଚାଷୀମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ୩ ଦିନ ହେଲା ମଣ୍ଡିରେ ୫୦ଜଣ ଚାଷୀଙ୍କ ୮ହଜାର ବସ୍ତା ଧାନ ପଡିରହିଛି। ଏନେଇ ତୁରନ୍ତ ମଣ୍ଡିରୁ ଧାନ ଉଠାଇବାକୁ ଚାଷୀ ଲାଲାରାମ ସାହୁ, ଦେବେନ୍ଦ୍ର କୁମାର ସାହୁ, ନନ୍ଦ କିଶୋର ସାହୁ, ଟିକେଶ୍ୱର ସାହୁ, ଅଜୟ କୁମାର ସାହୁ, ଦ୍ୱାରିକାପ୍ରସାଦ ସାହୁ ପ୍ରମୁଖ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗକୁ ଭିତ୍ତି କରି ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଖଣ୍ଡୁରାମ ନାଏକ ଡୁମେରପାଣି ମଣ୍ଡି ପରିଦର୍ଶନ କରିଥିଲେ । ଏପରି କି ମଣ୍ଡିରୁ ଧାନ ଉଠାଇବା ନେଇ ଆବଶ୍ୟକ ପଦକ୍ଷପ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଶନିବାର ମଣ୍ଡିରୁ ଧାନ ନ ଉଠିଲେ ଚାଷୀମାନେ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।




ଚାଷୀମାନେ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି।

# ପତୋରା ମନ୍ଦିରରେ ଶୀତଳଷଷ୍ଠୀ ଯାତ୍ରା: ଶତାଧିକ ଭକ୍ତଙ୍କ ସମାଗମ

ନୂଆପଡା ଅଫିସ,୭।୬

ସ୍ଥାନୀୟ ଶୈବପୀଠ ପତୋରାରେ ଶୀତଳଷଷ୍ଠୀ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ମୂରଲୀଧର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୀବପାର୍ବତୀଙ୍କ ବିବାହୋତ୍ସବ ପାରମ୍ପରିକ ରୀତିନୀତି ସହିତ ଜାକ୍‌ଜମକରେ ପାଳିତ ହୋଇଥିଲା। ଏଥିରେ କନ୍ୟାମାତା ପିତା ଭାବରେ ହୋମସିଂ ଦଣ୍ଡସେନା ସପତ୍ନିକ ଯୋଗ ଦେଇଥିବାବେଳେ ବରପକ୍ଷରୁ ଶିବଙ୍କର ମାତାପିତା ଭାବରେ ମେଶରାମ ପଟେଲ ସପତ୍ନିକ ଯୋଗ ଦେଇଥିଲେ। ପାହାଡ଼ ପାଦ ଦେଶରେ ଥିବା ପତୋରା ମନ୍ଦିରର ପ୍ରାକୃତିକ ସୌନ୍ଦର୍ଯ୍ୟ ଶିବଙ୍କ ବରାନୁଗମନ ଯାତ୍ରାକୁ ବେଶ ମନମୁଗ୍ଧକର କରିଥିଲା। ଏହା ଦେଖିବାକୁ ନୂଆପଡ଼ା ସମେତ ପଡୋଶୀ ରାଜ୍ୟ ଛତିଶଗଡ଼ରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ଶେଷରେ ଭୋଜିର ଆସର ଜମିଥିଲା। ବିଶେଷ ଅତିଥିଭାବେ ସାମାଜିକ କର୍ମୀ ସୁରେଶ କୁମାର ଅଗ୍ରୱାଲ, ମୋତି ରାଓଲ, ରାମଲାଲ ସାହୁ, ସାଧୁ ଦିକ୍ଷୀତ ପ୍ରମୁଖ ଶିବ ପାର୍ବତୀଙ୍କର ବିବାହୋତ୍ସବରେ ଯୋଗ ଦେଇଥିଲେ ।




ପତୋରାରେ ଅନୁଷ୍ଠିତ ଶିବପାର୍ବତୀଙ୍କ ବିବାହୋତ୍ସବ।

### ମହିଳାଙ୍କ ଯନ୍ତ୍ରୀ ଅଫିସ୍ ଘେରାଉ ଘଟଣା

# ଦାବି ମୁତାବକ ପୋଖରୀ କାମ ଆରମ୍ଭ

କୋକସରା,୭।୬ (ଡି.ଏନ.ଏ.)

ମହିଳାମାନଙ୍କ ଯନ୍ତ୍ରୀ ଅଫିସ ଘେରାଉ ପରେ ଶୁକ୍ରବାର ଦାବି ମୁତାବକ କୋକସରା ପଦ୍ମସାଗର ପୋଖରୀ ପଙ୍କ ଉଦ୍ଧାର ସହ ଗାଧୁଆତୁଠ ମରାମତି କାମ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି। ଗୁରୁବାର କୋକସରା ବଡ଼ପଡାର ମହିଳାମାନେ ପୋଖରୀର ପଙ୍କ ଉଦ୍ଧାର ଓ ଗାଧୁଆତୁଠ ନିର୍ମାଣରେ ଅନିୟମିତତା ହେଉଥିବା ନେଇ ଅଭିଯୋଗ କରିଥିଲେ। ଏପରି କି କୋକସରା କ୍ଷୁଦ୍ରଜଳ ସେଚନ କାର୍ଯ୍ୟାଳୟ ଘେରାଉ କରି ଆନ୍ଦୋଳନ କରିଥିଲେ। ହେଲେ ଯନ୍ତ୍ରୀ ଅନୁପସ୍ଥିତ ଥିବାରୁ ମହିଳାମାନେ ପୋଖରୀକୁ ଆସି କାମ ବନ୍ଦ କରିବାକୁ ଠିକାସଂସ୍ଥାକୁ ଚେତାବନୀ ଦେଇଥିଲେ। ଫଳରେ କାମ ବନ୍ଦ ରହିଥିଲା। ଶୁକ୍ରବାର ବିଭାଗୀୟ ଅଧିକାରୀ ଅନିଲ ନାୟକ ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ଏପରି କି ଦାବି ମୁତାବକ କାମ ଆରମ୍ଭ ପରେ ମହିଳାମାନେ ଆନ୍ଦୋଳନରୁ ଓହରି ଯାଇଥିଲେ। ଆନ୍ଦୋଳନରେ ଫୁଲତୋଲା ଖମାରୀ, ପିରବତି ବାଗ, ମାଳତି ସୁନା, ପ୍ରତିମା ନାଏକ, ସରସ୍ୱତୀ ବାଗ, ଲଳିତା ବାଗ, ରେବତି ଖମାରୀ, ରାଣି ବାଗ, ସସ୍ମିତା ବାଗ, ପୁଷ୍ପାଲି ନିଆଲ, ସରୋଜିନୀ ସାଗର, ରାମଚନ୍ଦ୍ର ପାଣିଗ୍ରାହୀ, ଟୁନା ବାଗଙ୍କ ସମେତ ଶତାଧିକ ମହିଳା ଆନ୍ଦୋଳନରେ ସାମିଲ ଥିଲେ।



ମହିଳାମାନେ ଯନ୍ତ୍ରୀଙ୍କ ସହ ଆଲୋଚନା କରୁଛନ୍ତି।

### ପରିମଳ ଅବ୍ୟବସ୍ଥା, ପାନୀୟଜଳ ସଂକଟ

# ବିଡିଓଙ୍କ ଦ୍ୱାରସ୍ଥ ହେଲେ ମହିଳା

କୋକସରା, ୭।୬ (ଡି.ଏନ.ଏ.)

କୋକସରା ବ୍ଲକର କୋକସରା ସଦର ମହକୁମା ୭ନମ୍ବର ୱାର୍ଡରେ ପରିମଳ ବ୍ୟବସ୍ଥା ପବର୍ଯ୍ୟସ୍ତ ହୋଇପଡିଥିବା ବେଳେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଏନେଇ ମହିଳାମାନେ ବାରମ୍ବାର ସ୍ଥାନୀୟ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ମହିଳାମାନେ ଶୁକ୍ରବାର ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ମହିଳାମାନଙ୍କ ଅଭିଯୋଗ ମୁତାବକ, ୭ନମ୍ବର ୱାର୍ଡକୁ ସଂଯୋଗ କରୁଥିବା ରାସ୍ତା ଜବରଦଖଲ ଯୋଗୁ ସଂକୁଚିତ ହୋଇଯାଇଛି। ଫଳରେ ସାମାନ୍ୟ ବର୍ଷା ହେଲେ ପାଣି ନିଷ୍କାସନ ନ ହୋଇ ରାସ୍ତାରେ ଜମିରହୁଛି। ଏପରି କି ଡ୍ରେନ ସଫା ହୋଇ ନ ଥିବାରୁ ଅଳିଆ ଆବର୍ଜନା ପଶି ଦୁର୍ଗନ୍ଧ ବାହାରୁଛି। ଏନେଇ ପରିବେଷ ପ୍ରଦୂଷଣ ହେବା ସହ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷେ ପଡ଼ାରେ ପାନୀୟଜଳ ସମସ୍ୟା ଦେଖାଦେଇଛି। ପାନୀୟଜଳ ଯୋଗାଣ ପାଇଁ ପଡ଼ାରେ ପାଇପ୍ ଲାଇନ ବିଛାଯାଇଥିବା ବେଳେ କାର୍ଯ୍ୟକ୍ଷମ ହୋଇ ନାହିଁ। ଏନେଇ ତୁରନ୍ତ ସମସ୍ୟାର ସମାଧାନ ଦାବି କରି ୭ନମ୍ବର ୱାର୍ଡର ମହିଳା ବିନୋଦିନି ପ୍ରଧାନି, ଚନ୍ଦ୍ରମା ପ୍ରଧାନି, ରୁବି ରାଉତ, ସାବିତ୍ରି ମାଝି, ସୁନାଫୁଲ ମାଝି, ମଦନା ପ୍ରଧାନି, କୁନ୍ତି ପ୍ରଧାନି, ରାଧିକା ପ୍ରଧାନିଙ୍କ ସହ କୋକସରା ସମିତିସଭ୍ୟ ତ୍ରିଭୁବନ ନାଏକ ପ୍ରମୁଖ ବିଡିଓଙ୍କ ଦ୍ୱାରସ୍ତ ହୋଇଥିଲେ। ବିଡିଓ ବସନ୍ତ କୁମାର ସେଠୀ ଆଗାମି ଏକ ସପ୍ତାହ ମଧ୍ୟରେ ପରିମଳ ବ୍ୟବସ୍ଥା ସୁଧାରିବା ସହ ପାନୀୟଜଳ ଯୋଗାଇ ଦେବାକୁ ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟ ନିବାହୀ ଅଧିକାରି ବିରଞ୍ଚି ଖରସେଲଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ମହିଳାମାନେ ବିଡିଓଙ୍କୁ ଭେଟି ସମସ୍ୟାର ସମାଧାନ କରିବାକୁ ଦାବି କରୁଛନ୍ତି।



ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲି ଯାଆନ୍ତି,
ସେମାନେ ପୁଣି ସେହି ଭୁଲ୍ କରିବସନ୍ତି।
- ଜର୍ଜ ଶାନ୍ତାୟନ



## ସଂକ୍ଷେପରେ

### ପଥର ଖାଦାନରେ ବୁଡ଼ି ଯୁବକ ମୃତ

ଲଖନପୁର,୭।୬(ଡି.ଏନ୍.ଏ.)

୪୯ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଝାରସୁଗୁଡ଼ା ଜିଲା ଲଖନପୁର ଥାନା ଅନ୍ତର୍ଗତ ପତ୍ରାପାଲି ଗ୍ରାମ ନିକଟ ଏକ ପଥର ଖାଦାନରେ ବୁଡ଼ି ଜଣେ ଯୁବକ ମୃତ୍ୟୁବରଣ କରିଛନ୍ତି। ସେ ହେଲେ ବାଘମୁଣ୍ଡା ଗ୍ରାମର କୈଳାସ ବନଛୋରଙ୍କ ପୁଅ ରାଧାକାନ୍ତ (୨୧)। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ ୫/୧୯) ରୁଜୁ କରି ତଦନ୍ତ ଚଳାଇଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ରାଧାକାନ୍ତ ତାଙ୍କ ୪ ସାଙ୍ଗଙ୍କ ସହ ଗାଧୋଇବା ପାଇଁ ପଥର ଖାଦାନକୁ ଯାଇଥିଲେ। ଏହି ଜଳାଶୟର ଗଭୀରତା ପ୍ରାୟ ୩ଶହ ଫୁଟ ରହିଛି। ସେଠାରେ ସେମାନେ ଉପରୁ ଜଳାଶୟ ଭିତରକୁ ଡେଇଁ ଗାଧୋଉଥିଲେ। ରାଧାକାନ୍ତ ମଧ୍ୟ ଉପରୁ ଡେଇଁଥିଲେ। କିନ୍ତୁ ପାଣି ଭିତରୁ ଆଉ ଉପରକୁ ଆସିପାରି ନ ଥିଲେ। ଖବର ପାଇ ପୋଲିସ, ଲଖନପୁର ଓ ଝାରସୁଗୁଡ଼ା ଅଗ୍ନିଶମ କର୍ମଚାରୀ ଏବଂ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପାଣି ଭିତରେ ଦର୍ଘ ୫ଘଣ୍ଟା ଖୋଜାଖୋଜି କରିବା ପରେ ମୃତଦେହ ଉଦ୍ଧାର କରିଥିଲେ।

### ଧାନ ଚୋରା ଚାଲାଣ : ଥାନାରେ ୨ଗାଡ଼ି ଅଟକ

କୋକସରା, ୭।୬ (ଡି.ଏନ.ଏ.)

ଧାର ଚୋରା ଚାଲାଣ ଅଭିଯୋଗରେ କୋକସରା ପୋଲିସ ଏକ ୪୦୭ ଗାଡି ସହ ଏକ ପିକ୍‌ଅଫ ଭ୍ୟାନକୁ ଅଟକ ରଖି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ମୁତାବକ, ଶୁକ୍ରବାର କୋକସରା ଥାନା ପୋଲିସ ଜୟପାଟଣାରୁ ଲଡୁଗାଁ ଆସୁଥିବା ଏକ ଧାନ ବୋଝେଇ ୪୦୭ ଗାଡି(ନଂ.ଓଡି ୦୮ଏ ୫୧୧୭) ଓ ଏକ ଟାଟା ପିକ୍‌ଅପ୍ ଭ୍ୟାନ(ନଂ.ଓଡି୦୮ ଜେ୦୫୨୩)କୁ କୁଶମାଲ ଛକ କମଲ ନଦୀ ପାଖରେ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲା। ହେଲେ ଗାଡି ଡ୍ରାଇଭର କୋଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ବେଆଇନ ଧାନ ଚାଲାଣ ହେଉଥିବା ନେଇ ପୋଲିସ ଗାଡି ଦ୍ୱୟକୁ ଥାନାକୁ ଆଣି ଅଟକ ରଖି ଅଧିକ ତଦନ୍ତ ଚଳାଇଛି।

## ସମସ୍ୟା ସମାଧାନ ନେଇ ଜିଲାପାଳଙ୍କ ସହ ଆଲୋଚନା

# ଫଣୀ ପୀଡ଼ିତଙ୍କୁ ସହାୟତା ପ୍ରଦାନ

ରାଉରକେଲା ଅଫିସ,୭।୬

ଭୟଙ୍କର ସାମୁଦ୍ରିକ ଝଡ଼ ଫଣୀ ପ୍ରଭାବରେ ରାଜ୍ୟରେ ଅନେକ କ୍ଷୟକ୍ଷତି ଘଟିଛି। ପ୍ରଭାବିତ ଅଞ୍ଚଳବାସୀଙ୍କ ଉଦ୍ଦେଶ୍ୟରେ ରାଉରକେଲା କୋର୍ଟରେ କାର୍ଯ୍ୟରତ ସରକାରୀ ଓକିଲଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ସହାୟତା ପ୍ରଦାନ କରାଯାଇଛି। ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ଆଞ୍ଚଳିକ ଆବାହକ ସନ୍ତୋଷ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସୁନ୍ଦରଗଡ଼ ଜିଲାପାଳ ରଶ୍ମିତା ପଣ୍ଡାଙ୍କ ଜରିଆରେ ୩୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି ଅବସରରେ ରାଉରକେଲା ସହରର କେତେକ ସମସ୍ୟା ନେଇ ଆଇନଜୀବୀମାନେ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଆବାହକ ନାୟକ କହିଥିଲେ, ସହରରେ ସ୍ୱେରେଜ୍ ପାଇପ ବିଚା କାମ କଚ୍ଛପ ଗତିରେ ଚାଲିଛି। ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କାମର ଅଗ୍ରଗତି ନେଇ ପଦକ୍ଷେପ ନିଆଯାଉନି। ଏ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି କରିଥିଲେ ଆଇନଜୀବୀ। ଏହା ସ୍ମାର୍ଟ ସିଟି ତଥା ମହାନଗର ହୋଇଥିବାରୁ ତୁରନ୍ତ କମିଶନରେଟ ପୋଲିସ ବ୍ୟବସ୍ଥା ଆରମ୍ଭ କରିବାକୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସୁନ୍ଦରଗଡ଼ ଜିଲା ସଦର ମହକୁମା ସମେତ ରାଉରକେଲା, ରାଜଗାଙ୍ଗପୁର ଓ ବଣାଇଁ ଉପଖଣ୍ଡରେ କାର୍ଯ୍ୟରତ ଆଇନଜୀବୀମାନେ ଯେପରି ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଫି ବିଲ ଓ ରିଟର୍ନ ବିଲ ଦାଖଲ କରିପାରିବେ ସେ ନେଇ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଥିଲା। ଏଥିରେ ସରକାରୀ ଓକିଲ ସୁଦାମ ଦାସ, ବିଜୟ ଦାସ, ନିରଞ୍ଜନ ମହାନ୍ତ, ସତ୍ୟନାରାୟଣ ମହପାତ୍ର, ଅଜୟ ପ୍ରଧାନ, ଅଞ୍ଜନ ବାରିକ ଅଶେଷ ମଣ୍ଡଳ, ସୁରେଶ ମାଝି, ପ୍ରକାଶ ରାୟ, ଅମୂଲ୍ୟ ପାତ୍ର, ଦିଲୀପ ମୁର୍ମୁ, ନାରାୟଣ ପ୍ରଧାନ, ଗୋବିନ୍ଦ ତନ୍ତୀ, ବିଜୟ ଥାଟୋଇ, ଧିରେନ୍ଦ୍ର ଦାସ, ସଞ୍ଜୟ ସାହୁ, ତନ୍ମୟ ଜେନା, ସୁନୀଲ ତିର୍କୀ, ସରସୀମୋହନ ପାତ୍ର, ଗିରିଜା ଦ୍ୱିବେଦୀ, ଭାସ୍କର ସାହୁ, ପ୍ରଣବ ପଣ୍ଡା ଓ ଅଞ୍ଜଳି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଫଣୀ ପୀଡ଼ିତଙ୍କୁ ଜିଲାପାଳଙ୍କ ଜରିଆରେ ସହାୟତା ରାଶି ପ୍ରଦାନ କରୁଛନ୍ତି ରାଉରକେଲା ସରକାରୀ ଓକିଲମାନେ।

# ମନ, ଅନ୍ଧବିଶ୍ୱାସ ଓ ବୈଜ୍ଞାନିକ ମନୋଭାବ ନେଇ କର୍ମଶାଳା

ରାଉରକେଲା ଅଫିସ,୭।୬

ଜାତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ (ଏନ୍ଆଇଟି)ରେ ସେଣ୍ଟର ଅଫ୍ ଟ୍ରାଇବାଲ ଏକ୍ସଲେନ୍ସ ପକ୍ଷରୁ ମନ, ଅନ୍ଧବିଶ୍ୱାସ ଓ ବୈଜ୍ଞାନିକ ମନୋଭାବ ସମ୍ପର୍କିତ ୫ଦିନିଆ କର୍ମଶାଳା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଶେଷ ଦିନରେ ମୁଖ୍ୟଅତିଥି ରୂପେ ଡା. ପି.ଏନ୍. ରଥ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଓ ଏହାର ଉପଯୋଗିତା ନେଇ ଆଲୋଚନା କରିଥିଲେ। ଡିନ୍ ତଥା ଛାତ୍ରକଲ୍ୟାଣ ବିଭାଗ ପ୍ରଫେସର ସୀମାଚଞ୍ଚ ପାଣିଗ୍ରାହୀ ବିଜ୍ଞାନ ଭିତ୍ତିକ ମନୋଭାବକୁ ଆପଣାଇବା ପାଇଁ ଗୁରୁତ୍ୱାରୋପ କରିଥିଲେ। ସମାଜରୁ କୁସଂସ୍କାର ଦୂରେଇବାକୁ ହେଲେ ମିଳିତ ପ୍ରଚେଷ୍ଟା ଆବଶ୍ୟକ ବୋଲି ସେ କହିଥିଲେ। ସେଣ୍ଟର ଅଫ୍ ଟ୍ରାଇବାଲ ଏକ୍ସଲେନ୍ସ ଅଧ୍ୟକ୍ଷ ପ୍ରଫେସର ସୀମିତା ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରଫେସର ରାମକୃଷ୍ଣ ବିଶ୍ୱାଳ ସଂଯୋଜନା କରିଥିଲେ। ପ୍ରଫେସର ମହାନ୍ତି କହିଥିଲେ, ଏହି କର୍ମଶାଳାର ସଫଳତା ପରେ ଆମେ ଆଗକୁ ଏ ଦିଗରେ ଅଧିକ ଧ୍ୟାନ ଦେବୁ। ଆଦିବାସୀ ଗ୍ରାମଗୁଡ଼ିକରେ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ ନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ପ୍ରତୀକ୍ଷା ଶତପଥୀ, ପଲ୍ଲବୀ କାନୁନଗୋ, ଅଭିଜିତ ପାଠକ, ବିଜେତା ମିଶ୍ର ଓ ବିନୀତ କୁମାର ପ୍ରମୁଖ କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ। ଶ୍ରଦ୍ଧା ଚାଟାର୍ଜୀ ମଞ୍ଚ ସଂଯୋଜନା କରିଥିଲେ। କର୍ମଶାଳାରେ ରାଜ୍ୟର ୫୦ ଅଧ୍ୟାପିକା, ଅଧ୍ୟାପକ, ଶିକ୍ଷକ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଏଥିରେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କବି କୁଞ୍ଜବିହାରୀ ରାଉତ, ଶଶୀକାନ୍ତ ଆଚାର୍ଯ୍ୟ, ସମାଜିକ କର୍ମୀ ନରେନ୍ଦ୍ର ଗୋପ ଓ ଆର୍ତ୍ତତ୍ରାଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଭିନ୍ନ ଭିନ୍ନ ଦିବସରେ ସେବାନିବୃତ୍ତ ପ୍ରଫେସର ପ୍ରତାପ ରଥ, ପ୍ରଫେସର ନିହାର ରଞ୍ଜନ ମିଶ୍ର, ଭାଲଚନ୍ଦ୍ର ଷଡ଼ଙ୍ଗୀ, ଡା. କସ୍ତୁରୀ ମହାପାତ୍ର, ଡା. ପ୍ରଭାତ ମଲ୍ଲିକ, ବିକ୍ରମ ଜେନା, ସଞ୍ଜୟ ଆଚାର୍ଯ୍ୟ, ବିଘ୍ନେଶ୍ୱର ସାହୁ, ସାମାଜିକ କର୍ମୀ କାର୍ତ୍ତିକ ପାଣ୍ଡବ, ଇଂ. ରାଜା ସୁରେଶ, ଡଲିରାଣୀ ବ୍ରହ୍ମା, ଏନ୍ଆଇଟି ସୁରକ୍ଷା ଅଧିକାରୀ ସୁମନ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା ପାଇଁ ଜିଲାପାଳଙ୍କୁ ଅନୁରୋଧ

କୋଲାବିରା,୭।୬(ଡି.ଏନ୍.ଏ.)

କୋଲାବିରା ବ୍ଲକ ପତ୍ରାପାଲି ନେଟିଡ଼ିହି ଗ୍ରାମକୁ ଲାଗି ରହିଥିବା ପ୍ରାୟ ୧୦୦ ଏକର ଗ୍ରାମ୍ୟ ଜଙ୍ଗଲରେ ମୂଲ୍ୟବାନ ଶାଳଗଛ ଭରିରହିଛି। ତେବେ କେତେଜଣ କାଠ ମାଫିଆ ଏହାକୁ ନଷ୍ଟ କରିବାକୁ ବସିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦୁଇମାସ ପୂର୍ବେ ମାଫିଆମାନେ ମେଶିନ ଲଗାଇ ୧୦ରୁ ଅଧିକ ଶାଳ ଗଛ କାଟିନେଇଥିବା ବେଳେ ପୁଣି ଗତ ୫ ତାରିଖ ରାତିରେ ୪ଟି ଶାଳଗଛ କାଟି ନେଇଛନ୍ତି। ଏ ସମ୍ପର୍କରେ ପୂର୍ବରୁ ମଧ୍ୟ ବନ ବିଭାଗକୁ ସୂଚନା ଦିଆଯାଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ବିଭାଗ ମାଫିଆଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏହା ସହିତ ଜଙ୍ଗଲକୁ ଲାଗି ରହିଥିବା ଉଦୟ ଇଣ୍ଡଷ୍ଟ୍ରିଜ ନାମକ କେମିକାଲ କାରଖାନାର କେମିକାଲ ପ୍ରଭାବରେ କାରଖାନା ଭିତରେ ଥିବା ୧୦ଟି ଗଛ ଜଳି ଯାଇଛି। ଏବେ ଗଛଗୁଡ଼ିକ ଶୁଖିବା ଆରମ୍ଭ ହେଲାଣି। ତେଣୁ ଏହାର ତଦନ୍ତ କରି ଜଙ୍ଗଲକୁ ସୁରକ୍ଷା ଯୋଗାଇ ଦେବାକୁ ଗ୍ରାମବାସୀ ଝାରସୁଗୁଡ଼ା ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ରାଜେଶ କୁମାର ନେଟୀ, ପୂର୍ଣ୍ଣମୀ ନେଟୀ, ଲକ୍ଷ୍ମୀ ନେଟୀ, ଉମେଶ ଭଇଁଶାଲ, ରୂପେଶ ଧୁରୁଆ ପ୍ରମୁଖଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ଏକ ପ୍ରତିନିଧି ଦଳ ଏ ନେଇ ଜିଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟିଥିଲେ।

# ଧୂଳିଧୂଆଁରେ ଅଣନିଃଶ୍ୱାସୀ ପାୱାର ହାଉସ୍ ରୋଡ୍ ବାସିନ୍ଦା

ରାଉରକେଲା ଅଫିସ,୭।୬

ଦୀର୍ଘଦିନ ଧରି ସହରର ବିଭିନ୍ନ ଅଞ୍ଚଳରେ ଚାଲିଥିବା ସ୍ୱେରେଜ୍ ପାଇପ ବିଛା କାମ ନେଇ ଅଞ୍ଚଳବାସୀ ଅତିଷ୍ଠ ହୋଇପଡ଼ିଲେଣି। ଏନେଇ ଅନେକ ଦାବି, ଆନ୍ଦୋଳନ ସତ୍ତ୍ୱେ ପରିସ୍ଥିତିରେ ସୁଧାର ଆସୁନି। ପାର୍କ ଏରିଆ ପାୱାର ହାଉସ ରୋଡ୍ ଅଞ୍ଚଳବାସିନ୍ଦା ଧୂଳିଧୂଆଁରେ ଅଣନିଃଶ୍ୱାସୀ ହେଉଥିବା ବେଳେ ପାଣି ସିଞ୍ଚନ ନେଇ ଦାବି କରିଛନ୍ତି। ସୋମାନଙ୍କ କହିବାନୁସାରେ ଏହି ଅଞ୍ଚଳ ଦେଇ ଇଣ୍ଡୋ ସ୍କୁଲ ଓ ସରସ୍ୱତୀ ଶିଶୁମନ୍ଦିରକୁ ଛାତ୍ରୀଛାତ୍ର ଯାତାୟାତ କରିଥାନ୍ତି। ଏହାବ୍ୟତୀତ ଦୁଇଟି ମନ୍ଦିରକୁ ମଧ୍ୟ ଅନେକ ଶ୍ରଦ୍ଧାଳୁ ଆସନ୍ତି। ଏପରି ଅବସ୍ଥାରେ ଅନବରତ ଧୂଳିଧୂଆଁ ପଥଚାରୀଙ୍କୁ ଅତିଷ୍ଠ କରୁଛି ବୋଲି ସ୍ଥାନୀୟ ବାସିନ୍ଦା, ବ୍ୟବସାୟୀ ଅଭିଯୋଗ କରିଛନ୍ତି। ଜଳଖିଆ ଦୋକାନୀ ନିଜ ଖାଦ୍ୟ ପଦାର୍ଥକୁ ଘୋଡ଼ାଇ ରଖିଲେ ଏହା ନଷ୍ଟ ହୋଇଯାଉଛି। ଦିନର ଅନେକ ସମୟ କବାଟ ବନ୍ଦ ରଖିବାକୁ ପଡୁଛି। ଜଳ ସିଞ୍ଚନ ବ୍ୟବସ୍ଥା ନେଇ ଲୋକଙ୍କ ଦାବିକୁ ଏଠାରେ ଉପେକ୍ଷା କରାଯାଉଥିବା ଅଭିଯୋଗ ହୋଇଛି। ଏହି କାରଣରୁ ଶତାଧିକ ବ୍ୟବସାୟୀ ଓ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଏ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।



ପାୱାର ହାଉସ୍ ରୋଡ୍‌ରେ ଧୂଳି ଉଡ଼ିବା ଯୋଗୁ ଲୋକେ ହଇରାଣ ହେଉଛନ୍ତି।

# ରୋଟାରାକ୍ଟ କ୍ଲବରେ ଚାର୍ଟର ପ୍ରଦାନ ଉତ୍ସବ




ରୋଟାରାକ୍ଟ କ୍ଲବ ପକ୍ଷରୁ ଗାନ୍ଧୀ ମହାବିଦ୍ୟାଳୟରେ ଆୟୋଜିତ ଚାର୍ଟର ପ୍ରଦାନ ଉତ୍ସବରେ ଉପସ୍ଥିତ କର୍ମଚାରୀ ଓ ଛାତ୍ରଛାତ୍ରୀ।

ରାଉରକେଲା ଅଫିସ,୭।୬

ଦେଓଗାଁସ୍ଥିତ ଗାନ୍ଧୀ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ରୋଟାରାକ୍ଟ ଚାର୍ଟର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ କଲେଜ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ବରାଳ ଅଧ୍ୟକ୍ଷତା କରିଥିଲେ। ରୋଟାରାକ୍ଟ କ୍ଲବ ଗାନ୍ଧୀ ମହାବିଦ୍ୟାଳୟ ଶାଖାକୁ ସ୍ୱୀକୃତି ପ୍ରଦାନ କରିଥିବା କର୍ମକର୍ତ୍ତାଙ୍କୁ ବରାଳ ଧନ୍ୟବାଦ ପ୍ରଦାନ କରିଥିଲେ। ନୂତନ କ୍ଲବକୁ କିପରି କାର୍ଯ୍ୟକ୍ଷମ କରାଯିବ ସେ ନେଇ କର୍ମକର୍ତ୍ତା ପରାମର୍ଶ ଦେଇଥିଲେ। ସ୍ୱନସର କ୍ଲବ ଷ୍ଟିଲ ସିଟି ସଭାପତି ରୋଟାରିଆନ ପୁତୁଲ ରାହୁଲ ନୂତନ ରୋଟାରାକ୍ଟ କ୍ଲବ ଗାନ୍ଧୀ ମହାବିଦ୍ୟାଳୟ ସଭାପତି ବିକାଶ ବାରିକଙ୍କୁ ରୋଟାରି ଇଣ୍ଟରନ୍ୟାଶନାଲ ପ୍ରଦତ୍ତ ଚାର୍ଟର ପ୍ରଦାନ କରିଥିଲେ। ଏହି ଅବସରରେ ସମସ୍ତ ଚାର୍ଟର ସଦସ୍ୟା ସଦସ୍ୟ ନିଜ ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଛାତ୍ରୀଛାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମତ୍ସ୍ୟଜୀବୀ କ୍ୟାମ୍ପରେ ବଜ୍ରପାତ, ୬ ଆହତ

ଲଖନପୁର,୭।୬(ଡି.ଏନ୍.ଏ.)

ଶୁକ୍ରବାର ଅପରାହ୍ନ ସାଢ଼େ ୫ଟାରେ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଜାମଗାଁ ପଞ୍ଚାୟତ ଲଛିପାଲି ଗ୍ରାମ ନିକଟ ମହାନଦୀ କୂଳରେ ଥିବା ଏକ ମତ୍ସ୍ୟଜୀବୀ କ୍ୟାମ୍ପରେ ବଜ୍ରପାତ ହୋଇଛି। କ୍ୟାମ୍ପରେ ଥିବା ୬ ମତ୍ସ୍ୟଜୀବୀ ଆହତ ହୋଇଛନ୍ତି। ସେମାନେ ହେଲେ ଲଛିପାଲି ଗ୍ରାମର ନିତ୍ୟାନନ୍ଦ ମହାନନ୍ଦ (୪୫), ତାଙ୍କ ବଡ଼ପୁଅ ସୁନୀଲ (୨୩), ସାନପୁଅ ଲଳିତ (୨୦), ଜ୍ୱାଇଁ ପ୍ରମୋଦ ସିଂହ (୨୮), ଜାମଗାଁର କେଶବ ଗଡ଼ୱାଲ (୫୫) ଓ ଋଷବ ଗଡ଼ୱାଲ (୪୮)। ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଝାରସୁଗୁଡ଼ା ଜିଲା ମୁଖ୍ୟ ଡାକ୍ତରଖାନା ପଠାଯାଇଛି। ଏମାନଙ୍କ ମଧ୍ୟରୁ ନିତ୍ୟାନନ୍ଦ, ସୁନୀଲ, ଲଳିତ ଓ ପ୍ରମୋଦଙ୍କ ଅବସ୍ଥା ଗୁରୁତର ରହିଛି। ପ୍ରତିଦିନ ସକାଳୁ ମତ୍ସ୍ୟଜୀବୀମାନେ ମହାନଦୀକୁ ଡଙ୍ଗା ନେଇ ମାଛ ମାରିବା ପାଇଁ ଯାଆନ୍ତି। ସନ୍ଧ୍ୟାରେ ଘରକୁ ଫେରିଥାନ୍ତି। ବିଶ୍ରାମ ପାଇଁ ସେମାନେ ନଦୀକୂଳରେ ତମ୍ବୁ ଲଗାଇ କ୍ୟାମ୍ପ କରିଥାନ୍ତି। ଅପରାହ୍ନରେ ଝାଡ଼ତୋଫାନ ସହ ବର୍ଷା ଆସିବାରୁ ଆଖପାଖର ମତ୍ସ୍ୟଜୀବୀମାନେ ଏହି କ୍ୟାମ୍ପକୁ ଚାଲିଆସିଥିଲେ। କ୍ୟାମ୍ପରେ ୨୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ଥିଲେ। ଏତିକିବେଳେ ବଜ୍ରପାତ ହୋଇଥିଲା। ଆହତଙ୍କ ଚିକିତ୍ସା ପାଇଁ ଜାମଗାଁ ସରପଞ୍ଚ ବାସନ୍ତୀ ପ୍ରଧାନ ସହାୟତା କରିଛନ୍ତି।

# ଆର୍‌ଏସ୍‌ପି ଠିକା ଶ୍ରମିକ ପୁରସ୍କୃତ



ଆର୍‌ଏସ୍‌ପି ପକ୍ଷରୁ ଠିକା ଶ୍ରମିକଙ୍କୁ ପୁରସ୍କାର ପ୍ରଦାନ ଉତ୍ସବରେ ଅଧିକାରୀ ଓ ଶ୍ରମିକ।

ରାଉରକେଲା ଅଫିସ,୭।୬

ଆର୍‌ଏସ୍‌ପି ପକ୍ଷରୁ ଠିକା ଶ୍ରମିକ ତତ୍କାଳ ସ୍ୱୀକୃତି ଯୋଜନା ଅନ୍ତର୍ଗତ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଏଚ୍‌ଏସ୍‌ଏମ୍ ବିଭାଗ ଜିଏମ୍ ପି. ମୁରଲୀ ଏବଂ ନୂତନ ଏଚ୍‌ଏସ୍‌ଏମ୍ ଜିଏମ୍ ଏମ୍. କୁମାର ଉପସ୍ଥିତ ରହି ୨୩ ଠିକା ଶ୍ରମିକଙ୍କୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁରସ୍କୃତ କରିଥିଲେ। ଅନ୍ୟ ଅଧିକାରୀଙ୍କ ସମେତ ବହୁ ଠିକା ଶ୍ରମିକ ଉପସ୍ଥିତ ଥିଲେ।

# ଗୁରୁ ଅର୍ଜୁନ ଦେବଙ୍କ ଶହୀଦ ଦିବସ

ରାଉରକେଲା ଅଫିସ,୭।୬

ଗୁରୁ ଅର୍ଜୁନ ଦେବଙ୍କ ଶହୀଦ ଦିବସ ଶୁକ୍ରବାର ଗୁରୁଦ୍ୱାରା ସିଂ ସଭା ସମ୍ମୁଖରେ ପାଳିତ ହୋଇଛି। ଏହି ଅବସରରେ ପଥଚାରୀଙ୍କୁ ଷ୍ଟେଶନ ସମ୍ମୁଖ ମଧୁସୂଦନ ମାର୍ଗରେ ମସଲା ଚଣା ହାଲୁଆ ଓ ସ୍ୱାଦିଷ୍ଟ ପଣା ବଣ୍ଟନ କରାଯାଇଥିଲା। ଏହା ପୂର୍ବରୁ ସକାଳ ୯ଟାରେ ଅର୍ଜୁନ ଦେବଙ୍କୁ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ ଜୋରା ସିଂ, କମଲ ସିଂ, କଶ୍ମିରା ସିଂ, ଦାରା ସିଂ, ଉମାଶଙ୍କର ଶର୍ମା, ଓମ୍‌ପ୍ରକାଶ ଖଣ୍ଡେଲୱାଲ, ବନସା ସିଂ, ଉତ୍ତମ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।



ଗୁରୁ ଅର୍ଜୁନ ଦେବଙ୍କ ଶହୀଦ ଦିବସ ପାଳନ ଅବସରରେ ପଥଚାରୀଙ୍କୁ ପଣା ବଣ୍ଟନ କରାଯାଉଛି।

## ଟ୍ରେନ୍‌ରୁ ପଡ଼ି ବୃଦ୍ଧା ଗୁରୁତର

ଲାଠୋର, ୭।୬(ଡି.ଏନ.ଏ.):

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ରୋଡ ରେଳ ଷ୍ଟେଶନରେ ଶୁକ୍ରବାର ସକାଳେ ଟ୍ରେନରୁ ଖସିପଡି ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ବୃଦ୍ଧା ଜଣକ ହେଲେ ସଂଯୁକ୍ତ ପଣ୍ଡା (୫୨)। ସେ ବ୍ରହ୍ମପୁରରୁ ଲାଠୋରସ୍ଥିତ ନିଜ ଜ୍ୱାଇଁଙ୍କ ଘରକୁ ପୁରୀ ଦୁର୍ଗ ଇଣ୍ଟରସିଟି ଏକ୍ସପ୍ରେସରେ ଆସୁଥିଲେ। ହରିଶଙ୍କର ରୋଡ ରେଳଷ୍ଟେଶନରେ ଟ୍ରେନଟି ରହିଥିଲେ ମଧ ସେ ଜାଣି ପାରି ନ ଥିଲେ। ଟ୍ରେନ ଛାଡିଲା ପରେ ଜାଣିପାରି ସେ ଓହ୍ଲାଉଥିବା ବେଳେ ଖସି ପଡିଥିଲେ।

# ବାଲି ଚୋରା ଚାଲାଣ, ଟ୍ରାକ୍ଟର ଜବତ

କୋଲାବିରା,୭।୬(ଡି.ଏନ୍.ଏ.)

କୋଲାବିରା ତହସିଲ ସମାସିଂହା ଆର୍‌ଆଇ ସର୍କଲ ଅନ୍ତର୍ଗତ ଭେଡେନ୍ ନଦୀ ମୁହାଣରୁ ଅନବରତ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଛି। ଶୁକ୍ରବାର ଏହି ଘାଟରୁ ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ ଆର୍‌ଆଇ ଜଗଦୀଶ ସାହୁ ସେଠାରେ ଚଢ଼ାଉ କରି ଏକ ନମ୍ବରବିହୀନ ଟ୍ରାକ୍ଟର ଜବତ କରିଛନ୍ତି। ଆର୍‌ଆଇ ସାହୁ ଜବତ ଟ୍ରାକ୍ଟରକୁ ପୋଲିସ ଜିମା ଦେଇଥିଲେ। ତହସିଲଦାର ଟ୍ରାକ୍ଟରରୁ ୫ହଜାର ଟଙ୍କା ଜରିମାନା କରିଥଲେ। ଗାଡ଼ି ମାଲିକ ଜରିମାନା ଅର୍ଥ ପୈଠ କରିବା ପରେ ଗାଡ଼ିକୁ ଛାଡ଼ି ଦିଆଯାଇଛି। ବେଆଇନ ଭାବେ ଲଘୁ ଖଣିଜ ପଦାର୍ଥ ଚାଲାଣ କରୁଥିବା ଗାଡ଼ିଗୁଡ଼ିକରୁ ମାତ୍ର କେତେଟଙ୍କା ଜରିମାନା ଆଦାୟ କରି ଛାଡ଼ି ଦିଆଯାଉଛି। ହେଲେ ଉପଯୁକ୍ତ କଗଜପତ୍ର ଏପରି କି ପରିବହନ ବିଭାଗରେ ଗାଡ଼ି ପଞ୍ଜୀକୃତ ହୋଇ ନ ଥିଲେ ମଧ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।



ବାଲି ଚୋରାଚାଲାଣ ବେଳେ ଜବତ ଟ୍ରାକ୍ଟର।



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ

### ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ବାଲିଶଙ୍କରା, ୭।୬ (ଡି.ଏନ.ଏ)-** କିଞ୍ଜିରକେଲା ଥାନା ଦୁବେଣ୍ଡଦାଣ୍ଡ ପଞ୍ଚାୟତର ନିକଟତମ ଭାଲୁଟୁଙ୍ଗୁରୀରେ ପଡିଥିବା ଜଣେ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଶୁକ୍ରବାର ଗ୍ରାମର ଲୋକେ କାଠ ସଂଗ୍ରହ କରିବାକୁ ଭାଲୁଟୁଙ୍ଗୁରୀକୁ ଯାଇଥିଲେ। ସେମାନେ ବୃଦ୍ଧଙ୍କ ମୃତଦେହ ଦେଖି ଆସି ଗ୍ରାମରେ ପ୍ରଘଟ କରିଥିଲେ। ଗ୍ରାମବାସୀ କିଞ୍ଜିରକେଲା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ ସଦର ଡାକ୍ତରଖାନାକୁ ନେଇଛି। ବୃଦ୍ଧଙ୍କ ବୟସ ୭୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି।

### ଗାଡି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ଲହୁଣୀପଡା, ୭।୬ (ଡି.ଏନ.ଏ)-** ଲହୁଣୀପଡା ଥାନା କଲେଇପୋଷ-ବାହାଡାପକ୍ଷି ୧୦ ନମ୍ବର ରାଜ୍ୟ ରାଜପଥର ମୁଚୁରନାଳି ନିକଟରେ ଗାଡି ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡା ଡାକ୍ତରଖାନାକୁ ପଠାଇଛି। ମୁଚୁରନାଳି ଗ୍ରାମର ମାନିକ ମୁଣ୍ଡା (୫୨) ଗୁରୁବାର ରାତି ୮ଟା ପର୍ଯ୍ୟନ୍ତ ଗାଈ ଘରକୁ ଫେରି ନ ଥିବାରୁ ଖୋଜିବା ପାଇଁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲ । ଫଳରେ ପରିବାର ଲୋକ ଅନେକ ଖୋଜାଖୋଜି କରିଥିଲେ। ପରେ ରାସ୍ତା କଡରେ ରକ୍ତାକ୍ତ ହୋଇ ପଡିଥିବା ଦେଖିବାକୁ ମିଳିଥିଲା। ମୁଣ୍ଡ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବାରୁ ଚିହ୍ନା ପଡୁ ନ ଥିଲେ ମଧ ପରେ ଜଣାପଡିଥିଲା। କୌଣସି ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଛି।

ସୁନ୍ଦରଗଡ଼ରେ ଶୀତଳଷଷ୍ଠୀ ଯାତ୍ରା

# ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଶିବଙ୍କ ବରାନୁଗମନ

■ ବ୍ରାହ୍ମମୁହୂର୍ତ୍ତରେ ମାତା ପାର୍ବତୀଙ୍କ ପାଣିଗ୍ରହଣ

**ସୁନ୍ଦରଗଡ଼, ୭।୬ (ଡି.ଏନ୍.ଏ.)**

ସମ୍ପୂର୍ଣ୍ଣ ଲୋକାଚାର ଓ ବୈଦିକ ରୀତିନୀତି ଅନୁଯାୟୀ ସୁନ୍ଦରଗଡରେ ଦେବଦେବ ମହାଦେବ ଓ ମାତା ପାର୍ବତୀଙ୍କ ପବିତ୍ର ବିବାହଉତ୍ସବ ଓ ଶୀତଳଷଷ୍ଠୀ ଯାତ୍ରା ଗୁରୁବାର ଠାରୁ ଆରମ୍ଭ ହୋଇଛି। ଗୁରୁବାର ରାତିରେ ସୁନାରିପଡାର ବାବା ଚନ୍ଦ୍ର ଶେଖର ଓ ମହାନ୍ତିପଡାର ବାବା ସିଦ୍ଧେଶ୍ୱର ବରବେଶରେ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ମାତା ପାର୍ବତୀଙ୍କ ବାସଭବନରେ ପାଣିଗ୍ରହଣ ପାଇଁ ପହଁଞ୍ଚିଛନ୍ତି। ଚଳିତବର୍ଷ ସୁନାରିପଡା ବାବା ଚନ୍ଦ୍ର ଶେଖରଙ୍କ ବିବାହ ପାଇଁ ବରପିତା ଭାବେ ଆଦର୍ଶନଗର ନିବାସୀ ଶ୍ରୀକାନ୍ତ ସାହୁ ଓ ତାଙ୍କ ସ୍ତ୍ରୀ ସଂଯୁକ୍ତା ସାହୁ ଦାୟିତ୍ୱ ନିର୍ବାହ କରିଥିବାବେଳେ ମାତା ପାର୍ବତୀଙ୍କ ମାତାପିତା ଭାବେ ପୂର୍ବତନ ଉପନଗରପାଳ ତଥା ପତ୍ରାପଡା ନିବାସୀ ସୁମନ୍ତ ପଣ୍ଡା ଓ ତାଙ୍କ ସ୍ତ୍ରୀ ରଞ୍ଜିତା ପଣ୍ଡା ଦାୟିତ୍ୱ ନିର୍ବାହ କରୁଛନ୍ତି। ଗୁରୁବାର ନିର୍ବନ୍ଧ ସରିଥିବାବେଳେ ଶୁକ୍ରବାର ସକାଳେ ସୁମନ୍ତ ପଣ୍ଡାଙ୍କ ବାସଭବନରେ ମାତାପାର୍ବତୀଙ୍କ ତୈଳାଭିଷେକ, ହରିଦ୍ରାଲେପନ ଓ ଅନ୍ୟାନ୍ୟ ରୀତିନୀତି କାର୍ଯ୍ୟ ସମାପନ ହୋଇଥିଲା। କନ୍ୟାଘର ପକ୍ଷରୁ ବରଧରା କାର୍ଯ୍ୟ ସମାପନ ହେବା ପରେ ସନ୍ଧ୍ୟା ୮ଟାରେ ବରାନୁଗମନ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। କନ୍ୟା ମାତାପିତାଙ୍କ ବାସଭବନରେ ପହଞ୍ଚିବା ପରେ ବରବେଶରେ ସଜ୍ଜିତ ବାବା ଚନ୍ଦ୍ର ଶେଖରଙ୍କୁ କନ୍ୟାଘର ଲୋକେ ପାରମ୍ପରିକ ରୀତିନୀତି ଅନୁଯାୟୀ ବନ୍ଦପନା କରି ବିବାହବେଦୀକୁ ନେଇଥିଲେ। ରାତ୍ର ୧୨ଟା ୫୬ରୁ ୩ଟା ୫ମିନିଟ ମଧ୍ୟେ ଅମୃତ ଲଗ୍ନରେ ଦେବଦେବ ମହାଦେବ ବାବା ଚନ୍ଦ୍ରଶେଖର, ମାତା ପାର୍ବତୀ ଚନ୍ଦ୍ରକାନ୍ତିଙ୍କ ବିବାହ ଉତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଥିଲା। ବିବାହ ପାଇଁ ବନ୍ଧୁବାନ୍ଧବ ଓ ଅତିଥିମାନଙ୍କ ସମାଗମ ହେବା ସହ ଭୋଜିଭାତର ମଧ୍ୟ ଆୟୋଜନ ହୋଇଥିଲା। ସେହିପରି ମହାନ୍ତିପଡାର ବାବା ଚନ୍ଦ୍ର ଶେଖରଙ୍କ ମଧ୍ୟ ବର୍ଣ୍ଣାଢ୍ୟ ବରାନୁଗମନ ଶୋଭାଯାତ୍ରା ଟାଙ୍ଗରପାଲିସ୍ଥିତ କନ୍ୟା ମାତାପିତା ସନ୍ତୋଷିନୀ ସାହାଣୀ ଓ ମିତ୍ରଭାନୁ ପଟେଲଙ୍କ ବାସଭବନରେ ପହଞ୍ଚିଥିଲେ। ସେଠାରେ ମଧ୍ୟ ବାବା ଚନ୍ଦ୍ର ଶେଖର ଓ ମାତା ପାର୍ବତୀଙ୍କ ଅମୃତ ଲଗ୍ନରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ଉଭୟ ମାତାପାର୍ବତୀଙ୍କୁ କନ୍ୟାରୂପେ ପାଇ କନ୍ୟାଦାନ କରିବାର ଅପୂର୍ବ ମହାର୍ଘ ସୁଯୋଗ ପାଇଥିବାରୁ ସୁମନ୍ତ ପଣ୍ଡା, ରଜିତା ପଣ୍ଡା ଏବଂ ସନ୍ତୋଷିନୀ ସାହାଣୀ ଓ ମିତ୍ରଭାନୁ ପଟେଲ ନିଜକୁ ସୌଭାଗ୍ୟବାନ ବୋଲି କହିଛନ୍ତି। ଶନିବାର ମଧ୍ୟରାତ୍ରରୁ ଦେବଦମ୍ପତିଙ୍କ ମନ୍ଦିର ପ୍ରବେଶ ଶୋଭାଯାତ୍ରା ଅନୁଷ୍ଠିତ ହେବ।





କନ୍ୟା ମାତାପିତା ସୁମନ୍ତ ପଣ୍ଡା ଓ ରଞ୍ଜିତା ପଣ୍ଡାଙ୍କ ବାସଭବନରେ ମାତାପାର୍ବତୀ ଚନ୍ଦ୍ରକାନ୍ତିଙ୍କ ନିର୍ବନ୍ଧ ଓ ହରିଦ୍ରାଲେପନ ନୀତି ଅନୁଷ୍ଠିତ ହେଉଛି (ବାମ)। ଶିବଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

### ବୀରମିତ୍ରପୁରରେ ଚାଲିଛି ଅବାଧ ମଦ କାରବାର

**କୁଆଁରମୁଣ୍ଡା, ୭।୬ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଓଡିଶା–ଝାଡଖଣ୍ଡସୀମାନ୍ତବର୍ତ୍ତୀ ବୀରମିତ୍ରପୁର ଥାନା ଅଞ୍ଚଳରେ ଚାଲିଛି ଅବାଧ ମଦ କାରବାର। ଦେଶୀ, ବିଦେଶୀ ମଦ କାରବାର ଖୋଲମଖୋଲା ଚାଲୁଥିଲା ବେଳେ ସ୍ଥାନୀୟ ଅବକାରୀ ବିଭାଗ ଓ ପୋଲିସ ସବୁଜାଣି ଚୁପ୍ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବୀରମିତ୍ରପୁର ପୌରାଞ୍ଚଳର ପାତାଳକାଣ୍ଡ, କପିଳାସ, ହାତୀବାରି ରୋଡ୍ ଅଞ୍ଚଳ ସହ ଜଲଙ୍ଗବିରା, ଅନ୍ଧାରୀ ଇତ୍ୟାଦି ପଞ୍ଚାୟତରେ ଦେଶୀ ମଦର ପସରା ମେଲୁଛି। ଶସ୍ତାରେ ଦେଶୀ ମଦପିଇ ଲୋକେ ଅନେକ ଅଘଟଣ ଘଟାଇବାକୁ ମଧ୍ୟ ପଛାଉ ନାହାନ୍ତି। ସନ୍ଧ୍ୟାରେ ବୀରମିତ୍ରପୁର ତହସିଲରୋଡର ଧାଙ୍ଗିନଚା ଅଞ୍ଚଳରେ ମଦୁଆମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ମଦ୍ୟପାନ କରିବା ଯୋଗୁ ଅନେକ ସମୟରେ ଚୋରି, ଡକାୟତି, ଛିନତାଇ, ବଳାତ୍କାର ଇତ୍ୟାଦି ଉକ୍ତ ଅଞ୍ଚଳଗୁଡିକରେ ବଢି ଚାଲିଛି। କେତେକ ଘଟଣାକୁ ସ୍ଥାନୀୟ ସ୍ତରରେ ସମାଧାନ କରି ଚପାଇ ଦିଆଯାଉଛି। ସେହିପରି ପୌରାଞ୍ଚଳ ସମେତ ଏହାର ଆଖପାଖ ଅଞ୍ଚଳରେ ଗଢି ଉଠିଥିବା ହୋଟେଲ, ଢାବାଗୁଡିକରେ ବେଆଇନ ବିଦେଶୀ ମଦ କାରବାର ବଢୁଛି। ଏପରିକି ଠେଲାରେ ବିକ୍ରି କରୁଥିବା ଜଳଖିଆ ବେପାରୀମାନେ ମଧ୍ୟ ଭାଟି ତିଆରି ଶସ୍ତା ପାଉଚ୍ ମଦ ରଖି ବିକ୍ରି କରୁଥିବା ଅଭିଯୋଗ ହେଉଛି। ସୀମାନ୍ତବର୍ତ୍ତୀ ଏହି ଥାନା ଅଞ୍ଚଳରେ ବଢି ଚାଲୁଥିବା ଏହି ବେଆଇନ କାର୍ଯ୍ୟକୁ ରୋକିବା ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଅଚାନକ ଚଢାଉ କରିବାକୁ ସାଧାରଣରେ ଦାବି ହେଉଛି।

## ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ପ୍ରକୃତିବନ୍ଧୁ ସମ୍ମାନ

**ହେମଗିର, ୭।୬ (ଡି.ଏନ.ଏ.)**

ବିଶ୍ୱ ପରିବେଶ ଦିବସ ଅବସରରେ ସୁନ୍ଦରଗଡ ବିକାଶ ଭବନରେ ଏକ ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ସୁନ୍ଦରଗଡ ଏଡିଏମ୍ ଭାସ୍କର ଚନ୍ଦ୍ର ଡୁରୁକ, ସୁନ୍ଦରଗଡ ଡିଏଫ୍ଓ ଅରୁଣ କୁମାର ମିଶ୍ର, ପାନପୋଷ ଡିଏଫ୍ଓ ସଞ୍ଜୟ କୁମାର ସ୍ୱାଇଁ, ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ପ୍ରମୁଖ ଯୋଗଦେଇଥିଲେ। ଏହି ଦିବସ ଅବସରରେ ହେମଗିର ବ୍ଲକ କୁସମେଲ ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ଯଜ୍ଞକୁମାର ପଟେଲଙ୍କୁ ପ୍ରକୃତିବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କୁ ମାନପତ୍ର ସହ ୫ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ପ୍ରଧାନଶିକ୍ଷକ ଜଣେ ପରିବେଶ ପ୍ରେମୀ ହୋଇଥିବା ବେଳେ ପରିବେଶ ସଂରକ୍ଷଣ ତଥା ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ଥିବା ଯୋଗୁ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ଏହି ସମ୍ମାନ ଓ ପୁରସ୍କାର ପ୍ରଦାନ କରାଯାଇଛି। ଏଥିସହ ପଟେଲ ଜୁଲୁମବାହାଲ ଆଶ୍ରମ ସ୍କୁଲରେ ୨୦୧୨ ମସିହାରେ ପ୍ରକୃତିମିତ୍ର ପୁରସ୍କାର ମଧ ପାଇଥିଲେ।




ପ୍ରଧାନଶିକ୍ଷକ ଯଜ୍ଞକୁମାର ପଟେଲଙ୍କୁ ପ୍ରକୃତିବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଉଛି।

ଲହୁଣୀପଡ଼ାରେ ଶୀତଳଷଷ୍ଠୀ

## ଦେବଦମ୍ପତି ବିବାହ ସମ୍ପନ୍ନ

**ଲହୁଣୀପଡା, ୭।୬ (ଡି.ଏନ.ଏ)**

ଲହୁଣୀପଡାରେ ମହାସମାରୋହରେ ଶୀତଳଷଷ୍ଠୀ ତଥା ଦେବଦମ୍ପତି (ଶିବ ପାର୍ବତୀ) ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଲହୁଣୀପଡା ବ୍ଲକ କଲୋନୀସ୍ଥିତ ବାବା ଆଖଣ୍ଡଳମଣୀ ମହାପ୍ରଭୁଙ୍କର ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଚଳିତବର୍ଷ ବର ମାତାପିତା ଭାବେ ଦଶରଥ ବେହେରା ଓ ଜୟପ୍ରଦା ବେହେରା ଏବଂ କନ୍ୟା ମାତାପିତା ଭାବେ ସଫଳ ବାରିକ ଓ ଭାରତୀ ପ୍ରିୟଦର୍ଶିନୀ ବାରିକ ଦାୟୀତ୍ୱ ତୁଲାଇଥିଲେ।

ପୂଜକ ତରଣୀସେନ ପତି ଦେବଦମ୍ପତିଙ୍କବିବାହ ସଞ୍ଚାଳନ କରିଥିଲେ। ବିଧି ମୁତାବକ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ନିର୍ବନ୍ଧ, ମଙ୍ଗଳପାକ, ବରାନୁଗମନ, ବିବାହ ପାଣିଗ୍ରହଣ କାର୍ଯ୍ୟ କରାଯାଇଥିଲା । ସନ୍ଧ୍ୟାରେ ଏକ ସୁସଜ୍ଜିତ ପାଲିଙ୍କିରେ ବାଦ୍ୟନୃତ୍ୟ ତାଳେ ତାଳେ ଲହୁଣୀପଡା ସହର ପରିକ୍ରମା କରାଯାଇଥିଲା। ପ୍ରଦୀପ ଜୟସ୍ୱାଲ, ଦୁର୍ଯ୍ୟୋଧନ ମହାକୁଳ, ସନ୍ତୋଷ ଭୂୟାଁ, ରାଜେଶ ଜୟସ୍ୱାଲ, ମାନଗୋବିନ୍ଦ ଜୟସ୍ୱାଲ, ବିନୋଦ ସା, ବାପି ଖଟୁଆ, ଗଗନ ରାଉତ, କୃଷ୍ଣଚନ୍ଦ୍ର ଜେନା, ଗୁଣନିଧି ସାହୁ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ସୁସଜ୍ଜିତ ପାଲିଙ୍କିରେ ଦେବଦମ୍ପତିଙ୍କୁ ଲହୁଣୀପଡା ସହର ପରିକ୍ରମା କରାଯାଉଛି।

## ଦୁର୍ଘଟଣାରେ ନବବିବାହିତ ଯୁବକ ମୃତ

**ଶ୍ୱଶୁର ଘର ଯାଉଥିଲେ**

**ଲେଫ୍ରିପଡ଼ା, ୭।୬ (ଡି.ଏନ୍.ଏ)**

ଲେଫ୍ରିପଡା ଥାନା ଗିରିଙ୍ଗକେଲା ଗ୍ରାମ ପଞ୍ଚାୟତର ଜୟନ୍ତୀପଡାଠାରେ ଶୁକ୍ରବାର ଅପରାହ୍ନ ୩ଟାରେ ଗଛରେ ଧକ୍କା ହୋଇ ଜଣେ ନବବିବାହିତ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତଳସରା ଥାନା ସବଡେଗା ବ୍ଲକ ଡୁମୁଲିଆ ମଝାପଡାର ଭରତ ମାଝି। ସେ ଓଡି ୧୬ଡି ୮୧୯୬ ମୋଟର ସାଇକେଲ ଯୋଗେ ନିଜ ଶ୍ୱଶୁର ଘର ସାଲେଟିକ୍ରା ଗ୍ରାମକୁ ସ୍ତ୍ରୀଙ୍କୁ ଆଣିବାକୁ ଯାଉଥିଲେ। ସେ ମୋଟରସାଇକେଲରେ ଏକୁଟିଆ ଯାଉଥିବା ବେଳେ ଜୟନ୍ତୀପଡାଠାରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ନିମ୍ବଗଛରେ ବାଡେଇ ହୋଇ ଛିଟିକି ପଡିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଲେଫ୍ରିପଡା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଭରତଙ୍କ ମୃତଦେହ ଓ ବାଇକକୁ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ସକାଶେ ସୁନ୍ଦରଗଡ ଡାକ୍ତରଖାନାକୁ ପଠାଇ ଏକ ଦୁର୍ଘଟଣା ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି। ଭରତ ତାଙ୍କ ପରିବାରର ମଧ୍ୟରେ ଗୋଟିଏ ମାତ୍ର ପୁତ୍ର ହୋଇଥିବା ବେଳେ ତାଙ୍କର ୩ ଜଣ ବିବାହିତା ଭଉଣୀ ଅଛନ୍ତି। ସେ ଗତ ୨ମାସ ପୂର୍ବରୁ ଲେଫ୍ରିପଡା ସାଲେଟିକ୍ରା ଗ୍ରାମରେ ବିବାହ କରିଥିଲେ। ତାଙ୍କର ଏଭଳି ମୃତ୍ୟୁକୁ ନେଇ ତାଙ୍କ ପରିବାର, ସମ୍ପର୍କୀୟ ଓ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ବିଧାୟକ, ଏମ୍‌ପିଙ୍କୁ ସମ୍ବର୍ଦ୍ଧନା ଓ ସଭା

**ବାଲିଶଙ୍କରା, ୭।୬ (ଡି.ଏନ.ଏ)**

ତଳସରା ନିର୍ବାଚନ ମଣ୍ଡଳୀର ବିଧାୟକ ଏବଂ ସୁନ୍ଦରଗଡ଼ ଏମପିଙ୍କୁ ଭାଜପା କର୍ମକର୍ତ୍ତାମାନେ ସମ୍ବର୍ଦ୍ଧନା ଦେଇଛନ୍ତି। ସମ୍ବର୍ଦ୍ଧନା ଉତ୍ସବ ବାଲିଶଙ୍କରା ଶୁଖା ମହାଦେବ ସଭାଗୃହରେ ଆୟୋଜନ କରାଯାଇଥିଲା। ଏମ୍‌ପି ଜୁଏଲ ଓରାମ, ବିଧାୟକ ଭବାନୀଶଙ୍କର ଭୋଇ ଯୋଗଦେଇ ଉଦବୋଧନ ଦେଇଥିଲେ। ଭାଜପା ଜିଲାସଭାପତି ବଟକିଶୋର ମିଶ୍ର, ସହଦେବ ଖାଖା, ଦୁର୍ଗାଚରଣ ସାହୁ, ବୈକୁଣ୍ଠ କାଲୋ, ଫିଲିସିତା ଲାକ୍ରା, ସବ୍ୟସାଚି ସା, ଏମଡି ନସିମ ବକ୍ସ, ବୈରାଗୀ ତନ୍ତି, ଗୁଲସନ ବାରୁଆ ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ରବିନ୍ଦ୍ର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

ନବନିର୍ବାଚିତ ବିଧାୟିକା, ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

## ବିକଶିତ ଜିଲାରେ ପରିଣତ ପାଇଁ ପ୍ରତିଶ୍ରୁତି

**ସୁନ୍ଦରଗଡ଼, ୭।୬ (ଡି.ଏନ୍.ଏ)**

ନବନିର୍ବାଚିତ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀ ଭୋଇଙ୍କୁ ଜିଲା ଭାଜପା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଉଭୟ ବିଧାୟିକା, ବିଧାୟକଙ୍କ ସମେତ ରାଜଗାଙ୍ଗପୁର ବିଧାନସଭା ଆସନରେ ଭାଜପା ପ୍ରାର୍ଥୀ ଥିବା ନରସିଂହ ମିଞ୍ଜଙ୍କୁ ଗୁରୁବାର ସନ୍ଧ୍ୟାରେ ସୁନ୍ଦରଗଡ ଶଙ୍କର ମେମୋରିଆଲ ପାର୍କ ଠାରୁ ଦଳୀୟ କର୍ମୀଙ୍କ ଦ୍ୱାରା ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ସହର ପରିକ୍ରମା ପରେ ଜିଲା ଭାଜପା କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ଜିଲା ସଭାପତି ବଟକିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ସେଠାରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ପଟେଲ, ସୁନ୍ଦରଗଡ ଜିଲା ପ୍ରଭାରୀ ଅମିତାଭ ଚକ୍ରବର୍ତ୍ତୀ, ପୂର୍ବତନ ସୁନ୍ଦରଗଡ ବିଧାୟିକା ସୁଷମା ପଟେଲ, ରାଜଗାଙ୍ଗପୁର ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଗିରିଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ନବନିର୍ବାଚିତ ବିଧାୟିକା, ବିଧାୟକ ଓ ପ୍ରାର୍ଥୀଙ୍କୁ ସ୍ୱାଗତ, ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସୁନ୍ଦରଗଡ ଜିଲାବାସୀଙ୍କ ସ୍ନେହଶ୍ରଦ୍ଧା, ଆସ୍ଥାପ୍ରକଟକୁ ନେଇ ନବନିର୍ବାଚିତ ନେତୃବୃନ୍ଦ କୃତଜ୍ଞତା ଜ୍ଞାପନ କରିଥିଲେ। ସୁନ୍ଦରଗଡ଼କୁ ଏକ ବିକଶିତ ଜିଲାରେ ପରିଣତ କରିବା ପାଇଁ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ସଭାରେ ବୁଥ ସ୍ତରରୁ ଜିଲାସ୍ତର ପର୍ଯ୍ୟନ୍ତ ସମସ୍ତ ଦଳୀୟ କାର୍ଯ୍ୟକର୍ତ୍ତା ନିର୍ବାଚିତ ଜିଲା ପରିଷଦ ସଭ୍ୟା, ସଭ୍ୟ, ପଞ୍ଚାୟତ ପ୍ରତିନିଧି ଓ ବହୁସଂଖ୍ୟାରେ କର୍ମୀ ଯୋଗଦେଇଥିଲେ।




ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ନବନିର୍ବାଚିତ ବିଧାୟିକା, ବିଧାୟକ ଓ ଅନ୍ୟମାନେ।

## ହିନ୍ଦୁ ସମାଜର ସୁରକ୍ଷା, ଯୁବବର୍ଗଙ୍କୁ ସଂସ୍କାରିତ କରିବା ବଜରଙ୍ଗ ଦଳର ଲକ୍ଷ୍ୟ

**ସୁନ୍ଦରଗଡ, ୭।୬ (ଡି.ଏନ୍.ଏ)**

ହିନ୍ଦୁ ସମାଜର ସୁରକ୍ଷା ସହିତ ହିନ୍ଦୁ ଯୁବବର୍ଗଙ୍କୁ ସଂସ୍କାରିତ କରି ଉତ୍ତମ ରାଷ୍ଟ୍ର ଗଠନ କରିବା ବଜରଙ୍ଗ ଦଳର ମୂଳଲକ୍ଷ୍ୟ ରହିଛି ବୋଲି ଗୁରୁବାର ଦଳର ରାଷ୍ଟ୍ରୀୟ ସଂଯୋଜକ ସୋହନଜୀ ସୋଲାଙ୍କି ପ୍ରକାଶ କରିଛନ୍ତି। ସୁନ୍ଦରଗଡଠାରେ ଗତ ୫ତାରିଖରୁ ଚାଲିଥିବା ୭ଦିନିଆ ବଜରଙ୍ଗଦଳର ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ବଜରଙ୍ଗ ଦଳର ଆଭିମୁଖ୍ୟ ଓ ସାଙ୍ଗଠନିକ କାର୍ଯ୍ୟକ୍ରମ ସହ ବର୍ତ୍ତମାନ ପରିସ୍ଥିତିରେ ଯୁବବର୍ଗଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ସେମାନଙ୍କ ମଧ୍ୟରେ ଶୃଙ୍ଖଳିତ ଜୀବନଚର୍ଯ୍ୟା, ରାଷ୍ଟ୍ରଭକ୍ତି ଭାବ ସୃଷ୍ଟି ସହ ହିନ୍ଦୁସମାଜର ସୁରକ୍ଷା ଦିଗରେ କାର୍ଯ୍ୟ କରିବା ପାଇଁ ଏହି ଶିବିରରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଥିବା କହିଥିଲେ। ଏହି ଶିବିର ଆସନ୍ତା ୧୧ରେ ଉଦ୍‌ଯାପିତ ହେବ। ବଜରଙ୍ଗ ଦଳର ଓଡିଶା ପଶ୍ଚିମ ପ୍ରାନ୍ତ ସଂଯୋଜକ ସୁଧୀର ବହିଦାର, ପ୍ରାନ୍ତ ସହସଂଯୋଜକ କୁନୁ ମହାନ୍ତି, ପ୍ରାନ୍ତ ସଦସ୍ୟ ଅଶ୍ୱିନୀ ମେହେର, ରାନୁ ସିଂ, ସଂଗ୍ରାମ କେଶରୀ ପରିଡା, ପ୍ରାନ୍ତ ବିଶ୍ୱ ହିନ୍ଦୁ ପରିଷଦର ସଂଯୋଜକ ଶରତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱହିନ୍ଦୁ ପରିଷଦର କିଶୋର ପଟେଲ, ସନାତନ ପଟେଲ, ରାମ ନାୟକ, ରଞ୍ଜନ ସ୍ୱାଇଁ ପ୍ରମୁଖ କାର୍ଯ୍ୟକର୍ତ୍ତା ଶିବିର ପରିଚାଳନାରେ କରୁଛନ୍ତି।



ଖବରଦାତା ସମ୍ମିଳନୀରେ ରାଷ୍ଟ୍ରୀୟ ସଂଯୋଜକ ସୋହନଜୀ ସୋଲାଙ୍କି ଓ ଅନ୍ୟମାନେ।